# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୫/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, March 25/2026 | Page 16 | ₹ 7.00

୫୨ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 119 | ମୂଲ୍ୟ ₹୭/-




**ବାହା ହେଲେ ବାଦ୍‌ଶାହ**

ବଲିଉଡ୍‌ର ଲୋକପ୍ରିୟ ରାପର ତଥା ଗାୟକ ବାଦ୍‌ଶାହ ପ୍ରଥମ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ରର ୬ ବର୍ଷ ପରେ ପଞ୍ଜାବୀ ଅଭିନେତ୍ରୀ ଈଶା ରିଖିଙ୍କ ହାତ ଧରିଛନ୍ତି।

୦୨

୧୬

**ବରନିକାଙ୍କ ଜାତୀୟ ରେକର୍ଡ**

ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ପୋଲଭଲ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ତାମିଲନାଡୁର ବରନିକା ଇଲାନଗୋଆନ।





କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଥିବା ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସର ପୁରୁଷ ଲଙ୍ଗଜମ୍ପ୍ ଇଭେଣ୍ଟ ଅବସରରେ ସ୍ୱର୍ଣ୍ଣପଦକ ବିଜୟୀ ଓଡ଼ିଶାର ସରୁନ ପାୟାସିଂ। **(ଫଟୋ: ବିକାଶ ନାୟକ)**

# ବଢ଼ିବନି ବିଜୁଳି ଦର

**ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରେ ଘରୋଇ ତଥା ଖୁଚୁରା ଉପଭୋକ୍ତାଙ୍କ ବିଦ୍ୟୁତ୍ ଟାରିଫ୍ ବୃଦ୍ଧି କରାଯିବ ନାହିଁ ବୋଲି ଓଇଆର୍‌ସି ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଚିବ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି।

ସଚିବ କହିଛନ୍ତି, ଚଳିତ ବର୍ଷ(୨୦୨୫-୨୬) ବଳବତ୍ତର ଥିବା ଟାରିଫ୍ ଆସନ୍ତା ବର୍ଷ(୨୦୨୬-୨୭)ରେ ମଧ୍ୟ ଅପରିବର୍ତ୍ତିତ ରହିବ। ଅକ୍ଷୟ ଶକ୍ତି ଉତ୍ପାଦନ ଓ ବ୍ୟବହାର ଏବଂ ଶିଳ୍ପ ବିଦ୍ୟୁତ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଗଙ୍କ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ଟାରିଫ୍‌ରେ ପରିବର୍ତ୍ତନ କରାଯାଇଛି। ଇଏଚ୍‌ଟି ବିଦ୍ୟୁତ୍ ଉପଭୋକ୍ତା ନିଜ ଲୋଡ୍‌ର ୮୦%ରୁ ଅଧିକ ବ୍ୟବହାର କଲେ ତାହା ଉପରେ ୨୦ ପଇସା ଜାଗାରେ ୩୦ ପଇସା ରିହାତି ପାଇବେ। ମେଗା ଉଠା ଜଳସେଚନ ପ୍ରକଳ୍ପ(ଏଚ୍‌ଟି ଏବଂ ଇଏଚ୍‌ଟି)ଗୁଡ଼ିକୁ ବାଣିଜ୍ୟ ଉପଭୋକ୍ତା ବର୍ଗରେ ରଖାଯାଇଛି। ସେମାନେ ସୋଲାର ସମୟ(ସକାଳ ୮ରୁ ଅପରାହ୍ଣ ୪ଟା)ରେ ବ୍ୟବହାର କରୁଥିବା ବିଦ୍ୟୁତ୍ ଉପରେ ୟୁନିଟ୍ ପିଛା ୨ ଟଙ୍କା ରିହାତି ପାଇବେ ଏବଂ ଅନ୍ୟ ସମୟରେ ୟୁନିଟ୍ ପିଛା ୧ ଟଙ୍କା ରିହାତି ମିଳିବ। ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ୍ ଚାହିଦା(ଲୋଡ୍) ୧୦ କିଲୋୱାଟ୍‌ରୁ ଅଧିକ ଏବଂ ସ୍ମାର୍ଟମିଟର ଲଗାଇଥିବେ ସେମାନେ ସୋଲାର ସମୟ ବିଦ୍ୟୁତ୍ ବ୍ୟବହାର ଉପରେ ନିଜ ଟାରିଫ୍‌ଠାରୁ ୧୦% କମ୍ ଦେବେ ଏବଂ ପିକ୍ ସମୟ(ସନ୍ଧ୍ୟା ୬ରୁ ରାତି ୧୨) ବିଦ୍ୟୁତ୍ ବ୍ୟବହାର ଉପରେ ଅଧିକ ୧୦% ପଇଠ କରିବେ। ପ୍ରଥମଥର ପାଇଁ ୧୦୦ କିଲୋୱାଟ୍ କିମ୍ବା ତଦୂର୍ଦ୍ଧ୍ୱ ଏଲ୍‌ଟି ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଖୋଲାବଜାରରୁ ବିଦ୍ୟୁତ୍ କ୍ରୟ କରିବା ପାଇଁ ସୁଯୋଗ ଦିଆଯାଇଛି। ସେହିପରି ଓଏଚ୍‌ପିସି ହାରାହାରି ଟାରିଫ୍ ଚଳିତ ବର୍ଷ ପାଇଁ ୟୁନିଟ୍ ପିଛା ୧୦୦.୨୩ ପଇସା ଥିବାବେଳେ ତାହାକୁ କମ୍ କରି ୯୯.୨୨ ପଇସା ଧାର୍ଯ୍ୟ କରାଯାଇଛି। ଓପିଜିସି ପ୍ରଥମ ପର୍ଯ୍ୟାୟ ୟୁନିଟ୍ ୧ ଓ ୨ ପ୍ଲାଣ୍ଟର ଟାରିଫ ହ୍ରାସ ହୋଇଛି। ଫଳରେ ଗ୍ରୀଡ୍‌କୋ ବାର୍ଷିକ ୯୦ କୋଟି ଟଙ୍କା ସଞ୍ଚୟ କରିବ, ଯାହାର ସିଧାସଳଖ ଲାଭ ଉପଭୋକ୍ତା ପାଇବେ।

ପଟ୍ଟନାୟକ ଆହୁରି କହିଛନ୍ତି, ଓପିଟିସିଏଲ୍‌ର ସଞ୍ଚାରଣ ଟାରିଫ୍ ଚଳିତ ବର୍ଷ ପାଇଁ ୟୁନିଟ୍ ପିଛା ୨୫.୫୦ ପଇସା ଥିବାବେଳେ ତାହାକୁ ହ୍ରାସକରି ୨୪ ପଇସା ଧାର୍ଯ୍ୟ କରିଛନ୍ତି। ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ଲକ୍ଷ୍ୟହୀନ ଯୁଦ୍ଧ**

# ଓଁକାର, ସରୁନଙ୍କୁ ସ୍ୱର୍ଣ୍ଣ ପଦକ

**ଜାତୀୟ ଇନଡୋର ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର,୨୪।୩(ତପନ ସ୍ୱାଇଁ)**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ଓଁକାର ପ୍ରସାଦ ନନ୍ଦ ଓ ସରୁନ ପାୟାସିଂ। ୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ କଟକର ଓଁକାର ୧୭.୭୭ ମିଟର ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ନିଜ ପ୍ରଥମ ଉଦ୍ୟମରେ ହିଁ ଓଁକାର ଏହି ଦୂରତ୍ୱ ହାସଲ କରିଥିଲେ। ପଟିଆଲାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି(ଏନ୍‌ସିଓଇ)ର ସାଇ କିରନ (୧୭.୦୦) ରୌପ୍ୟ ଓ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ହର୍ଷିତ ଗେହଲଟ (୧୬.୯୮) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ପୁରୁଷ ଲଙ୍ଗଜମ୍ପ୍‌ରେ କଳାହାଣ୍ଡିର ସରୁନ ପାୟାସିଂ ୭.୮୦ ମିଟର ଜମ୍ପ୍‌କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରଥମ ଉଦ୍ୟମରେ ଫଲ୍ଟ କରିଥିବା ସରୁନ ଦ୍ୱିତୀୟ ଉଦ୍ୟମରେ ହିଁ ୭.୮୦ ମିଟର କ୍ଲିୟର କରିଥିଲେ। ଜେଏସ୍‌ଡବ୍ଲ୍ୟୁର ପ୍ରବୀନ ଚିତ୍ରାଭେଲ ୭.୭୮ ଓ ରେଲ୍‌ୱେ ସ୍ପୋର୍ଟ୍ସର ଡେଭିଡ୍ ପି. ୭.୬୯ ମିଟର ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପ୍ରଥମ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ୍ ପଦକ ମିଳିଛି।

**ମନୀଷା, ସବିତା, ଲକ୍ଷ୍ମୀପ୍ରିୟାଙ୍କୁ ରୌପ୍ୟ**

ମହିଳା ଲଙ୍ଗଜମ୍ପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ମନୀଷା ମେରେଲ। କେନ୍ଦୁଝରର ମନୀଷା ୬.୦୪ ମିଟର ଜମ୍ପ୍‌କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ୬୦ ମିଟର ହର୍ଡଲ୍ସରେ ସୁନ୍ଦରଗଡ଼ର ସବିତା ଟପ୍ପୋ ୮.୪୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ☞ପୃଷ୍ଠା-୧୧

# ଶୁକ୍ରୁ ଛାଡ଼ିଲେ ଅସ୍ତ୍ର

## ଡେଡ୍‌ଲାଇନ୍ ପୂର୍ବରୁ ମାଓବାଦୀଙ୍କ ଆତ୍ମସମର୍ପଣ

**ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ଦିଆଯାଇଥିବା ମାର୍ଚ୍ଚ ୩୧ ଡେଡ୍‌ଲାଇନକୁ ସପ୍ତାହେ ବାକିଥିବା ବେଳେ ପୋଲିସ ଅପରେଶନ ଆଗରେ ହାର ମାନିଛନ୍ତି ଟପ୍ ମାଓବାଦୀ ଶୁକ୍ରୁ ଓରଫ କଷା ସୋଢ଼ି। ଶୁକ୍ରୁ ଏବଂ ତାଙ୍କ ୪ଜଣ ସହଯୋଗୀ କୁନି, ରୁନି, ଅନିଲା ଏବଂ ସଞ୍ଜୟଙ୍କୁ ଧରି କନ୍ଧମାଳ ପୋଲିସ ନିକଟରେ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ଶୁକ୍ରୁଙ୍କ ଠାରୁ ଏକେ-୪୭ ବନ୍ଧୁକ ଜବତ କରାଯାଇଥିବାବେଳେ ଅନ୍ୟମାନଙ୍କ ଠାରୁ ସାଧାରଣ ବନ୍ଧୁକ ଏବଂ ଗୁଳି ଜବତ କରାଯାଇଛି।**



ଶୁକ୍ରୁ ଓରଫ କଷା ସୋଢ଼ି

**ଭୁବନେଶ୍ୱର/ଫୁଲବାଣୀ,୨୪।୩ (ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ)**

ଗତ କିଛି ଦିନ ଧରି ଶୁକ୍ରୁଙ୍କୁ ଧରିବାକୁ କନ୍ଧମାଳ ଜଙ୍ଗଲରେ ଚାଲିଥିଲା ବଡ଼ ଅପରେଶନ। ମାର୍ଚ୍ଚ ୩୧ ସୁଦ୍ଧା ତାଙ୍କୁ ଧରିବାକୁ ରହିଥିଲା ଟାର୍ଗେଟ। ଡ୍ରୋନ୍ ଜରିଆରେ ଘଞ୍ଚ ଜଙ୍ଗଲରେ ସ୍ପେଶାଲ ଅପରେଶନ ଚଳାଇଥିଲା ଓଡ଼ିଶା ପୋଲିସ। କଳାହାଣ୍ଡି- କନ୍ଧମାଳ ରାୟଗଡ଼ା ସୀମାନ୍ତରେ ଶୁକ୍ରୁ ଲୁଚିଥିଲେ। ଓଡ଼ିଶା ପୋଲିସ ଏବଂ ତାଙ୍କ ପରିବାର ଲୋକେ ଖବରୀ ମାଧ୍ୟମରେ ଆତ୍ମସମର୍ପଣ କରିବାକୁ ଶୁକ୍ରୁଙ୍କ ନିକଟକୁ ସୂଚନା ଦେଇଥିଲେ। ଏହାପରେ ଶୁକ୍ରୁ ପୋଲିସ ନିକଟରେ ଆତ୍ମସର୍ମପଣ କରିବାକୁ ☞ପୃଷ୍ଠା-୧୧

## ପାପାରାଓଙ୍କ ସହ ୧୭ ଧରାଦେଲେ

**ମାଲକାନଗିରି,୨୪।୩(ଦୁର୍ଯ୍ୟୋଧନ ପାତ୍ର)**

ମାଓବାଦୀ ସଙ୍ଗଠନକୁ ଏକ ବଡ଼ ଝଟକା ଲାଗିଛି। ମୋଷ୍ଟ ୱାଣ୍ଟେଡ୍ କୁଖ୍ୟାତ ମାଓବାଦୀ ନେତା ପାପାରାଓ ମଙ୍ଗଳବାର ଛତିଶଗଡ଼ ବିଜାପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏପରିକି ତାଙ୍କ ସହ ଅନ୍ୟ ୧୭ ଜଣ ଟପ୍ ମାଓବାଦୀ ନେତା ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ପାପାରାଓ ଓରଫ ମଙ୍ଗୁ ଦାଦା ଓରଫ ସୁଧାକର ମାଓବାଦୀ ସଂଗଠନର ଶୀର୍ଷ ନେତା ଥିଲେ । ସେ ଓଡ଼ିଶା, ଛତିଶଗଡ଼ ଓ ମହାରାଷ୍ଟ୍ରରେ ବହୁ ହିଂସାକାଣ୍ଡରେ ଜଡିତ ଥିଲେ। ୨୦୧୦ରେ ଦାନ୍ତେୱାଡା ଆମ୍ବୁସ୍‌ରେ ହୋଇଥିବା ମାଓବାଦୀ ଆକ୍ରମଣରେ ୭୬ ଜଣ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ସହ ଅନେକେ ଆହତ ହୋଇଥିଲେ। ଏହି ଆକ୍ରମଣ ଘଟଣାରେ ମାଓବାଦୀ ନେତା ପାପାରାଓଙ୍କ ବଡ଼ ସମ୍ପୃକ୍ତି ରହିଥିଲା। ତାଙ୍କ ନାମରେ ସରକାର ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିପରି ପାପାରାଓଙ୍କ ସ୍ତ୍ରୀ ଉର୍ମିଳା ମଧ୍ୟ ଜଣେ ସକ୍ରିୟ ମାଓବାଦୀ ଥିଲେ। ୨୦୨୫ ନଭେମ୍ବର ୧୩ରେ ☞ପୃଷ୍ଠା-୧୧



ପାପାରାଓ ଓରଫ ସୁଧାକର

# ୩ ବର୍ଷରେ ୩୨୫ ବନ୍ୟପ୍ରାଣୀ ଶିକାର: ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)**

ରାଜ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି। ଗତ ୩ ବର୍ଷ ମଧ୍ୟରେ ଶିକାରୀଙ୍କ ଦ୍ୱାରା ୩୨୫ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ କହିଛନ୍ତି।

ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଖୁଣ୍ଟିଆ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୩-୨୪ରେ ୧୩୬ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୪-୨୫ରେ ୭୯ ଏବଂ ୨୦୨୫-୨୬ରେ ୧୧୦ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଏଥିମଧ୍ୟରେ ୨୦୨୩-୨୪ରେ ୪ଟି ହାତୀ ଶିକାରୀଙ୍କ ଦ୍ୱାରା ମୃତ ହୋଇଥିବାବେଳେ ୨୦୨୪-୨୫ରେ ୩ ଏବଂ ୨୦୨୫-୨୬ରେ ୭ ହାତୀଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୨୩-୨୪ରେ କୌଣସି ବାଘ ଶିକାରୀଙ୍କ ଦ୍ୱାରା ମରି ନ ଥିବାବେଳେ ୨୦୨୪-୨୫ରେ ଗୋଟିଏ ମରିଛି। ☞ପୃଷ୍ଠା-୧୧

**ଯୁଦ୍ଧ ପ୍ରଭାବ**

# ବଢ଼ିପାରେ ମଦ, ବିୟର ମୂଲ୍ୟ

**ନୂଆଦିଲ୍ଲୀ,୨୪।୩**





ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ତୈଳ ଓ ଗ୍ୟାସ୍ ଆମଦାନୀ ବାଧାପ୍ରାପ୍ତ ହୋଇଥିବାରୁ ଭାରତରେ ଖାଉଟିଙ୍କ ଠାରୁ ଆରମ୍ଭ କରି ଶିଳ୍ପକ୍ଷେତ୍ର ପର୍ଯ୍ୟନ୍ତ ସମସ୍ୟା ବଢ଼ିବାରେ ଲାଗିଛି। ଗ୍ୟାସ୍ ଏବଂ ପେଟ୍ରୋଲିୟମଜାତ ସାମଗ୍ରୀ ଉପରେ ନିର୍ଭର କରୁଥିବା ଅଧିକାଂଶ ଶିଳ୍ପାନୁଷ୍ଠାନ ବନ୍ଦ ହେବାକୁ ବସିଥିବାବେଳେ ହୋଟେଲ ଓ ରେଷ୍ଟୁରାଣ୍ଟ କ୍ଷେତ୍ର ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ଏହି କ୍ରମରେ ଭାରତରେ ମଦ ପ୍ରସ୍ତୁତ କରୁଥିବା ବ୍ରିୱେରି କମ୍ପାନୀଗୁଡିକ ମଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଗ୍ୟାସ୍ ଅଭାବରୁ ମଦ ପାଇଁ ଉଦ୍ଦିଷ୍ଟ କାଚ ବୋତଲ ଏବଂ କ୍ୟାନ୍ ଉତ୍ପାଦନ ପ୍ରଭାବିତ ହୋଇଥିବାରୁ ବଜାରରେ ମଦ ଯୋଗାଣ ହ୍ରାସ ପାଇବା ସହ ମୂଲ୍ୟ ବଢ଼ିବା ଆଶଙ୍କା ବଢାଇଛି। ଗ୍ୟାସ୍ ଅଭାବକୁ ନେଇ ଏବେ କାଚ ବୋତଲ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଯାହାକୁ ନେଇ ବଜାରରେ ବିଭିନ୍ନ କମ୍ପାନୀର ମଦ ଉପଲବ୍ଧ କରାଇବା କଷ୍ଟକର ହୋଇପଡ଼ିଛି। ସେହିପରି କ୍ୟାନ୍‌ରେ ଆସୁଥିବା ବିୟର ପାଇଁ କ୍ୟାନ୍ ଉତ୍ପାଦନ ମଧ୍ୟ ହ୍ରାସ ପାଇଛି। କାରଣ କ୍ୟାନ୍ ତିଆରି ପାଇଁ ଆବଶ୍ୟକ ରହିଥିବା ଆଲୁମିନିୟମ ବିଦେଶରୁ ଆମଦାନୀ କରିବା ଏବେ ସହଜ ହେଉନାହିଁ। ଫଳରେ ଏବେ ଭାରତୀୟ ବଜାରରେ ମଦ ଏବଂ ବିୟର ମୂଲ୍ୟ ବଢ଼ିବ ବୋଲି ବ୍ରିୟୁର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ କହିଛି। ମଦ ପ୍ରସ୍ତୁତିଠାରୁ ଆରମ୍ଭ କରି ଏଥିସହ ଜଡ଼ିତ ଆନୁଷଙ୍ଗିକ ସାମଗ୍ରୀ ପ୍ରସ୍ତୁତି କ୍ଷେତ୍ରରେ ଗ୍ୟାସ୍‌ର ଆବଶ୍ୟକତା ସବୁଠୁ ଅଧିକ ରହିଥାଏ। ଦେଶର ମୋଟ ଗ୍ୟାସ୍ ଚାହିଦା ମଧ୍ୟରୁ ୪୦ ଭାଗ କାତାରରୁ ଆମଦାନୀ କରାଯାଇଥାଏ। ହେଲେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ☞ପୃଷ୍ଠା-୧୧

# ଗନ୍ଧମାର୍ଦ୍ଦନ ଜଙ୍ଗଲରେ ନିଆଁ

**ପାଇକମାଲ,୨୪।୩(ବଡ଼ ଶତପଥୀ)**

**ରହିଛି ୪୦୦ ପ୍ରକାରର ଔଷଧୀୟ ବୃକ୍ଷଲତା**



ଗନ୍ଧମାର୍ଦ୍ଦନ ଜଙ୍ଗଲରେ ନିଆଁ ଲାଗିଛି।

ବରଗଡ଼ ଜିଲାର ନୃସିଂହନାଥ ଓ ବଲାଙ୍ଗୀର ଜିଲାର ହରିଶଙ୍କର ଅଞ୍ଚଳକୁ ଘେରି ରହିଥିବା ଭାରତ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଗତ ରବିବାରରୁ ନିଆଁ ଲାଗିଛି।

ପଦ୍ମପୁରରୁ ଲଖନା ୯୭ କିଲୋମିଟର ବ୍ୟାପି ଏହି ଗନ୍ଧମାର୍ଦ୍ଦନ ପର୍ବତରେ ପ୍ରାୟ ୪୦୦ ପ୍ରକାରର ଔଷଧୀୟ ବୃକ୍ଷଲତା ରହିଛି। ଏଥିସହ ଅନେକ ପ୍ରଜାତିର ପଶୁ, ପକ୍ଷୀ, ସରୀସୃପ ଅଛନ୍ତି। ଏହି ପର୍ବତକୁ ୮୦ ଦଶକରେ ଭାରତ ଆଲୁମିନିୟମ କମ୍ପାନୀ ନାମକ ବକ୍ସାଇଟ ଖନନ ପାଇଁ ୧୦୦ ବର୍ଷର ଲିଜ୍ ପାଇ ଉଦ୍ୟମ ଆରମ୍ଭ କରିଥିବା ବେଳେ ସୂତ୍ରପାତ ହୋଇଥିଲା 'ଗନ୍ଧମାର୍ଦ୍ଦନ ବଞ୍ଚାଅ-ବାଲ୍‌କୋ ହଟାଓ' ଜନ ଆନ୍ଦୋଳନ। ଏହି ପର୍ବତମାଳାରୁ ଉପାର୍ଜିତ ଲଘୁ ବନଜାତ ଦ୍ରବ୍ୟ ଚାର, କେନ୍ଦୁ, ମହୁଲ, ଟୋଲ ଆଦି ସଂଗ୍ରହ କରି ପ୍ରାୟତଃ ୫୦ ହଜାର ଆଦିବାସୀ ଜନଜାତି ଜୀବିକା ନିର୍ବାହ କରୁଥିବା ବେଳେ ପର୍ବତରୁ ନିର୍ଗତ ୨୨ଟି ଚିରସ୍ରୋତା ଝରଣାର ପାଣିରୁ ହୋଇଥିବା ଫସଲକୁ ମରୁଡ଼ି ଦାଉରୁ ଚାଷୀ ରକ୍ଷା କରିଥାଏ। ଏହି ପର୍ବତମାଳା ସୁରକ୍ଷା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ବ୍ୟାପକ କର୍ମଚାରୀ ନିଯୁକ୍ତ ଥିବାବେଳେ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ନିଆଁର ତାଣ୍ଡବ ଦେଖିବାକୁ ମିଳିଥାଏ।

ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରି ଜଙ୍ଗଲ ବିଭାଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରୁଥିବା ସତ୍ତ୍ୱେ ନିଆଁ କିପରି ଜଙ୍ଗଲରେ ଲାଗିଛି ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି। ଏ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କୁ ପଚାରିବାରୁ ନୃସିଂହନାଥ ଅଞ୍ଚଳରେ ପ୍ରତିବର୍ଷ ପ୍ରଥମେ ନିଆଁ ଲାଗୁ ଥିବାର ଦେଖାଯାଉଛି। ପର୍ବତ ଉପରକୁ ଚଢୁଥିବା ଯାତ୍ରୀ ହେଉ କି ମହୁଲ ଫୁଲ ଗୋଟାଇବା ପାଇଁ ହେଉ ସେମାନେ ନିଆଁ ଲଗାଉ ଥିବାର ସନ୍ଦେହ ହେଉଛି। ତେବେ ବନ ବିଭାଗ କର୍ମଚାରୀମାନେ ନିଆଁ ଲାଗିଲା ମାତ୍ରେ ତାକୁ ଲିଭାଇବାକୁ ଉଦ୍ୟମ କଲେ ଏତେ କ୍ଷୟକ୍ଷତି ହୁଅନ୍ତା ନାହିଁ ବୋଲି ପୁଟା କହିଛନ୍ତି। ଏଥିସହିତ କାଠୁରିଆମାନେ ଜଙ୍ଗଲକୁ ଯାଇ ଜୀଅନ୍ତା ଗଛକୁ କାଟି ଦେଉଛନ୍ତି ଓ ଦୁଇ ତିନିଦିନ ପରେ ଯାଇ ସେହି ଗଛକୁ ଛୋଟ ଛୋଟ କରି ଟାଙ୍ଗିଆରେ କାଟି ବିଡ଼ା ବାନ୍ଧି ଗାଁ ଗାଁରେ ବିକ୍ରୟ କରୁଛନ୍ତି। ଏହି କାଠୁରିଆମାନେ ଜଙ୍ଗଲ ନଷ୍ଟ କରୁଥିବା ସହ ଜଙ୍ଗଲରେ ନିଆଁ ଜାଳି ରୋଷେଇ କରୁଥିବାରୁ ଏହି ରୋଷେଇ ନିଆଁ ମଧ୍ୟ ବ୍ୟାପିଯାଇ ଜଙ୍ଗଲକୁ ନଷ୍ଟ କରୁଛି ବୋଲି ସେ କହିଛନ୍ତି।

**ୟୁକ୍ରେନ୍ ଉପରେ ରୁଷିଆର ଜୋରଦାର ଆକ୍ରମଣ**

ୟୁକ୍ରେନ୍‌ର ଜନବସତି ଅଞ୍ଚଳ ଉପରେ ରୁଷିଆ ସୋମବାର ରାତିରେ ଜୋରଦାର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୨୭ ଆହତ ହୋଇଛନ୍ତି। ସମ୍ଭାବ୍ୟ ସ୍ଥଳଭାଗ ଆକ୍ରମଣ ପୂର୍ବରୁ ରୁଷିଆ ସେନା ୟୁକ୍ରେନ୍‌ର ଆଗଧାଡ଼ିର ପ୍ରତିରକ୍ଷା ବ୍ୟବସ୍ଥା ଭାଙ୍ଗିବା ପାଇଁ ଉଦ୍ୟମ କରିଛି। ରୁଷିଆ ପ୍ରାୟ ୪୦୦ ଡ୍ରୋନ୍ ଛାଡ଼ିବା ସହ ୟୁକ୍ରେନ୍ ଉପରେ ୨୩ଟି କ୍ରୁଜ୍ ଏବଂ ୭ଟି ବାଲିଷ୍ଟିକ୍ ମିଶାଇଲ୍ ମାଡ଼ କରିଛି।





ଇରାନର କ୍ଷେପଣାସ୍ତ୍ର ମାଡ଼ରେ ତେଲ୍ ଆଭିଭ୍‌ର ଏକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ଉଦ୍ଧାର କାର୍ଯ୍ୟରେ ଇସ୍ରାଏଲୀ ସୁରକ୍ଷା ବଳ ଓ ରେସ୍କ୍ୟୁ ଟିମ୍ ନିୟୋଜିତ ହୋଇଛନ୍ତି।

## ପଶ୍ଚିମ ଏସିଆ ସ୍ଥିତିକୁ ନେଇ ସର୍ବଦଳୀୟ ବୈଠକ ଆଜି

ନୂଆଦିଲ୍ଲୀ, ୨୪।୩

ପଶ୍ଚିମ ଏସିଆରେ ଲାଗିରହିଥିବା ସଙ୍କଟ ସମ୍ପର୍କରେ ଆଲୋଚନା ପାଇଁ କେନ୍ଦ୍ର ସରକାର ବୁଧବାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ପାର୍ଲାମେଣ୍ଟକୁ ଅବଗତ କରାଇବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ଚିନ୍ତାଜନକ, ଯାହା ଅଭୂତପୂର୍ବ ଆହ୍ୱାନ ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ। କେବଳ ଅର୍ଥନୀତି ପାଇଁ ନୁହେଁ, ଜାତୀୟ ସୁରକ୍ଷା ଏବଂ ମାନବୀୟତା ପ୍ରତିମଧ୍ୟ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ସେ କହିଥିଲେ।

ମଧ୍ୟପ୍ରାଚ୍ୟ ଉତ୍ତେଜନା ଯୋଗୁ ଏଲ୍‌ପିଜି ସଙ୍କଟ ଦେଖାଦେଇଥିବାବେଳେ ବଜାର ସ୍ଥିତିରେ ଅସ୍ଥିରତା ଲାଗି ରହିଛି। ସରକାର ସ୍ଥିତି ମୁକାବିଲା କରିବାରେ ବିଫଳ ହୋଇଥିବା ନେଇ ବିରୋଧୀ ସମାଲୋଚନା କରିବା ସହ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ପାଇଁ ଚାପ ପକାଇଥିଲେ। ମଙ୍ଗଳବାର କଂଗ୍ରେସ ନେତା ଜୟରାମ ରମେଶ ସରକାରଙ୍କ ପରିଚାଳନାଗତ ବିଫଳତାକୁ ନେଇ ସମାଲୋଚନା କରିଥିଲେ।

## ଭାରତର ଗଚ୍ଛିତ ତୈଳ ୯.୫ ଦିନର ଚାହିଦା ପୂରଣ କରିବ

ନୂଆଦିଲ୍ଲୀ, ୨୪।୩

ଭାରତର ରଣନୈତିକ ଅଶୋଧିତ ତୈଳ ଭଣ୍ଡାର ମାତ୍ର ୯.୫ ଦିନର ଚାହିଦାକୁ ପୂରଣ କରିପାରିବ। ତେବେ ବର୍ତ୍ତମାନର ଗଚ୍ଛିତ ସ୍ତର ତାହାଠାରୁ ଯଥେଷ୍ଟ କମ୍ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ସୋମବାର ରାଜ୍ୟସଭାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଭାରତରେ ସମ୍ପ୍ରତି ପ୍ରାୟ ୩.୩୭୨ ନିୟୁତ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ଗଚ୍ଛିତ ରହିଛି, ଯାହା ମୋଟ ଷ୍ଟୋରେଜ୍ କ୍ଷମତା ୫.୩୩ ନିୟୁତ ମେଟ୍ରିକ୍ ଟନ୍‌ର ପ୍ରାୟ ୬୪ ପ୍ରତିଶତ। ଅନ୍ୟପକ୍ଷରେ ଆର୍‌ଟିଆଇ ବଳରେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଦେଇଥିବା ଉତ୍ତରରେ କୁହାଯାଇଛି, ଆମଦାନୀ ବାଧାପ୍ରାପ୍ତ ହେଲେ ଭାରତର ରଣନୀତିକ ଭଣ୍ଡାର ମାତ୍ର ୯.୫ ଦିନର ଅଶୋଧିତ ତୈଳ ଚାହିଦା ପୂରଣ କରିପାରିବ। ଜରୁରୀ ସମୟର ଆବଶ୍ୟକତା ପୂରଣ ପାଇଁ ଅଶୋଧିତ ତୈଳ ଗଚ୍ଛିତ ରଖିବା ନିମନ୍ତେ ରଣନୀତିକ ଭଣ୍ଡାର ନିର୍ମାଣ କରାଯାଇଛି। ବିଶେଷତଃ ଯୁଦ୍ଧ ଭଳି ସଙ୍କଟ କିମ୍ବା ଗୁରୁତ୍ୱପୂର୍ଣ୍ଣ ସେକ୍ଟରକୁ ଇନ୍ଧନ ଯୋଗାଣ ପାଇଁ ଉକ୍ତ ତୈଳ ବ୍ୟବହୃତ ହୋଇଥାଏ। ପଶ୍ଚିମ ଏସିଆ ଯୁଦ୍ଧ ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଜାହାଜ ଚଳାଚଳରେ ପ୍ରତିବନ୍ଧକ ଯୋଗୁ ଅଶୋଧିତ ତୈଳ ଭଣ୍ଡାରର ସାମର୍ଥ୍ୟ ଏବଂ ପ୍ରକୃତ ଗଚ୍ଛିତ ତୈଳ ମଧ୍ୟରେ ବ୍ୟବଧାନ ବଢ଼ିଛି।

## ୮ ଘଣ୍ଟା ମଧ୍ୟରେ ଟିକେଟ ବାତିଲ କଲେ ଟଙ୍କା ଫେରସ୍ତ ମିଳିବନି

ନୂଆଦିଲ୍ଲୀ, ୨୪।୩(ପି.ଟି.)

ଟ୍ରେନ୍ ଛାଡ଼ିବା ସମୟ ପୂର୍ବରୁ ୮ ଘଣ୍ଟା ମଧ୍ୟରେ ଟିକେଟ ବାତିଲ କରିଥିଲେ ଟଙ୍କା ଫେରସ୍ତ ମିଳିବନାହିଁ। ସମ୍ପ୍ରତି ଏହି ସମୟସୀମା ୪ ଘଣ୍ଟା ଥିବାବେଳେ ଏହାକୁ ୮ ଘଣ୍ଟାକୁ ବଢ଼ାଇଦିଆଯାଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କହିଛନ୍ତି। ଏପ୍ରିଲ ୧ରୁ ୧୫ ମଧ୍ୟରେ ନୂଆ ଫେରସ୍ତ ନୀତି ଲାଗୁ ହେବାକୁ ଯାଉଛି। ୮ରୁ ୨୪ ଘଣ୍ଟା ମଧ୍ୟରେ ଟିକେଟ ବାତିଲ କରିଥିଲେ ଟିକେଟ ମୂଲ୍ୟର ୫୦% କଟିବ। ସେହିପରି ୨୪ରୁ ୭୨ ଘଣ୍ଟା ମଧ୍ୟରେ ଟିକେଟ ବାତିଲ ହୋଇଥିଲେ ଟିକେଟ ମୂଲ୍ୟର ୨୫% କଟିବ ଏବଂ ଟ୍ରେନ୍ ଛାଡ଼ିବାର ୭୨ ଘଣ୍ଟା ପୂର୍ବରୁ ଟିକେଟ ବାତିଲ କରିଥିଲେ, ଯାତ୍ରୀ ସମ୍ପୂର୍ଣ୍ଣ ଟିକେଟ ମୂଲ୍ୟ ଫେରିପାଇବେ ବୋଲି ଅଶ୍ୱିନୀ କହିଛନ୍ତି।

## ଟ୍ରାନ୍ସଜେଣ୍ଡର ଅଧିକାର ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ, ୨୪।୩

ଟ୍ରାନ୍ସଜେଣ୍ଡରଙ୍କ ସୁରକ୍ଷା ଓ ଅଧିକାର ଆଇନରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ବିଲ୍‌କୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଏହା ଆଇନର ପରିସରରୁ ସାମାଜିକ ଦୃଷ୍ଟିକୋଣକୁ ବାଦ୍ ଦେବ ବୋଲି ସେମାନେ ଅଭିଯୋଗ କରିଥିଲେ। ବିତର୍କର ଉତ୍ତର ଦେଇ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବିରେନ୍ଦ୍ର କୁମାର କହିଥିଲେ, ଜୈବିକ ପ୍ରସଙ୍ଗ କାରଣରୁ ଯେଉଁମାନେ ବାସନ୍ଦର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କୁ ସୁରକ୍ଷ ପ୍ରଦାନ କରିବା ପ୍ରସ୍ତାବିତ ଆଇନର ଉଦ୍ଦେଶ୍ୟ। ଟ୍ରାନ୍ସଜେଣ୍ଡରମାନଙ୍କୁ ଆଇନଗତ ସ୍ୱୀକୃତି ଓ ସୁରକ୍ଷା ବଳବତ୍ତର ରହିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି କରିଥିଲେ।

# ଇରାନ୍ ଯୁଦ୍ଧ: ବିରତି ସତ୍ତ୍ୱେ ଆକ୍ରମଣ

ତେହରାନ୍ /ତେଲ ଆଭିଭ୍ , ୨୪।୩

ଇରାନ୍ ସହ ଆଲୋଚନା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ୫ ଦିନିଆ ସାମୟିକ ଯୁଦ୍ଧ ବିରତି ଘୋଷଣା କରିଥିଲେ। ଏଥିସହ ଆଗକୁ ଆଲୋଚନା ଜାରି ରଖି ବିବାଦର ସମାଧାନ ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ। ହେଲେ ଟ୍ରମ୍ପଙ୍କ ଯୁଦ୍ଧ ବିରତି ପ୍ରଭାବ କୌଣସି ପକ୍ଷ ଉପରେ ପଡ଼ି ନାହିଁ। ମଙ୍ଗଳବାର ଆମେରିକା ଓ ଇସ୍ରାଏଲ ପକ୍ଷରୁ ତେହରାନ୍ ସମେତ ଇରାନ୍‌ର ବିଭିନ୍ନ ସହରରେ ବୋମାମାଡ଼ କରାଯାଇଛି। ସେହିପରି ଇରାନ୍ ମଧ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡିକ ଉପରେ ଆକ୍ରମଣ ଜାରି ରଖିଛି। ତେଲ୍ ଆଭିଭ୍ ସମେତ ଇସ୍ରାଏଲ ଅଧୀନରେ ଥିବା ୱେଷ୍ଟବ୍ୟାଙ୍କର ଏକ ସହର ଉପରେ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରିବାରୁ ଅନେକ ଲୋକ ଆହତ ହୋଇଛନ୍ତି। ଏହାଛଡ଼ା ୟୁଏଇ ଏବଂ କାତାରର କେତେକ ସ୍ଥାନରେ ମଧ ଇରାନ୍ ମଙ୍ଗଳବାର ଆକ୍ରମଣ କରିଥିବା କୁହାଯାଇଛି। ଏହାକୁ ନେଇ ଏବେ ବି ମଧ୍ୟପ୍ରାଚ୍ୟ ସ୍ଥିତି ପୂର୍ବ ଭଳି



ଉତ୍ତେଜନାପୂର୍ଣ୍ଣ ରହିଛି। ସେପଟେ ଇରାନ୍ ସୋମବାର ଠାରୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାଉଥିବା ତୈଳବାହୀ ଜାହାଜଗୁଡିକଠାରୁ ୨ ମିଲିୟନ ଡଲାର ଲେଖାଏ ପାସେଜ୍ ଫି ଆଦାୟ କରିଥିବା ବ୍ଲୁମ୍‌ବର୍ଗ ରିପୋର୍ଟ ସୂତ୍ରରୁ କୁହାଯାଇଛି। ଏହାଦ୍ୱାରା ହର୍ମୁଜ୍ ଷ୍ଟ୍ରେଟକୁ ମୁକ୍ତ କରିବା ଲାଗି ଟ୍ରମ୍ପ ଦେଇଥିବା ଧମକକୁ ଇରାନ୍ ଆଦୌ ଖାତିର କରି ନ ଥିବା ସ୍ପଷ୍ଟ ହୋଇଛି। ଇରାନ୍‌ର ବର୍ହିବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗାଚି କହିଛନ୍ତି, କେବଳ ଶତ୍ରୁ ରାଷ୍ଟ୍ରଙ୍କୁ ବାଦ୍ ଦେଇ ଅନ୍ୟ ରାଷ୍ଟ୍ରଙ୍କ ପାଇଁ ଏହି ପଥ ସ୍ୱାଭାବିକ ରହିଛି।

## ଇରାନ୍‌ର ଧମକ: ଆମେରିକା ସେନାକୁ ସମୁଦ୍ରରେ ବୁଡ଼ାଇଦେବୁ

ଯୁଦ୍ଧ ବନ୍ଦ କରିବାକୁ ଆଲୋଚନା ଲାଗି ଆମେରିକା ପ୍ରସ୍ତୁତି ଚଳାଇ ଥିବାବେଳେ ଇରାନ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧ ବିରତି ଆଭିମୁଖ୍ୟକୁ ଖାତିର ନ କରି ପୁଣି ଧମକ ଦେଇଛି। ଆମେରିକା ହାତରେ ନିଜର ଅସ୍ତିତ୍ୱ ରକ୍ଷା କରିବାକୁ କମ୍ ସମୟ ରହିଛି ବୋଲି ଇରାନ୍‌ର ସାମରିକ ପରାମର୍ଶଦାତା ମୋହସେନ୍ ରେଜାଇ ମଙ୍ଗଳବାର କହିଛନ୍ତି। ଆଇଆର୍‌ଏନ୍‌ଏକୁ ଏକ ସାକ୍ଷାତ୍‌କାର ଦେବାଇ ରେଜାଇ କହିଛନ୍ତି, ଟ୍ରମ୍ପ ୫ ଦିନର ଯୁଦ୍ଧ ବିରତ ପରେ ତାଙ୍କ ସର୍ତ୍ତ ପୂରଣ ନ ହେଲେ ଇରାନ୍‌ର ପାୱାର ଗ୍ରୀଡ୍ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। କିନ୍ତୁ ଆମେରିକା ଯଦି ଏଭଳି କିଛି କରିବାକୁ ଉଦ୍ୟମ କରେ ତେବେ ଆମେ ଏହାର ସେନାକୁ ନିସ୍ତେଜ କରି ସମୁଦ୍ରରେ ବୁଡ଼ାଇ ଦେବୁ। ଏବେ ଆମେରିକା ନିଜର ସୁରକ୍ଷା ଚିନ୍ତା କରିବାକୁ ଆଉ ସମୟ ପାଇବନି। କାରଣ ଇରାନ୍ ଯୁଦ୍ଧ ଜାରି ରଖିବ। ଯେଉଁ ପର୍ଯ୍ୟନ୍ତ ଯୁଦ୍ଧଜନିତ କ୍ଷତିପୂରଣ ନ ମିଳିଛି ଏବଂ ଇରାନ୍ ଉପରୁ ଆମେରିକା କଟକଣା ନ ହଟାଇଛି, ସେ ପର୍ଯ୍ୟନ୍ତ ଆମେ ଯୁଦ୍ଧ ଜାରି ରଖିବୁ ବୋଲି ରେଜାଇ କହିଛନ୍ତି।

ଆଇଆର୍‌ଜିସି ମୁଖ୍ୟ ରହିଥିବା ଅଲ୍ଲୀ ଲାରିଜାନି ଇସ୍ରାଏଲ ଆକ୍ରମଣରେ ନିହତ ହେବା ପରେ ଇରାନ୍ ମଙ୍ଗଳବାର ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲ ମୁଖ୍ୟ ଭାବେ ମହମ୍ମଦ ବାକର୍ ଜୋଲକାଦର୍‌ଙ୍କୁ ନିଯୁକ୍ତ କରିଛି। ପୂର୍ବରୁ ଆଇଆର୍‌ଜିସିର କମାଣ୍ଡର ଭାବେ କାର୍ଯ୍ୟ କରିଥିବା ମହମ୍ମଦ ବାକର୍ ଇରାନ୍‌ର ରାଜନୀତି ଏବଂ ପ୍ରଶାସନିକ କ୍ଷେତ୍ର ସହ ଜଡ଼ିତ ରହିଆସିଛନ୍ତି।

## ସ୍ଥାୟୀ କମିଶନ ମିଳୁ ନ ଥିବା ମହିଳା ଅଫିସରଙ୍କୁ ପେନ୍‌ସନ ସୁବିଧା ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୪।୩(ପି.ଟି.)

ସ୍ୱେଚ୍ଛାଚାରୀ ଆକଳନ ଯୋଗୁ ସ୍ଥାୟୀ କମିଶନ ଦିଆଯାଉ ନ ଥିବା ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ସ୍ୱଳ୍ପକାଳୀନ ନିଯୁକ୍ତ ମହିଳା ଅଫିସରମାନେ ପୂର୍ଣ୍ଣ ପେନ୍‌ସନ ସୁବିଧା ପାଇବାକୁ ହକ୍‌ଦାର ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯଦିଓ ମହିଳା ଅଫିସରମାନଙ୍କୁ ଆବଶ୍ୟକ ସମୟ ପୂର୍ବରୁ ସୈନ୍ୟବାହିନୀରୁ ଅବ୍ୟାହତି ଦିଆଯାଉଛି, ତେବେ ପେନ୍‌ସନ ପାଇଁ ସେମାନେ ସର୍ବନିମ୍ନ ସେବା ଯୋଗ୍ୟତା ୨୦ ବର୍ଷ ପୂରଣ କରିଥିବା ମାନିନିଆଯିବ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଏବଂ ଏନ୍. କୋଟିଶ୍ୱର ସିଂ କହିଛନ୍ତି। ୨୦୧୯ରେ ହୋଇଥିବା ନୀତିଗତ ପରିବର୍ତ୍ତନ ଏବଂ ସଶସ୍ତ୍ର ବଳ ଟ୍ରିବ୍ୟୁନାଲର ପୂର୍ବ ରୁଲିଂ ଆଧାରରେ ମହିଳା ଅଫିସରମାନଙ୍କୁ ସ୍ଥାୟୀ କମିଶନ ଦିଆଯାଉ ନ ଥିବାବେଳେ ଏହାକୁ ୱିଙ୍ଗ୍ କମାଣ୍ଡର ସୁଚେତା ଏଡାନ ଓ ଅନ୍ୟମାନେ ଚ୍ୟାଲେଞ୍ଜ କରିଥିଲେ। ଉକ୍ତ ପିଟିଶନ୍‌ଗୁଡ଼ିକର ଶୁଣାଣି କରି ସିଜେଆଇ କହିଥିଲେ, ମହିଳା ଅଫିସରମାନେ କ୍ୟାରିୟରରେ ଆଗକୁ ବଢ଼ିବା ପାଇଁ ଯୋଗ୍ୟ ନୁହନ୍ତି ବୋଲି ଧରିନିଆଯାଇ ସେମାନଙ୍କ ପାଇଁ ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆର୍)କୁ ପ୍ରାୟତଃ ହାଲୁକା ଭାବେ ଗ୍ରେଡ୍ ଦିଆଯାଉଥିଲା। ସେମାନେ କ୍ୟାରିୟରରେ ଆଗକୁ ବଢ଼ିପାରିବେ ନାହିଁ ଧାରଣା ନେଇ ଏସିଆର୍ ଲେଖାଯାଉଥିଲା, ଯାହା ସେମାନଙ୍କ ମେଧା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିଲା ବୋଲି ସିଜେଆଇ କହିଛନ୍ତି।

## କଲମ୍ବିଆ ସାମରିକ ବିମାନ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୬୬

ବୋଗୋଟା, ୨୪।୩

କଲମ୍ବିଆର ସାମରିକ ବିମାନ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୬୬ରେ ପହଞ୍ଚିଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ୧୧୫ ସୈନ୍ୟଙ୍କ ସମେତ ୧୨୮ ଜଣଙ୍କୁ ନେଇ ବିମାନଟି କଲମ୍ବିଆର ପୁଏର୍ଟୋ ଲେଗୁଇଜାମୋରୁ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଅନେକ ଆହତ ହୋଇଥିବା କଲମ୍ବିଆ ସେନା ମୁଖ୍ୟ କହିଛନ୍ତି। କ'ଣ ପାଇଁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ତାହା ଜଣାପଡ଼ିନାହିଁ। ବେଆଇନ ସଶସ୍ତ୍ର ସଂଗଠନ ଆକ୍ରମଣ କରିଥିଲେ କି ନାହିଁ, ସେ ସମ୍ପର୍କିତ କୌଣସି ସୂଚନା ଆମ ପାଖରେ ନ ଥିବା ସେନା ମୁଖ୍ୟ ଜେନେରାଲ ହୁଗୋ ଆଲେଜାଣ୍ଡ୍ରୋ ଲୋପେଜ୍ ବାରେଟୋ କହିଛନ୍ତି। ମୃତଦେହଗୁଡ଼ିକ ସହରର ଏକ ଶବାଗାରରେ ରଖାଯାଇଥିବାବେଳେ ଆହତମାନଙ୍କୁ ପ୍ରଥମ ୨ଟି କ୍ଲିନିକ୍‌ରେ ଚିକିତ୍ସା କରାଯିବା ପରେ ବିମାନ ଯୋଗେ ବଡ଼ ସହରକୁ ନିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ କହିଛନ୍ତି, ସୋମବାର ସୈନ୍ୟମାନଙ୍କୁ ଅନ୍ୟତମ ସହର ପୁଟୁମାୟୋକୁ ନିଆଯାଉଥିବାବେଳେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସ୍ଥଳରୁ କଳାଧୂଆଁ ଉଠୁଥିବା ଦେଖାଯାଇଛି।

## ଫିଲିପାଇନ୍ସରେ ଶକ୍ତି ସଙ୍କଟ: ଏମର୍ଜେନ୍ସି ଜାରି

ମାନିଲା, ୨୪।୩

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଫିଲିପାଇନ୍ସରେ ଗୁରୁତର ଇନ୍ଧନ ସଙ୍କଟ ଦେଖାଦେଇଛି। ଏହାର ମୁକାବିଲା ପାଇଁ ଫିଲିପାଇନ୍ସ ପ୍ରଥମ ଦେଶ ଭାବେ ଜାତୀୟ ଏନର୍ଜି ଏମର୍ଜେନ୍ସି ଜାରି କରିଛି। ଦେଶରେ ଇନ୍ଧନ ଯୋଗାଣର ସ୍ଥିରତାରେ ବିପଦ ନିଶ୍ଚିତ ବୋଲି ଜଣାପଡ଼ିବା ପରେ ଶକ୍ତି ନିରାପତ୍ତାର ସୁରକ୍ଷା ପାଇଁ ରାଷ୍ଟ୍ରପତି ଫେର୍ଡିନାଣ୍ଡ ମାର୍କୋ ଜୁନିୟର ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିବା କହିଛନ୍ତି। ଇରାନ ଯୁଦ୍ଧ ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ରହିଥିବାରୁ ବିଭିନ୍ନ ଦେଶରେ ତୈଳ ଓ ଗ୍ୟାସ୍ ସଙ୍କଟ ସୃଷ୍ଟି ହେବା ସହ ମୂଲ୍ୟ ବୃଦ୍ଧି ପାଇଛି। ଉପସାଗରୀୟ ଅଞ୍ଚଳରୁ ଫିଲିପାଇନ୍ସ ୯୮% ତୈଳ ଆମଦାନୀ କରିଥାଏ। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ଦିନରୁ ସେଠାରେ ଡିଜେଲ ଓ ପେଟ୍ରୋଲ ମୂଲ୍ୟ ୨ ଗୁଣରୁ ଅଧିକ ହୋଇଛି। ଏମର୍ଜେନ୍ସି ଜାରି ହୋଇଥିବାରୁ ଶକ୍ତି ସ୍ଥିତା ସୁନିଶ୍ଚିତ କରିବା ଏବଂ ଅର୍ଥନୀତିର ସୁରକ୍ଷା ପାଇଁ ସରକାର ଆଇନଗତ କ୍ଷମତା ପ୍ରୟୋଗ କରିପାରିବେ।

## ବାହାହେଲେ ବାଦ୍‌ଶାହ

ମୁମ୍ବାଇ

ବଲିଉଡ୍‌ର ଲୋକପ୍ରିୟ ରାପର ତଥା ଗାୟକ ବାଦ୍‌ଶାହ ପ୍ରଥମ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ରର ୬ ବର୍ଷ ପରେ ପଞ୍ଜାବୀ ଅଭିନେତ୍ରୀ ଈଶା ରିଖିଙ୍କ ହାତ ଧରିଛନ୍ତି।

୩୨ ବର୍ଷୀୟା ଈଶା ୧୯୯୩ରେ ଚଣ୍ଡିଗଡ଼ରେ ଜନ୍ମଗ୍ରହଣ କରିଥିଲେ। ସେ ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ଏକ ଜଣାଶୁଣା ଚେହେରା। ସେ ରେମୋ ଡି'ସୌଜାଙ୍କ ଫିଲ୍ମ 'ନବାବଜାଦେ' ଜରିଆରେ ବଲିଉଡ୍‌ରେ ପାଦ ଥାପିଥିଲେ। ପରେ ସେ 'ଜଟା ଦେ ପୁତ' ଏବଂ 'ହ୍ୟାପି ଗୋ ଲକି' ଭଳି ପଞ୍ଜାବୀ ସିନେମାରେ କାମକରି ପ୍ରଶଂସା ସାଉଁଟିଛନ୍ତି। ଇନ୍‌ଷ୍ଟାଗ୍ରାମରେ ତାଙ୍କର ପ୍ରାୟ ୧.୧ ମିଲିୟନ ଫଲୋଅର୍ସ ଅଛନ୍ତି।

ବାଦ୍‌ଶାହ ଏବଂ ଈଶାଙ୍କ ଡେଟିଂକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଥିଲେ ମଧ ସେମାନେ ଏହାକୁ ଗୋପନ ରଖିଥିଲେ। ବର୍ତ୍ତମାନ ଏକ ଛୋଟ ଘରୋଇ ଉତ୍ସବରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଜଣାପଡ଼ିଛି।




# ସ୍ଥିତି ମୁକାବିଲା ପାଇଁ ୭ କ୍ଷମତାସମ୍ପନ୍ନ କମିଟି

### ଅର୍ଥନୀତି ପାଇଁ ଚ୍ୟାଲେଞ୍ଜ ଆଣିଛି ମଧ୍ୟପ୍ରାଚ୍ୟ ଯୁଦ୍ଧ

ନୂଆଦିଲ୍ଲୀ , ୨୪।୩ (ପି.ଟି.)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶର ବର୍ଦ୍ଧିତ ଅର୍ଥନୀତି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯୁଦ୍ଧ ଯୋଗୁ ବୈଶ୍ୱିକ ଭୂ-ରାଜନୀତି କ୍ରମରେ ପରିବର୍ତ୍ତନ ସହ ଅର୍ଥନୀତି ଏବଂ ଯୋଗାଣ ଶୃଙ୍ଖଳ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ଏହି କ୍ରମରେ ବିଦେଶରୁ ତୈଳ, ଗ୍ୟାସ୍ ଏବଂ ସାର ସମେତ ଅନ୍ୟ ସାମଗ୍ରୀ ଆମଦାନୀ ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇଥିବାରୁ ଭାରତୀୟ ଶିଳ୍ପ କ୍ଷେତ୍ର ଅଧିକ ମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। ତେବେ ଚାହିଦା ଏବଂ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ ରଖି ଦେଶର ପ୍ରଗତି ଧାରାକୁ ଅତୁଟ ରଖିବାକୁ କେନ୍ଦ୍ର ସରକାର ୭ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ନରେନ୍ଦ୍ର ମୋଦି

ମଙ୍ଗଳବାର ରାଜ୍ୟ ସଭାରେ କହିଛନ୍ତି। ସେ କହିଛନ୍ତି, ଯୁଦ୍ଧ ଯୋଗୁ ଏବେ ସାରା ବିଶ୍ୱରେ ଊର୍ଜାକୁ ନେଇ ବଡ଼ ସମସ୍ୟା ଦେଖାଯାଇଛି। ତେବେ ଏହି ସମସ୍ୟା ଦୂର କରିବା ଲାଗି ସରକାର ଏକ ବ୍ୟାପକ ଏବଂ ଦୀର୍ଘସୂତ୍ରୀ ରଣନୀତିରେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଚାହିଦା ଅନୁସାରେ ତୈଳ, ଗ୍ୟାସ୍ ଏବଂ ସାର ଉପଲବ୍ଧ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ସମସ୍ତ ଉପଲବ୍ଧ ଉତ୍ସରୁ ଏହିସବୁ ସାମଗ୍ରୀ ଆମଦାନୀ କରିବାକୁ କାର୍ଯ୍ୟ କରାଯାଉଛି। ସାଧାରଣ ଖାଉଟିଙ୍କଠାରୁ ଆରମ୍ଭ କରି ଉଦ୍ୟୋଗ କ୍ଷେତ୍ର ପର୍ଯ୍ୟନ୍ତ ଇନ୍ଧନ ଆବଶ୍ୟକତା ପୂରଣ ଲାଗି ସରକାର ସତର୍କତା ସହ କାର୍ଯ୍ୟ କରିବା ସହ ଯେକୌଣସି ସ୍ଥିତିକୁ ମୁକାବିଲା କରିବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ମୋଦି କହିଛନ୍ତି। ଇନ୍ଧନ ଆମଦାନୀ-ରପ୍ତାନି ଏବଂ ଏହାର ପରିଚାଳନା ପାଇଁ ସରକାର ଗଠନ କରିଥିବା ଏହି ୭ ଗୋଷ୍ଠୀ ବିଭିନ୍ନ ଦିଗରେ ତର୍ଜମା କରି କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। କରୋନା କାଳରେ ଉତ୍ପନ୍ନ ସ୍ଥିତିକୁ ମୁକାବିଲା କରିବା ଭଳି ଏହି ଗୋଷ୍ଠୀ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ତତ୍କାଳ ନିଷ୍ପତ୍ତି ଏବଂ ଆବଶ୍ୟକ ପଦକ୍ଷେପ ନେବେ। ଦେଶବାସୀଙ୍କ ହିତ ଏବଂ ସୁବିଧାକୁ ଅଗ୍ରାଧିକାର ଦିଆଯାଇ ଯୁଦ୍ଧ ସ୍ଥିତିର ପ୍ରଭାବ ସେମାନଙ୍କ ଉପରେ କେତେ କମ୍ ପଡ଼ିବ ତାହାକୁ ନେଇ ଏହି ୭ ଗୋଷ୍ଠୀ କାର୍ଯ୍ୟ କରିବେ ବୋଲି ମୋଦି କହିଛନ୍ତି।

## ମୋଦିଙ୍କ ସହ କଥାହେଲେ ଟ୍ରମ୍ପ୍

ନୂଆଦିଲ୍ଲୀ , ୨୪।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମଙ୍ଗଳବାର ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ବିଶେଷକରି ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଇନ୍ଧନ ପରିବହନ ସମସ୍ୟାର ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ ନେତା ଗୁରୁତ୍ୱ ଦେଇଛନ୍ତି। ହର୍ମୁଜ୍ ସାମୁଦ୍ରିକ ପଥ ଦେଇ ଉପସାଗରୀୟ ଦେଶଗୁଡ଼ିକରୁ ଆସୁଥିବା ତୈଳବାହୀ ଜାହାଜ ଉପରେ ଇରାନ୍ ପ୍ରତିବନ୍ଧକ ଲଗାଇଥିବାରୁ ଏବେ ବୈଶ୍ୱିକ ସ୍ତରରେ ଯୋଗାଣ କ୍ଷେତ୍ର ଅଧିକ ପ୍ରଭାବିତ ହେବା ସହ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଊର୍ଜା ଯୋଗାଣ କ୍ଷେତ୍ର ବ୍ୟାହତ ହେବା ଦ୍ୱାରା ଆଗକୁ ଭୟଙ୍କର ସ୍ଥିତି ସୃଷ୍ଟି ହେବ ବୋଲି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିଠାରୁ ଆରମ୍ଭ କରି ପ୍ରତିଷ୍ଠିତ ଅର୍ଥନୀତିଜ୍ଞମାନେ ଆମେରିକାକୁ ସତର୍କ କରାଇ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ପରିବହନ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ଟ୍ରମ୍ପ୍ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ଆଣି ଇନ୍ଧନ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ କରିବାକୁ କହିଛନ୍ତି। ଏହାଛଡ଼ା ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ସବୁ ଦିଗରେ ସହଯୋଗ କରିବାକୁ ଭାରତ ପ୍ରସ୍ତୁତ ରହିଛି ବୋଲି ମୋଦି କହିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years





ଜମ୍ମୁ-କଶ୍ମୀରସ୍ଥିତ ପାମ୍ପୋରରେ ସୋରିଷ ବିଲ ଭିତରେ ମେଣ୍ଢା ଶାବକକୁ ଧରି ଯାଉଛନ୍ତି ଜଣେ ଯୁବକ। **(ଫଟୋ ସୌଜନ୍ୟ: ଗାର୍ଡିଆନ୍)**

# ଧର୍ମ ବଦଳାଇଲେ ଏସ୍‌ସି ମାନ୍ୟତା ରଦ୍ଦ

**ହିନ୍ଦୁ, ବୌଦ୍ଧ କିମ୍ବା ଶିଖ୍ ଧର୍ମାବଲମ୍ବୀ କୌଣସି ବ୍ୟକ୍ତି ଅନ୍ୟ ଧର୍ମକୁ ଧର୍ମାନ୍ତରିତ ହେଲେ ସେ ପୂର୍ବରୁ ପାଇଆସୁଥିବା ତଫସିଲଭୁକ୍ତ ଜାତି (ଏସ୍‌ସି) ମାନ୍ୟତା ଏବଂ ତଜ୍ଜନିତ ସୁବିଧା ହରାଇବେ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସ୍‌ସି ବର୍ଗର ଲୋକେ ଧର୍ମ ପରିବର୍ତ୍ତନ କରିବା ମାତ୍ରେ ସେମାନଙ୍କ ସଂରକ୍ଷଣ ସୁବିଧା ରଦ୍ଦ ହେବ ବୋଲି ଆନ୍ଧ୍ରପ୍ରଦେଶ ହାଇକୋର୍ଟ ପୂର୍ବରୁ ଏକ ରାୟ ଦେଇଥିଲେ, ଯାହାକୁ ସର୍ବୋଚ୍ଚ ଅଦାଲତଙ୍କ ୨ ଜଣିଆ ଖଣ୍ଡପୀଠ ବଳବତ୍ତର ରଖିଛନ୍ତି।**



**ନୂଆଦିଲ୍ଲୀ, ୨୪।୩ (ପି.ଟି./ଲାଇଭ୍ ଲ)**

ଆନ୍ଧ୍ର ପ୍ରଦେଶର ଜଣେ ବ୍ୟକ୍ତି ହିନ୍ଦୁଧର୍ମ ଛାଡ଼ି ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ ପାଦ୍ରୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ ଆଣି ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ନିର୍ଯାତନା ନିବାରଣ ଆଇନ ବଳରେ ଏତଲା ଦେଇଥିଲେ। ସେ ଉକ୍ତ ଆଇନର ଅବତାରଣା କରି ଆଇନଗତ ସୁରକ୍ଷା ଦାବି କରିଥିଲେ। ଅଭିଯୁକ୍ତମାନେ ଏହାକୁ ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅଭିଯୋଗକାରୀ ଧର୍ମାନ୍ତରିତ ହୋଇ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବା ସହ ପାଦ୍ରୀ ହୋଇଥିବାରୁ ସେ ଉକ୍ତ ଆଇନ ବଳରେ ବୈଧାନିକ ସୁବିଧା ଯୋଗ୍ୟ ନୁହନ୍ତି ବୋଲି ହାଇକୋର୍ଟରେ ଦର୍ଶାଇଥିଲେ। ୨୦୨୫ ଏପ୍ରିଲ ୩୦ରେ ହାଇକୋର୍ଟ ବିଚାରପତି ହରିନାଥ ଏନ୍. ଏହାର ଶୁଣାଣି କରି କହିଥିଲେ, ଜାତି ବ୍ୟବସ୍ଥା ଖ୍ରୀଷ୍ଟଧର୍ମର ପରିପନ୍ଥୀ। ତେଣୁ ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନ, ୧୯୫୦ ବଳରେ ପାଦ୍ରୀଙ୍କୁ ସମସ୍ତ ବୈଧାନିକ ସୁବିଧାରୁ ବାରଣ କରାଯିବ। ଏଥିସହ ପାଦ୍ରୀଙ୍କ ସ୍ପେଶିଆଲ ଲିଭ୍ ପିଟିଶନକୁ ହାଇକୋର୍ଟ ରଦ୍ଦ କରିଦେଇଥିଲେ। ଏହି ରାୟ ବିରୋଧରେ ପାଦ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ ରାୟ ଶୁଣାଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଜଣେ ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ମାତ୍ରେ ତତ୍କାଳ ଏସ୍‌ସି ବର୍ଗରେ ଥିବାବେଳେ ଯେଉଁସବୁ ସୁବିଧା ପାଉଥିଲେ, ସେଗୁଡ଼ିକରୁ ବଞ୍ଚିତ ହେବେ। ଉକ୍ତ ଆଇନର କ୍ଲଜ୍ ୩ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ଯେ ଧର୍ମ ବଦଳାଇବା ପରେ ଭାରତୀୟ ସମ୍ବିଧାନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବୈଧାନିକ ସୁବିଧା, ସୁରକ୍ଷା କିମ୍ବା ସଂରକ୍ଷଣ ☞ପୃଷ୍ଠା-୧୧

# ଇରାନ୍ ଯୁଦ୍ଧ ପାଇଁ ପ୍ରତିରକ୍ଷା ସଚିବଙ୍କୁ ଦୋଷ ଦେଲେ ଟ୍ରମ୍ପ୍

**ୱାଶିଂଟନ,୨୪।୩**

ଇସ୍ରାଏଲ୍ ସହ ମିଶି ଆମେରିକା ଇରାନ ବିରୋଧରେ ଯୁଦ୍ଧ କରିବା ନିଷ୍ପତ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନେଇଥିବାବେଳେ ଏବେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ତାଙ୍କର ଘନିଷ୍ଠ ସମର୍ଥକ ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍‌ଙ୍କ ଉପରେ ଲଦିଛନ୍ତି। ଇରାନ ବିରୋଧରେ ୨୪ ଦିନ ଯୁଦ୍ଧ ଲଢ଼ିବା ପରେ ସୋମବାର ଟ୍ରମ୍ପ୍ ଏକତରଫା ଭାବେ ୫ ଦିନ ପାଇଁ ଯୁଦ୍ଧବିରତି ଘୋଷଣା କରିଥିଲେ। ମଧ୍ୟପ୍ରାଚ୍ୟ ସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଇରାନ୍ ସହ ହୋଇଥିବା ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଥିବା ଦର୍ଶାଇ ଟ୍ରମ୍ପ୍ ଏହି ନିଷ୍ପତ୍ତି ନେଇଥିବା କହିଥିଲେ। ଟ୍ରମ୍ପ୍‌ଙ୍କ ଏଭଳି ଦାବିକୁ ଇରାନ୍



ପିଟ୍ ହେଗ୍‌ସେଥ୍

ସମ୍ପୂର୍ଣ୍ଣ ଅସ୍ୱୀକାର କରିଥିଲା। ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ସ୍ତରରେ ଆଲୋଚନା ହୋଇ ନ ଥିବା ଏବଂ କୌଣସି ମଧ୍ୟସ୍ଥଙ୍କ ଜରିଆରେ ମଧ୍ୟ ଆଲୋଚନା ହୋଇନାହିଁ ବୋଲି ତେହରାନ୍ କହିଥିଲା। ଟେନେସିଠାରେ ସୋମବାର ଏକ ବୈଠକରେ ଟ୍ରମ୍ପ୍ କହିଥିଲେ, ତାଙ୍କ ପ୍ରତିରକ୍ଷା ସଚିବ ହେଗ୍‌ସେଥ୍ ପ୍ରଥମ ବ୍ୟକ୍ତି, ଯିଏକି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପକାଇଥିଲେ। ଇରାନ ଆଣବିକ ଅସ୍ତ୍ର ହାସଲ କରୁ ଏହା ହେଗ୍‌ସେଥ୍ ଚାହୁଁ ନ ଥିବା କାରଣରୁ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଇଥିଲେ ବୋଲି ଟ୍ରମ୍ପ୍ କହିଛନ୍ତି। ☞ପୃଷ୍ଠା-୧୧

# ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ

**ଦେଶରେ ପ୍ରଥମ**

**ନୂଆଦିଲ୍ଲୀ,୨୪।୩(ପି.ଟି.)**

ଦୀର୍ଘ ୧୩ ବର୍ଷ ଧରି କୋମାରେ ରହିବା ପରେ ମଙ୍ଗଳବାର ମୃତ୍ୟୁକୁ ଆଦରି ନେଇଛନ୍ତି ଉତ୍ତରପ୍ରଦେଶର ୩୧ ବର୍ଷୀୟ ଯୁବକ ହରିଶ ରାଣା। ସୁପ୍ରିମକୋର୍ଟଙ୍କ ଅନୁମତି କ୍ରମେ ନୂଆଦିଲ୍ଲୀସ୍ଥିତ ଏମ୍ସରେ ସେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଲାଭ କରିଛନ୍ତି। ଦେଶରେ ଏଭଳି ମୃତ୍ୟୁବରଣ କରିବାର ଏହା ହେଉଛି ପ୍ରଥମ ଘଟଣା। ୟୁପି ଗାଜିଆବାଦର ହରିଶ ରାଣା ଜଣେ



ଜିମ୍ଂ ଓ ଫୁଟ୍‌ବଲ ଖେଳାଳି ଥିଲେ। ସେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ପଢୁଥିବାବେଳେ ୨୦୧୩ ଅଗଷ୍ଟ ୨୦ରେ ଏକ କୋଠାର ଚତୁର୍ଥ ମହଲାରୁ ତଳକୁ ଖସିପଡ଼ିଥିଲେ। ଏଥିଯୋଗୁ ହରିଶଙ୍କ ମସ୍ତିଷ୍କରେ ଆଘାତ ଲାଗିବାରୁ ସେ କୋମା ଅବସ୍ଥାକୁ ☞ପୃଷ୍ଠା-୧୧

# ଆଜିଠୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି

**ପୁରୀ,୨୪।୩ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ବୁଧବାରଠାରୁ ରତ୍ନଭଣ୍ଡାର ଗଣତି ଆରମ୍ଭ ହେବ। ଏନେଇ ସରକାରଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ, ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁଭମୁହୂର୍ତ୍ତ ମଧ୍ୟାହ୍ନ ୧୨ଟା ୦୯ରୁ ୧ଟା୪୫ ମଧ୍ୟରେ ଏହି ଗଣତି କାର୍ଯ୍ୟର ଶୁଭାରମ୍ଭ ହେବ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ। ଭିତର ଓ ବାହାର ରତ୍ନଭଣ୍ଡାରରେ ଥିବା ସମସ୍ତ ସୁନା ଅଳଙ୍କାରର ଗଣତି, ଭିଡିଓଗ୍ରାଫି ଓ ୩ଡି ମ୍ୟାପିଂ ହେବ। ୧୯୭୮ ମସିହାର ଗଣତି ତାଲିକା ଅନୁଯାୟୀ ମେଳକ କରାଯିବ। ସମସ୍ତେ ପାରମ୍ପରିକ ବସ୍ତ୍ର ପିନ୍ଧି ରତ୍ନଭଣ୍ଡାରକୁ ପ୍ରବେଶ କରିବେ। ପ୍ରତିଦିନ ଗଣତି ମଣତିର ତଥ୍ୟ କମ୍ପ୍ୟୁଟରରେ ରଖାଯିବ। ଗଣତିମଣତି ଦିନ ଭକ୍ତମାନେ ବାହାର କାଠ ନିକଟରୁ ଦର୍ଶନ କରିବେ। ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ପ୍ରଥମେ ଚଳନ୍ତି ରତ୍ନଭଣ୍ଡାରର ଗଣତି ହେବ। ସେଥିପାଇଁ ସମସ୍ତ କାର୍ଯ୍ୟ ଚୂଡ଼ାନ୍ତ ହୋଇଛି। ସମସ୍ତ ନୀତି ନିର୍ଦ୍ଦିଷ୍ଟ ସମୟରେ କରାଯିବ ବୋଲି ଜିଲାପାଳ କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତ ନିଯୋଗର ସଭାପତି, ସମ୍ପାଦକ, ପରିଚାଳନା କମିଟି ସଦସ୍ୟଙ୍କୁ ଗଣତି ସମ୍ପର୍କରେ ଚିଠି ଲେଖି ଅବଗତ କରାଇଛନ୍ତି। ମୁଖ୍ୟ ପ୍ରଶାସକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍‌ଓପି ଆଧାରରେ ରତ୍ନଭଣ୍ଡାର ଅଳଙ୍କାର ଗଣତି କରାଯିବ। ଏହି ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଗଣତି ପ୍ରକ୍ରିୟାର ସୁରକ୍ଷା ଦୃଷ୍ଟିରୁ ଭକ୍ତଗଣଙ୍କ ପାଇଁ କେବଳ ବାହାର କାଠ ନିକଟରେ ଦର୍ଶନ ସୁବିଧା ଉପଲବ୍ଧ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସମ୍ପାଦନରେ ସମସ୍ତ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଗଣଙ୍କ ସହଯୋଗ କାମନା କରୁଛି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୩୧୨ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞର ରୁଦ୍ରାଭିଷେକ ଓ ଚଣ୍ଡୀ ପାଠ, ସ୍ଥାନ: ସିଦ୍ଧ ବାସେଲୀଙ୍କ ମନ୍ଦିର ପରିସର, ପରିଆପାଟପୁର, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ କର୍ମଚାରୀ ମହାସଂଘର ସାଧାରଣ ଅଧିବେଶନ, ସ୍ଥାନ: ଗୀତଗୋବିନ୍ଦ ସଦନ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ଯକ୍ଷ୍ମା ଦିବସ ଆଲୋଚନାଚକ୍ର ଏବଂ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ରେଡ୍‌କ୍ରସ ମିନି କନଫରେନ୍ସ ହଲ୍, ସମୟ: ଅପରାହ୍ନ ୫ଟା।
- ଫକିର ମୋହନ ନନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୩୦।
- ୯୩ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ଅପରାହ୍ନ ୫ଟା ୩୦।

**କଟକ**
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ମଧୁସୂଦନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ୬ଷ୍ଠ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।

**ପୁରୀ**
- ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଧାରଣା ଓ ବୈଠକ, ସ୍ଥାନ: ମା'ଭୁବନେଶ୍ୱରୀ ମନ୍ଦିର ନିକଟ, ଅବକାଶ ଲେନ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସ ଅବସରରେ ଜନସଚେତନତା ରାଲି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ଅପରାହ୍ନ ୩ଟା୩୦।
- ପଥପ୍ରାନ୍ତ ନାଟକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୪ଟା ୩୦।

**ଖୋର୍ଦ୍ଧା**
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲୀପଦର ମହୋତ୍ସବ ପଡ଼ିଆ,ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ମହୋତ୍ସବ, ସ୍ଥାନ: ସମବାୟ ଛକ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ମା' ବାସନ୍ତୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା, ସ୍ଥାନ: ଫୁଲାଡ଼ି ବାସନ୍ତୀ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ଗୁପସା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତଃଜାତୀୟ ସମ୍ମିଳନୀ ଉଦ୍‌ଘାଟନୀ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଭଦ୍ରକ**
- କଳସ ଶୋଭାଯାତ୍ରା, ସ୍ଥାନ: ରଘୁପୁର, ବାସୁଦେବପୁର, ସମୟ: ସକାଳ ୮ଟା।
- ଶ୍ରୀରାମ ବିଜୟା ଦଶମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବନ୍ଧଡିଆ ହନୁମାନ ପଡ଼ିଆରୁ ଧାମନଗର ମେଡିକାଲ ବଜାର ମେଳଣ ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ମହିଳା କଳସ ଶୋଭାଯାତ୍ରା, ସ୍ଥାନ: ସାଳନ୍ଦୀ ନଦୀ ଘାଟରୁ ଗାନ୍ଧୀପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବାସୁଦେବପୁର ସହର, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ମହୋତ୍ସବର ୫ମ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା୩୦।
- ମା' ବାସନ୍ତୀଙ୍କ ମହାସପ୍ତମୀ ପୂଜା ଅବସରରେ ଘଟୋତ୍ତଳନ, ସ୍ଥାନ:ହସ୍ପିଟାଲ ଛକ, ବାସନ୍ତୀ ମଣ୍ଡପ, ରାଇରଙ୍ଗପୁର, ସମୟ:ସକାଳ ୮ଟା।

**ବ୍ରହ୍ମପୁର**
- ବିଶ୍ୱ କାବ୍ୟ ଦିବସ, ସ୍ଥାନ: ସରକାରୀ କୁଇନ ମିଶନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକାଡେମୀ ଅଫ ଟେକ୍ନୋକ୍ରାଟର ବାର୍ଷିକ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର କଳାଦିବସ ପାଳନ, ସ୍ଥାନ: ଆରଡିସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
- ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ, ସ୍ଥାନ: ଆସିକା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଯାତ୍ରା କମିଟି ବୈଠକ, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ଅପରାହ୍ନ ୪ଟା।

**ଢେଙ୍କାନାଳ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଜର୍ଜ ଉପ୍ରା ବିଦ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ପୌରାଞ୍ଚଳ ବିକାଶରେ ନାଗରିକଙ୍କ ଭୂମିକା ଆଲୋଚନାଚକ୍ର, ସ୍ଥାନ: ମହିଷାପାଟ କଲ୍ୟାଣ ମଣ୍ଡପ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଆଶା,ଜିକେଏସ୍,ଜାସ୍ କନଭେନସନ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଅନୁଗୋଳ**
- ଓଡ଼ିଶା ଦିବସ ୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ରାମମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା ଓ ଅଙ୍କୁରାରୋପଣ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ଅପରାହ୍ନ ୪ଟା ୨୦।

**ଜଗତ୍‌ସିଂହପୁର**
- କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ଆକଳନ ଶିବିର, ସ୍ଥାନ: ଜିଲା ମୁଖ୍ୟାଳୟ ହସ୍ପିଟାଲ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜନଗଣନା ପାଇଁ ତାଲିମ ଶିବିର ଆୟୋଜନ, ସ୍ଥାନ: ଏନ୍‌ଏସି ହାଇସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ୨ ଦିନିଆ ସମରାଭ୍ୟାସର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ନେହେରୁ ବଙ୍ଗଳା ମାଛଧରା ବନ୍ଦର ପରିସର, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା ସ୍ଥାନ: ପେଣ୍ଠଠାରୁ ମହୁଲିଆ ରାମନବମୀ ପଡିଆ, ରାଜନଗର, ସମୟ: ସକାଳ ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଶ୍ରୀମହାବୀର ହନୁମାନ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଜନଗଣନା ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ମହାକାଳପଡ଼ା, ଡେରାବିଶ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟ ଜୀବନ ସଂଘର ଗରାପୁର ଶିବାନନ୍ଦ ଆଶ୍ରମ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ୩୨ବେଶ ପ୍ରଦର୍ଶନ, ସ୍ଥାନ: ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଜଗଡ଼, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତ କାଳୀନ ଦୁର୍ଗା ପୂଜା, ସ୍ଥାନ: ମା' ବାସୁଳେଇ ପୀଠ, ଚାଟରାଚକଡା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- କଳିଙ୍ଗନଗର ଉନ୍ନୟନ ପରିଷଦ (କେଏନ୍‌ଡିଏ)ର ସମୀକ୍ଷା ବୈଠକ, ସ୍ଥାନ: ଭର୍ଚ୍ଚୁଆଲ ମୋଡ, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୨ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ଅଷ୍ଟମ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା।
- ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ମାଛିପଡା ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ୫ମ ତମ ଭାରତ ସ୍କାଉଟ ଆଣ୍ଡ ଗାଇଡ କ୍ୟାମ୍ପରି, ସ୍ଥାନ: ତେନ୍ତୁଳିଖୁଣ୍ଟି ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଏସ୍‌ଓ, ପିଏଲ୍‌ସିର କାର୍ଯ୍ୟକାରିତା ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଅଗ୍ନି ନିରାପତ୍ତା ସଚେତନତା ଶିବିର, ସ୍ଥାନ: ଆସନା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

**ମାଲକାନଗିରି**
- ଧାନମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ବନ୍ଦ ଡାକରା, ସ୍ଥାନ: ମାଲକାନଗିରି ଜିଲା, ସମୟ: ସକାଳ ୬ରୁ ଅପରାହ୍ନ ୩ଟା।

**ସମ୍ବଲପୁର**
- ବାବା ବିଶାସହେ କୁଳତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ ଓ ସପ୍ତମୀ ପୂଜା, ସ୍ଥାନ: ଠେମରାସ୍ଥିତ ଶ୍ରୀଶ୍ରୀରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡୀପାଠ ଓ ସପ୍ତମୀ ପୂଜା, ସ୍ଥାନ: ଭୁତାପଡା, ସମୟ: ସକାଳ ୮ଟା ୩୦।
- ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ୬୪ତମ ବାର୍ଷିକ ଉତ୍ସବ, ସ୍ଥାନ: ଶିକ୍ଷାନୁଷ୍ଠାନ ପରିସର, ସମୟ: ସକାଳ ୯ଟା ୩୦।
- ମା'କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ ଷୋଡଶ ଉପଚାର ପୂଜା, ସ୍ଥାନ: ବୈଦାରନୂଆପାଲି କାମାକ୍ଷା ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଯବାନ ଇ ହିନ୍ଦ କ୍ଲବ ଆୟୋଜିତ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ଲତା ମଙ୍ଗେସକରଙ୍କ ସଙ୍ଗୀତ ନାଇଟ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରୋଟ କଲେଜ, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ ଟା।

**ରାଉରକେଲା**
- ଚୈତ୍ର ଛଟ୍ ପର୍ବ ସମାପନ ଦିବସ ଓ ପ୍ରଭାତ ଅର୍ଘ୍ୟ, ସ୍ଥାନ: କୋଏଲ ନଦୀ କୂଳ, ସମୟ: ପ୍ରାତଃ ୫ଟା ୩୦।
- ପାର୍କିଂକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା ପୋଲିସ ପକ୍ଷରୁ ଶାନ୍ତି ମାର୍ଚ୍ଚ, ସ୍ଥାନ: ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ସ୍ତରୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ରାତି ୭ଟା।

**ସୁନ୍ଦରଗଡ଼**
- ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ଭବନ, ସମୟ: ଅପରାହ୍ନ ୪ଟା।

**ବରଗଡ଼**
- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା,ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୬ଟା।
- ବାସନ୍ତୀକ ନବରାତ୍ର ପୂଜା,ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ:ସକାଳ ୬ଟା।
- ଭାରତ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ,ସ୍ଥାନ:ପିଏମଶ୍ରୀ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା,ସମୟ: ପୂର୍ବାହ୍ନ ୧୦ଟା।
- ମାଁ ବହଲତଳିଏନ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ, ସମୟ: ସନ୍ଧ୍ୟା ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ-୨୦୨୬, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

**କଳାହାଣ୍ଡି**
- ମହିଳାଙ୍କ ମାନବାଧିକାର ଉପରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଡବ୍ଲୁଏସ୍‌ଏସ୍‌ର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଜିଲାପାଳଙ୍କ ସମୀକ୍ଷା ବୈଠକ,ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ବାସନ୍ତିକ ନବରାତ୍ର ପୂଜାର ସପ୍ତମ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦିଗଶିରା ଇନ୍ଦ୍ରାନଗର ନାମଯଜ୍ଞ ମଣ୍ଡପ, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ନ ୧୦ଟା।
- ସୁବଳୟା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସୁବଳୟା, ବୀରମହାରାଜପୁର, ସମୟ: ସନ୍ଧ୍ୟା ୬ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ଷୋଳ ସୁଆଙ୍ଗ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ରାତ୍ରି ୧୧ଟା।

**ନୂଆପଡ଼ା**
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ବୈଷ୍ଣୋଦେବୀ ମନ୍ଦିର, କୋମନା, ସମୟ: ପ୍ରାତଃ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଖଡ଼ିଆଳ ବ୍ଲକ ଗୋଡଧୂଆପଦର, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବୋଡେନ ବ୍ଲକ ବିନୋପୁର, ସମୟ: ସକାଳ ୮ଟା ୧୫।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରଥମ ବାର୍ଷିକୋତ୍ସବ ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗାଁ, ସମୟ: ସକାଳ ୮ଟା ୩୦।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଖଡିଆଳ ବ୍ଲକ କୁଲିଗାଁ, ସମୟ: ସକାଳ ୮ଟା ୪୫।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଖଡିଆଳ ବ୍ଲକ ଛତା ଗାଁ, ସମୟ: ସକାଳ ୯ଟା ୪୦।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଚିକ୍ରାପଡା ଗାଁ, ମୁନସିପଡା, ସମୟ: ଅପରାହ୍ନ ୫ଟା।

**ଝାରସୁଗୁଡ଼ା**
- ଦୁର୍ଗାମନ୍ଦିରରେ ମା' କାଳରାତ୍ରିଙ୍କ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ: ସକାଳ ୮ଟା।
- ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକଦୁର୍ଗା ମନ୍ଦିର, ଝାରସୁଗୁଡ଼ା ରେଳୱେ ଷ୍ଟେଶନ ଛକ, ସମୟ: ସକାଳ ୮ଟା।
- ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ତରେଇକେଲା ଖେଳପଡିଆ, କୋଲାବିରା, ସମୟ: ରାତି ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ କାର୍ଯ୍ୟ ହାସଲ କରିବେ। ରାହୁଙ୍କ ପ୍ରଭାବଜନିତ ପଡ଼ୋଶୀ ପ୍ରତିବାଦ କରିପାରନ୍ତି। ପାରିବାରିକ ସହମତି ସଙ୍ଗକୁ ବନ୍ଧୁମାନଙ୍କ ସହଯୋଗ କାର୍ଯ୍ୟକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଯାତ୍ରା ସମୟରେ ସମ୍ପର୍କୀୟମାନଙ୍କୁ ଅପେକ୍ଷା କରି କରି ବିରକ୍ତି ପ୍ରକାଶ କରିବେ।

**ବୃଷ**
ଆଜି ବୁଧ ଓ ଶୁକ୍ର ଏକାଧାରରେ ଅର୍ଥ, ସମ୍ମାନ ଓ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନରେ ସହାୟକ ହେବେ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଅତୀତରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ଆଶଙ୍କା ରହିଛି। ମାଙ୍ଗଳିକ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ କାମଟିକୁ ପାଶୋରି ଦେଇପାରନ୍ତି।

**ମିଥୁନ**
ଉପରିସ୍ଥ ପଦାଧିକାରୀଙ୍କ ସାହାଯ୍ୟରୁ ପ୍ରାପ୍ତି ଆଶା ନିରର୍ଥକ ହେବନାହିଁ। ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅତିଥିଙ୍କ କାର୍ଯ୍ୟ ଓ ଚାଲିଚଳନ ପସନ୍ଦଯୋଗ୍ୟ ନ ହୋଇପାରେ।

**କର୍କଟ**
ଆଜିର ଗ୍ରହଯୋଗ ଆପଣଙ୍କୁ ସମ୍ମାନଜନକ ସ୍ଥିତି ସାଙ୍ଗକୁ ଅର୍ଥ ପ୍ରଦାନ କରିପାରେ। ମଙ୍ଗଳଙ୍କ ଯୋଗୁ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଲକ୍ଷ୍ୟ ହାସଲ ହେବ। ଶନିଙ୍କ ପ୍ରଭାବରେ ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି। ନିଜ ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ**
ପରୋକ୍ଷଶତ୍ରୁତା କାରଣରୁ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**କନ୍ୟା**
ରବି ସହ ଶନିଙ୍କ ସଂଯୋଗ ହେତୁ ସରକାରୀ ସ୍ତରରେ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ନୂତନ ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ମୂଲ୍ୟବାନ ଗୃହୋପକରଣ କ୍ରୟ କରିବାକୁ ମନ ବଳାଇ ପାରନ୍ତି। ବୁଧଙ୍କ ଦୁର୍ବଳତାଜନିତ ପୁରାତନ ରୋଗର ପୀଡ଼ା ଅନୁଭବ କରିବେ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମିତ ହେବେ।

**ତୁଳା**
ପରିସ୍ଥିତିର ବିଷମତା କାରଣରୁ ସବୁ ଥାଇ କିଛି ନ ଥିବା ଭଳି ଅନୁଭବ କରିବେ। ଶୁଭଗ୍ରହଙ୍କ ପ୍ରଭାବରେ ବନ୍ଧୁଙ୍କ ଶ୍ରୁତିମଧୁର କଥା ସହ ଅର୍ଥଲାଭ ଘଟିପାରେ। କାର୍ଯ୍ୟଦକ୍ଷତାରୁ କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ତଥାପି ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ଅଶାନ୍ତି ଓ ଅସନ୍ତୋଷ ମାନସିକ ସୁସ୍ଥତାକୁ ନଷ୍ଟ କରିପାରେ।

**ବିଛା**
ଉଚ୍ଚ ଚିନ୍ତା ଓ ମହତ ଉଦ୍ଦେଶ୍ୟ ନେଇ କାମ କଲେ ଶନିଙ୍କ ଦୃଷ୍ଟି ଓଲଟା ଫଳ ପ୍ରଦାନ କରିପାରେ। ଭଲ କାମକଲେ ମଧ୍ୟ ଅନ୍ୟମାନେ ତାହାକୁ ସକାରାତ୍ମକ ଭାବରେ ଗ୍ରହଣ କରିବେ ନାହିଁ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ ଓ କଳା ସାହିତ୍ୟରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ଆଶ୍ୱସ୍ତି ଲାଭ କରିବେ। ଭୁଲ୍ ବୁଝାମଣାରୁ ଆତ୍ମୀୟଙ୍କ ସହ ସୁସମ୍ପର୍କ ହ୍ରାସ ପାଇବ। ଅର୍ଥ ସମ୍ପର୍କ, ପାରିବାରିକ ସ୍ଥିତି, ବ୍ୟବସାୟ ଓ ଯାତ୍ରା ପ୍ରଭୃତିରେ କୌଣସି ଅସୁବିଧା ରହିବ ନାହିଁ। ବୃହସ୍ପତିଙ୍କ ଶୁଭଦୃଷ୍ଟି ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ସହାୟକ ହେବ।

**ମକର**
ଆଜି ରଚନାତ୍ମକ କାର୍ଯ୍ୟ, ସଭାସମିତି, କର୍ମାରମ୍ଭ ପ୍ରଭୃତି ପାଇଁ ଦିନଟି ଭଲ। ଯାନବାହନ, ଲୋକସମ୍ପର୍କ ଓ ପାରିବାରିକ ସମସ୍ୟା ନେଇ ରହିଥିବା ଦୁଶ୍ଚିନ୍ତା ମନକୁ ବିଭ୍ରାନ୍ତ କରାଇବ। ଅଶୌଚଜନିତ ଖବର ଦୁଃଖର କାରଣ ହେବ। ଶୁକ୍ରଙ୍କ ସୁପ୍ରଭାବରେ ସାହିତ୍ୟ, ସଙ୍ଗୀତ ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିପାରନ୍ତି।

**କୁମ୍ଭ**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବ। ପ୍ରଶାସନିକ ସଫଳତା, ମାନସିକ ପ୍ରଫୁଲ୍ଲତା ଓ ଅର୍ଥନୈତିକ ଅଭିବୃଦ୍ଧିରୁ ଖୁସି ରହିବେ। ରାଜନୀତି କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ସ୍ୱାର୍ଥ ସାଧନ ମାନସରେ ବନ୍ଧୁଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ କରିବ।

**ମୀନ**
ଅନ୍ୟମାନଙ୍କୁ ଯେତେ ସାହାଯ୍ୟ କଲେ ମଧ୍ୟ ସେମାନେ ତାହାର ମୂଲ୍ୟ ବୁଝିପାରିବେନି। ପରିବାରରୁ ଅକ୍ଷେପୋକ୍ତି ଦ୍ୱାରା ମାନସିକ ଆଘାତ ପାଇ ଦୁଃଖ ପ୍ରକାଶ କରିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ମାର୍ଚ୍ଚ ୨୫ ତାରିଖ, ଚୈତ୍ର ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ବୁଧବାର। ପୀଠେ ବାସନ୍ତିକ ଅଷ୍ଟମୀ ପୂଜା, ବାସନ୍ତିକ ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା। ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ସପ୍ତମୀର ଏକୋଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ମୃଗଶିରା ନକ୍ଷତ୍ରେ ବ୍ରତୋପନୟନ, ସକାଳ ଘ.୦୫।୫୦ମି. ଗତେ ଘ.୦୭।୨୬ମି. ମଧ୍ୟେ, ଘ.୧୦।୨୨ମି. ଗତେ ଘ.୧୧।୨୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୨ମି. ଗତେ ଘ.୦୧।୨୩ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିସ କରୁକରୁ କିସ ହୋଇଲା**
**କାହା ନାଗିଥିଲା କିଏ ଖାଇଲା ?**

ସମୟ ଓ ପରିସ୍ଥିତି ଚାପରେ ପଡ଼ି ମଣିଷ ବେଳେବେଳେ ଭୋକ ଉପାସରେ ପଡ଼ିରହେ ଅଥଚ ଅନ୍ୟ କେହି ବିନା ଶ୍ରମରେ ସେସବୁକୁ ଗ୍ରହଣ କରିନିଏ। କଷ୍ଟ କରିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକହିଁ ଏ ଫଳ ଅନାୟାସରେ ଭୋଗ କରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କି ଘର ଛାଡ଼ିଲି କି ବର ଛାଡ଼ିଲି**
**କୁଣ୍ଡା ପିଠା ପାଇଁ ଯୋଗିଆଣୀ ହେଲି ।**

କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ମଜ୍ଜି ଯାଇଥାନ୍ତି। ଦୈହିକ ସୁଖ ଲାଳସାରେ ଅନ୍ଧ ହୋଇ ନିଜ ଘର ପରିବାରର ମାନ ସମ୍ମାନକୁ ମାଟିରେ ମିଶାଇ ଦେଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ, ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରକୀୟା ପ୍ରୀତି ପାଇଁ ଘର ପରିବାର ତ୍ୟାଗ କରିଥିବା ବିଟପୀ ନାରୀ ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ନାବାଳକଙ୍କ ମୃତ୍ୟୁ ଅଭିଯୋଗ

## କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ଭୁବନେଶ୍ୱର,୨୪।୩(ବନ୍ଦନା ସେଠୀ)

କ୍ୟାପିଟାଲ ହସ୍ପିଟାଲରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ୧୧ବର୍ଷର ନାବାଳକଙ୍କ ଜୀବନ ଚାଲିଯାଇଥିବା ଭଳି ସାଂଘାତିକ ଅଭିଯୋଗ ଆସିଛି। ଏହାକୁନେଇ ମଙ୍ଗଳବାର ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ନାବାଳକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ କାଲୁପଡ଼ାର ଜଗିପଡ଼ା ଜଗନ୍ନାଥପୁର ଗାଁର ବାବୁ ବେହେରା ଓ କାବେରୀ ବେହେରାଙ୍କ ପୁଅ ସାଇ ବେହେରା। ସୋମବାର ସକାଳେ ସାଇକେଲ ଚଲାଉଥିବାବେଳେ ସେ ଘର ନିକଟରେ ପଡ଼ି ଯାଇଥିଲେ। ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ପରିବାର ଲୋକେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଓ ନର୍ସଙ୍କ ଭୁଲ୍ ଇଞ୍ଜେକ୍ସନ ପାଇଁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ହୋହଲ୍ଲା କରିଥିଲେ।

ମା' କାବେରୀଙ୍କ ଅଭିଯୋଗ ଅନୁଯାୟୀ, କ୍ୟାପିଟାଲ ହସ୍ପିଟାଲରେ ଭଲ ଚିକିତ୍ସା ମିଳିବ ବୋଲି ଡାକ୍ତର କହିବାରୁ ପୁଅକୁ ଏଠାକୁ ନେଇ ଆସିଥିଲୁ। ହେଲେ ଡାକ୍ତର ତାଙ୍କୁ ଏମର୍ଜେନ୍ସି ୱାର୍ଡକୁ ନ ନେଇ ସିଧା ବେଡ୍‌କୁ ନେଇଯାଇଥିଲେ। ବେଡ୍‌ରେ କିଛିସମୟ ପରେ ପୁଅ ପାଣି ମାଗିଥିଲା ଏବଂ ଗୋଡ଼ ମୋଡି ଦେବାକୁ କହିଲା। ବାପା ସହିତ ଫୋନ୍‌ରେ ମଧ୍ୟ ଭଲରେ କଥା ହେଉଥିଲା। ଏହାପରେ ଡାକ୍ତର ପୁଅକୁ ଦେଖିବା ପରେ ନର୍ସ ଏକ ହଳଦିଆ ଇଞ୍ଜେକ୍ସନ ଦେଲେ। ଟିକେ ପରେ ପୁଅ ମୁଣ୍ଡ ବୁଲେଇ ଦଉଛି ବୋଲି କହିଲା। ଆଉ ତା'ପରେ ପୁଅ ଆଉ ନାହିଁ ବୋଲି ଡାକ୍ତର କହିଲେ। ସାଇଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପୁଅ ଅସୁସ୍ଥ ହୋଇପଡୁଥିବାବେଳେ ଡାକ୍ତର ଓ ନର୍ସ ପରିବାର ଲୋକଙ୍କୁ ବାହାରକୁ ବାହାର କରିଦେବା ସନ୍ଦେହ ସୃଷ୍ଟି କରିଛି। ପୁଅକୁ ହରାଇ ମା' ଓ ପରିବାର ଅନ୍ୟ ସଦସ୍ୟମାନେ ଭୋ ଭୋ ହୋଇ କାନ୍ଦିବା ସହ ଡାକ୍ତରଙ୍କୁ ସବୁ ଦୋଷ ଦେଇଛନ୍ତି। ବେଡ୍‌ରୁ ଶବ ବ୍ୟବଚ୍ଛେଦ ଗୃହ ପର୍ଯ୍ୟନ୍ତ ଉତ୍ତେଜନା ଦେଖାଦେବାରୁ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା। ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ।

ଅପରପକ୍ଷେ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଅଭିଯୋଗକୁ ଖଣ୍ଡନ କରାଯାଇଛି। ହସ୍ପିଟାଲ ଅଧୀକ୍ଷକ ସୁଶାନ୍ତ କୁମାର ନାୟକ କହିଛନ୍ତି, ଭୁଲ୍ ଚିକିତ୍ସା ଯୋଗୁ ମୃତ୍ୟୁ ହୋଇଛି ବୋଲି ସିଧାସଳଖ ଦୋଷ ଦେବା ଠିକ୍ ନୁହେଁ। ରୋଗୀ ଗାସ୍‌ପିଙ୍ଗ ଅବସ୍ଥାରେ ହସ୍ପିଟାଲକୁ ଆସିଥିଲା। ତାଙ୍କୁ ସୁସ୍ଥ କରିବା ପାଇଁ ସିପିଆର୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଚିକିତ୍ସା ସେବା ଯଥା ଇଞ୍ଜେକ୍ସନ୍, ଔଷଧ ଆଦି ଦିଆଯାଇଥିଲା। ମାରିଦେବା ପାଇଁ ଖରାପ ଔଷଧ ଆଦି ସେମିତି କିଛି ନାହିଁ ବୋଲି ଅଧୀକ୍ଷକ କହିଛନ୍ତି। ଅନ୍ୟପକ୍ଷରେ ଏହିଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି କ୍ୟାପିଟାଲ ଥାନା ଅଧିକାରୀ ରାଧାକାନ୍ତ ସାହୁ ସୂଚନା ଦେଇଛନ୍ତି।


ସାଇ ବେହେରା


ଶୋକାକୁଳ ମା' ଓ ପରିବାରବର୍ଗଙ୍କୁ ପୂର୍ବତନ ବିଧାୟକ ସୁରେଶ ରାଉତରାୟ ବୁଝାଶୁଝା କରୁଛନ୍ତି।

### ୬ମାସ ତଳ ଘଟଣାର ପୁନରାବୃତ୍ତି

କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ଏଠାରେ ଅନେକ ସମୟରେ ଚିକିତ୍ସାରେ ଅବହେଳା ନେଇ ଅଭିଯୋଗ ହୋଇଆସୁଛି। ୨୦୨୫ ସେପ୍ଟେମ୍ବର ୨୨ରେ ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ୍ ପାଇଁ ୧୩ମାସର ଶିଶୁ ପୁତ୍ରର ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେବା ସହ ଅନ୍‌ଲାଇନ୍ ଅଟୋଚାଳକ ମହାସଂଘ ମଧ୍ୟ ରାସ୍ତାକୁ ଓହ୍ଲାଇଥିଲା। ଏହି ଘଟଣାର ୬ମାସ ପରେ ପୁଣିଥରେ ଡାକ୍ତରଙ୍କ ଅବହେଳା କାରଣରୁ ଜଣେ ନାବାଳକର ମୃତ୍ୟୁ ଘଟଣା ହସ୍ପିଟାଲର ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

- ବିଚାରବିଭାଗୀୟ ତଦନ୍ତ ଦାବିକଲେ ସୁରେଶ ରାଉତରାୟ
- ଅପମୃତ୍ୟୁ ମାମଲା ରୁଜୁ, ତଦନ୍ତ ଆରମ୍ଭ କଲା ପୋଲିସ




# ଜଳ ଜୀବନ ମିଶନ ୨.୦ ନେଇ କେନ୍ଦ୍ର-ରାଜ୍ୟ ଏମ୍‌ଓୟୁ

## 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ ପାଇଁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୩(ସୁନିତ୍ ମିଶ୍ର)

ଓଡ଼ିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଆଭାସି ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀରୁ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏବଂ ରାଷ୍ଟ୍ରମନ୍ତ୍ରୀ ବି.ସୋମନ୍ନା ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି। କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ଲାଗି ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ବେଳେ 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଜଳ ଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଅପରେଶନ ଏବଂ ମେଣ୍ଟେନାନ୍ସ ପଲିସି ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି, ଆର୍ଥିକ ସ୍ଥିରତା ଓ ଠିକ୍ ରକ୍ଷଣାବେକ୍ଷଣ ଉପରେ ଜୋର୍ ଦିଆଯାଇଛି। ସୁଜଳମ୍ ଭାରତ ପ୍ଲାଟ୍‌ଫର୍ମ ମାଧ୍ୟମରେ ପ୍ରାୟ ୫ ହଜାର ଗ୍ରାମୀଣ ପାଇପ୍ ଜଳ ଯୋଜନାର ଆଇଡି ପ୍ରସ୍ତୁତ କରାଯାଇଛି। ସମସ୍ତ ଯୋଜନାର ବିତ୍ତୀୟ ସମନ୍ୱୟ ସମ୍ପନ୍ନ ହୋଇଛି। ଓଡ଼ିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ବସୁଧା ହେଲ୍‌ପଲାଇନ, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ ଗ୍ରିଭାନ୍ସ ପ୍ଲାଟ୍‌ଫର୍ମ ମାଧ୍ୟମରେ ସିଟିଜେନ-ସେଣ୍ଟ୍ରିକ୍ ସେବାକୁ ଶକ୍ତିଶାଳୀ କରାଯାଇଛି। ଗ୍ରାମ ସ୍ତରରେ ଭିଲେଜ ୱାଟର ଆଣ୍ଡ ସାନିଟେଶନ କମିଟି(ଭିଡବ୍ଲ୍ୟୁଏସ୍‌ସି) ମାଧ୍ୟମରେ ଜନସାଧାରଣଙ୍କ ଭାଗୀଦାରି ବୃଦ୍ଧି ପାଇଛି। ୩୦ରୁ ୨୫ ଜିଲାରେ 'ଜଳ ଅର୍ପଣ ଦିବସ' ସଫଳତାର ସହିତ ପାଳନ ହୋଇଛି। ବାକି ସବୁ ଜିଲାରେ ମଧ୍ୟ ଖୁବ୍‌ଶୀଘ୍ର କରାଯିବ। ଏହି ମିଶନ ମହିଳାମାନଙ୍କ ଜୀବନରେ ଏକ ବଡ ପରିବର୍ତ୍ତନ ଆଣିଛି, କାରଣ ବର୍ତ୍ତମାନ ସମୟରେ ସେମାନଙ୍କୁ ପାଣି ଆଣିବା ଲାଗି ଆଉ ଦୂରକୁ ଯିବାକୁ ପଡୁନାହିଁ। ଓଡ଼ିଶାରେ ଜଳ ଶକ୍ତି ଅଭିଯାନ ଏକ ଜନ ଆନ୍ଦୋଳନର ରୂପ ନେଇଛି। ଏହାର ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ ଷ୍ଟ୍ରକ୍ଚର, ୪୩ ହଜାରରୁ ଊର୍ଦ୍ଧ୍ୱ ଜଳାଶୟର ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟରସେଡ୍ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ୨ କୋଟିରୁ ଅଧିକ ଗଛ ରୋପଣ କରାଯାଇଛି ବୋଲି ସେ କହିଛନ୍ତି।


ମୋହନ ଚରଣ ମାଝୀ

କେନ୍ଦ୍ରମନ୍ତ୍ରୀ ସି.ଆର୍. ପାଟିଲ କହିଛନ୍ତି, ୨୦୨୪ରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ ୨.୦ ମାଧ୍ୟମରେ ସମ୍ପ୍ରସାରିତ କରାଗଲା। ଏହି ମିଶନ ମହିଳାଙ୍କ ଜୀବନରେ ସୁଧାର ଆଣିବ। ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି ସେଠାରେ ଜଳର ଉପଲବ୍ଧତାକୁ ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗ ସଚିବ ଅଶୋକ ମୀନା, ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସକ ସଚିବ ସଞ୍ଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଗିରିଶ ଏସ୍.ଏନ୍.ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୬ରୁ ସକାଳୁଆ କୋର୍ଟ

କଟକ,୨୪।୩(କୁମାରଶ୍ରୀ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ୬ରୁ ରାଜ୍ୟର ସମସ୍ତ ଜିଲା ଓ ଅଧୀନସ୍ଥ ଅଦାଲତ ସକାଳୁଆ ହେବ। ମଙ୍ଗଳବାର ଏ ନେଇ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। କୋର୍ଟ କାର୍ଯ୍ୟ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଏହା ସହିତ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଅଧ ଘଣ୍ଟିଆ ବିରତି ସମୟ ଧାର୍ଯ୍ୟ ହୋଇଛି। ପ୍ରତିଦିନ ଅଦାଲତ ସକାଳ ୭ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ। ତେବେ ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ (ସଦର) ଓ ପୁରୀ (ସଦର) ଅଞ୍ଚଳରେ ସକାଳୁଆ କୋର୍ଟ ଚାଲିବା ବ୍ୟବସ୍ଥା ଲାଗୁ ହେବ ନାହିଁ ବୋଲି ସୂଚନା ମିଳିଛି। ସକାଳୁଆ କୋର୍ଟ ସମୟ ସୂଚୀ ଗ୍ରୀଷ୍ମ ଅବକାଶର ଶେଷ କାର୍ଯ୍ୟ ଦିନ ପର୍ଯ୍ୟନ୍ତ ଜାରି ରହିବ। ଆଇନଜୀବୀ ଓ ମକଦ୍ଦମାକାରୀମାନେ ନୂତନ ସମୟ ସୂଚୀକୁ ଲକ୍ଷ୍ୟ ରଖି ନିଜ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ଅଦାଲତ ପକ୍ଷରୁ ଅନୁରୋଧ କରାଯାଇଛି।

# ବୈଷ୍ଣୋଦେବୀଙ୍କୁ ଦର୍ଶନ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ନୂଆପଡ଼ା, ୨୪।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନାସ୍ଥିତ ବୈଷ୍ଣୋ ଦେବୀ ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା ଚାଲିଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସପରିବାର ପହଞ୍ଚି ବୈଷ୍ଣୋଦେବୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରିଛନ୍ତି। ସେ ରାଇପୁରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସିଧାସଳଖ କୋମନା ଆସି କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ଉପସ୍ଥିତ ନୂଆପଡ଼ା ଜିଲାର ଭାଜପା କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସାଏ ସପରିବାର ବୈଷ୍ଣୋଦେବୀ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଛତିଶଗଡ଼ ଏବଂ ଓଡ଼ିଶା ତଥା ସମଗ୍ର ଭାରତବାସୀଙ୍କ ସୁଖ ସମୃଦ୍ଧି କାମନା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହ ରାୟପୁର (ଉତ୍ତର)ର ବିଧାୟକ ପୁରନ୍ଦର ମିଶ୍ର, କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ନୂଆପଡ଼ା ଜିଲା ଭାଜପା ସଭାପତି କମଳେଶ ଦୀକ୍ଷିତ, ଜିଲା ଭାଜପା ସାଧାରଣ ସମ୍ପାଦକ ଅଭିନନ୍ଦନ ପଣ୍ଡା, ବିଶିଷ୍ଟ ଭାଜପା ନେତା ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠାତା ତଥା ପୂଜକ ସଦନ ତିୱାରୀଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସାଏଙ୍କ ଗସ୍ତ ଅବସରରେ ଉଭୟ ଛତିଶଗଡ଼ ଓ ସ୍ଥାନୀୟ ପୋଲିସ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂଜାର୍ଚ୍ଚନା ପରେ ମୁଖ୍ୟମନ୍ତ୍ରୀ ସାଏ ରାଇପୁର ଫେରିଯାଇଥିଲେ।


ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ସ୍ୱାଗତ କରାଯାଉଛି।

# ଶ୍ରୀରାମ ନବମୀରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୪।୩ (ସୁନିତ୍ ମିଶ୍ର)

ଶ୍ରୀରାମ ନବମୀ ଉତ୍ସବରେ ଯେପରି ଆଇନଶୃଙ୍ଖଳା ବଜାୟ ରହିବ ତାକୁ ନେଇ ରାଜ୍ୟ ସରକାର ଗୁରୁତର ସହ ବିଚାରକରିବା ଆରମ୍ଭ କରିଛନ୍ତି। ଆସନ୍ତା ୨୭ରେ ଶ୍ରୀରାମ ନବମୀ ଉତ୍ସବ ପାଳନହେବାକୁ ଯାଉଥିବା ବେଳେ ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତାକରି ଏହି ପର୍ବ ପାଳନ ସମୟରେ ଯେପରି ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରହିବ ସେନେଇ ପୋଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ୨୦୨୫ରେ ପୋଲିସର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଯୋଗୁ ଶାନ୍ତିଶୃଙ୍ଖଳା ସହ ଏହି ପର୍ବ ପାଳନ ହୋଇଥିଲା। ଚଳିତ ବର୍ଷ ବ୍ୟାପକ ପୋଲିସ ମୁତୟନ ସହ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ଦିବସକୁ ଶ୍ରୀରାମ ନବମୀ ଭାବରେ ସାରା ଦେଶରେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଇଥାଏ। ଆଧ୍ୟାତ୍ମିକତାର ଏହି ପର୍ବରେ ଓଡ଼ିଶାରେ ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ଯେପରି ବିନା କୌଣସି ଦ୍ୱିଧାରେ ସମ୍ପୂର୍ଣ୍ଣ ଶାନ୍ତିର ସହ ପାଳନ କରିବେ ତାହା ସୁନିଶ୍ଚିତ କରିବା ପୋଲିସ ପ୍ରଶାସନର ଦାୟିତ୍ୱ। ତେଣୁ ଏହି ସମୟରେ ସମସ୍ତେ ଯେପରି ସୁରୁଖୁରୁରେ ପର୍ବ ପାଳନ କରିବେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଆଇନ ଓ ଶୃଙ୍ଖଳା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଗୋଇନ୍ଦା ମହାନିର୍ଦ୍ଦେଶକ ଆର୍.ପି. କୋଚେ, ଭୁବନେଶ୍ୱର-କଟକ ପୋଲିସ କମିଶନର ଦେବଦତ୍ତ ସିଂହ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ।


ଠିକାଦାର ଆବଶ୍ୟକ
ହାଇଦ୍ରାବାଦ ଓ ବିଶାଖାପାଟଣା ଆଧାରିତ ଏକ ଅଗ୍ରଣୀ ଫାର୍ମା କମ୍ପାନୀ ଠିକାରେ କର୍ମଚାରୀ ଯୋଗାଣ କରୁଥିବା ଠିକାଦାର ଆବଶ୍ୟକ କରୁଛି
ଆଗ୍ରହୀ ଠିକାଦାରମାନେ ଯୋଗାଯୋଗ କରିପାରିବେ:
91001 05908



5001/12/2526
GST APPELLATE TRIBUNAL
ଦ୍ରବ୍ୟ ଓ ସେବାକର ଅପିଲ୍ ପ୍ରାଧିକରଣ
NATION TAX MARKET
(GSTAT)
⚠ କରଦାତା ଦୟାକରି ଧ୍ୟାନ ଦିଅନ୍ତୁ ⚠
- ୩୧.୦୩.୨୦୨୬ ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରଥମ ଅପିଲ୍ ଆଦେଶ ବିରୁଦ୍ଧରେ ଦ୍ୱିତୀୟ ଅପିଲ୍ ଦାଖଲ କରିବାର ଶେଷ ତାରିଖ ହେଉଛି ୩୦.୦୬.୨୦୨୬।
- ମାନ୍ୟବର ଦ୍ରବ୍ୟ ଏବଂ ସେବା କର ଅପିଲ ପ୍ରାଧିକରଣ **(GSTAT)** ରେ ଦ୍ୱିତୀୟ ଅପିଲ୍ ଦାଖଲ କରିବାକୁ ଇଚ୍ଛୁକ କରଦାତାମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଯଥାଶୀଘ୍ର 10% ବାଧ୍ୟତାମୂଳକ ପୂର୍ବ-ଜମାରାଶି **(pre-deposit)** ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅପିଲ୍ ଦାଖଲ କରନ୍ତୁ।

ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ। ନିର୍ଣ୍ଣାୟକ ଭାବରେ ଫାଇଲ୍ କରନ୍ତୁ। ବୁଦ୍ଧିମତାର ସହ ଅପିଲ ଦାଖଲ କରନ୍ତୁ।

* ଉପରୋକ୍ତ ସୂଚନା ସାଧାରଣ ମାର୍ଗଦର୍ଶନ ପାଇଁ। ସବିଶେଷ ବିବରଣୀ ପାଇଁ ଦୟାକରି CGST/OGST ଆଇନର ଧାରା 112 ଏବଂ ଓଡିଶା ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା 7332 ତାରିଖ 19.03.2026 ଏବଂ CBIC ସର୍କୁଲାର ନମ୍ବର 224/18/2024 - GST ତାରିଖ 11 ଜୁଲାଇ, 2024 ଦେଖନ୍ତୁ।

ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର କମିଶନରେଟ୍, ଓଡିଶା
@Banijyakar
OIPR-5001/5034/2/25-26/0002



Government of India | pfrda | Atal Pension Yojana

ଷାଠିଏ ବର୍ଷ ବୟସ ପରେ ବାର୍ଦ୍ଧକ୍ୟକାଳୀନ ଆୟର ସୁରକ୍ଷା ଏବଂ ଗରିମା ପାଇଁ

ଅଟଳ ପେନ୍‌ସନ ଯୋଜନାରେ
୮.୮୫ କୋଟି
ଉପଭୋକ୍ତା ପଞ୍ଜୀକୃତ


"ସମସ୍ତ ଭାରତୀୟ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇ ସେମାନଙ୍କୁ ଗରିମାମୟ ଏବଂ ସୁଖରେ ପରିପୂର୍ଣ୍ଣ ଜୀବନଯାପନରେ ସକ୍ଷମ କରିବା ଆମ ସରକାରଙ୍କ ଲକ୍ଷ୍ୟ।"
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଆଜି ହିଁ ଯୋଗ ଦିଅନ୍ତୁ ଏବଂ ଅନ୍ୟ ଦୁଇଟି ଲାଭ ସମେତ ଗ୍ୟାରେଣ୍ଟି ସହିତ ଆଜୀବନ ପେନ୍‌ସନ ପାଆନ୍ତୁ:-

1. ଆଜୀବନ ₹୧୦୦୦/- କିମ୍ବା ₹୨୦୦୦/- କିମ୍ବା ₹୩୦୦୦/- କିମ୍ବା ₹୪୦୦୦/- କିମ୍ବା ₹୫୦୦୦/- ପେନ୍‌ସନର ଗ୍ୟାରେଣ୍ଟି
2. ଉପଭୋକ୍ତାଙ୍କ ମୃତ୍ୟୁ ପରେ ତାଙ୍କର ସ୍ତ୍ରୀ/ସ୍ୱାମୀଙ୍କୁ ଆଜୀବନ ସମାନ ପେନ୍‌ସନ
3. ସ୍ୱାମୀ/ସ୍ତ୍ରୀଙ୍କ ମୃତ୍ୟୁ ପରେ ୬୦ ବର୍ଷ ପର୍ଯ୍ୟନ୍ତ ଜମା ହୋଇଥିବା ପାଣ୍ଠି ନୋମିନିଙ୍କୁ ଫେରସ୍ତ କରିଦିଆଯିବ

ଯଦି ଆପଣଙ୍କର ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ, ତେବେ ଆପଣ **ଅଟଳ ପେନ୍‌ସନ ଯୋଜନା**ରେ ଯୋଗ ଦେଇପାରିବେ

| ଆଜି ହିଁ ଯୋଗ ଦିଅନ୍ତୁ, କମ୍ ପୈଠ କରନ୍ତୁ | ବୟସ | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) |
|---|---|---|---|---|---|
| | ୧୮ | ୧୦୦୦ | ୪୨ ପ୍ରତି ମାସ | ୫୦୦୦ | ୨୧୦ ପ୍ରତି ମାସ |
| | ୪୦ | ୧୦୦୦ | ୨୯୧ ପ୍ରତି ମାସ | ୫୦୦୦ | ୧୪୫୪ ପ୍ରତି ମାସ |

ଏପିୱାଇ ଉପରେ ଅଧିକ ସୂଚନା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆପଣଙ୍କ ନିକଟତମ ଡାକଘର/ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ୧୮୦୦ ୧୧୦ ୦୬୯କୁ କଲ୍ କରନ୍ତୁ କିମ୍ବା www.pfrda.org.in ପରିଦର୍ଶନ କରନ୍ତୁ
CBC 15113/13/0004/2526

# ଲକ୍ଷ୍ୟହୀନ ଯୁଦ୍ଧ

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ୨୩ ମାର୍ଚ୍ଚରେ ଭିନ୍ନ ମୋଡ଼ରେ ପହଞ୍ଚିଥିଲା। ଏହିଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌ର ପାୱାରପ୍ଲାଣ୍ଟ ଉପରେ ୫ ଦିନ ପାଇଁ ଅର୍ଥାତ୍ ୨୭ ମାର୍ଚ୍ଚ ଯାଏ ଆକ୍ରମଣକୁ ସ୍ଥଗିତ ରଖାଗଲା ବୋଲି ଘୋଷଣା କରିଥିଲେ। ମୂଳ ଲକ୍ଷ୍ୟ ହେଲା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲା ରଖାଯିବ, ଯଦ୍ୱାରା ବିଶ୍ୱ ଶକ୍ତିକ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ। ଟ୍ରମ୍ପ୍ ଏଥିସହିତ ଆହୁରି ମଧ୍ୟ କହିଛନ୍ତି, ହର୍ମୁଜ୍ ଜଳପଥ ଖୋଲିଲେ ଇରାନ୍‌ର ଆୟାତୋଲ୍ଲାଙ୍କ ସହିତ ଟ୍ରମ୍ପ୍ ନିଜେ ତାହାର ମିଳିତ ଦାୟିତ୍ୱ ନେବେ। କୌତୂହଳର ବିଷୟ ହେଉଛି ୨୮ ଫେବୃଆରୀ ପୂର୍ବରୁ ଅର୍ଥାତ୍ ଯୁଦ୍ଧ ଆରମ୍ଭ ପୂର୍ବରୁ ହର୍ମୁଜ୍ ଜଳପଥ ଖୋଲା ଥିଲା ଓ ସେଥିରେ କେହି ବାଧା ସୃଷ୍ଟି କରି ନ ଥିଲେ। ତେଣୁ ଟ୍ରମ୍ପ୍‌ଙ୍କ ଦାବି ଯଥାର୍ଥ ମନେ ହେଉନାହିଁ। ହର୍ମୁଜ୍ ଖୋଲିବା ଯୁଦ୍ଧର ଲକ୍ଷ୍ୟ ହୋଇ ନ ପାରେ। ସମ୍ଭବତଃ ଆମେରିକା ଏହି ଯୁଦ୍ଧରେ ଅଗ୍ରସର ହେବା ପୂର୍ବରୁ ନିଜର କୌଣସି ବୁଦ୍ଧି ବିବେକ ଖଟାଇ ନ ଥିଲା। ଏବେ, ଖାପ୍‌ଚରେ ପଡ଼ିଗଲା ପରେ ରାଷ୍ଟ୍ରପତି ଟ୍ରମ୍ପ୍ ବୋଧହୁଏ ପୁନର୍ବିଚାର କଲେଣି। ଅପରପକ୍ଷରେ ଇରାନ୍ ତା'ର ଦାବିରେ ଅଟଳ ରହିଛି। ଇରାନ୍ କୌଣସି ଆଲୋଚନା ଆମେରିକା ସହ କରି ନ ଥିବା ପ୍ରକାଶ କରିଛି। ତତ୍‌ସହିତ ଇରାନ୍ ୬ଟି ସର୍ତ୍ତ ନିଜଆଡୁ ଦେଇଛି। ସେଗୁଡ଼ିକ ହେଲା-ପ୍ରଥମରେ ପୁନର୍ବାର ଯୁଦ୍ଧ ନ ହେବା ନେଇ ସୁନିଶ୍ଚିତ କରାଯିବା, ଦ୍ୱିତୀୟରେ ଉପସାଗରୀୟ ଅଞ୍ଚଳରେ ଆମେରିକୀୟ ସାମରିକ ଘାଟି ବନ୍ଦ କରିବା, ତୃତୀୟରେ ଯୁଦ୍ଧ ଯୋଗୁ ହୋଇଥିବା କ୍ଷତିକୁ ଆକ୍ରମଣକାରୀ ଭରଣା କରିବ, ଚତୁର୍ଥରେ ଆଞ୍ଚଳିକ ସ୍ତରରେ ଚାଲିଥିବା ସମସ୍ତ ଯୁଦ୍ଧ ବନ୍ଦ ଲାଗି ଆହ୍ୱାନ, ପଞ୍ଚମରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ପରିଚାଳନା ଲାଗି ଏକ ନୂଆ ଆଇନଗତ ବ୍ୟବସ୍ଥା ପ୍ରତିଷ୍ଠା, ଯାହା ଉପରେ ଇରାନ୍‌ର ରଣନୀତିକ ପ୍ରଭାବ ରହିବ ଏବଂ ଷଷ୍ଠରେ ଯେଉଁ ଗଣମାଧ୍ୟମ ଇରାନ୍ ବିରୋଧରେ ଶତ୍ରୁତାପୂର୍ଣ୍ଣ ଆଚରଣ କରି ଖବର ପ୍ରସାରଣ କରୁଥିଲେ ସେମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରାଯାଉ। ଏଥିରୁ ବୁଝିବାକୁ ହେବ ଯେ, ଇସ୍ରାଏଲ ସହିତ ମିଶିକରି ଆମେରିକା ଆରମ୍ଭ କରିଥିବା ଯୁଦ୍ଧରେ ପରାଜୟ ସ୍ୱୀକାର କରିଗଲାଣି। ଜିତାପଟ ମାରିଥିବା ଇରାନ୍ ଏବେ ଦାବିରେ ଅଟଳ ରହିବା ସ୍ଥିତିକୁ ଆସିଗଲାଣି। ଏହା ଆମେରିକାର ବିଶ୍ୱ ଭାବମୂର୍ତ୍ତିରେ ଏକ ବଡ଼ ଧକ୍କା ବୋଲି କହିହେବ। କାରଣ ଯୁଦ୍ଧ ପାଇଁ ଆମେରିକାର ଯୁଦ୍ଧସଚିବ ପିଟ୍ ହେଗ୍‌ସେଥ୍ ଦାୟୀ ବୋଲି ଟ୍ରମ୍ପ୍ ନିଜେ କହିବାକୁ ଆରମ୍ଭ କଲେଣି। ପରାଜୟ କିମ୍ବା ବିଫଳତା ବେଳେ ଅନ୍ୟମାନଙ୍କୁ ଏବଂ ଇତିହାସକୁ ଦୋଷ ଦେଇ ନିଜେ ଖସିଯିବା ହୋଇଛି ଏକବିଂଶ ଶତାବ୍ଦୀର ନେତାମାନଙ୍କ ଚରିତ୍ର। ଯେତେବେଳେ ସଫଳତା ମିଳୁଛି ସେତେବେଳେ ନିଜେ ବାହାବା ନେବାକୁ ସବୁ ନେତା ଧାଇଁ ଆସୁଛନ୍ତି। ଏଭଳି ଚିତ୍ର ବିଶ୍ୱର ଅନେକ ଦେଶରେ ଦେଖିବାକୁ ମିଳୁଛି।

**ପରାଜୟ କିମ୍ବା ବିଫଳତା ବେଳେ ଅନ୍ୟମାନଙ୍କୁ ଏବଂ ଇତିହାସକୁ ଦୋଷ ଦେଇ ନିଜେ ଖସିଯିବା ହୋଇଛି ଏକବିଂଶ ଶତାବ୍ଦୀର ନେତାମାନଙ୍କ ଚରିତ୍ର। ଯେତେବେଳେ ସଫଳତା ମିଳୁଛି ସେତେବେଳେ ନିଜେ ବାହାବା ନେବାକୁ ସବୁ ନେତା ଧାଇଁ ଆସୁଛନ୍ତି। ଏଭଳି ଚିତ୍ର ବିଶ୍ୱର ଅନେକ ଦେଶରେ ଦେଖିବାକୁ ମିଳୁଛି।**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଶେଷ ହେଲା ବୋଲି କହିବା ଏବେ ସମ୍ଭବପର ନୁହେଁ। କିନ୍ତୁ ଏହି ସମୟରେ ପାକିସ୍ତାନର ମଧ୍ୟସ୍ଥ ଭୂମିକା ସମ୍ପର୍କରେ ଯାହା ଆଲୋଚନା ହେଉଛି ତାହା ସେହି ଦେଶକୁ ଅନ୍ତର୍ଜାତୀୟ ସ୍ତରରେ ଏକ ବିରାଟକାୟ ଗୁରୁତ୍ୱ ପ୍ରଦାନ କରୁଛି। ପାକିସ୍ତାନ ତୁଳନାରେ ଭାରତ ସହ ଇରାନ୍‌ର ସକାରାତ୍ମକ ସମ୍ପର୍କ ଥିଲା। ଅବଶ୍ୟ କଶ୍ମୀର ବିଷୟରେ ଆଲୋଚନା ସମୟରେ ଇରାନ୍ କେବେହେଲେ ଭାରତକୁ ସମର୍ଥନ କରି ନ ଥିଲା। କିନ୍ତୁ ପୃଥିବୀର ଏକମାତ୍ର ଶିୟା ମୁସଲମାନ ଦେଶ ଭାବେ ଇରାନ୍ ତରଫରୁ ଭାରତକୁ ଅନେକ ତୈଳଜନିତ ବ୍ୟବସାୟିକ ସୁବିଧା ମିଳିଆସୁଥିଲା। ଯୁଦ୍ଧର ଆରମ୍ଭ ବେଳେ ଭାରତର ଇସ୍ରାଏଲ୍ ସହ ବନ୍ଧୁତ୍ୱ ଗଢ଼ିଉଠିବା ଆଜି ଭାରତ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆଜିର ପୃଥିବୀରେ ଯଦି କେହି ଭାବୁଥାଆନ୍ତି ଯେ ଭାରତ ଏକ ଶାନ୍ତିପ୍ରିୟ ଦେଶ ଏବଂ ଶାନ୍ତିରେ ରହିବାକୁ ହେଲେ କାହାରି ସହିତ ଜଡ଼ିତ ହେବ ନାହିଁ, ତେବେ ସେହି ଚିନ୍ତାଧାରା ପ୍ରଥମେ ଇସ୍ରାଏଲ୍ ସହିତ ବନ୍ଧୁତ୍ୱ ସୁଦୃଢ଼ କରିବା ପୂର୍ବରୁ ଭାବିବା ଉଚିତ ଥିଲା। ଭାରତୀୟମାନେ ବୁଝିବା ଦରକାର ଯେ ଏହି ଦେଶର ବୈଦେଶିକ ନୀତି କୌଣସି ଦିଗରୁ ନିରପେକ୍ଷ ରହିଲା ନାହିଁ। ତେଣୁ ଆଜିର ମଧ୍ୟପ୍ରାଚ୍ୟ ପରିସ୍ଥିତିରେ ଭାରତର ଭୂମିକା ସମ୍ପୂର୍ଣ୍ଣ ଭାବେ ଗୌଣ କିମ୍ବା କିଛି ନାହିଁ ବୋଲି କହିହେବ। ଏଭଳି ପରିସ୍ଥିତିରେ ଭାରତ ପଡ଼ିବା ପାଇଁ ଖୋଦ୍ ଭାରତର ଏବକାର ନୀତି ନିର୍ଣ୍ଣୟକାରୀ ବ୍ୟବସ୍ଥା ଦାୟୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 2 | | | | |
| | | 2 | 3 | | | 4 | | |
| | 4 | | | 9 | | | | 5 |
| | 7 | 3 | | | | 8 | | |
| 2 | 5 | | | | | | | |
| | | | 1 | | 9 | | | 7 |
| | | 1 | | | | | 3 | |
| | | | | 6 | | | | 2 |
| 3 | | 7 | 8 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 7 | 5 | 4 | 3 | 8 | 2 | 9 |
| 3 | 4 | 8 | 6 | 9 | 2 | 5 | 1 | 7 |
| 5 | 9 | 2 | 7 | 8 | 1 | 6 | 4 | 3 |
| 6 | 3 | 9 | 2 | 1 | 5 | 7 | 8 | 4 |
| 4 | 8 | 5 | 9 | 3 | 7 | 2 | 6 | 1 |
| 2 | 7 | 1 | 8 | 6 | 4 | 3 | 9 | 5 |
| 7 | 1 | 3 | 4 | 2 | 6 | 9 | 5 | 8 |
| 8 | 5 | 6 | 1 | 7 | 9 | 4 | 3 | 2 |
| 9 | 2 | 4 | 3 | 5 | 8 | 1 | 7 | 6 |

ଗତକାଲିର ଉତ୍ତର

# କୃଷି ରପ୍ତାନିର ନୂତନ ଆଶା



ବିଦ୍ୟାଧର ମହାରଣା

ରାଜ୍ୟର କୃଷିବିକାଶ ଓ କୃଷକମାନଙ୍କ ଆୟବୃଦ୍ଧି ପାଇଁ କୃଷି-ରପ୍ତାନି ଏକ ପ୍ରମୁଖ ମାର୍ଗ। କୃଷି-ରପ୍ତାନି ପାଇଁ ପାରମ୍ପରିକ ଜୈବିକ କୃଷି ଓ ଅତ୍ୟାଧୁନିକ କୃଷି ଅଧିକ ସୁଯୋଗ ସୃଷ୍ଟିକରେ। ହାଇଟେକ ବା ଅତ୍ୟାଧୁନିକ କୃଷିରେ ସୁରକ୍ଷିତ ଚାଷ ( ପଲି ହାଉସ, ଗ୍ରୀନ ହାଉସ), ପରିଶୁଦ୍ଧ କୃଷି (ସେନ୍‌ସର, ଜିପିଏସ, ଜିଆଇଏସ), ମୃତ୍ତିକା ବିହୀନ ଚାଷ ( ହାଇଡ୍ରୋପନିକ, ଏରୋପୋନିକ), ଅଣୁ ଜଳସେଚନ, ଭର୍ଟିକାଲ ଫାର୍ମିଂ ଓ ଟିସୁ କଲ୍‌ଚର ଅନ୍ତର୍ଗତ। ଏପରି କୃଷିର ଉଦ୍ଦେଶ୍ୟ ହେଲା ଅତ୍ୟାଧୁନିକ କୌଶଳ ବ୍ୟବହାର କରି ସୀମିତ ଜାଗାରେ ମୂଲ୍ୟବାନ ଫସଲ ଚାଷ ଓ ଅଧିକ ଲାଭ ହାସଲ। ଉଦ୍ୟାନ ବିଭାଗ ତରଫରୁ ଜାତୀୟ ଉଦ୍ୟାନ ବୋର୍ଡ, ସମନ୍ୱିତ ଉଦ୍ୟାନ ବିକାଶ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପିଏମ୍ କୁସୁମ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସହାୟତା ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ଏହି ସହାୟତା ବଳରେ ଓଡ଼ିଶାରେ ଟିସୁ କଲ୍‌ଚର କଦଳୀ, ଷ୍ଟ୍ରବେରି , ଡ୍ରାଗନଫ୍ରୁଟ, ଅର୍କିଡ ଫୁଲ ଓ କଶ୍ମୀର କେଶର ଚାଷ ଆରମ୍ଭ ହୋଇଗଲାଣି। ଏହାଦ୍ୱାରା ବହୁ ଉଚ୍ଚଶିକ୍ଷିତ ଯୁବତୀ ଯୁବକ ଏପରି ଚାଷପାଇଁ ଆଗ୍ରହ ପ୍ରକାଶ କଲେଣି।

ଷ୍ଟ୍ରବେରି ଏକ ଉଚ୍ଚ ମୂଲ୍ୟଯୁକ୍ତ ଫଳ। ଏଥିରେ ପ୍ରଚୁର ଭିଟାମିନ ସି, ଆଣ୍ଟିଅକ୍ସିଡାଣ୍ଟ ଓ ତନ୍ତୁ ଥାଏ ; ଯାହା କି ହୃଦ୍‌ରୋଗ, ଖାଦ୍ୟ ହଜମ ଓ ଚର୍ମସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ। ଏହି ଫଳ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟିକରେ। ଏହି ଫଳକୁ ସାଲାଡ୍, ଡେଜର୍ଟ ଓ ଜାମ ପାଇଁ ବ୍ୟବହାର କରାଯାଏ। ଫଳର ମୂଲ୍ୟ କିଲୋଗ୍ରାମ ପ୍ରତି ୨୦୦-୩୦୦ ଟଙ୍କା। ଓଡ଼ିଶାରେ କୋରାପୁଟ, କନ୍ଧମାଳ, ବରଗଡ଼, କେନ୍ଦୁଝର, ବଲାଙ୍ଗୀର, ନୟାଗଡ଼, ଖୋର୍ଦ୍ଧା ଓ ନୂଆପଫା ଜିଲାରେ ପ୍ରାୟ ୧୦୦ ହେକ୍ଟର ଜମିରେ ଏହି ଚାଷ ହୋଇ ସାରିଲାଣି। କୋରାପୁଟ ଜିଲାର କାଓହୁଡା ଓ ବରଗଡ ଜିଲାର ରୁଗୁ ଗ୍ରାମରେ ଚାଷୀମାନେ ଏହି ଚାଷକରି ଅଧିକ ସଫଳତା ପାଇଛନ୍ତି। ବେଗୁନିଆ ଖଡିପଦର ଗ୍ରାମରେ ମଧ୍ୟ ଷ୍ଟ୍ରବେରି ଚାଷ ହେଲାଣି। ହେକ୍ଟର ପ୍ରତି ୮ ଲକ୍ଷ ଚାରା ଆବଶ୍ୟକ ହୁଏ। ମାତ୍ର ୩-୪ ମାସରେ ଫସଲ ଅମଳ ହୋଇଥାଏ। ଏକର ପ୍ରତି ପ୍ରାୟ ପାଞ୍ଚ କୁଇଣ୍ଟାଲ ଅମଳ ହୋଇଥାଏ, ଯାହାର ମୂଲ୍ୟ ୧୦-୧୫ ଲକ୍ଷ ଟଙ୍କା। ସମସ୍ତ ଚାଷ ଖର୍ଚ୍ଚ ବାଦ୍‌ଦେଲେ ଏକର ପ୍ରତି ଲାଭ ୩-୪ ଲକ୍ଷ ହୋଇଥାଏ। ରାଜ୍ୟ ଉଦ୍ୟାନ ବିଭାଗ ଏହି ଚାଷପାଇଁ ହେକ୍ଟର ପ୍ରତି ୧୨.୨୭ ଲକ୍ଷ ଟଙ୍କା ସହାୟତା ଦେଉଛନ୍ତି ; ଯାହାଦ୍ୱାରା ଉନ୍ନତ ଚାରା ଓ ସୌରଶକ୍ତି ଚାଳିତ ପମ୍ପ ଓ ବୁନ୍ଦା ଜଳସେଚନ ଯୋଗାଇ ଦିଆଯାଏ। ଏହି ଫଳ ସହରଗୁଡ଼ିକରେ ବିକ୍ରୟହେବା ସହିତ ବାହାର ରାଜ୍ୟକୁ ପଠାଯାଏ ; ଯାହା କି ଓର୍‌ମାସ ସହାୟତାରେ ହୋଇଥାଏ। ଆଜିପର୍ଯ୍ୟନ୍ତ ଷ୍ଟ୍ରବେରି ଚାଷର ଅଗ୍ରଗତି ଉତ୍ସାହଜନକ ବୋଲି ବିଚାରିବାକୁ ହେବ।



ଆଉ ଗୋଟିଏ ଦାମିକା ମସଲା ଓ ଉଚ୍ଚ ମୂଲ୍ୟଯୁକ୍ତ ଫସଲ ହେଉଛି ସାଫ୍ରନ ବା କେଶର। କେଶରରେ ପ୍ରଚୁର ପରିଣାମରେ ଆଣ୍ଟିଅକ୍ସିଡାଣ୍ଟ ଓ ଔଷଧୀୟ ଗୁଣ ସହିତ ସୁଗନ୍ଧି ରହିଛି। ଏହାକୁ ବ୍ଲଡ଼ ପ୍ରେସର୍, ମାନସିକ ଚାପ, ଓଜନ ହ୍ରାସ ଏବଂ କୋଲେଷ୍ଟରଲ ହ୍ରାସ ପାଇଁ ବ୍ୟବହାର କରାଯାଏ। ଖାଦ୍ୟ ପ୍ରସ୍ତୁତି ବେଳେ ଓ କେତେକ ରଙ୍ଗିନ ବସ୍ତ୍ର ପ୍ରସ୍ତୁତିରେ ଏହାର ବ୍ୟବହାର ହୋଇଥାଏ। ବିଶ୍ୱରେ ଇରାନ ୯୦% କେଶର ଅନ୍ୟ ଦେଶକୁ ରପ୍ତାନି କରେ। ଜମ୍ମୁ ଓ କଶ୍ମୀରରେ କେଶର ଚାଷ ବହୁଦିନ ହେଲା ହେଉଥିଲେ ମଧ୍ୟ ଏହାର ଉତ୍ପାଦନ ୨୦-୨୫ ଟନରୁ ଊର୍ଦ୍ଧ୍ୱ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ୨-୩ ଟନ୍‌କୁ କମି ଯାଉଛି। ଭାରତରେ ଅନ୍ୟାନ୍ୟ କେତେକ ରାଜ୍ୟରେ ଏହି କେଶର ଚାଷ ହେଉଥିଲେ ମଧ୍ୟ ବାର୍ଷିକ ଉତ୍ପାଦନ ୨୦ ଟନ ମଧ୍ୟରେ ସୀମିତ, ଯଦିଓ ଚାହିଦା ୫୦ ଟନ ପର୍ଯ୍ୟନ୍ତ ରହିଛି। ହେକ୍ଟର ପ୍ରତି ଉତ୍ପାଦନ ପ୍ରାୟ ୪-୫ କିଲୋଗ୍ରାମ ହେଲେ ମଧ୍ୟ କିଲୋଗ୍ରାମର ବଜାର ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ ଟଙ୍କା। ଅଧିକ କ୍ରୋସିନ ଥିବା କେଶର ଏକ ଗ୍ରାମ ପ୍ରତି ୫୦୦ ଟଙ୍କା ମୂଲ୍ୟରେ ବିକ୍ରୟ ହୁଏ।

କେଶର ଚାଷ ଜୁଲାଇ-ଅଗଷ୍ଟଠାରୁ ଅକ୍ଟୋବର-ନଭେମ୍ବର ମଧ୍ୟରେ ହୁଏ। ଏହି ଚାଷ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ମହାରାଷ୍ଟ୍ର ଇତ୍ୟାଦିକୁ ବ୍ୟାପିଲାଣି। ଅନ୍ୟ ରାଜ୍ୟରେ କୋଠରି ମଧ୍ୟରେ ନିୟନ୍ତ୍ରିତ ଭାବରେ ମୃତ୍ତିକା ବିହୀନ ଏରୋପୋନିକ ପ୍ରଣାଳୀରେ ଚାଷ ହେଉଛି। ଏହି ପ୍ରଣାଳୀରେ ଏକ ଛୋଟ କୋଠରିରେ ଭର୍ଟିକାଲ କୃଷି ପ୍ରଣାଳୀରେ ତାପମାତ୍ରା ୧୦-୨୫ ଡିଗ୍ରୀ ସେଲସିୟସ ଓ ଅଧିକ ଆପେକ୍ଷିକ ଆର୍ଦ୍ରତା ରଖି ଚାଷ କରାଯାଏ। କେଶର ଗଛ କନ୍ଦରୁ ପ୍ରସ୍ତୁତ ହୁଏ। ଏହାକୁ ଜୁଲାଇ ମାସରେ ଲଗାଇଲେ ୪ ମାସ ପରେ ଅମଳ ହୁଏ। ପ୍ରତି ଫୁଲରେ ତିନିଟି କେଶର ଥାଏ, ଯାହାକୁ ହାତରେ ତୋଳା ଯାଏ। ଏକର ପ୍ରତି ଅମଳ ମାତ୍ର ୨-୪ କିଲୋଗ୍ରାମ ହୁଏ ଓ କିଲୋଗ୍ରାମ ପ୍ରତି ୨.୫ ଲକ୍ଷ ଟଙ୍କାରେ ବିକ୍ରୟ ହୁଏ। ଘର ଭିତରେ ତାପ ଓ ଆର୍ଦ୍ରତା ନିୟନ୍ତ୍ରିତ ଭାବରେ ଚାଷ କଲେ ପ୍ରଥମ ବର୍ଷ ଅଧିକ ଖର୍ଚ୍ଚ ହେଉଥିବାରୁ ବେଶି ଲାଭ ହୁଏନାହିଁ। କିନ୍ତୁ ଦ୍ୱିତୀୟ ବର୍ଷରୁ ନିଜର ଚାରା ମିଳୁଥିବାରୁ ଖର୍ଚ୍ଚ କମିଯାଏ। ଏଣୁ ପ୍ରତିବର୍ଷ ୪-୫ ଲକ୍ଷ ଟଙ୍କା ଲାଭ ମିଳେ। ଓଡ଼ିଶାର ଝାରସୁଗୁଡା ଜିଲାର ସୁଜାତା ଅଗ୍ରୱାଲ ୨୦୨୦ ମସିହାରୁ କେଶର ଚାଷ ଏରୋପୋନିକ ପ୍ରଣାଳୀରେ କରି ଏଯାଏ ପ୍ରାୟ ୨୪ ଲକ୍ଷ ଟଙ୍କା ରୋଜଗାର କରି ସାରିଛନ୍ତି। ସେ ନୂଆ ଚାଷୀଙ୍କୁ କେଶର ଚାଷ ପ୍ରଶିକ୍ଷଣ ଦେଉଛନ୍ତି। ଓଡ଼ିଶାର ଖୋର୍ଦ୍ଧା, ଝାରସୁଗୁଡ଼ା, ଭୁବନେଶ୍ୱର ଅଞ୍ଚଳରେ ନୂଆକରି ଏହି କଶ୍ମୀର କେଶର ଚାଷ ଉଦ୍ୟୋଗୀ ଯୁବଚାଷୀ ଓ ଇଞ୍ଜିନିୟରମାନେ ଆରମ୍ଭ କରି ସାରିଲେଣି। ଖୋର୍ଦ୍ଧା ନିକଟସ୍ଥ ଭାଲିଆବାଡ଼ି ଗ୍ରାମରେ ଦୁଇଜଣ ଇଞ୍ଜିନିୟର ଏକଶହ ବର୍ଗଫୁଟ କୋଠାଘରେ ଏହି ଚାଷ ୫ ଲକ୍ଷ ଟଙ୍କା ବ୍ୟୟ କରି ଆରମ୍ଭ କରିଥିଲେ। ଏବେ ସେମାନେ ବର୍ଷକୁ ମାତ୍ର ଚାରି ମାସରେ ଚାରି ଲକ୍ଷ ଟଙ୍କା ଲାଭ ପାଉଛନ୍ତି। କେଶର ଏକ ଗ୍ରାମ୍ ପ୍ରତି ୫୦୦ ଟଙ୍କା ମୂଲ୍ୟରେ ସେମାନେ ବିକ୍ରୟ କରୁଛନ୍ତି। ଏହି ଚାଷ ପାଇଁ ଭର୍ଟିକାଲ ଫାର୍ମିଂ ଓ ଏରୋପୋନିକ ପ୍ରଣାଳୀ ଅବଲମ୍ବନ କରାଯାଏ। ଭୁବନେଶ୍ୱର ଜଗନ୍ନାଥ ବିହାରରେ ଛାତ ଉପରେ ହାଇଡ୍ରୋପୋନିକ ପ୍ରଣାଳୀରେ କେଶର ଚାଷ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ଉଦ୍ୟାନ ବୋର୍ଡ କେଶର ଚାଷ ପାଇଁ ପ୍ରକଳ୍ପ ଖର୍ଚ୍ଚ ଉପରେ ୨୫-୩୦% ରିହାତି ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରକଳ୍ପ ବ୍ୟୟ ଉପରେ ୪୦-୫୦% ରିହାତି ବ୍ୟବସ୍ଥା ରହିଛି।

ଓଡ଼ିଶାରୁ ବିଦେଶକୁ ଯାଉଥିବା କୃଷିଉତ୍ପାଦଗୁଡିକ ହେଲା ଅଣ ବସୁମତୀ ଚାଉଳ, ସମୁଦ୍ର ଚିଙ୍ଗୁଡ଼ି, କାଜୁ, ଅଦା, ହଳଦୀ, ଆମ୍ବ, କଦଳୀ, ପିଜୁଳି, ପୋଟଳ, ଭେଣ୍ଡି, ଅମୃତଭଣ୍ଡା, କଫି, କପା ଓ ନଡ଼ିଆ। ନୂତନ କରି ଚାଷ କରାଯାଉଥିବା ଷ୍ଟ୍ରବେରି, କେଶର, ଡ୍ରାଗନଫ୍ରୁଟ ଓ ଅର୍କିଡ ଫୁଲର ରପ୍ତାନି ସୁଯୋଗ ଅଧିକ ରହିଛି। ଯେଉଁ ଯୁବତୀ ଯୁବକ ଏହି ଚାଷ କରିବେ ସେଥିପାଇଁ ସରକାରୀ ସହାୟତା ମଧ୍ୟ ରହିଛି। ସୁତରାଂ କୃଷି ଉଦ୍ୟୋଗୀମାନେ ନିକଟସ୍ଥ ଉଦ୍ୟାନ ବିଭାଗ ଅଫିସରଙ୍କ ସହିତ ସାକ୍ଷାତ କରି ସମସ୍ତ ବିବରଣୀ ପାଇପାରିବେ। ଏଗୁଡ଼ିକ ହେବ ଆତ୍ମନିଯୁକ୍ତି ପାଇଁ ଏକ ବଳିଷ୍ଠ ମାଧ୍ୟମ ଏବଂ କୃଷକ ଆୟ ବୃଦ୍ଧି ପାଇଁ ସୁନିଶ୍ଚିତ ପନ୍ଥା।

**କଳିଙ୍ଗନଗର, ଭୁବନେଶ୍ୱର**
**ମୋ:୯୪୩୭୦୭୧୧୯୦**

# ଏମିତି ଥିଲା ଗାଁ



ଡ. ମନୋରଞ୍ଜନ ପ୍ରଧାନ

ଭାରତର ଆତ୍ମା ହେଉଛି ଗାଁ। ସଭ୍ୟତା, ସଂସ୍କୃତି, ପରମ୍ପରା, ସାମାଜିକ ବନ୍ଧନ ଓ ସଦାଚାରର ପ୍ରାଣକେନ୍ଦ୍ର ଯେଉଁଠି ଗୋଟିଏ ଘରେ ସୋରିଷ ଫୁଟିଲେ ସମ୍ପୂର୍ଣ୍ଣ ଗାଁକୁ ବାସିଥାଏ। ମାନେ ଭଲମନ୍ଦ, ସୁଖଦୁଃଖ, ସବୁଥିରେ ମିଳିମିଶି ସହଭାଗୀ ହେଉଥିବା ପବିତ୍ର ସ୍ଥାନ ହେଉଛି ଗାଁ। ପରସ୍ପର କାନ୍ଧକୁ କାନ୍ଧ ମିଳେଇ ବଞ୍ଚିବା ତଥା ସାମାଜିକ ସମରସତାର ଭୂମି ହେଉଛି ଗାଁ। ସେଥିପାଇଁ ଗାଁ ହେଉଛି ଆମରି ମା'। ସେବାର ମହତ୍ତ୍ୱ ବୁଝୁଥିଲେ ଗାଁ ଲୋକେ। ସାହାଯ୍ୟ ଓ ସହଯୋଗ ନିଷ୍କାମ ଭାବରେ କରନ୍ତି ସେମାନେ। ବ୍ୟକ୍ତିଗତ ଜୀବନ ଅପେକ୍ଷା ସାମୂହିକତା ଗ୍ରାମ୍ୟ ଜୀବନର ପ୍ରେରଣାଦାୟୀ ଜୀବନ ମୂଲ୍ୟ। ମିଳିମିଶି ଓଷାବ୍ରତ କରିବା, ସହଭାଗିତା ଭିତ୍ତିରେ ପର୍ବପର୍ବାଣି ପାଳିବା, ଚାଷବାସ ସରିବା ପରେ ଜନ୍ତାଳ ନାମରେ ଗାଁ ମନ୍ଦିରରେ ଗୋଷ୍ଠୀଗତ ଭୋଜି କରି ଆନନ୍ଦ ନେବା। ସନ୍ଧ୍ୟାବେଳେ ଶାସ୍ତ୍ର ଆଲୋଚନା। ଯେକୌଣସି ମନୋମାଳିନ୍ୟ ଦୂର କରିବା ପାଇଁ ଗ୍ରାମ୍ୟ କମିଟି। ଏମିତି ବି ଦିନ ଥିଲା, ଗାଁର ଗୋଟିଏ ବି ମକଦ୍ଦମା ବା ଅଭିଯୋଗ ପୋଲିସ ଫାଣ୍ଡି ବା ଥାନା ଯାଏଁ ଯାଉନଥିଲା। ଗୁରୁଜନଙ୍କ କଥାକୁ ସମସ୍ତେ ମାନୁଥିଲେ। କନିଷ୍ଠମାନଙ୍କ ପ୍ରତି ବରିଷ୍ଠମାନଙ୍କର ଆଦର ଯତ୍ନ ଥିଲା। ଗାଁର ଯେକୌଣସି ପିଲା ନିର୍ଦ୍ଦିଷ୍ଟ ପରିବାରର ନ ହୋଇ ସମ୍ପୂର୍ଣ୍ଣ ଗାଁର ସନ୍ତାନ ଥିଲେ। ଯେକୌଣସି ତ୍ରୁଟି ବିଚ୍ୟୁତି ଦେଖିଲେ ଗାଁର ଯେକୌଣସି ବୟୋଜ୍ୟେଷ୍ଠ ପିଲାଙ୍କୁ ତାଗିଦା କରିପାରୁଥିଲେ। ପିଲେ ଅଭିଭାବକ ଭଳି ମାନୁଥିଲେ। ଗାଁର ଯେକୌଣସି ଲୋକଙ୍କ ସଫଳତାରେ ସମ୍ପୂର୍ଣ୍ଣ ଗାଁ ଖୁସି ମନାଉଥିଲା ଏବଂ ଯେକୌଣସି ବିପଦଆପଦରେ ସମସ୍ତେ କାନ୍ଧକୁ କାନ୍ଧ ମିଶାଇ ସମାଧାନ କରୁଥିଲେ। ସମ୍ପୂର୍ଣ୍ଣ ଗାଁ ଥିଲା ଗୋଟିଏ ପରିବାର। ଜାତିଭେଦ ରୂପକ ଘୃଣ୍ୟ ପ୍ରଥା ଥିଲେ ମଧ୍ୟ ତଥାକଥିତ ସବର୍ଣ୍ଣ ଘର ସହ ଅସବର୍ଣ୍ଣଙ୍କ ମିତ ବସୁଥିଲେ। ସଙ୍ଗାତ, ବଉଳ ଇତ୍ୟାଦି ବସେଇ ସାମାଜିକ ବନ୍ଧନକୁ ମଜଭୁତ କରୁଥିଲା। ପ୍ରତ୍ୟେକ ଲୋକ ପରସ୍ପରକୁ ମାନ୍ୟତା ଅନୁସାରେ ସମ୍ବୋଧନ କରୁଥିଲେ। ବିବାହ ବ୍ରତରେ ଭାର ଆସୁଥିଲା। ଗାଁରେ ଯଦି କାହାର ଦେହାନ୍ତ ହୁଏ, ସମ୍ପୂର୍ଣ୍ଣ ଗାଁ କାଠ ନେଇ ତାଙ୍କ ଅନ୍ତ୍ୟେଷ୍ଟି କରୁଥିଲେ। ଶୁଦ୍ଧିକ୍ରିୟାଯାଏ ସବୁପ୍ରକାର ସହଯୋଗ କରି ପୀଡ଼ିତ ପରିବାରକୁ ଦୁର୍ବଳ ସ୍ଥିତିରୁ ଉଦ୍ଧାର କରୁଥିଲେ। ଅର୍ଥାତ୍ ଗାଁ ଥିଲା ସଂସ୍କାର, ସହଯୋଗ ଓ ସଦ୍ଭାବନାର ପ୍ରାଣକେନ୍ଦ୍ର। ଏଠାରେ ଗୋଟିଏ ଦୁଇଟି ଉଦାହରଣ ଉଲ୍ଲେଖ କରୁଛି, ଯାହାକି ଗ୍ରାମ୍ୟ ଜୀବନର ସ୍ୱରୂପକୁ ଉଜାଗର କରିବ।

ପ୍ରାୟ ତିରିଶ ବର୍ଷ ତଳେ ଆମ ଘର ଛାତ ପଡ଼ିବା କଥା ମନେପଡ଼ୁଛି। ପ୍ରାୟ ଦୁଇହଜାର ବର୍ଗଫୁଟର ଛାତ। ନିର୍ଦ୍ଧାରିତ ସମୟରେ ସବୁ ଜିନିଷପତ୍ର ଆସିଗଲା। ରାତିରେ ଗାଁ ସଭାପତି ଗାଁଲୋକଙ୍କୁ ସୂଚନା ଦେଇଥିଲେ। ସକାଳୁ ସକାଳୁ ପ୍ରତି ଘରୁ ଜଣେ ଦି'ଜଣ ପହଞ୍ଚିଗଲେ। ଗାଁ ସଭାପତିଙ୍କ ସମେତ ପଞ୍ଚକମିଟି କାଠଚୌକିରେ ବସି ସମ୍ପୂର୍ଣ୍ଣ କାର୍ଯ୍ୟର ତଦାରଖ କରୁଥା'ନ୍ତି। ପ୍ରାୟ ମଧ୍ୟାହ୍ନଭୋଜନ ବେଳକୁ ଛାତ ପଡ଼ିଗଲା। ରୋଷେଇ ହୋଇଥିବା ଭାତ, ଡାଲି ଓ ତରକାରି ଖାଇ ଯେ ଯାହା ଘରକୁ ଚାଲିଗଲେ। ବିନା ପାରିଶ୍ରମିକରେ ଏତେ ବଡ଼ କାମ। ଅର୍ଥାତ୍ ଦିନେ ଶ୍ରମଦାନ କରି ଗାଁ ଲୋକଙ୍କୁ ସହାୟତା କରିବା ଗ୍ରାମ୍ୟ ଜୀବନର ଏକ ଅଲିଖିତ ସାମ୍ବିଧାନିକ ମର୍ଯ୍ୟାଦା ବୋଲି ଲୋକ ଗ୍ରହଣ କରିଥିଲେ। ସେହିପରି ଆଉ ଗୋଟିଏ ଘଟଣା, ଯାହାକି କୌଣସି ପତ୍ର ପତ୍ରିକାରେ ପଢ଼ିଥିଲି।



ସେଦିନ ଗାଁରେ ବଡ଼ ସତ୍‌ସଙ୍ଗ କାର୍ଯ୍ୟକ୍ରମ ହେବାର ଥିଲା। କୌଣସି ଆଧ୍ୟାତ୍ମିକ ସଙ୍ଗଠନ ଦ୍ୱାରା ତାହା ଆୟୋଜନ ହେବାର ଥିଲା। ପୂର୍ବ ଯୋଜନାନୁସାରେ ସଙ୍ଗଠନର ସଦସ୍ୟ ସଦସ୍ୟାମାନେ ଗାଁମୁଣ୍ଡ ପଡ଼ିଆରେ ଏକତ୍ରିତ ହେଲେ। କିନ୍ତୁ ସମୟ ଅତିକ୍ରାନ୍ତ ପରେ ମଧ୍ୟ କାହାର ଦେଖା ମିଳିଲା ନାହିଁ। ଜଣେ ବୁଢ଼ୀ କହିଲେ କେହି ଆସିବେ ନାହିଁ, କାରଣ ଗତ ରାତିରେ ଦୁଇଟି ଘର ପୋଡ଼ିଯାଇଛି। ଫଳତଃ ଦୁଇ ପରିବାରର ସମସ୍ତ ସମ୍ପତ୍ତି ନଷ୍ଟ ହୋଇଯାଇଛି। ସତ୍ୟାସତ୍ୟ ବୁଝିବା ପାଇଁ ଗାଁ ଭିତରକୁ ଗଲାବେଳେ ସେମାନେ ଦେଖିଲେ ଗାଁର ଯୁବକମାନେ କାତି ଧରି କୁଆଡ଼େ ଯାଉଛନ୍ତି। ଏକାସାଙ୍ଗରେ କୋଡ଼ିଏରୁ ଊର୍ଦ୍ଧ୍ୱ ଯୁବକ କାତି ଧରି ଏକମୁହାଁ ଯାଉଥିବାର ମାନେ ବୁଝିପାରିଲେ ନାହିଁ। ଗାଁ ମଧ୍ୟଭାଗରେ ଦେଖିଲେ ବୟସ୍କ ପୁରୁଷମାନେ ପୋଡ଼ାଘରୁ ପାଉଁଶ, ଦରପୋଡ଼ା କାଠ, ଆସବାବପତ୍ର ବାହାର କରିବାରେ ଲାଗିଛନ୍ତି। କେଇ ଦୂରରେ ତୁଳସୀ ଚଉଁରା ଚଉତରା ଉପରେ ମହିଳାମାନେ କ'ଣ ଆଲୋଚନା କରିବାରେ ବ୍ୟସ୍ତ। ଖବର ନେବାପରେ ଜଣାପଡ଼ିଲା ଯେ, ପୀଡ଼ିତ ପରିବାରକୁ ସାହାଯ୍ୟ କରିବା ପାଇଁ କିଏ କେଉଁ ପ୍ରକାରର (ଥାଳି, ବାସନ, ହାଣ୍ଡି, ଚାଉଳ ଇତ୍ୟାଦି) ସହଯୋଗ କରିପାରିବେ ତା'ର ତାଲିକା ଚାଲିଛି। ସେମାନେ ସନ୍ଧ୍ୟାଯାଏ ଗ୍ରାମବାସୀଙ୍କ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରି ଦେଖିଲେ ସନ୍ଧ୍ୟାବେଳକୁ କାଠ ବାଉଁଶରେ ଦୁଇଟି ଘର ବନେଇଦେଲେ। ଅର୍ଥାତ୍ ଦୁଇଜଣ ଗ୍ରାମବାସୀଙ୍କ ଦୁଃଖରେ ସମଦୁଃଖୀ ଗ୍ରାମବାସୀ ହାତକୁ ହାତ ମିଶେଇ ସେମାନଙ୍କୁ ବିପଦରୁ ଉଦ୍ଧାର କରିବା ପାଇଁ ପ୍ରୟାସ କଲେ। ଏ ହେଉଛି ପ୍ରକୃତ ଗ୍ରାମ୍ୟ ଜୀବନଧାରା ଓ ଜୀବନ ମୂଲ୍ୟ। ହେଲେ ଆଜି ସେହି ସଂସ୍କାର, ନିବିଡ଼ ସମ୍ପର୍କ ଓ ସଦ୍ଭାବନାରେ କିଛିଟା ବ୍ୟତିକ୍ରମ ଘଟିଛି।

ସଂକୀର୍ଣ୍ଣ ରାଜନୀତି, ଆଜିକାଲିର ପାଠୁଆ ଯୁବତୀଯୁବକଙ୍କ ବେଖାତିର ଉଚ୍ଚାରଣ ଓ ଆଚରଣ, ମୋବାଇଲ୍ ଫୋନ୍ ପ୍ରତି ଅତିଶୟ ପ୍ରୀତି ଇତ୍ୟାଦି ଗ୍ରାମ୍ୟ ସଂହତି ଓ ଭାଇଚାରାରେ କିଛିଟି ବ୍ୟତିକ୍ରମ ସୃଷ୍ଟି କରିଛି। ଜନ୍ମଦିନ ବିନା କେକ୍‌କଟାରେ ହେଉନି। ବିନା ମାଂସଭୋଜି ଓ ମଦରେ ବରଯାତ୍ରୀରେ କେହି ଯିବାକୁ ରାଜିନୁହନ୍ତି। ଶବଦାହ ବେଳେ ମାଦକ ଦ୍ରବ୍ୟର ଆବଶ୍ୟକତା ପଡୁଛି। ପର୍ବପର୍ବାଣିରେ ନାଚଗୀତ ତ ହେଉଛି, କିନ୍ତୁ ଉଗ୍ର ଆଧୁନିକ ସଙ୍ଗୀତ ଓ ନୃତ୍ୟରେ ଗାଁ ପରିବେଶ ଆଜିକାଲି ସହର ସହର ବାସୁଛି। ଗ୍ରାମ୍ୟ କମିଟି ଅନେକାଂଶରେ ସମସ୍ୟା ସମାଧାନ କରିପାରୁ ନାହାନ୍ତି। ତେଣୁ ଗାଁ ଭିତରେ ମୋକଦ୍ଦମା ବଢ଼ିଲାଣି। ଛୋଟ ଛୋଟ କଥାରେ ଥାନା, କଚେରି ଯାଇ ସାମାଜିକ ସମ୍ପର୍କ ଓ ସଦ୍ଭାବନା ବିଗାଡୁଛନ୍ତି। ଶାନ୍ତିପୂର୍ଣ୍ଣ ଜୀବନଯାପନ କରୁଥିବା ଗ୍ରାମ୍ୟ ପରିବେଶ ଧୀରେ ଧୀରେ ଅଶାନ୍ତ ହୋଇଉଠୁଛି। ଅର୍ଥାତ୍ ସେଦିନ ଗାଁ ଆଉ ଆଜିର ଗାଁ ଭିତରେ ଆକାଶପାତାଳ ପ୍ରଭେଦ । ଏହାର କୌଣସି ସମାଧାନ ବାହାର କରିବା ଉଚିତ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର**
**ମୋ:୭୦୦୮୨୮୩୦୫୫**

## ଏଇ ଭାରତରେ

ରାଜସ୍ଥାନରେ ୨୦୨୦ରେ ତାପମାତ୍ରା ୫୦ ଡିଗ୍ରୀ ସେଲସିୟସ୍ ଟପିଯାଇଥିଲା। ସେ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ପକ୍ଷୀମାନେ ପାଣି ନ ପାଇ ମୃତ୍ୟୁ ମୁଖରେ ପଡ଼ିଥିଲେ। ଏହି ସ୍ଥିତିକୁ ଲକ୍ଷ୍ୟ କରିଥିଲେ ବାରମର ଜିଲାର ଏକ ଛୋଟ ଗାଁର ଗ୍ରାମବାସୀ। ସେମାନେ ତେଲଟିଣ ସଂଗ୍ରହକରି ସେଥିରେ ପାଣି ଭରି ଗଛରେ ଝୁଲାଇ ଦେଇଥିଲେ। ଫଳରେ ପକ୍ଷୀମାନେ ସେଥିରୁ ପାଣି ପିଇବା ଓ ଗାଧୋଇବା ଯୋଗୁ ସେମାନଙ୍କ ଜୀବନ ରକ୍ଷା ହୋଇପାରିଥିଲା। ଗଛରେ ପାରିଭରା ଟିଣ ଝୁଲୁଥିବା ଛବିକୁ ଆଇଏଫ୍‌ଏସ୍ ଅଧିକାରୀ ପ୍ରବୀଣ କସ୍‌ୱାନ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ଭାଇରାଲ ହୋଇଥିଲା ଏବଂ ସବୁଠି ଲୋକେ ଏହି ଉପାୟ ଆପଣାଇବାକୁ ଲାଗିଲେ। ଏବେ ରାଜସ୍ଥାନର ରାୟପୁର ଓ ବିକାନିର୍‌ରେ ଲୋକେ ପକ୍ଷୀ ଗାଧୋଇବା ଲାଗି ଟିଣ ଗଛ କିମ୍ବା ଘରେ ଝୁଲାଉଛନ୍ତି। ଏପରିକି ମହାରାଷ୍ଟ୍ରର ପୁଣେରେ ମଧ୍ୟ ଲୋକେ ଏହି ପ୍ରକାର ଉପାୟ ଆପଣାଇଲେଣି। ବିକାନିର୍‌ରେ ଗଛ କିମ୍ବା ଘରେ ଝୁଲାଇବା ପାଇଁ ୫୦୦ଟି ପକ୍ଷୀଗଧୁଆ ଟିଣ ଲୋକଙ୍କୁ ମାଗଣାରେ ବଣ୍ଟାଯାଇଛି। ସେଠାକାର ଦୋକାନୀମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ମାର୍ଚ୍ଚ ୧୯୭୭**

- ବଙ୍ଗଳା ଚଳଚ୍ଚିତ୍ର ଅଭିନେତ୍ରୀ କୁମାରୀ କେୟା ଚକ୍ରବର୍ତ୍ତୀ ହୁଗୁଳି ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି।
- ଜନତାଦଳ ପାର୍ଲାମେଣ୍ଟାରୀ ପାର୍ଟିର ଦଳପତି ରୂପେ ନିର୍ବାଚିତ ହୋଇଥିବା ମୋରାରଜୀ ଦେଶାଇ ଦେଶର ନୂଆ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଦେଖ ସାଗର ଦେଖ ଗୋ ନଦୀ
ପୂରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀ ଅସନ୍ତୋଷ ବଢ଼ୁଛି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ରେ ଧାନମଣ୍ଡି ସମସ୍ୟା ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। କେଉଁଠି ମଣ୍ଡି ଅଛି ମିଲର ନାହାନ୍ତି, କେଉଁଠି ମଣ୍ଡିରେ ତାଲା ପଡ଼ିଛି। ଆଉ କେଉଁଠି ମଣ୍ଡି ଖୋଲା ଏବଂ ମିଲର ଆସିଛନ୍ତି ଏବଂ ସେଠାରେ କଟ୍‌ନି ଛଟ୍‌ନି ସହ ଲୋଡିଂ, ଅନ୍‌ଲୋଡିଂ ଚାପରେ ଚାଷୀ ପେଷି ହୋଇଯାଉଛନ୍ତି। ଏସବୁ ଦେଖି ମଧ୍ୟ ଯୋଗାଣ ବିଭାଗ ନୀରବ। ପୂର୍ବବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି। କିନ୍ତୁ ସେହି ତୁଳନାରେ ଧାନ କିଣିବାକୁ ସରକାର ଟାର୍ଗେଟ୍ ବୃଦ୍ଧି କରିନାହାନ୍ତି। ତେଣେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀମାନେ ନିୟମିତ ପରିଦର୍ଶନ କରୁନାହାନ୍ତି। ସେଥିରୁ ଫାଇଦା ଉଠାଉଛନ୍ତି କୃଷି ସମବାୟ ସମିତି, ମିଲ୍ ମାଲିକ ଓ ଦଲାଲ୍। ଜାନୁଆରୀ ୧୫ଠାରୁ ସତ୍ୟବାଦୀ ବ୍ଲକ୍‌ରେ ଧାନକିଣା ଆରମ୍ଭ ହୋଇଛି। କୌଣସି ମଣ୍ଡିରେ ଏପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ, ଶୌଚାଳୟ କିମ୍ବା ବିଶ୍ରାମସ୍ଥଳ କରାଯାଇନାହିଁ। ମିଲରଙ୍କ ଅନିୟମିତତା ପାଇଁ ହଜାର ହଜାର ଚାଷୀ ଏଯାବତ୍ ସେମାନଙ୍କ ଧାନ ବିକ୍ରି କରିପାରିନାହାନ୍ତି। ଧାନ ବିକିବାର ଅବଧି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିବାରୁ ଚାଷୀ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଧାନକିଣା ଟାର୍ଗେଟ୍ ପୂରଣ ହେବା ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି।

**–ଦେବତିକ୍ତି ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରିଲା ରଥ ନିର୍ମାଣ, ଶ୍ରୀମନ୍ଦିରରୁ ଆସିଲା ଆଜ୍ଞାମାଳ

## କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା



ନିରାକାରପୁର,୨୪।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ଆଉ ଦିନକ ପରେ ଅର୍ଥାତ୍ ୨୬ ତାରିଖରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମହାରଣା ସେବକଙ୍କ ପକ୍ଷରୁ ରଥ ନିର୍ମାଣ ଶେଷ ହୋଇଛି। ମହାରଣାମାନେ କପିଳେଶ୍ୱର ଦେବଙ୍କ ପରିଚାଳନା କମିଟିକୁ ରଥ ହସ୍ତାନ୍ତର କରିବା ପରେ କମିଟି ପକ୍ଷରୁ ରଥକାର୍ଯ୍ୟରେ ନିୟୋଜିତ ମହାରଣାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କପିଳେଶ୍ୱର ଦେବଙ୍କ ପୂର୍ବତନ ଟ୍ରଷ୍ଟି ସଞ୍ଜୟ କୁମାର ମହାପାତ୍ର ସହିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତେବେ ମହାରଣାମାନଙ୍କ କାର୍ଯ୍ୟ ସମାପନ ହୋଇଥିବା ବେଳେ ରଥରେ ରଙ୍ଗକାର୍ଯ୍ୟ ଚାଲୁରହିଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ୍ ସାହୁଙ୍କ ନିର୍ଦ୍ଦେଶ ଅନୁଯାୟୀ, ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜଳଯୋଗାଣ ବିଭାଗ, ଜିଲା ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକ, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ପୁରୀ ଜଗନ୍ନାଥଙ୍କ ଟେମ୍ପୁଲ କାର୍ଯ୍ୟାଳୟକୁ ପାଟପତନୀ ଏବଂ ଅନ୍ୟ କାର୍ଯ୍ୟାଳୟକୁ ସହଯୋଗ ପାଇଁ ଚିଠି ପଠାଯାଇଛି। ଏହି ଚିଠି ପହଞ୍ଚିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳବାର ପୁରୀ ଶ୍ରୀମନ୍ଦିରରୁ ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର ଏବଂ ପରିଚାଳନା କମିଟି ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ଶ୍ରୀଜଗନ୍ନାଥଙ୍କ ପାଖରୁ ଚନ୍ଦନକାଠ, ପାଟପତନୀ ଓ ପାଉଣା(ଆଜ୍ଞାମାଳ) ଆଣି କପିଳେଶ୍ୱର ଦେବ ମନ୍ଦିରରେ ପହଞ୍ଚିଛନ୍ତି। ସେହିପରି ଯାତ୍ରାପଡ଼ିଆରେ ଜାଗା ଚିହ୍ନଟକରି ବେପାରୀମାନେ ପସରା ମେଲାଇବା ପାଇଁ ପ୍ରସ୍ତୁତି କରିବାରେ ଲାଗିପଡ଼ିଛନ୍ତି। ପରିଚାଳନା କମିଟି ପକ୍ଷରୁ ରଥ ଯିବା ରାସ୍ତାକୁ ଜେସିବି ମାଧ୍ୟମରେ ସଫା କରାଯାଉଛି। ଏନେଇ ପରିଚାଳନା କମିଟିର ମୁଖ୍ୟ କିଶୋର କୁମାର ଦାଶ କହିଛନ୍ତି, ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ରଥରେ ଅଶ୍ୱ ସଂଯୋଗ, ବ୍ରହ୍ମା ଠାକୁର ଓ ସିଂହାସନ ରଖାଯିବା ସହିତ କପଡ଼ା ଲଗାଯିବା ପରେ ରଥ ପ୍ରତିଷ୍ଠା ହେବ ବୋଲି ସେ କହିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରଶିକ୍ଷଣ ଶିବିର




ଟାଙ୍ଗୀ,୨୪।୩(ରଘୁନାଥ ସାହୁ)

ଆସନ୍ତା ଏପ୍ରିଲରୁ ପ୍ରତ୍ୟେକ ପରିବାରର ଭୋଟରମାନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ଭାରତୀୟ ନିର୍ବାଚନ କମିଶନରଙ୍କ ଦ୍ୱାରା ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସହ ବୁଥ୍ ଲେବଲ ଅଫିସର (ବିଏଲଓ)ଙ୍କୁ ନିଯୁକ୍ତି କରାଯାଇଛି। ବିଏଲଓମାନେ ପ୍ରତି ପରିବାରକୁ ଯାଇ ଭୋଟର ତାଲିକାରେ ନୂତନ ଭୋଟର ଯୋଗ, ଅବୈଧ ଭୋଟରଙ୍କୁ ତାଲିକାରୁ ବାଦ୍, ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରିବେ। ଭାଜପା ପକ୍ଷରୁ ବିଏଲ୍ଓଙ୍କୁ ସହଯୋଗ କରି ଭୋଟର ତାଲିକା ପ୍ରସ୍ତୁତ କରିବାକୁ ବିଏଲ୍ଓ-୨ ନିଯୁକ୍ତି କରାଯାଇଛି। ସେମାନଙ୍କୁ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମଙ୍ଗଳବାର ଭାଜପା ଟାଙ୍ଗୀ ମଣ୍ଡଳ କାର୍ଯ୍ୟକର୍ତ୍ତା ସମେତ ବିଏଲ୍ଓ-୨ଙ୍କ ଏକ ପ୍ରଶିକ୍ଷଣ ଶିବିର ମା'ଉଗ୍ରତାରା ମନ୍ଦିର ନିକଟସ୍ଥ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟି ପ୍ରଦେଶ ପକ୍ଷରୁ ନିଯୁକ୍ତ ଖୋର୍ଦ୍ଧା ଜିଲା ପ୍ରଭାରୀ ପବିତ୍ର ମୋହନ ଦାସ, ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଟାଙ୍ଗୀ ମଣ୍ଡଳ ପ୍ରଭାରୀ ଅଜୟ ମିଶ୍ର, ପୂର୍ବତନ ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ଚଣ୍ଡେଶ୍ୱର ମଣ୍ଡଳ ପ୍ରଭାରୀ କେଳୁ ଚରଣ ଜଗଦେବ, ଟାଙ୍ଗୀ ମଣ୍ଡଳ ସଭାପତି ଶିବପ୍ରସାଦ ପରିଡା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ବରିଷ୍ଠ କାଯ୍ୟକର୍ତ୍ତା ରଘୁନାଥ ସାହୁ, ପୂର୍ଣଚନ୍ଦ୍ର କଳସ, ଗଙ୍ଗାଧର ବେହେରା, ଚିନ୍ମୟ କୁମାର ପୃଷ୍ଟି, ଦୁର୍ଯ୍ୟୋଧନ ରାଉତରାୟ, ତାରା ପ୍ରସାଦ ଚାଉପଟନାୟକ, ବିବି ସାହୁଙ୍କ ସମେତ ଶତାଧିକ ମହିଳା, ଯୁବକ ଯୋଗଦେଇଥିଲେ।

# ୪ ହଜାର କେଜି ପୋଚ ନଷ୍ଟ, ଦେଶୀମଦ ଜବତ

## ୨ କୋର୍ଟଚାଲାଣ

ବେଗୁନିଆ,୨୪।୩
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଏକ ବେଆଇନ ମଦଭାଟି ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପୋଚ, ଦେଶୀମଦ ସହିତ ବହୁ ସରଞ୍ଜାମ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ହୀରାପୁର ଗ୍ରାମର ନରୋତ୍ତମ ସାହୁ ଏବଂ ପ୍ରସନ୍ନ କୁମାର ବେହେରା। ଏନେଇ ବେଗୁନିଆ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଥାଉ କି, ବେଗୁନିଆ ଥାନା ଓ ଅବକାରୀ ଥାନା ଅଞ୍ଚଳରେ ବେଆଇନ ଦେଶୀମଦ ପ୍ରସ୍ତୁତ ଓ ବିକ୍ରି ଦିନକୁ ଦିନ ବଢ଼ିଚାଲିଛି ବୋଲି ଅଭିଯୋଗ ହୋଇଆସୁଛି। ଅବକାରୀ ଥାନା ଅଧୀନ ବରପଦା କାଜୁ ଜଙ୍ଗଲରେ ବେଆଇନ ଭାବେ ଦେଶୀମଦ ଭାଟି ଚାଲିଥିବା ନେଇ ଖବରପାଇ ମଙ୍ଗଳବାର ଉକ୍ତ ଭାଟିଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମଦ ପ୍ରସ୍ତୁତ ପୂର୍ବରୁ ୪ ହଜାର କେଜିର ପୋଚ ନଷ୍ଟ କରାଯିବା ସହ ୨୫୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଛି। ଏହି ବେଆଇନ ମଦ ତିଆରି ଓ କାରବାରରେ ସମ୍ପୃକ୍ତ ଥିବା ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।



ଜଟଣୀ କୁଦିଆରୀସ୍ଥିତ ମା'ଜାଗୁଲାଈଙ୍କ କାଳରାତ୍ରି ଏବଂ ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ କାତ୍ୟାୟନୀ ବେଶ।
(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼ / ମାନସ ଚନ୍ଦ୍ର ପଟ୍ଟନାୟକ)

# ଜଳିଗଲା ୩ ବଖରା

ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ୍ ବାଜପୁର ପଞ୍ଚାୟତ ଅନ୍ତର୍ଗତ ରାୟରଙ୍ଗ ବ୍ରାହ୍ମଣସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନା ମୁତାବକ, ସକାଳ ପ୍ରାୟ ସାଢ଼େ ୯ଟାରେ ରାୟରଙ୍ଗ ବ୍ରାହ୍ମଣସାହିର ଶ୍ରୀବତ୍ସ ଷଡ଼ଙ୍ଗୀଙ୍କ ଚାଳଘରେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ପଡ଼ୋଶୀ ଘରକୁ ବ୍ୟାପିଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିବା ବେଳେ ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲା। ଏଥିରେ ଘରେ ଥିବା ଧାନବସ୍ତା ସହ ଅନ୍ୟାନ୍ୟ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଘଟଥାଏ ପାରେ ବୋଲି ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୩ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଥିବା ସହକାରୀ ଅଗ୍ନିଶମ ଅଧିକାରୀ ମୀନକେତନ ବେହେରା କହିଛନ୍ତି।

# ଶିଶୁବାଟିକାରେ ନାମଲେଖା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ



ଟାଙ୍ଗୀ,୨୪।୩(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ୨୦୨୬-୨୭ ଶିକ୍ଷା ବର୍ଷରେ ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ଅଭିଭାବକଙ୍କୁ ପ୍ରଦାନ କରିଛନ୍ତି। ଏପ୍ରିଲ ୨ରେ ପ୍ରବେଶ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଶିଶୁଙ୍କ ସହ ଯୋଗଦେବାକୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରପୁର ସରପଞ୍ଚ ସୁଜିତ କୁମାର ହାଲ୍‌ଦାର, ମୁକ୍ତେଶ୍ୱର ଦେବ କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟ ନାରାୟଣ ପ୍ରଧାନ, ଅଙ୍ଗନୱାଡି କର୍ମୀ ଭାରତୀ ଦେଇ, ରାଜେଶ୍ୱରୀ ହାଲ୍‌ଦାର, ପରିଚାଳନା କମିଟି ସଭ୍ୟା ରତ୍ନ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ସରକାରୀ ବିଦ୍ୟାଳୟରେ ଶିଶୁମାନଙ୍କ ନାମ ଲେଖାଇ ସମସ୍ତ ସୁବିଧା ସୁଯୋଗ ପାଇବା ସହିତ ଶିଶୁର ଭବିଷ୍ୟତ ଗଠନ କରିବାକୁ ଅଭିଭାବକଙ୍କୁ କହିଥିଲେ।

# ନିଶାମୁକ୍ତ ଯୁବସମାଜ ପାଇଁ ଗଣଦୌଡ଼

ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ନିଶାମୁକ୍ତି ସମାଜ ଲକ୍ଷ୍ୟ ନେଇ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଗଣଦୌଡ଼ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଷ୍ଟାଡିୟମ୍‌ଠାରୁ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ ଦେଇ ପୁଣି ଷ୍ଟାଡିୟମରେ ଶେଷ ହୋଇଥିଲା। ମର୍ନିଂଷ୍ଟାର କ୍ଲବ, ସେବା ସଦନ, ନ୍ୟୁ ରିଅଲ ଲାଇଫ୍ ନିଶା ନିବାରଣ କେନ୍ଦ୍ର ସମେତ ବିଭିନ୍ନ କଲେଜର ଛାତ୍ର, ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଜିଲା ସହସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ହୃଷୀକେଶ ବେହେରା, ରଞ୍ଜନ ବରାଳ, ରଶ୍ମିରଞ୍ଜନ ମିଶ୍ର, ଜିତେନ୍ଦ୍ର ବେହେରା, କ୍ରୀଡ଼ାବିତ୍ ଶୁଭେନ୍ଦୁ ସ୍ୱାଇଁ, ରାଧାମୋହନ ପ୍ରଧାନ,




ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ଆୟୋଜିତ ଗଣଦୌଡ଼।

ରିଅଲ ଲାଇଫ୍‌ର ପ୍ରତାପ ବଳିୟାରସିଂହ, ସେବା ସଦନର ଦେବାଶିଷ ପ୍ରଧାନ, ବଜରଙ୍ଗ ଦଳ ଜିଲା ସଂଯୋଜକ ଉଦିତ ପ୍ରହରାଜ, ସହସଂଯୋଜକ ଏସ୍.ଏମ୍. ଦିବ୍ୟପ୍ରକାଶ, ସତ୍ୟଜିତ୍ ବେହେରା, ଶୁଭଙ୍କର ପାଇକରାୟ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜ୍ୟୋତି ପ୍ରକାଶ ବାରିକ, ବିକାଶ ବାରିକ, କୌଶିକ ବରାଳ, ଆୟୁଷ ବେହେରା, ଚନ୍ଦନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଯୁବ ସମାଜ ଦେଶର ଭବିଷ୍ୟତ। ଯୁବଗୋଷ୍ଠୀ ନିଶା ସେବନ ଯୋଗୁ ପଥଭ୍ରଷ୍ଟ ହେଉଛନ୍ତି। ନିଶା ନାଶ କରିଦେବ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଶାଠାରୁ ଦୂରେଇ ରୁହନ୍ତୁ ବୋଲି ସଚେତନତା ବାର୍ତ୍ତା ଦେଇଥିଲେ। ସକାଳୁ ଉଠି ଶାରୀରିକ ବ୍ୟାୟାମ, ଯୋଗ, ପ୍ରାଣାୟାମ କଲେ ଶରୀର ସୁସ୍ଥ ସହ ମନ ପ୍ରଫୁଲ୍ଲ ରହିବ। ପରିବାର, ସମାଜ ଶୃଙ୍ଖଳା ପାଇଁ ନିଶା ନିବାରଣ ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ବୈଠକ

ବୋଲଗଡ଼,୨୪।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ଜୋନ୍ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ସମ୍ପାଦକ କୈଳାସ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଏକ ସାଧାରଣ ବୈଠକ ବାଙ୍କୋଇ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କୂଳମଣି ହୋତାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅତିଥିଭାବେ ଡା.ସଦାନନ୍ଦ ମିଶ୍ର ଯୋଗଦେଇ ବାର୍ଦ୍ଧକ୍ୟ ଜନିତ କାରଣରୁ ଶରୀରରେ ବିଭିନ୍ନ ରୋଗ, ତାର ପ୍ରତିକାର ଓ ଉପସମ ତଥା ଚିକିତ୍ସା ସମ୍ବନ୍ଧୀୟ ଉପାଦେୟ ପରାମର୍ଶ ଦେଇଥିଲେ। ନିକଟରେ ପରଲୋକ ଘଟିଥିବା ୩ଜଣ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା କାଳିଚରଣ ଜୟସିଂହ, ସୁମନ୍ତ ଛୋଟରାୟ ସମିତିର ଆଗାମୀ କାର୍ଯ୍ୟପନ୍ଥା ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଲୋଚନା କରିଥିଲେ। ଏହିଅବସରରେ ନୂତନ ଭାବେ ଯୋଗଦେଇଥିବା ଦୁଇଜଣ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ସଦସ୍ୟ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ସଦସ୍ୟ ଜୟକୃଷ୍ଣ ଫତେସିଂହ, ଗୁଣନିଧି ପାଇକରାୟ, ଲକ୍ଷ୍ମୀଧର ମହାପାତ୍ର, ଭବାନୀ ଶଙ୍କର ସାହୁ, କୃଷ୍ଣ ଚନ୍ଦ୍ର ବଳିୟାରସିଂହ, ନନ୍ଦକିଶୋର ନାୟକ ପ୍ରମୁଖ ସଂଘ ସଦସ୍ୟଙ୍କୁ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ କରାଯିବା ନେଇ ପ୍ରଶାସନିକ ସହଯୋଗ ପାଇଁ ସେମାନଙ୍କ ସହିତ ଆଲୋଚନା କରାଯିବାକୁ ମତପ୍ରକାଶ କରିଥିଲେ। ଜୟକୃଷ୍ଣ ଫତେସିଂହ ଧନ୍ୟବାଦ ଦେଇଥିଲେ।

# ୨ ଶିକ୍ଷିତ ଯୁବକଙ୍କୁ ନୂଆ ପରିଚୟ ଦେଇଛି ସୂର୍ଯ୍ୟମୁଖୀ ଚାଷ



ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ)

କଥାରେ ଅଛି- ଚାଷ ଅଛି ଯାହାର, କି ଆନନ୍ଦ ତାହାର। ଆଜିର ସମୟରେ ଯୁବପିଢ଼ି ଚାକିରି ପଛରେ ଗୋଡ଼ାଉଥିବା ବେଳେ ସେମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଦୁଇ ଉଚ୍ଚଶିକ୍ଷିତ ଯୁବକ। ସୂର୍ଯ୍ୟମୁଖୀ ଚାଷ ରୋଜଗାରର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ପ୍ରମାଣକରି ଦେଖାଇଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତର ସନ୍ତୋଷ କୁମାର ସାହୁ ଏବଂ ସରୋଜ କୁମାର ମହାପାତ୍ର। ବେଗୁନିଆ ବ୍ଲକ ଅଞ୍ଚଳରେ ପ୍ରାୟ ୧୫୦ ଏକରରୁ ଅଧିକ ଜମିରେ ୨୦୦ରୁ ଅଧିକ ଚାଷୀ ସୂର୍ଯ୍ୟମୁଖୀ ଚାଷକରି ବେଶ୍ ଉପକୃତ ହୋଇଛନ୍ତି। ଚାଷୀ ସୂର୍ଯ୍ୟମୁଖୀ ଅମଳ କରିବା ପରେ ସେଥିରୁ ବର୍ଷକ ପାଇଁ ଖାଇବା ତେଲ ପ୍ରସ୍ତୁତ କରି ବଳକା ତେଲ

### ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ

ବଜାରରେ ବିକ୍ରି କରୁଛନ୍ତି। ତେବେ ଏହି ଚାଷ କରିଥିବା ଯୁବ ଇଂଜିନିୟର ସରୋଜ କୁହନ୍ତି, ସୂର୍ଯ୍ୟମୁଖୀ ଚାଷ ଲାଭଦାୟକ। ଏହା ଖରାଦିନେ ଭଲ ଅମଳ ହେଉଥିବା ବେଳେ ପାଣିର ସମସ୍ୟା ଦେଖାଯାଏ। ସରକାର ପାଣିର ସୁବିଧା କଲେ ଅମଳ ଆହୁରି ଭଲ ହେବ। ଏଥିସହିତ ସୂର୍ଯ୍ୟମୁଖୀ ପାଇଁ ମଣ୍ଡି ବ୍ୟବସ୍ଥା ହେଲେ ଚାଷୀ ଉପକୃତ ହୁଅନ୍ତେ। ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିଲେ ମଧ୍ୟ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ କ୍ଷେତରେ କାମ କରିଥାଏ। ସେହିପରି କଳାରେ ସ୍ନାତକ ଡିଗ୍ରୀ ପାଇଥିବା ଯୁବଚାଷୀ ସନ୍ତୋଷ କହିଛନ୍ତି, ଦୁଇବର୍ଷ ହେବ ସୂର୍ଯ୍ୟମୁଖୀ ଚାଷ କରୁଛି। ଚଳିତ ବର୍ଷ ଏକ ଏକର ଜାଗାରେ ସୂର୍ଯ୍ୟମୁଖୀ ଚାଷ କରିଥିବା ବେଳେ ଏଥିରୁ ଭଲ ଲାଭ ଆଶା ରଖିଛି। ସରକାରଙ୍କ ମଣ୍ଡି ବ୍ୟବସ୍ଥା ନ ଥିବାରୁ ସୂର୍ଯ୍ୟମୁଖୀ ଅମଳ ଫସଲଙ୍କୁ ତେଲକରି ବିକ୍ରି କରୁଛୁ। ସରକାର ଅନେକ ସୁବିଧା ଚାଷ ପାଇଁ ଯୋଗାଇ ଦେଉଛନ୍ତି, ଯଦି କୃଷି ବିଭାଗ ବିହନଠାରୁ କୀଟନାଶକ ଏବଂ କିପରି ପଦ୍ଧତିରେ କଲେ ଭଲ ଫସଲ ହୋଇପାରିବ ସେ ଉପରେ ସଚେତନତା କରୁଛନ୍ତି, ଯାହା ଅମଳ ବଢ଼ାଇବାରେ ସହାୟକ ହେଉଛି। ସେହିପରି ଯୁବଗୋଷ୍ଠୀ ଚାକିରି ପଛରେ ନ ଗୋଡ଼ାଇ ନିଜ କ୍ଷେତରେ ଫସଲ କଲେ ଶୁଦ୍ଧ ଜିନିଷ ପାଇବା ସହ ପରିଶ୍ରମ କରିବା ଦ୍ୱାରା ଶାରୀରିକ ସୁସ୍ଥ ରହିବେ। ଅନ୍ୟପକ୍ଷରେ ବ୍ଲକ କୃଷି ଅଧିକାରୀ ନାଜନୀନ କୌଶର କହିଛନ୍ତି, ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଉଚ୍ଚଶିକ୍ଷିତ ଯୁବତୀ ଯୁବକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସ୍କିମ୍ ରହିଛି। ଏହାକୁ ଠିକ୍ ଉପଯୋଗ ପାଇଁ ବହୁସଂଖ୍ୟାରେ ଯୁବକ ଯୁବତୀ ଆଗକୁ ଆସୁଛନ୍ତି। ସେହିପରି ପଡ଼ିଆ ଜମିରେ ସୂର୍ଯ୍ୟମୁଖୀ ଚାଷକରି ଏହି ଦୁଇ ଉଚ୍ଚଶିକ୍ଷିତ ଯେଉଁପରି ଲାଭବାନ୍ ହୋଇଛନ୍ତି। ଆଶା କରୁଛୁ ସବୁ ଉଚ୍ଚଶିକ୍ଷିତ ଯୁବକ ଚାଷକୁ ଆପଣାଇ ଉନ୍ନତ ପଦ୍ଧତିରେ ଚାଷ କରିବେ।

# 'ପିଲାଙ୍କ କଳାତ୍ମକ, ସୃଜନଶୀଳତାର ବିକାଶ ଘଟିବ'

## ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଖୋର୍ଦ୍ଧା,୨୪।୩(ପ୍ରଭାତ ପାଣିଗ୍ରାହୀ)



ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାରେ ଯୋଗଦେଇଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ।

ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖୋର୍ଦ୍ଧା ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମଣ୍ଡଳସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ବ୍ଲକ ଅନ୍ତର୍ଗତ ତେରଟି କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସମ୍ବଳ ଶିକ୍ଷକଭାବେ ଦିଲୀପ ପଟ୍ଟନାୟକ, ଭାଗୀରଥି ମହାରଣା, ଲଲାଟ କିଶୋର ପ୍ରଧାନ, ଅନୁପମ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରିବାର କୌଶଳ ଶିଖାଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଯାଜ୍ଞସେନୀ ସାହୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରେଣୀଗୃହ ଶିକ୍ଷାଦାନକୁ ଅତି ଆକର୍ଷଣୀୟ ଏବଂ ରୁଚିକର କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଏହି ଅଭିନବ ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ। ପିଲାଙ୍କ କଳାତ୍ମକ ଓ ସୃଜନଶୀଳତାର ବିକାଶ ଘଟିବ। ମଣ୍ଡଳ ସାଧନକେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା ସଂଯୋଜନା କରିଥିଲେ। ଅଂଶଗ୍ରହଣକାରୀମାନେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ପ୍ରଭାବଶାଳୀ କରିବାକୁ ବାର୍ତ୍ତା ପ୍ରଦାନ କରିଥିଲେ।

# ଫେରିଲା ତାତି, ୩୮.୫ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୨୪।୩ (ବନ୍ଦନା ସେଠୀ)

ବର୍ଷା ପାଇଁ କିଛିଦିନ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଥିଲା । ହେଲେ ମଙ୍ଗଳବାରଠାରୁ ପାରଦ ପୁଣି ଉପରମୁହାଁ ହୋଇଛି। ଲୋକେ ପୁଣି ଖରାତାତି ସହ ଗରମ ଅନୁଭବ କରିଥିବାବେଳେ ଆଗାମୀ ୩ଦିନ ମଧ୍ୟରେ ଆହୁରି ୨ରୁ ୪ ଡିଗ୍ରୀ ତାପମାତ୍ରା ବଢ଼ିବା ସହ ଅସହ୍ୟ ତାତି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ତଥ୍ୟ ଅନୁଯାୟୀ, ମଙ୍ଗଳବାର ରାଜ୍ୟର ୧୯ଟି ସ୍ଥାନରେ ଦିନ ତାପମାତ୍ରା ୩୫ ଡିଗ୍ରୀ ଏବଂ ତା'ଠାରୁ ଅଧିକ ରହିଥିଲା । ୩୮.୫ ଡିଗ୍ରୀ ସହିତ ଟିଟିଲାଗଡ଼ ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହରରେ ପରିଣତ ହୋଇଥିଲା। ସେହିପରି ଭବାନୀପାଟଣାରେ ୩୮ ଡିଗ୍ରୀ, ସମ୍ବଲପୁର ୩୭.୨ ଡିଗ୍ରୀ, ସୋନପୁର ୩୭ ଡିଗ୍ରୀ, ହୀରାକୁଦ ୩୬.୮ ଡିଗ୍ରୀ, ତାଳଚେର ୩୬.୬ ଡିଗ୍ରୀ, ଝାରସୁଗୁଡ଼ା ୩୬.୬ ଡିଗ୍ରୀ, ଅନୁଗୋଳ ୩୬.୧ ଡିଗ୍ରୀ, ଭଦ୍ରକ ୩୬ ଡିଗ୍ରୀ, ଭୁବନେଶ୍ୱର ୩୫.୬ ଡିଗ୍ରୀ, ନବରଙ୍ଗପୁର ୩୫.୫ ଡିଗ୍ରୀ, ରାଉରକେଲା ୩୫.୫ ଡିଗ୍ରୀ, ନୟାଗଡ଼ ୩୫.୫ ଡିଗ୍ରୀ, ବରଗଡ଼ ୩୫.୪ ଡିଗ୍ରୀ, ନୂଆପଡ଼ା ୩୫.୨ ଡିଗ୍ରୀ, ଚାନ୍ଦବାଲି ୩୫.୨ ଡିଗ୍ରୀ, ସୁନ୍ଦରଗଡ଼ ୩୫ ଡିଗ୍ରୀ, ପାରଳାଖେମୁଣ୍ଡି ୩୫ ଡିଗ୍ରୀ ଓ ଖୋର୍ଦ୍ଧାରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିଲା । ତେବେ ଆସନ୍ତା ୨୭ ଓ ୨୮ ତାରିଖରେ ରାଜ୍ୟର ଉତ୍ତର, ଦକ୍ଷିଣ ଓ ଉପକୂଳ ଓଡ଼ିଶାର କିଛି ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି। ୨୭ରେ ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଯାଜପୁର ଜିଲାରେ ବର୍ଷା ଓ ବଜ୍ରପାତ ସହ ପବନ ବହିବାର ସମ୍ଭାବନା ରହିଛି। ଏହାପରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

# ଶିଶୁଙ୍କ ପ୍ରବେଶିକା ପରୀକ୍ଷାକୁ ବିରୋଧ

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)

ଶିକ୍ଷା ଅଧିକାର ଆଇନ ୨୦୦୯ର ଧାରା ୧୩ ଏବଂ ଶିଶୁ ଅଧିକାର ବ୍ୟବସ୍ଥାର ଉଲ୍ଲଂଘନ କରି ଅନେକ ଘରୋଇ ସ୍କୁଲ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ନାମଲେଖା ଲାଗି ଲିଖିତ ପ୍ରବେଶିକା ପରୀକ୍ଷା ଏବଂ ମୌଖିକ ସାକ୍ଷାତ୍‌କାର ପରୀକ୍ଷା କରୁଛନ୍ତି। ଏହାକୁ ଓଡ଼ିଶା ଅଭିଭାବକ ମହାସଂଘ ତୀବ୍ର ବିରୋଧ କରିବା ସହ ଆଇନଗତ ପଦକ୍ଷେପ ନେବାକୁ ଚେତାବନୀ ଦେଇଛି। ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି, ୩ରୁ ୬ ବର୍ଷ ବୟସ ଛୋଟ ପିଲାଙ୍କ ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତ୍‌କାର କିମ୍ବା ତାଙ୍କ ପିତାମାତାଙ୍କୁ କୌଣସି ସ୍କ୍ରିନିଂ ପ୍ରକ୍ରିୟାରେ ସାମିଲ କରିବା ବେଆଇନ। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ଆଡ୍‌ମିଶନ ପାଇଁ ଶିଶୁଙ୍କୁ କୌଣସି ପରୀକ୍ଷା କିମ୍ବା ସାକ୍ଷାତ୍‌କାର କରାଯିବ ନାହିଁ। ଉପଲବ୍ଧ ସିଟ୍‌ଠାରୁ ଅଧିକ ଆବେଦନ ଉପରେ ନର୍ସରି ଏବଂ ଶ୍ରେଣୀ-୧ରେ ଲଟେରୀ ସିଷ୍ଟମ ଉପରେ ଆଧାରିତ ହେବା ଆବଶ୍ୟକ। ପକ୍ଷପାତହୀନ, ସ୍ୱଚ୍ଛ ଏବଂ ଶିଶୁ-ଅନୁକୂଳ କରିବା ପାଇଁ ସ୍କ୍ରିନିଂ ପ୍ରକ୍ରିୟା ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି। ଏହା ଛୋଟ ପିଲାଙ୍କ ମାନସିକ ଉତ୍ପୀଡ଼ନ ସହିତ ଶିଶୁ ସୁରକ୍ଷା ଆଇନ ୨୦୧୫ ଏବଂ ଭାରତୀୟ ସମ୍ବିଧାନ (ଧାରା ୨୧, ୨୧ଏ, ଏବଂ ୧୪)ର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ। ସମସ୍ତ ଲିଖିତ ଏବଂ ମୌଖିକ ସାକ୍ଷାତ୍‌କାରକୁ ତୁରନ୍ତ ବାତିଲ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ପରୀକ୍ଷା ବାତିଲ ସହ ସଂଶୋଧିତ ଲଟେରି ପ୍ରକ୍ରିୟା ପାଇଁ ସବୁ ସ୍କୁଲ ନୋଟିସ ଜାରି କରନ୍ତୁ। ୭ ଦିନ ମଧ୍ୟରେ ଉପଯୁକ୍ତ ସଂଶୋଧନମୂଳକ ପଦକ୍ଷେପ ନ ନେଲେ ଶିକ୍ଷା ଅଧିକାର ଆଇନ ୨୦୦୯ ଉଲ୍ଲଂଘନ ପାଇଁ ବ୍ୟବସ୍ଥା ଅନୁଯାୟୀ ପ୍ରଧାନଶିକ୍ଷକ ଏବଂ ପରିଚାଳନା କମିଟି ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିବାକୁ ମହାସଂଘ ଘୋଷଣା କରିଛି। ଯଦି ଏଭଳି ପରୀକ୍ଷା କରୁଥିବା କୌଣସି ବିଦ୍ୟାଳୟ ନଜରକୁ ଆସେ, ତେବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଭାବକମାନେ ଜଣାଇପାରିବେ। ଉଲ୍ଲଂଘନକାରୀ ବିଦ୍ୟାଳୟ ଉପରେ ଠିକ ପଦକ୍ଷେପ ନିଆ ନ ଗଲେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ ହେବୁ ବୋଲି ସେମାନେ କହିଛନ୍ତି ।

# ବିଏମ୍‌ସିକୁ ମିଳିଲା 'ଗ୍ଲୋବାଲ ସଷ୍ଟେନେବିଲିଟି ଆଣ୍ଡ୍ ଇନୋଭେଶନ ପୁରସ୍କାର'



ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୪।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ମିଳିଲା 'ଗ୍ଲୋବାଲ ସଷ୍ଟେନେବିଲିଟି ଆଣ୍ଡ୍ ଇନୋଭେଶନ ପୁରସ୍କାର'। ସ୍ୱୀକୃତିପ୍ରାପ୍ତ ସ୍ଥାୟୀ ଭିତ୍ତିଭୂମି ଏବଂ ଦକ୍ଷ ବର୍ଜ୍ୟ ଜଳ ପରିଚାଳନାରେ ବିଏମ୍‌ସିର ପ୍ରଗତିଶୀଳ ଆଭିମୁଖ୍ୟ, ଜଳବାୟୁ ଅନୁକୂଳ ନବୀକରଣଯୋଗ୍ୟ ଜଳ ଭିତ୍ତିଭୂମି କ୍ଷେତ୍ରରେ ଉତ୍କର୍ଷତା ଏବଂ ମଳପଙ୍କ ପ୍ରକ୍ରିୟାକରଣରୁ ସମ୍ବଳ ପୁନଃଉଦ୍ଧାର କ୍ଷେତ୍ରରେ ଅଭିନବ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ଶାମଭେଟ ଅଡିଟୋରିୟମଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ପରିମଳ ଉପାୟୁକ୍ତ ଏନ.ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍, ଓରେଡାର ଉପନିର୍ଦ୍ଦେଶକ ବ୍ରହ୍ମାନନ୍ଦ ତରାଇ ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବିଶ୍ୱସ୍ତରୀୟ ପୁରସ୍କାର ମିଳିଥିବାରୁ ମେୟର ଓ କମିଶନର ଖୁସିବ୍ୟକ୍ତ କରିବା ସହ ଏହା ଭୁବନେଶ୍ୱରବାସୀଙ୍କ ବିଜୟ ଓ ଶ୍ରେୟ ବୋଲି କହିଛନ୍ତି।

ସୂଚନା ଯୋଗ୍ୟ, ବିଏମ୍‌ସି ଅଞ୍ଚଳରେ ସମୁଦାୟ ୩୦ ସୋଲାର ୱାଟର କିଓସ୍କ ଚାଲିଛି। ବାସୁଆଘାଇଠାରେ ମଳପଙ୍କ ପ୍ରକ୍ରିୟାକରଣ କରି ସେଥିରୁ ବାହାରୁଥିବା ଜଳକୁ ପୁନଃବ୍ୟବହାର ଉପଯୋଗୀ କରାଯିବା ସହ ମଳପଙ୍କକୁ ଖତ ରୂପେ ବ୍ୟବହାର କରାଯାଉଛି। ମଣିଷର ମଳମୂତ୍ରକୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯାଉଛି। ଫଳରେ ମଳମୂତ୍ର ଅନ୍ୟ ଜଳସ୍ରୋତରେ ମିଶି ଜଳ କିମ୍ବା ବାୟୁ ପ୍ରଦୂଷଣ କରୁନାହିଁ ବୋଲି ସୂଚନା ଦିଆଯାଇଛି।

# 'କୁଟୁମ୍ବ ପେନ୍‌ସନ ଯୋଜନା ତୁରନ୍ତ କାର୍ଯ୍ୟକାରୀ ହେଉ'

## ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଓ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନର ୫ମ ବାର୍ଷିକ ସମ୍ମିଳନୀ





ସମ୍ମିଳନୀରେ ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଏବଂ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)

ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଏବଂ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନ ଭୁବନେଶ୍ୱର ଶାଖାର ୫ମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସ୍ୱାଧୀନତା ସଂଗ୍ରାମୀ ସମ୍ମାନ ଦିବସ' ପାଳନ କରାଯାଇଥିଲା। ସଂଗଠନ ସଭାପତି ଡ. କାଳି ପ୍ରସାଦ ମିଶ୍ର ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀକୁ ଓଡ଼ିଶା ନିଶା ନିବାରଣ ମଞ୍ଚ ସଭାପତି ପଦ୍ମଚରଣ ନାୟକ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ସଂଗ୍ରାମୀଙ୍କ ସ୍ମୃତିଚାରଣ ସହିତ ଅନୁଷ୍ଠାନର ସଫଳତା କାମନା କରିଥିଲେ। ମାହାଙ୍ଗ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଉତ୍ତରଦାୟାଦଙ୍କ ଦାବିକୁ ଦୃଢ଼ ଭାବେ ସମର୍ଥନ କରି 'କୁଟୁମ୍ବ ପେନ୍‌ସନ ଯୋଜନା' ପ୍ରତିଶ୍ରୁତିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ତୁରନ୍ତ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ଉତ୍ତରଦାୟାଦଙ୍କ ନ୍ୟାୟୋଚିତ ଦାବିକୁ ସମର୍ଥନ ପୂର୍ବକ ସରକାରଙ୍କ ସହ ଆଲୋଚନା କରିବାକୁ ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ। ପଣ୍ଡିତ ସ୍ୱର୍ଗତଃ ରଘୁନାଥ ମିଶ୍ରଙ୍କ ପୁଣ୍ୟତିଥି ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁଷ୍ଠାନର କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଉପସଭାପତି ଦିବାକର ପୃଷ୍ଟି, ସୀତାବଲ୍ଲଭ ମହାପାତ୍ର, ଶିବନାରାୟଣ ମିଶ୍ର, ରାଜ୍ୟ ସଂଗଠନ ଉପସଭାପତି, ଖୋର୍ଦ୍ଧା ଜିଲା ସଭାପତି ବୈକୁଣ୍ଠ ନାଥ ମହାପାତ୍ର ଏବଂ ବାଲେଶ୍ୱର ଜିଲା ସଭାପତି ବିଧାନ ଚନ୍ଦ୍ର ରାୟ ବକ୍ତବ୍ୟ ରଖିଥିଲେ। ତୁଷାର କାନ୍ତି ଘୋଷ ସଭାକାର୍ଯ୍ୟ ପରିଚାଳନା ଓ କୁଳମଣି ରାଉତ ଧନ୍ୟବାଦ ଦେଇଥିଲେ।

# ବିଜେଏମ୍‌ସି ଓଡ଼ିଶା ରାଜ୍ୟ ଯୁବ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨୪।୩(ବନ୍ଦନା ସେଠୀ)

ଭୁବନେଶ୍ୱରସ୍ଥିତ ଇଭେଣ୍ଟ ସ୍କୋୟାରରେ ଭାରତୀୟ ଜନତା ଶ୍ରମିକ କକ୍ଷ (ବିଜେଏମ୍‌ସି)ର ଓଡ଼ିଶା ରାଜ୍ୟ ଯୁବ କାର୍ଯ୍ୟକାରିଣୀ ବୈଠକ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅର୍ଣ୍ଣବ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଏମ୍‌ସିର ନ୍ୟାଶନାଲ ଚେୟାରମ୍ୟାନ ବିଶ୍ୱପ୍ରିୟ ରାୟଚୌଧୁରୀ, ଓଡ଼ିଶା ଶାଖାର ଚେୟାରମ୍ୟାନ ଦୁର୍ଯ୍ୟୋଧନ କୁମାର ନାଥ, ଉପସଭାପତି ଅର୍ମାନ ଗାଙ୍ଗୁଲି, ଓଡ଼ିଶା ଯୁବ ସଭାପତି ଆଦିତ୍ୟ କୁମାର ସାହୁ ଓ ଓଡ଼ିଶା ଯୁବ ଉପସଭାପତି ଜତିଶ କୁମାର ଦାସ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ବିଜେସିଏମ୍ ଓଡ଼ିଶା ଶାଖାର ଯୁବ ସଭାପତି ଓ ଉପସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଓଡ଼ିଶା ଶାଖା ଯୁବ ସଭାପତି ଆଦିତ୍ୟ କମାର ସାହୁ ଓ ଉପସଭାପତି ଜତିଶ କୁମାର ଦାସ କହିଛନ୍ତି, ଶ୍ରମିକଙ୍କ ହକ୍ ଓ ସୁରକ୍ଷା ତାଙ୍କର ପ୍ରାଥମିକତା ରହିବ। ସରକାରଙ୍କ ୧୨୯ଟି ଯୋଜନାର ସୁବିଧା ସମସ୍ତ ଶ୍ରମିକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ କାମ କରିବେ ବୋଲି କହିଥିଲେ। ବୈଠକରେ ଶତାଧିକ ଶ୍ରମିକ ଓ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ୫,୯୮୯ ନର୍ସିଂ ଅଫିସର, ୨୪୦ ରେଡିଓଗ୍ରାଫର ପଦବୀକୁ ଅନୁମୋଦନ

ଭୁବନେଶ୍ୱର,୨୪।୩ (ବନ୍ଦନା ସେଠୀ)

ରାଜ୍ୟ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ୫,୯୮୯ ନର୍ସିଂ ଅଫିସର ଏବଂ ୨୪୦ ରେଡିଓଗ୍ରାଫରଙ୍କ ପଦବୀକୁ ଅନୁମୋଦନ ଦେଇଛନ୍ତି। ଏହି ନିଯୁକ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ମାନବ ସମ୍ପଦର ଅଭାବ କମିବା ସହିତ ରୋଗୀମାନଙ୍କୁ ଉନ୍ନତ ଏବଂ ସମୟୋପଯୋଗୀ ସେବା ଯୋଗାଇ ଦିଆଯାଇପାରିବ ବୋଲି ସୂଚନା ଦିଆଯାଇଛି। ନବ ନିଯୁକ୍ତ ନର୍ସିଂ ଅଫିସରମାନେ ରୋଗୀସେବାରେ ମୁଖ୍ୟ ଭୂମିକା ତୁଲାଇବେ। ରେଡିଓଗ୍ରାଫରମାନେ ନିଦାନାତ୍ମକ ସେବାକୁ ଆହୁରି ସୁଦୃଢ଼ କରିବେ। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସର୍ବଦା ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରତିବଦ୍ଧ। ଏହି ନିଯୁକ୍ତି ଦ୍ୱାରା ରୋଗୀସେବା ଉନ୍ନତ ହେବା ସହିତ ସ୍ୱାସ୍ଥ୍ୟ ପ୍ରଣାଳୀ ଆହୁରି ସକ୍ଷମ ହେବ। ବିଭାଗ ପକ୍ଷରୁ ଶୀଘ୍ର ନର୍ସିଂ ଅଫିସର ଏବଂ ରେଡିଓଗ୍ରାଫରଙ୍କ ନିଯୁକ୍ତି ନିୟମାବଳୀ ଯଥା ପରୀକ୍ଷା, ପ୍ରଶିକ୍ଷଣ, ପୋଷ୍ଟିଂ ପ୍ରକାଶ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ପ୍ରତାପଶାସନ ସେବା ସମବାୟ ସମିତିର ବାର୍ଷିକୋତ୍ସବ

ବାଲକାଟୀ,୨୪।୩(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ପ୍ରତାପଶାସନ ସେବା ସମବାୟ ସମିତିର ୬୮ତମ ବାର୍ଷିକ ଉତ୍ସବ ମଙ୍ଗଳବାର ବାଲକାଟୀସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ନଳିନୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ରାଜନେତା ସନ୍ତୋଷ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ସମବାୟବିତ୍ ବିପିନ ପାତ୍ର, ଆଞ୍ଚଳିକ ବାଣିଜ୍ୟିକ ସେବା ସମବାୟ ସଭାପତି ଧିରେନ କୁମାର କର, ସରକଣା ସେବା ସମବାୟ ସମିତି ସଭାପତି ସୋମନାଥ ସ୍ୱାଇଁ, ସମବାୟବିତ୍ ବେଣୁଧର ପରିଡ଼ା, ସମିତିସଭ୍ୟ ଗଙ୍ଗାଧର ମାହାରି, ରଞ୍ଜନ ମହାପାତ୍ର, ଉମଦେଇ ପଞ୍ଚାୟତ ସରପଞ୍ଚ ରମାଲତା ଦେଇ, ଏରିଆ ଅଫିସର ଅମିୟ କୁମାର ଖୁଣ୍ଟିଆ ଯୋଗଦେଇଥିଲେ। ସମିତିର ସମ୍ପାଦିକା ମୋନିକା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସଦସ୍ୟ ବେଣୁଧର ଭୋଇ ସଭା ପରିଚାଳନା କରିଥିଲେ। ସମିତିର ଉପସଭାପତି ରଶ୍ମିତା ମଞ୍ଜରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଅପରାଧରୁ ମହିଳାଙ୍କ ସୁରକ୍ଷା ନେଇ ଆଲୋଚନା

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ସାଇବର ଅପରାଧରୁ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର ଲକ୍ଷ୍ମୀସାଗରସ୍ଥିତ ମହିଳା ଓ ଶିଶୁ ପ୍ରତିଷ୍ଠାନ ସମ୍ମିଳନୀଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ସାଇବର ଅପରାଧରୁ ମହିଳାମାନେ କିପରି ରକ୍ଷା ପାଇପାରିବେ ସେନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମହାନ୍ତି, ମହିଳା ଆୟୋଗ ସଦସ୍ୟା ଉର୍ମିଳା ମହାପାତ୍ର, ପ୍ରତିଭା ଶତପଥୀ ଏବଂ ଡକ୍ଟର କଳ୍ପନା ମଲ୍ଲିକ ଯୋଗଦେଇ ଆଲୋଚନା କରିଥିଲେ। କର୍ମଶାଳାର ବୈଷୟିକ ଅଧିବେଶନରେ ଆସିଷ୍ଟାଣ୍ଟ ପୋଲିସ କମିଶନର ଅକ୍ଷୟ କୁମାର ନାୟକ ଯୋଗଦେଇ ଭୁବନେଶ୍ୱର



ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମହାନ୍ତିଙ୍କ ସହ ଅନ୍ୟ ଅତିଥିମାନେ।

ସାଇବର ଅପରାଧ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନା ସହ ସାଇବର ଅପରାଧରୁ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ପୋଲିସ, ଆଇନଜୀବୀ, ସରକାରୀ ନୀତି ପ୍ରସ୍ତୁତକାରୀ, ନାଗରିକ ସମାଜ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ସମାଜସେବୀ, ଆଇନ ଛାତ୍ରୀଛାତ୍ର ଓ ରାଜ୍ୟ ମହିଳା ଆୟୋଗର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ତ୍ରିଭାଷୀ କବି ସମ୍ମିଳନୀ

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)

ହେଲ୍ପମେଟ ଓ ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ହିନ୍ଦୀ, ଉର୍ଦ୍ଦୁ ଏବଂ ଓଡ଼ିଆ ତ୍ରିଭାଷୀ କବି ସମ୍ମିଳନୀ ମଙ୍ଗଳବାର ବୁଦ୍ଧମନ୍ଦିରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସରଡ. ଜ୍ୟୋତ୍ସ୍ନା ମହାପାତ୍ର, ଅନୁଷ୍ଠାନର ସଭାପତି ଡ. ଅଞ୍ଜଳି ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ଉପସଭାପତି ନିହାରୀକା ପଟ୍ଟନାୟକ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ହେବା ସହ ସଂସ୍କୃତିର ଆଦାନ ପ୍ରଦାନ ଏବଂ ନିଜ ଜ୍ଞାନର ସୀମା ବୃଦ୍ଧି ହୋଇଥାଏ। ତେଣୁ ଭାଷାକୁ ଭାଷା ସହ ଯୋଡ଼ି ଭାଷାର ଭାବାର୍ଥ ଓ ବାର୍ତ୍ତାକୁ କବିତା ମାଧ୍ୟମରେ ପ୍ରଚାର ପ୍ରସାର କରିବା ଲେଖକମାନଙ୍କର ଏକ ମୁଖ୍ୟ ଦାୟିତ୍ୱ ବୋଲି ଅତିଥିମାନେ କହିଛନ୍ତି। କବି ସମ୍ମିଳନୀରେ ଚମକ ଚାନ୍ଦିନୀ ଦାଶ, ସବିତା ଶତପଥୀ, ସନ୍ଧ୍ୟାରାଣୀ ପୃଷ୍ଟି ଓ ଗୀତାଞ୍ଜଳି ମହାନ୍ତିଙ୍କ ସହ ବିଭିନ୍ନ ଭାଷାଭାଷୀର କବିମାନେ ଯୋଗଦେଇ ପରିବେଶକୁ ଏକ ନିଆରା ଢଙ୍ଗରେ ପରିଚାଳନା କରିଥିଲେ।

# ରଥରେ ଲାଗିବ ନୂଆ ଦଧିନଉତି, ପାର୍ଶ୍ୱ ଦେବଦେବୀ

ପୁରୁଣା ଭୁବନେଶ୍ୱର,୨୪।୩
(ସୁବାସ ଚନ୍ଦ୍ର ପ୍ରଧାନ)

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା





ରୁକୁଣା ରଥ ପାଇଁ ତିଆରି ହୋଇଥିବା ପାର୍ଶ୍ୱ ଦେବଦେବୀ

ଆଉ ଦିନକ ପରେ ଅର୍ଥାତ୍ ୨୬ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ରଥଖଳାରେ ରୁକୁଣା ରଥ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଏହି ରଥରେ ୪ଟି ଘୋଡ଼ା, ଗୋଟିଏ ଦଧିନଉତି, ୧୨ ପାର୍ଶ୍ୱ ଦେବଦେବୀ ଏବଂ ୧୨ଟି ଓଲଟା ଶୁଆ ନୂତନଭାବେ ଲଗାଯିବ। ଗମ୍ଭାରୀ କାଠରେ ନିର୍ମାଣ ହୋଇଥିବା ବେଳେ ଘୋଡ଼ାର ଲମ୍ବ ୬ ଫୁଟ ଓ ଉଚ୍ଚତା ୩ ଫୁଟରୁ ଊର୍ଦ୍ଧ୍ୱ ରହିଛି। ସେହିଭଳି ପାର୍ଶ୍ୱ ଦେବଦେବୀଙ୍କ ଚଉଡ଼ା ୯.୫ ଇଞ୍ଚ ଥିବା ବେଳେ ଉଚ୍ଚତା ୧୬ ଇଞ୍ଚ ରହିଛି। ଓଲଟା ଶୁଆଗୁଡ଼ିକର ଲମ୍ବ ୩.୫ ଫୁଟ ଥିବା, ଚଉଡ଼ା ୧୬ ଇଞ୍ଚ ବୋଲି ନନ୍ଦିଘୋଷ ରଥର ଶାଢ଼ିବନ୍ଧା ସେବାୟତ ତଥା ରୂପସେବକ କାହ୍ନୁ ଚରଣ ମହାପାତ୍ର କହିଛନ୍ତି। ଘୋଡ଼ା ଏବଂ ଦଧିନଉତି ପାଇଁ ଗମ୍ଭାରୀ କାଠ ବ୍ୟବହାର ହୋଇଥିବା ବେଳେ ପାର୍ଶ୍ୱ ଦେବଦେବୀ ଏବଂ ଓଲଟା ଶୁଆ ପାଇଁ ନିମକାଠ ବ୍ୟବହାର କରାଯାଇଛି ବୋଲି ମହାପାତ୍ର କହିଛନ୍ତି। ତେବେ ଦଧିନଉତି ଲଗାଯିବା ପରେ ବୁଧବାର ରାତି ସୁଦ୍ଧା ନେତ୍ରୋତ୍ସବରେ ମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ରଥ ହସ୍ତାନ୍ତର କରାଯିବ ବୋଲି ସର୍ଦ୍ଦାରି ମହାରଣା ସୋମନାଥ ମହାରଣା କହିଛନ୍ତି।

# ୨୬ରୁ ଲିଙ୍ଗରାଜ ମହୋତ୍ସବ

## ଯୋଗଦେବେ ୭ଶହ କଳାକାର

ପୁରୁଣା ଭୁବନେଶ୍ୱର,୨୪।୩
(ସୁବାସ ଚନ୍ଦ୍ର ପ୍ରଧାନ)



ଖବରଦାତା ସମ୍ମିଳନୀରେ ଲିଙ୍ଗରାଜ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ପଞ୍ଚଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ଏହା ୬ ଦିନ ଧରି ଚାଲିବାକୁ ଥିବା ବେଳେ ଉତ୍ସବରେ ୭ଶହ କଳାକାର ଯୋଗଦେବେ। ଓଡ଼ିଶାର କଳା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଓ ରଥଯାତ୍ରା ପାଇଁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କ ମନୋରଞ୍ଜନ ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ମଙ୍ଗଳବାର ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ସୁରେଶ କୁମାର ରାଉତରାୟ ଏବଂ ସାଧାରଣ ସମ୍ପାଦକ ସନତ୍ ମିଶ୍ର ସୂଚନା ଦେଇଛନ୍ତି। ଚଳିତବର୍ଷ ଅଧିକ ପଡ଼ୋଶୀ ତଥା ଓଡ଼ିଶାର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା କଳାବିକାଶ କେନ୍ଦ୍ରର କଳାକାରମାନଙ୍କ ସହିତ ବୀଣାପାଣି କଳାନିକେତନ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ସତ୍ୟବାଦୀ ମହାବିଦ୍ୟାଳୟ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ତ୍ରିଧାରା, କୋଶଳ ଫୋକସ୍ ଡ୍ୟାନ୍ସ ଏକାଡେମୀ, କଳାନିକେତନ, ପୂର୍ବାଞ୍ଚଳ ସାଂସ୍କୃତିକ କଳାକେନ୍ଦ୍ର (ଇଜେଡ୍‌ସିସି) କୋଲ୍‌କାତାର ଭାରତ ନାଟ୍ୟମ, ପୁରୁଲିଆ ଛଉ, ଶ୍ରଦ୍ଧା କ୍ରିଏଟିଭ୍, ଜଟାଧାରୀ ବେହେରାଙ୍କ ପ୍ରସିଦ୍ଧ ଘୋଡ଼ାନାଚ, ଶିଳ୍ପୀକା, ଆଦିବାସୀ ନୃତ୍ୟ, ପାଇକ ଆଖଡ଼ା, ବ୍ଲୁ ଆଣ୍ଡ ବ୍ରାଇଟ୍ ଏକାଡେମୀ, ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଗୁରୁ ନିରଞ୍ଜନ ରାଉତ, ଦବ୍ୟଶ୍ରୀ ଗାଙ୍ଗୁଲି, ସିଂଗମ, ନୃତ୍ୟାର୍ଚ୍ଚନା, ସ୍ୱପ୍ନାରାଣୀ ସିହ୍ନା, ଫୁଲବାଣୀର ଢେମ୍‌ସା, ସ୍ମୃତି କଳାକେନ୍ଦ୍ର, ଅଞ୍ଚଳ ପାଣ୍ଡେ ଆଦି ୩୪ଟି ଗ୍ରୁପ୍‌ର ସୁନାମଧନ୍ୟ କଳାକାରମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିବେ। ଏ ସମସ୍ତ କାର୍ଯ୍ୟକ୍ରମର ବାସୁଦେବ ନାଥ ମଞ୍ଚ ପରିଚାଳନା କରିବେ। ଏହି ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ବିଶ୍ୱନାଥ ମହାପାତ୍ର, କେଦାରନାଥ ମହାପାତ୍ର, ଗଣେଶ ପାଲ୍, ପ୍ରମୋଦକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମ ମୁକାବିଲା: ଏସ୍‌ଓପି କଡ଼ାକଡ଼ି ଅନୁପାଳନ କର

ଭୁବନେଶ୍ୱର,୨୪।୩(ବନ୍ଦନା ସେଠୀ)



ଗ୍ରୀଷ୍ମ ମୁକାବିଲା ସମୀକ୍ଷା ବୈଠକରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ବିଭାଗୀୟ ଅଧିକାରୀମାନେ।

ଆସନ୍ନ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଏବଂ ମାର୍ଗଦର୍ଶିକା (ଏସ୍‌ଓପି)ର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ପୌର ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ଏସ୍‌ଓପି ଅନୁଯାୟୀ କାର୍ଯ୍ୟ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତରେ ଯେପରି ଜଣଙ୍କର ବି ମୃତ୍ୟୁ ନ ହେବ, ସେଥିପାଇଁ ସମସ୍ତ ଅଧିକାରୀ ସବୁସ୍ତରରେ ସତର୍କ ଏବଂ ତତ୍ପର ରହିବା ଆବଶ୍ୟକ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଯେପରି ଜୀବନହାନି ନ ହୁଏ, ସେଥିପାଇଁ ଠିକ୍ ସମୟରେ ହସ୍ତକ୍ଷେପ, ଗୋଷ୍ଠୀ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଛନ୍ତି। ନିରବଚ୍ଛିନ୍ନ ଓ ସମାନ ଭାବେ ଜଳ ଯୋଗାଣ ବ୍ୟବସ୍ଥା, ବିଶେଷକରି ପ୍ରବଳ ଗ୍ରୀଷ୍ମ ସମୟରେ ଜଳ ଯୋଗାଣରେ ଯେପରି କୌଣସି ସମସ୍ୟା ନ ଉପୁଜେ, ସେଥିପାଇଁ ୱାଟ୍‌କୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ମହାନଗର ନିଗମର କମିଶନର, ପୌରପାଳିକା ଏବଂ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟସ୍ତରରେ ପାନୀୟ ଜଳକେନ୍ଦ୍ର (ଜଳଛତ୍ର), ବିଶ୍ରାମ ପାଇଁ ଛାଇ ସ୍ଥାନ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ଥଣ୍ଡା ପରିବେଶ ସୃଷ୍ଟି ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲାସ୍ତରୀୟ ସମନ୍ୱୟକୁ ଦୃଢ଼ କରିବା ପାଇଁ ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ କ୍ଷେତ୍ରସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ପୌର ସଂସ୍ଥାକୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ସହ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏସ୍‌ଓପିର ଅନୁପାଳନ ଓ କ୍ଷେତ୍ରସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକ ପ୍ରାରମ୍ଭରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଗ୍ରୀଷ୍ମପ୍ରବାହ ପାଇଁ ଧାର୍ଯ୍ୟ ଏସ୍‌ଓପି ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ଗୁଡ଼ିକ ଦ୍ୱାରା ନିଆଯିବାକୁ ଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ବିବରଣୀ ପ୍ରଦାନ କରିଥିଲେ। ବିଭାଗର ଅତିରିକ୍ତ ସଚିବ ଓ ଅନ୍ୟ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ଥିଲେ।

**ଶିଖର ଘାଟରୁ ରାତିରେ ବାଲି ଚୋରା ଚାଲାଣ**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ): ଦେବୀ ନଦୀର ଶିଖର ଘାଟରୁ ବେଆଇନ ଭାବେ ରାତିରେ ବାଲି ଚାଲାଣ କରାଯାଉଛି। ସରକାରୀ ନିୟମ ଅନୁଯାୟୀ ସନ୍ଧ୍ୟା ପରେ ବାଲି ଚାଲାଣ ନ ହେବା ପାଇଁ ନିୟମ ଥିବାବେଳେ ବାଲିଘାଟ ମାଲିକମାନେ ଏହାକୁ ମାନୁନାହାନ୍ତି। ଗାଡ଼ି ଚାଳକମାନେ ରାଜସ୍ୱ ଫାଙ୍କୁଥିବା ବେଳେ ଏମାନଙ୍କ ଉପରେ ଲଘୁ ଖଣିଜ ବିଭାଗ ଚଢ଼ାଉ କରୁନାହାଁନ୍ତି। ଅନେକ ଗାଡ଼ିର କାଗଜପତ୍ର ଓ ଫିଟନେସ୍ ନ ଥିବା ଜଣାପଡ଼ିଛି। ଭାରିଯାନ ଚଳାଚଳ ଫଳରେ ନୟାହାଟ-ଶିଖର ଘାଟ ରାସ୍ତା ନଷ୍ଟ ହେଉଛି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୪।୩।୨୦୨୬

| ୫,୪୩,୧୪୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

**ସଂକ୍ଷେପରେ**

## ଭକ୍ତଙ୍କ ଠାରୁ ଚୋରି ଅଭିଯୋଗରେ ୨ ଗିରଫ

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ଭକ୍ତଙ୍କଠାରୁ ଟଙ୍କା ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିରଞ୍ଜନ ଶତପଥୀ ଓ ରାକେଶ ପଣ୍ଡା। ସୂଚନା ଅନୁଯାୟୀ, ଗଞ୍ଜାମରୁ ଆସିଥିବା ରବି ନାରାୟଣ ବେହେରା ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଧାଡ଼ିରେ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ତାଙ୍କଠାରୁ ପର୍ସ ଚୋରି କରି ନେଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସହ କେସ୍ ନଂ.୭୪/୨୬ରେ ଏକ ମାମଲା ରୁଜୁକରି କୋର୍ଟଚାଲାଣ କରିଛି। ସେହିପରି ଅଜୟ ବେହେରା ମହାପ୍ରଭୁଙ୍କ ଦର୍ଶନ କରୁଥିବା ବେଳେ ଅଭିଯୁକ୍ତ ରାକେଶ ତାଙ୍କ ପର୍ସ ଚୋରିକରି ନେଇଥିଲେ। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ପର୍ସ ସହ ୫୪୯୦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଏନେଇ କେସ୍ ନଂ.୭୫/୨୬ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବିଷ୍ଣୁଦତ୍ତ ବଡ଼ଜେନା ବିଜେୱାଇଏମ୍ ରାଜ୍ୟ ସମ୍ପାଦକ

ଡେଲାଙ୍ଗ, ୨୪।୩(ରଶ୍ମିରଞ୍ଜନ ପ୍ରଧାନ)

ଭାଜପା ଯୁବ ସଂଗଠନ ସାମ୍ମୁଖ୍ୟ ଭାରତୀୟ ଜନତା ଯୁବମୋର୍ଚ୍ଚା (ବିଜେୱାଇଏମ୍)ର ରାଜ୍ୟ ସମ୍ପାଦକ ଭାବେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ରେଙ୍ଗଲ ଗ୍ରାମର ବିଷ୍ଣୁଦତ୍ତ ବଡ଼ଜେନା ମନୋନୀତ ହୋଇଛନ୍ତି। ଭାଜପାର ଜଣେ ଦୃଢ଼ ସଂଗଠକ ଭାବେ ବଡ଼ଜେନା ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଥିବାବେଳେ ତାଙ୍କ ସହଧର୍ମିଣୀ ବିଗତ ଦିନରେ ରେଙ୍ଗଲ



ସରପଞ୍ଚ ରହିଥିଲେ। ଡେଲାଙ୍ଗ ଓ ପିପିଲି ବ୍ଲକ ସମେତ ପୁରୀ ଓ ଖୋର୍ଦ୍ଧା ଜିଲାରେ ବିଷ୍ଣୁଦତ୍ତଙ୍କ ଉତ୍ତମ ସାଙ୍ଗଠନିକ ସାମର୍ଥ୍ୟ ପ୍ରତି ଦୃଷ୍ଟି ରଖି ରାଜ୍ୟ ନେତୃତ୍ୱ ତାଙ୍କୁ ରାଜ୍ୟ ସମ୍ପାଦକ ଦାୟିତ୍ୱ ପ୍ରଦାନ କରିଥିବାରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ବିଧାୟକ ଆଶ୍ରିତ ପଟ୍ଟନାୟକ ବିଷ୍ଣୁଦତ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦଳ ପାଇଁ ନିଃସ୍ୱାର୍ଥ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବେ ବୋଲି ବଡ଼ଜେନା ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟସେବା ଶିବିର

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଓଡ଼ିଶା ଯୁବ ଚେତନା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ବସ୍‌ଷ୍ଟାଣ୍ଡ ନିକଟ ଚୈତନ୍ୟବିହାର ଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବିପିନ ବିହାରୀ ଖୁଣ୍ଟିଆ, ଡାକ୍ତର ସୂର୍ଯ୍ୟକାନ୍ତ ପୃଷ୍ଟି, ଡାକ୍ତର ସୋନାଲିକା ଜେନା, ନମ୍ରତା ଦାସ ଏବଂ ଓଡ଼ିଶା ଯୁବ ଚେତନା ସଙ୍ଗଠନର ଆବାହକ ଦେବାଶିଷ ଦାସ, ଶିବରାମ ପ୍ରଧାନ ଓ ଶ୍ୟାମସୁନ୍ଦର ଛୋଟରାୟ ପରିଚାଳନା କରିଥିଲେ। ଶିବିରରେ ଅନୁଭବୀ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ମିଶି ବିଭିନ୍ନ ପରୀକ୍ଷା କରିଥିଲେ। ରକ୍ତଚାପ ମାନ, ରକ୍ତରେ ସୁଗାର ପରୀକ୍ଷା ଓ ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଆବଶ୍ୟକ ଅନୁଯାୟୀ, ଔଷଧ ମଧ୍ୟ ନିଃଶୁଳ୍କ ଭାବେ ବଣ୍ଟନ କରାଯାଇଥିଲା।

# ଟିବିମୁକ୍ତ ପାଇଁ ୨୬ ପଞ୍ଚାୟତକୁ ପଦକ ପ୍ରଦାନ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ସରପଞ୍ଚମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

### ଜନସଚେତନତା ପାଇଁ ବଡ଼ଦାଣ୍ଡରେ ଶୋଭାଯାତ୍ରା

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଟିବିମୁକ୍ତ ଓଡ଼ିଶା ପାଇଁ ପୁରୀ ସହର ସମେତ ଜିଲାର ବିଭିନ୍ନ ବ୍ଲକରେ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ସହଯୋଗରେ ଗୁଣ୍ଡିଚାମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ, ଡିଟିଓ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସହନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭାଗୀୟ ପ୍ରଫେସର ସୁଦର୍ଶନ ପୋଥାଳ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ରବୀନ୍ଦ୍ର କୁମାର ମିଶ୍ର, ଡିପିଏଚ୍‌ଓ ଏବଂ ଡାକ୍ତର ସଞ୍ଜୁ କୁମାର, ସଦସ୍ୟ ଡ. ବଦ୍ରି ମିଶ୍ର ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଅତିଥିମାନେ ଯୋଗଦେଇ ଗତବର୍ଷ ଜିଲାରେ ୫୧,୯୧୫ ଜଣଙ୍କ ନମୁନା ପରୀକ୍ଷା କଲାପରେ ତନ୍ମଧ୍ୟରୁ ୧୨୭୭ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ତନ୍ମଧ୍ୟରୁ ୧୧୬୫ ଜଣ ନିୟମିତ ଚିକିତ୍ସା ପରେ ସୁସ୍ଥ ହେବା କମ୍ କଥା ନୁହେଁ ବୋଲି ମତପ୍ରକାଶ କରିଥିଲେ।

ଏଥିସହ ସରକାର ତଥା ସ୍ୱାସ୍ଥ୍ୟ ବିଭାଗର ସହଯୋଗ କାରଣରୁ ଏବେ ଯକ୍ଷ୍ମାଜନିତ ମୃତ୍ୟୁହାର ୨ ପ୍ରତିଶତକୁ ଆସିବା ଓଡ଼ିଶାରେ ରେକର୍ଡ ବୋଲି ପ୍ରକାଶ କରିଥିଲେ। ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ଆରମ୍ଭ ହୋଇଥିବା ୧୦୦ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ, ନିୟମିତ ଔଷଧ ସେବନ ଓ ଏଥିରେ ଜନଗଣଙ୍କ ସହଯୋଗ ଉପରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯକ୍ଷ୍ମାମୁକ୍ତ ୧୦ଟି ପଞ୍ଚାୟତ ସରପଞ୍ଚଙ୍କୁ ସ୍ୱର୍ଣ୍ଣ ଓ ୧୬ଟି ପଞ୍ଚାୟତର ସରପଞ୍ଚଙ୍କୁ ରୌପ୍ୟ ପଦକ ସହ ଗାନ୍ଧିଜୀଙ୍କ ମୂର୍ତ୍ତି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡିଟିଓ ଡା. ଲଲାଟେନ୍ଦୁ ମିଶ୍ରଙ୍କ ପରିଚାଳନାରେ ୧୭ ଯକ୍ଷ୍ମାରୋଗୀଙ୍କୁ ସ୍ୱତନ୍ତ୍ର ଯକ୍ଷ୍ମା କିଟ୍ ଓ ପୁଷ୍ଟିକର ଖାଦ୍ୟସାମଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦେବାଶିଷ ମର୍ଦ୍ଦରାଜ, ଦୈତାରୀ ପଟ୍ଟନାୟକ, କେଦାରନାଥ ମହାପାତ୍ର, ପ୍ରତାପ କେଶରୀ ରଥ ଓ ସୁଦର୍ଶନ ଜେନା ପ୍ରମୁଖ ପରିଚାଳନା କରିଥିଲେ।





ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ମଙ୍ଗଳବାର ପୁରୀର ବାଲୁକା ଶିଳ୍ପୀ ମାନସ ସାହୁଙ୍କ ବାଲୁକା ଆନିମେଶନ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୨୭ରୁ ୩ ଦିନିଆ ବିଶ୍ୱ ନାଟ୍ୟ ଦିବସ

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆସୋସିଏଶନ ପକ୍ଷରୁ ଜିଲାସ୍କୁଲସ୍ଥିତ ଓଡ଼ିଶା ସଙ୍ଗୀତ ପରିଷଦ ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ନାଟ୍ୟ ଦିବସ ପାଳନ ପୂର୍ବରୁ ଗତ ୨୨ ତାରିଖ ଦିନ ପୁରୀ ସହରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ବିଶ୍ୱ ନାଟ୍ୟ ଦିବସରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପ୍ରଥମ ଦିନ ଅର୍ଥାତ୍ ୨୭ ତାରିଖ ଅପରାହ୍ନରେ ବଳଗଣ୍ଡି ଛକ ନିକଟରୁ କଳାକାରଙ୍କ ଏକ ଶୋଭାଯାତ୍ରା ବାହାରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ନିକଟରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସେଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପହଞ୍ଚି ନାଟ୍ୟ ଦିବସର ଶୁଭାରମ୍ଭ କରାଯିବ। ପ୍ରଥମ ଦିନ ସନ୍ଧ୍ୟାରେ ପୁରୀ ଆର୍ଟିଷ୍ଟ ଆସୋସିଏଶନ କଳାକାରଙ୍କ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ମାର୍ଫତ୍ ଈଶ୍ୱର'। ବିକାଶ ଦତ୍ତ ନାଟକ ନିର୍ଦ୍ଦେଶନା ଦେଇଛନ୍ତି ଓ ରଣଜିତ୍ ପଟ୍ଟନାୟକ ରଚନା କରିଛନ୍ତି। ଏହି ଅବସରରେ ସହରାଞ୍ଚଳର ସଂଯୁକ୍ତା ପଟ୍ଟନାୟକ ଓ ଗ୍ରାମାଞ୍ଚଳର ଗଦାଧର ବାରିକଙ୍କୁ ଆଜୀବନ କଳା ସାଧନା ସମ୍ମାନରେ ସମ୍ମାନିତ କରାଯିବ। ଦ୍ୱିତୀୟ ଦିନ ସନ୍ଧ୍ୟାରେ ରାଜ୍ୟର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ, ଐନ୍ଦ୍ରଜାଲିକ ଭୋଜବିଦ୍ୟା, ବାଦ୍ୟବିଚିତ୍ରା ପରି ଷ୍ଟାର ଇଭିନିଂ କାର୍ଯ୍ୟକ୍ରମ ପରିବେଷଣ କରାଯିବ ଏବଂ ତୃତୀୟ ଦିନ ସନ୍ଧ୍ୟାରେ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ କରାଯିବ। ଏହାସହ ଅନ୍ତିମ ଦିନ ଓଡ଼ିଶୀ ସଙ୍ଗୀତ ଗବେଷକ କବି ତିଳକ ଗୁରୁ ଆର୍ତ୍ତତ୍ରାଣ ଶତପଥୀଙ୍କ ୮୫ତମ ଜନ୍ମତିଥି ଅବସରରେ ଓଡ଼ିଶୀ ରସ ମହୋଦଧି ପରିବେଷଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଆସୋସିଏଶନର ପରାମର୍ଶଦାତା ଚକ୍ରଧର ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ନାଟକରେ ଯୁବପିଢ଼ିଙ୍କୁ ସୁଯୋଗଦେବା ଲକ୍ଷ୍ୟରେ ଆସନ୍ତା ନଭେମ୍ବର ଓ ଡିସେମ୍ବରରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ୫୦ କଳାକାର ଚୟନ କରାଯିବ ଏବଂ ସେମାନେ ଆସନ୍ତା ବର୍ଷ ନାଟ୍ୟ ମହୋତ୍ସବରେ ନୂତନ କଳାକାର ଭାବେ ନାଟ୍ୟ ଦିବସରେ ନାଟକ ପରିବେଷଣ କରିବେ ବୋଲି ସାଧାରଣ ସମ୍ପାଦକ ରାମକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି।

# ମାଙ୍କଡ଼ ଉପଦ୍ରବ ଯୋଗୁ ଫସଲ ନଷ୍ଟ

ସାକ୍ଷୀଗୋପାଳ, ୨୪।୩(ଭରତ ରାଉତ)

ସାକ୍ଷୀଗୋପାଳ ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ଗ୍ରାମାଞ୍ଚଳରେ ଚାଷୀଙ୍କ ବାଡ଼ିବଗିଚାରେ କଲରା, କଖାରୁ, ସଜନା, ପିଜୁଳି, ଜହ୍ନି, ଝୁଡ଼ଙ୍ଗ, ବାଇଗଣ, ଲଙ୍କା, କାଙ୍କଡ଼ ପର୍ଯ୍ୟାପ୍ତ ପରିମାଣରେ ଫଳୁଥିଲା। ଏହାଦ୍ୱାରା ସେମାନେ ନିଜ ଖର୍ଚ୍ଚ ଭରଣା ସହ ଘରର ଆବଶ୍ୟକତା ପୂରଣ କରିପାରୁଥିଲେ। ହେଲେ ଯେବେଠୁ ମାଙ୍କଡ଼ ପଲ ଜଙ୍ଗଲ ଛାଡ଼ି ଜନବସତିମୁହାଁ ହୋଇଛନ୍ତି, ସେବେଠାରୁ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ବାଡ଼ିବଗିଚାରେ ମାଙ୍କଡ଼ ପଲ ଦିନରାତି ପ୍ରାଦୁର୍ଭାବ କରୁଥିବାବେଳେ ପରିବା କଷିଟିଏ ବି ଘରକୁ ଆସୁନି, ତେଣୁ ଅଞ୍ଚଳବାସୀ ଚିନ୍ତାରେ ବୋଲି ଚାଷୀ ପ୍ରଫୁଲ୍ଲ ବିଶ୍ୱାଳ କହିଛନ୍ତି। ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁ ଗତ କିଛି ବର୍ଷ ହେବ ବ୍ୟାପକ କ୍ଷୟକ୍ଷତି ହେଉଛି। ସବୁ ପରିଶ୍ରମ ବୃଥା ଯାଉଛି। ତେଣୁ ଇଚ୍ଛା ଥିଲେ ବି ଅଧିକାଂଶ ପନିପରିବା ଚାଷ କରିବାକୁ ପଛଘୁଞ୍ଚା ଦେବାକୁ ପଡୁଛି। ମାଙ୍କଡ଼ଙ୍କ ଉପଦ୍ରବରେ ଚାଷୀମାନେ ଅତିଷ୍ଠ ହୋଇପଡ଼ିଥିଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା କରି ନ ପାରି କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ଯଦି କୌଣସି ଚାଷୀ ନିଜ ବିଲରୁ ମାଙ୍କଡ଼ ପଲଙ୍କୁ ଘଉଡାଇବାରେ ସକ୍ଷମ ହେଉଛନ୍ତି ତେବେ ମାଙ୍କଡ଼ ପଲ ଅନ୍ୟ ଚାଷୀଙ୍କ ବିଲରେ ପଶି ପୁଣି ସେହି ହରକତ କରୁଛନ୍ତି। ଏନେଇ ବନ ବିଭାଗକୁ ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କ'ଣ କଲେ ମାଙ୍କଡ଼ଙ୍କ ଉପଦ୍ରବରୁ ନିସ୍ତାର ମିଳିବ ସେହି ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଅନ୍ୟପକ୍ଷରେ ବଜାର ଅଞ୍ଚଳରେ ମାଙ୍କଡ଼ମାନେ ଖୋଲା ଥିବା ଘରେ ନିର୍ଭରରେ ପଶି ଖାଦ୍ୟ ସାମଗ୍ରୀ ନେଇଯାଉଥିଲେ ହେଁ ଲୋକେ ଭୟରେ କିଛି କରିପାରୁ ନାହାନ୍ତି। ବଜାର ମଧ୍ୟରେ ଦୋକାନଗୁଡ଼ିକରେ ବିକ୍ରି ପାଇଁ ଝୁଲାଯାଇଥିବା ଖାଇବା ଜିନିଷକୁ ମାଙ୍କଡ଼ ପଲ ଝାମ୍ପିନେବା ସହ ରାସ୍ତାକଡ଼ରେ ଥିବା ବାଇକ୍‌ଗୁଡ଼ିକ ଉପରେ କୁଦାମାରି ଓଲଟାଇ ଦେଇ ବହୁତ କ୍ଷତି କରୁଛନ୍ତି।

## ଶୋଷଣମୁକ୍ତ ସମାଜ ଗଠନ ପାଇଁ ଛାତ୍ରଶକ୍ତି ଏକ୍‌ଜୁଟ ହୁଅନ୍ତୁ

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ମହାନ୍ ବିପ୍ଳବୀ ଭଗତ ସିଂହ, ଜୟୀ ରାଜଗୁରୁ ଓ ସୁଖଦେବଙ୍କ ଶହୀଦ ଦିବସ ଅବସରରେ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷଠାରେ 'ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ର ସମାଜର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏସ୍‌ଏଫ୍‌ଆଇ ସହର କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ ଛାତ୍ର ନେତୃବୃନ୍ଦ ଯୋଗଦେଇ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ସଙ୍କଟ ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଜେନା ଯୋଗଦେଇ 'ଉଦାରବାଦ ଅର୍ଥନୀତି ଯୋଗୁ ବେକାରି ହାର ବଢ଼ିଛି, ଆୟର ଅସମାନତା ବଢ଼ିଛି, ଛାତ୍ରଙ୍କର ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହେଉଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଭାତ କୁମାର ପତି ସଭାପତିତ୍ୱ କରିଥିବା ବେଳେ ଅନିଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧାପକ ବିମଳ ମାନସିଂହ ଓ ଅଧାପକ ରଞ୍ଜିତ ସାମଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବୈଜ୍ଞାନିକ ଓ ପ୍ରଗତିଶୀଳ ଚିନ୍ତାଧାରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏସ୍‌ଏଫ୍‌ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ଏବଂ ଶୁଭସ୍ମିତା ପଣ୍ଡା ନିଜର ବକ୍ତବ୍ୟ ମାଧ୍ୟମରେ ସାମ୍ପ୍ରତିକ ଶୈକ୍ଷିକ ସଙ୍କଟ ଉପରେ ମତ ରଖିଥିଲେ।

## ହିଙ୍ଗୁଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବ୍ରହ୍ମଗିରି, ୨୪।୩ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମାତଲାପୁରସ୍ଥିତ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଡ. ମନୋରଞ୍ଜନ ରାୟ ସଭାପତିତ୍ୱ କରିଥିଲେ। ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ, ଅତିରିକ୍ତ ତହସିଲଦାର, ସ୍ଥାନୀୟ ସରପଞ୍ଚ, ଜିଲାପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପରିଡ଼ା, କାଶିନାଥ ନାୟକ, ଅଧିକାରୀ ନାୟକ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ହେଙ୍ଗୁଳା ଯାତ୍ରା ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧ ତାରିଖରେ ସମାପନ ହେବ। ୫ ଦିନ ଧରି ବହୁ ଭକ୍ତଙ୍କ ସମାଗମ ହେବ।ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ ଓ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ୩୯ ଗାଡ଼ିକୁ ୧,୯୧,୯୮୦ ଟଙ୍କା ଜରିମାନା

ଅସ୍ତରଙ୍ଗ/କାକଟପୁର, ୨୪।୩ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ବେପରୁଆ ଓ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଚାଳକଙ୍କୁ ସାବାଡ଼ କରାଯାଉଛି। ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ଲକ୍ଷ୍ୟରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଜାରି ରହିଛି। ଏହି କ୍ରମରେ ପୁରୀ ପରିବହନ ବିଭାଗ ଓ ଅସ୍ତରଙ୍ଗ ପୋଲିସ ପକ୍ଷରୁ ମଙ୍ଗଳବାର ଅସ୍ତରଙ୍ଗ ମୁଖ୍ୟ ବଜାରରେ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଇଛି। ଦ୍ରୁତଗତି ଓ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା, ବିନା ହେଲ୍‌ମେଟରେ ବାଇକ୍ ଚଳାଇବା, ମାଲବାହୀ ଗାଡ଼ିଗୁଡ଼ିକ କ୍ଷମତାଠାରୁ ଅଧିକ ପରିବହନ କରିବା, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ସହ ସଚେତନତା କରାଯାଇଛି। ୩୯ ଗାଡ଼ିଠାରୁ ୧ଲକ୍ଷ ୯୧ହଜାର ୯୮୦ ଟଙ୍କା ଜରିମାନା ଆଦାୟ ସହ ଚାଲାଣ କଟାଯାଇଛି। ସମ୍ପୃକ୍ତ ଗାଡ଼ିଚାଳକମାନଙ୍କ ବିରୋଧରେ ଇ-ଚାଲାଣ ଜାରି ହୋଇଛି। ପୁରୀ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ପରିବହନ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର, ଏଏସ୍‌ଆଇ ସନ୍ତୋଷ କୁମାର ସେଠୀ, ଅସ୍ତରଙ୍ଗ ଥାନା ଅଧିକାରିଣୀ ବିଦିତା ନାୟକ, ଏଏସ୍‌ଆଇ ଫକୀର ଚରଣ ଭୋଇ ପ୍ରମୁଖ ଯାଞ୍ଚରେ ସାମିଲ ଥିଲେ।

## ରାସ୍ତାକୁ ମାଡ଼ି ପାଚେରି ନିର୍ମାଣ ନେଇ ଉତ୍ତେଜନା

ବଳଙ୍ଗା, ୨୪।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଚକବଳଙ୍ଗା ଗ୍ରାମରେ ମୁଖ୍ୟ ରାସ୍ତାକୁ ମାଡ଼ି ପାଚେରି ନିର୍ମାଣ କରାଯିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଜିତ ଚାନ୍ଦ ଦାସଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ବଳଙ୍ଗା-ଗବକୁଣ୍ଡ ରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ମାଡ଼ି ଜଣେ ବ୍ୟକ୍ତି ଗୃହ ନିର୍ମାଣ କରିଛନ୍ତି। ମଙ୍ଗଳବାର ଏହି ଘର ଆଗରେ ପାଚେରି ନିର୍ମାଣ ପାଇଁ ଖୁଣ୍ଟ ତିଆରି କରାଯାଉଥିଲା। ପାଚେରି ନିର୍ମାଣ ହେଲେ ଏହି ସ୍ଥାନରେ ରାସ୍ତା ସଙ୍କୁଚିତ ହେବା ସହ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ ନିର୍ମାଣ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ କାର୍ଯ୍ୟକୁ ବିରୋଧକରି ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ସେଠାରେ ପହଞ୍ଚି କାମକୁ ବନ୍ଦ କରିଦେଇଥିଲା। ତେବେ ପୋଲିସ ଫେରିଆସିବା ପରେ ପୁନର୍ବାର କାମ ଚାଲିଥିବା ଅଭିଯୋଗ ହୋଇଛି।

## ରତ୍ନ ଅଳଙ୍କାର ଗଣତି ନେଇ ପୋଲିସ ବ୍ୟବସ୍ଥା

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ, ୨୫ ତାରିଖରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କାର୍ଯ୍ୟର ଶୁଭାରମ୍ଭ କରାଯିବ। ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିଭଳି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପୋଲିସ ପକ୍ଷରୁ ଗଣତି ମଣତିକୁ ଦୃଷ୍ଟିରେ ରଖି ଅତିରିକ୍ତ ଏସ୍‌ପି ୨ ଜଣ, ଡିଏସ୍‌ପି ତଥା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ୩ ଜଣ, ଇନ୍ସପେକ୍ଟର ର୍‌ୟାଙ୍କର ୬ ଜଣ, ଏସ୍‌ଆଇ/ଏଏସ୍‌ଆଇ ୧୬ ଜଣଙ୍କ ସହ ୧୦ ସେକ୍ସନ ପୋଲିସ ଫୋର୍ସ ମୁତୟନ ରହିବେ। ଏଥିସହ ଷ୍ଟ୍ରାଇକିଂ ଫୋର୍ସ ୨ଟି ସ୍ଥାନରେ ନିୟୋଜିତ ରହିବେ। ଗୋଟିଏ ଦଳ ବାଇଶ ପାହାଚ ଏବଂ ଅନ୍ୟ ଗୋଟିଏ ଦଳ ସିଂହଦ୍ୱାର ପୋଲିସ ଷ୍ଟେଶନ ନିକଟରେ ମୁତୟନ ରହିବେ। ଅଗ୍ନିଶମ ବାହିନୀ, ଡାକ୍ତରୀ ଦଳ ସହ ବିଭିନ୍ନ ବିଭାଗର ଅଧିକାରୀ ମୁତୟନ ରହିବେ। ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳାକୁ ବେଶ୍ ଗୁରୁତ୍ୱ ଦିଆଯାଇଛି।

## ପୋଲିସ ପକ୍ଷରୁ ସାଗର କବଚ ମକ୍‌ଡ୍ରିଲ

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ପୋଲିସ ଦ୍ୱାରା ସମୁଦ୍ର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଓ ଆକସ୍ମିକ ପରିସ୍ଥିତିରେ ପୋଲିସ ବାହିନୀର ପ୍ରସ୍ତୁତିକୁ ପରୀକ୍ଷା କରିବା ପାଇଁ 'ସାଗର କବଚ' ନାମକ ମକ୍‌ଡ୍ରିଲ୍ ଆୟୋଜିତ ହୋଇଥିଲା। ଏହି ଅଭିଯାନ ସମୟରେ ପୁରୀ ସହରର ସତ୍ୟନାରାୟଣ ମନ୍ଦିର ନିକଟରେ ସନ୍ଦେହଜନକ ଚଳାଚଳ ଦେଖି ପୋଲିସ ତତ୍କ୍ଷଣାତ ସତର୍କ ହୋଇ କାର୍ଯ୍ୟରତ ହୋଇଥିଲା। ପୋଲିସ ଟିମ୍ ପଣ୍ଡାଗଳି/ଉତ୍ତର ଦ୍ୱାର ପରିକ୍ରମା ମାର୍ଗ ବାହାରୁ ୫ ନକଲି ଆତଙ୍କବାଦୀଙ୍କୁ ସଫଳତାର ସହ ଧରିଥିଲା। ଏହି ମକ୍‌ଡ୍ରିଲ୍ ମାଧ୍ୟମରେ ପୋଲିସର ଦ୍ରୁତ ପ୍ରତିକ୍ରିୟା, ସମନ୍ୱୟ ଓ କାର୍ଯ୍ୟକୁଶଳତା ସ୍ପଷ୍ଟଭାବେ ପ୍ରତିଫଳିତ ହୋଇଛି। ବିଭିନ୍ନ ୟୁନିଟ୍ ମଧ୍ୟରେ ସମନ୍ୱୟ ରଖି ଏହି ଅଭ୍ୟାସ ଭବିଷ୍ୟତରେ କୌଣସି ଆପରାଧିକ ବା ଆତଙ୍କବାଦୀ ଆକ୍ରମଣ ସମୟରେ ପୋଲିସ ପ୍ରସ୍ତୁତିକୁ ଆହୁରି ମଜଭୁତ କରିବ। ପୋଲିସ ସମସ୍ତ ନାଗରିକଙ୍କୁ ନିବେଦନ କରିଛି ଯେ, ସନ୍ଦେହଜନକ ବ୍ୟକ୍ତିଙ୍କ ସମ୍ବନ୍ଧରେ ତତ୍କ୍ଷଣାତ୍ ନିକଟସ୍ଥ ପୋଲିସ ଥାନା ବା ଜରୁରୀ ସହାୟତା ନମ୍ବର ୧୧୨ରେ ସୂଚନା ପ୍ରଦାନ କରିବାକୁ କୁହାଯାଇଛି।

## ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ନାଟକ, ସଙ୍ଗୀତ ଓ ଚିକିତ୍ସା ଶିବିର

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ଜନଗଣ ସଚେତନ ରହିବା ଆବଶ୍ୟକ ବୋଲି ଜିଲା ଯକ୍ଷ୍ମା ନିରାକରଣ ସଦସ୍ୟ ବଦ୍ରି ମିଶ୍ର କହିଛନ୍ତି। ପାରାଡାଇଜ୍ ବୃଦ୍ଧାଶ୍ରମ ପରିସରରେ ପୁରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅଧୀନ ପୁରୀ ନର୍ସିଂ ଓ ଫାର୍ମାସୀ କଲେଜ ପକ୍ଷରୁ ଆୟୋଜିତ ମୁକ୍ତ ଚିକିତ୍ସା ଶିବିରରେ ଯୋଗଦେଇ ଯକ୍ଷ୍ମାମୁକ୍ତ ସଚେତନତା ସୃଷ୍ଟି ପାଇଁ ଅନୁଷ୍ଠାନ ଆଗଭର ହୋଇଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ତାଲିମ୍ ନେଉଥିବା ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମାଟିତୋଟା, କଣ୍ଠପୁର, ରେବତୀରମଣ, ଖଡ଼ିପଦା ସମେତ ଶାସନ ଦାମୋଦରପୁରରେ ଯକ୍ଷ୍ମା ସଚେତନତା ସମ୍ପର୍କିତ ନାଟକ ଓ ସଙ୍ଗୀତ ପ୍ରଦର୍ଶନ ସହ ସଚେତନତା ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ସୁଦର୍ଶନ ପୋଥାଳ, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ତପନ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର ମିଶ୍ର, ସମୀର ରାଉତରାୟ, ବିଶ୍ୱଭୂଷଣ ଜେନା ଓ ନିକିତା ଠାକୁର ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆଖପାଖ ଗ୍ରାମର ୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମେତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ମୁକ୍ତ ଚିକିତ୍ସା କରାଯାଇଥିଲା।

## ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ

କାକଟପୁର/ଅସ୍ତରଙ୍ଗ, ୨୪।୩ (ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଧୀନ ଖଣ୍ଡାସାହିସ୍ଥିତ ବିନୋଦିନୀ କଲ୍ୟାଣ ମଣ୍ଡପରେ ନୂଆଗଡ଼ ମଣ୍ଡଳ ଓ ଅସ୍ତରଙ୍ଗ ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାଜପାକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା, ଆଗାମୀ ପଞ୍ଚାୟତ ନିର୍ବାଚନରେ ଜିତିବା ଆଦି ସମ୍ପର୍କରେ ଆଲୋଚନା ହୋଇଛି। ଶୃଙ୍ଖଳା ଏବଂ ଅନୁଶାସନକୁ ଗୁରୁତ୍ୱ ଦେବା, ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତି ନାୟକ, ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ନୂଆଗଡ଼ ମଣ୍ଡଳ ସଭାପତି ନରେଶ ପତି, ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା, ଈଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀକ୍ଷେତ୍ର ନୃତ୍ୟସଂଘ ପକ୍ଷରୁ ଶୋକସଭା



ସଂଘର ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁଙ୍କ ସ୍ମୃତି ଚାରଣ କରାଯାଉଛି ।

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ନୃତ୍ୟସଂଘର ଜଣେ ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁଙ୍କ ଗତ ଶନିବାର ପରଲୋକ ଘଟିଛି। ତାଙ୍କର ଏଭଳି ଅକାଳ ବିୟୋଗକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କ ବିୟୋଗରେ ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହ ଏକ ଶୋକସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରମ୍ୟାନ ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ର, ସଭାପତି ବଟକୃଷ୍ଣ ପୁଷ୍ପାଳକ, ଉପସଭାପତି ସୁକେଶ ପ୍ରଧାନ, ସମ୍ପାଦକ ସୁକାନ୍ତ ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର କୁମାର ମୁଦୁଲି, ସଞ୍ଜୀବ ରଥଶର୍ମାଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ଏକତ୍ରିତ ହୋଇ ମନୋରଞ୍ଜନଙ୍କ ସ୍ମୃତିଚାରଣ କରିଥିଲେ। ସମସ୍ତେ ମନୋରଞ୍ଜନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ୧୦୯ ଜଣଙ୍କ ବିରୋଧରେ ମାମଲା: ୬.୫୧ ଲକ୍ଷ ଜରିମାନା ଆଦାୟ

ପୁରୀ, ୨୪।୩(ଅଜିତ୍ କୁମାର ମହାନ୍ତି)

### ନାକା ଚେକିଂ, ମଦ୍ୟପାନ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଜିଲାରେ ଯାତାୟାତ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ପୋଲିସ୍ ଦ୍ୱାରା ଗତ ୩ ଦିନ ଧରି ବିଭିନ୍ନ ସ୍ଥାନରେ ବିଶେଷ ଚେକିଂ, ନାକା ଚେକିଂ ଓ ବ୍ଲକିଂ ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ଜିଲାର ସମସ୍ତ ପୋଲିସ ଷ୍ଟେଶନ ସକ୍ରିୟ ଭାବେ ଭାଗ ନେଇଥିଲେ। ଏହି ୩ ଦିନର ସମୟସୀମା ମଧ୍ୟରେ ବିଭିନ୍ନ ଟ୍ରାଫିକ୍ ଉଲ୍ଲଂଘନରେ ମୋଟ ୬ ଲକ୍ଷ ୫୧ ହଜାର ୫୦୦ ଟଙ୍କା ଜରିମାନା କଟାଯାଇଛି। ଟ୍ରାଫିକ୍ ଥାନା ଦ୍ୱାରା ୨ ଲକ୍ଷ ୯୦ ହଜାର, ସମୁଦ୍ରକୂଳ ଥାନା ଅଞ୍ଚଳରୁ ୨୨ ହଜାର ୫୦୦, ତାଳବଣିଆ ଥାନା ଅଞ୍ଚଳରୁ ୩୩ ହଜାର, କୋଣାର୍କ ଥାନା ଅଞ୍ଚଳରୁ ୧୬ ହଜାର, କଣାସ ଅଞ୍ଚଳରୁ ୯ ହଜାର, କାକଟପୁର ଥାନା ଅଞ୍ଚଳରୁ ୧୦ ହଜାର, ଟାଉନ୍ ଥାନା ଅଞ୍ଚଳରୁ ୬୩ ହଜାର, ସତ୍ୟବାଦୀ ଥାନା ଅଞ୍ଚଳରୁ ୧୬ ହଜାର, ବାସେଳିସାହି ଥାନା ଅଞ୍ଚଳରୁ ୨୫ ହଜାର, ରାମଚଣ୍ଡୀ ଥାନା ଅଞ୍ଚଳରୁ ୧୫ ହଜାର, ଅସ୍ତରଙ୍ଗ ଥାନା ଅଞ୍ଚଳରୁ ୧୨ ହଜାର ୫୦୦, ଅରଖକୁଦା ମେରାଇନ୍ ଥାନା ଅଞ୍ଚଳରୁ ୯ ହଜାର, ଚନ୍ଦ୍ରଭାଗା ମେରାଇନ୍ ଥାନା ଅଞ୍ଚଳରୁ ୪ ହଜାର, ବଳିଆପଣ୍ଡା ଥାନା ଅଞ୍ଚଳରୁ ୮ ହଜାର, ପିପିଲି ଥାନା ଅଞ୍ଚଳରୁ ୨ ହଜାର, ଗୋପ ଥାନା ଅଞ୍ଚଳରୁ ୮ ହଜାର ୫୦୦, ଡେଲାଙ୍ଗ ଥାନା ଅଞ୍ଚଳରୁ ୨ ହଜାର, ନିମାପଡ଼ା ଥାନା ଅଞ୍ଚଳରୁ ୩୧ ହଜାର, କୃଷ୍ଣପ୍ରସାଦ ଥାନା ଅଞ୍ଚଳରୁ ୪ ହଜାର, ବ୍ରହ୍ମଗିରି ଥାନା ଅଞ୍ଚଳରୁ ୨୮ ହଜାର, ଗଡ଼ିଶାଗୋଡା ଥାନା ଅଞ୍ଚଳରୁ ୩ ହଜାର, ଚନ୍ଦନପୁର ଅଞ୍ଚଳରୁ ୩ ହଜାର ୫୦୦, ଚାରିଛକ ଥାନା ଅଞ୍ଚଳରୁ ୧ ହଜାର ୫୦୦, ସିଂହଦ୍ୱାର ଥାନା ଅଞ୍ଚଳରୁ ୨୧ ହଜାର ୫୦୦, ପେଣ୍ଟକାଟା ମେରାଇନ୍ ଥାନା ଅଞ୍ଚଳରୁ ୫ ହଜାର, ବଳଙ୍ଗା ଥାନା ଅଞ୍ଚଳରୁ ୩ ହଜାର ଟଙ୍କା ଫାଇନ କଟାଯାଇଛି। ଏହାଛଡ଼ା ମଦ୍ୟପାନ ବିରୋଧରେ ମୋଟ୍ ୧୦୯ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଳବଣିଆ ଥାନାରେ ୧୧, ସି' ବିଚ୍ ଥାନାରେ ୪୮, ବଳିଆପଣ୍ଡା ଥାନାରେ ୧୧, ବାସେଳିସାହି ଥାନାରେ ୧୦, ଟାଉନ୍ ଥାନାରେ ୧୮ ଏବଂ କୁମ୍ଭାରପଡ଼ା ଥାନାରେ ୧୧ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଭାଗବତ ପ୍ରତିନିଧି ସମ୍ମିଳନୀ

ଚୌଦ୍ୱାର,(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ହରିଅନ୍ତା ପଞ୍ଚାୟତ ଅଧୀନ ନିମାପଡ଼ା ଗ୍ରାମସ୍ଥିତ ଭାଗବତ ପ୍ରକୋଷ୍ଠରେ ଭାଗବତ ପ୍ରତିନିଧିଙ୍କ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସିଦ୍ଧଗିରି ପୀଠ ମହନ୍ତ ବିଶ୍ୱନାଥ ମହାରାଜ ଉଦ୍ଘାଟନ କରିଥିଲେ। ରୋଟାରିଆନ ବିଶ୍ୱନାଥ ପଣ୍ଡା, ବିଷ୍ଣୁ ଚରଣ ପରିଡ଼ା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ସୁରେନ୍ଦ୍ରନାଥ ଷଡ଼ଙ୍ଗୀ, ହୃଷୀକେଶ ମହାନ୍ତି, ବିରଞ୍ଚି ନାରାୟଣ ପଣ୍ଡା, ପରମାନନ୍ଦ ସାହୁ, ଅଶୋକ କୁମାର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଭାଗବତ ପ୍ରତିନିଧି ଓ ଭଗବତ ପ୍ରେମୀ ଯୋଗଦେଇ ଭାଗବତର ପ୍ରଚାର ପ୍ରସାର ଦିଗରେ ଆଲୋଚନା କରିଥିଲେ। ଅକ୍ଷୟ କୁମାର ପାଢ଼ୀ ବେଦ ଆବୃତ୍ତି କରିଥିଲେ। ମାନସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଗାଡ଼ି ଧକ୍କାରେ ଜଣେ ମୃତ

କଣ୍ଟାପଡ଼ା,୨୪।୩(ସୁରନାରାୟଣ ସାହୁ)

ନିଆଳି-ଫୁଲନଖରା ରାଜ୍ୟ ରାଜପଥ ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଟସୁନ୍ଦରପୁର ଗ୍ରାମପଞ୍ଚାୟତସ୍ଥିତ ଡିହସାହି ଗ୍ରାମର କାଶୀନାଥ ଭୋଇ (୪୦)। ଖବରରୁ ପ୍ରକାଶ, କାଶୀନାଥ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଏକ ବାଇକ୍‌ରେ ସୁନ୍ଦର ଗ୍ରାମ ଫେରୁଥିବା ବେଳେ ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଅଜଣା ଗାଡ଼ି ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଲେଖାଯିବା ବେଳକୁ ଥାନାରେ ଅଭିଯୋଗ ହୋଇନାହିଁ।

## ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

କଟକ,୨୪।୩(କୁମାରଶ୍ରୀ)

ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂ(ବୋଷ) ଅଟୋମୋବାଇଲ୍ ବିଭାଗର ଜଣେ ୩ୟ ବର୍ଷର ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଶିକ୍ଷାନୁଷ୍ଠାନର ଦୁଇ ଛାତ୍ର ଏବଂ ଜଣେ ଅଣଛାତ୍ର ଆକ୍ରମଣ କରିଥିବା ଅଭିଯୋଗ ହୋଇଥିବା ବେଳେ ଏ ନେଇ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଆକ୍ରମଣର ଶିକାର ଛାତ୍ରଙ୍କ ବାମ ଆଖିରେ ଗଭୀର ଆଘାତ ଲାଗିଛି। ତାଙ୍କ ଘର ସାଲେପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୋମବାର ଅପରାହ୍ନରେ ସେ ବାଇକ୍ ପାର୍କ କରୁଥିବା ବେଳେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଦୁଇ ଛାତ୍ର ଏବଂ ଜଣେ ଅଣଛାତ୍ର ତାଙ୍କ ସହ ଝଗଡା କରିଥିଲେ। ପରେ ଗାଡି ଚାବିରେ ଅଟୋମୋବାଇଲ୍ ବିଭାଗର ଛାତ୍ରଙ୍କ ମୁହଁକୁ ଆକ୍ରମଣ କରିଥିଲେ। ଏ ବାବଦରେ ଥାନାରେ ମଧ୍ୟ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ଘଟଣାକୁ ଚାପି ଦେବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ବୋଷ ହଷ୍ଟେଲର ଜଣେ ଅନ୍ତେବାସୀ ନାମ ଗୋପନ ରଖି କହିଛନ୍ତି।

## ଶୈଳବାଳା ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ କର୍ମଶାଳା

କଟକ,୨୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇସିଏଆର୍ ମୁଖ୍ୟ ବୈଜ୍ଞାନିକ ଡି.ପି. ଶ୍ରୀନିବାସ ଯୋଗଦେଇ ନଗର ଉଦ୍ୟାନ ଚାଷ ଓ ଛାତ ଉପର ବଗିଚା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେମିନାର ବୁଲେଟିନ ବସ୍କେନ ଓ ବଟବୃକ୍ଷ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ସୋମାନି ଜେଠି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜୀବନବଲ୍ଲଭ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସରସ୍ୱତୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଫୁଲନଖରା,୨୪।୩ (ସତ୍ୟରଞ୍ଜନ ଦାସ ମହାପାତ୍ର)

କଟକ ସଦର ଥାନାଞ୍ଚଳର ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ଓଡ଼ିଶା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସିଏମ୍‌ସି ୫୮ନଂ. ୱାର୍ଡ ପ୍ରତାପନଗରିସ୍ଥିତ ମା'ଧାକୁଲେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ନିମାଇଁ ଚରଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସ୍ୱାଇଁ ଏବଂ ସ୍ୱାଧୀନଚେତା ମହାନ୍ତି, ଉପସଭାପତି ବିକ୍ରମ ଶତପଥୀ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ନଳୀନ କୁମାର ସେନାପତି, କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି, ସହକୋଷାଧ୍ୟକ୍ଷ ବାଦଲ କୁମାର ଜେନା, ସହସମ୍ପାଦକ ମଦନ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଗଜେନ୍ଦ୍ର ନାଥ ଦାସ, ଆଦିତ୍ୟ ଛୋଟରାୟ ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଓଡିଶା ଦିବସରେ ସମ୍ମାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ବହି ଆମ ସାଙ୍ଗ, ଜୀବନର ପ୍ରତିରୂପ

**ଜମୁଛି 'କଟକ ସାହିତ୍ୟ ସରୋବର'**

କଟକ,୨୪।୩(କୁମାରଶ୍ରୀ)

ବାଲିଯାତ୍ରା ପଡ଼ିଆରେ ଚାଲିଛି ସାହିତ୍ୟର ମହାପର୍ବ ଜିଲାସ୍ତରୀୟ ପୁସ୍ତକମେଳା 'କଟକ ସାହିତ୍ୟ ସରୋବର-୨୦୨୬'। ଦିନକୁ ଦିନ ମେଳାରେ ଭିଡ଼ ଜମୁଛି। କଟକ ମହାନଗର ନିଗମ ପକ୍ଷରୁ ପ୍ରଥମକରି ଆୟୋଜିତ ପୁସ୍ତକମେଳାର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ମେୟର ସୁବାସ ସିଂ, କମିଶନର କିରଣଦୀପ କୌର ସହୋତା, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ଦାସ, ଲେଖକ ତଥା ଶିକ୍ଷାବିତ ପ୍ରଫେସର ଡାକ୍ତର ନେତାଜୀ ଅଭିନନ୍ଦନ, ଗେଲ ଇଣ୍ଡିଆର ଜେନେରାଲ ମ୍ୟାନେଜର (ଭୁବନେଶ୍ୱର-କଟକ) କୌଶିକ ଦାସ, ସିଏମ୍‌ସି କର୍ପୋରେଟର ତଥା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାକେଶ ସ୍ୱାଇଁ, ମୋନାଲିସା ଦାସ, କର୍ପୋରେଟର ଲିଜାରାଣୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

କଟକକୁ ସବୁ ଦିଗରୁ ସମୃଦ୍ଧ କରିବା ପାଇଁ ସିଏମ୍‌ସି ପ୍ରତିଶ୍ରୁତିବଦ୍ଧ। ଏହି ପୁସ୍ତକମେଳା ତାହାର ଏକ ଅଂଶ ହୋଇଛି। ଏହି ଧାରା ଆଗାମୀ ଦିନରେ ମଧ ଜାରି ରହିବ ବୋଲି ମେୟର ସୁବାସ କହିଥିଲେ। କଟକ ଭାବର ସହର। ହେଲେ ଆଧୁନିକ ଯୁଗରେ ଏ ଭାବ କମି କମିଯାଉଛି। ଏଭଳି ସମୟରେ ମହାନଦୀ କୂଳରେ ଏହି ପୁସ୍ତକମେଳା ସେହି ଭାବକୁ ପୁଣି ଫେରାଇ ଆଣିଛି। କଟକରେ ଏତେବର୍ଷ ପରେ ପୁସ୍ତକମେଳା ହେବା ଆନନ୍ଦର ବିଷୟ। ଏଥିପାଇଁ କଟକ ମହାନଗର ନିଗମର ଏହି ପ୍ରୟାସ ପ୍ରଶଂସାଯୋଗ୍ୟ ବୋଲି ପ୍ରଫେସର ଡାକ୍ତର ନେତାଜୀ ଅଭିନନ୍ଦନ ମତବ୍ୟକ୍ତ କରିଥିଲେ। ସେ ଆହୁରି ମଧ କହିଥିଲେ, ବହିର ବାସ୍ନା ଆଜିବି ମତେ ଆକର୍ଷିତ କରେ। ବହି ଆମ ସାଙ୍ଗ। ବହି ଜୀବନର ପ୍ରତିରୂପ। ସିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଏହି ପୁସ୍ତକମେଳାର ଯାତ୍ରା ଆଗାମୀ ଦିନରେ ଜାରିରହୁ ବୋଲି ମତ ଦେଇଥିଲେ। ଆଜିର ଆଧୁନିକ ଯୁଗରେ ମୋବାଇଲର ଅତିରିକ୍ତ ବ୍ୟବହାର ବଦଳରେ ପୁଣି ଆମେ ସେଇ ବହି ରାଇଜାକୁ ଫେରିଯିବା ଦରକାର। ଆମ ଜ୍ଞାନର ପରିସୀମା ବୃଦ୍ଧି କରିବା ଦରକାର ବୋଲି କହିଛନ୍ତି ଗେଲ ଇଣ୍ଡିଆର ଜେନେରାଲ ମ୍ୟାନେଜର କୌଶିକ। ଅବସରପ୍ରାପ୍ତ ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରଣବ କହିଥିଲେ, ନୂଆ ଜ୍ଞାନ ଆହରଣ ପାଇଁ ପ୍ରତିଦିନ କିଛି ନା କିଛି ବହିପଢ଼ିବା ଜରୁରୀ। ପୁସ୍ତକମେଳା ସହ ଲିଟ ଫେଷ୍ଟ ବା ସାହିତ୍ୟ ପର୍ବ କରାଗଲେ ଏହାର କଳେବର ବଢ଼ିବ। ସିଏମ୍‌ସି ଲୋକସମ୍ପର୍କ ଅଧିକାରୀ ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା ଗୀତିକବିତା ପଠନ। ୩୦ରୁ ଅଧିକ କବି ଓ କବୟିତ୍ରୀ ସେମାନଙ୍କ କବିତା ପାଠ କରିଥିଲେ। ଏହା ସେଠାରେ ଉପସ୍ଥିତ ପାଠକ ଏବଂ ଦର୍ଶକଙ୍କୁ ପୁସ୍ତକମେଳାରେ ବାନ୍ଧି ରଖିଥିଲା। ପୁସ୍ତକ ମେଳା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।


'କଟକ ସାହିତ୍ୟ ସରୋବର'ର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ଚାନ୍ଦିନୀଚୌକ ଓ ଚୌଧୁରୀ ବଜାରଠାରେ ମଙ୍ଗଳବାର ଅନୁଷ୍ଠିତ ମା' ବାସନ୍ତୀ ଦୁର୍ଗାଙ୍କ ସପ୍ତମୀ ପୂଜା ପ୍ରସ୍ତୁତି। (ଫଟୋ: ରାଜକିଶୋର ମହାନ୍ତି)

## ଅରୁଣ କୁମାର ବୁଦ୍ଧିଆଙ୍କ ପ୍ରାର୍ଥୀପତ୍ର କାଏମ

**ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ**

କଟକ,୨୪।୩(କୁମାରଶ୍ରୀ)

ଆସନ୍ତା ୨୮ରେ ହେବାକୁ ଥିବା ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନରେ ଉପସଭାପତି ପଦଲାଗି ପ୍ରାର୍ଥୀପତ୍ର ଦାଖଲ କରିଥିବା ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିଲା। ଏ ନେଇ ସେ ରାଜ୍ୟ ଆଇନଜୀବୀ ପରିଷଦ କେନ୍ଦ୍ରୀୟ ନିର୍ବାଚନ କମିଟିର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ କମିଟି ହାଇକୋର୍ଟ ବାର୍ ଆସୋସିଏଶନ ନିର୍ବାଚନ ଅଧିକାରୀଙ୍କ ଆଦେଶକୁ ଅଗ୍ରାହ୍ୟ କରିବା ସହ ଆଇନଜୀବୀ ବୁଦ୍ଧିଆଙ୍କୁ ଉପସଭାପତି ପଦରେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ଆଇନଜୀବୀ ବୁଦ୍ଧିଆ ହାଇକୋର୍ଟ ବାର୍ ଆସୋସିଏଶନର ଉପସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ସେ ଦାଖଲ କରିଥିବା ଫର୍ମରେ ହାଇକୋର୍ଟରେ କେତେବର୍ଷ ଧରି ପ୍ରାକ୍ଟିସ୍ କରି ଆସୁଛନ୍ତି ସେ ସଂକ୍ରାନ୍ତରେ ଉଲ୍ଲେଖ କରି ନ ଥିବା ଦର୍ଶାଇ ନିର୍ବାଚନ ଅଧିକାରୀ ତାଙ୍କ ପ୍ରାର୍ଥୀପତ୍ରକୁ ନାକଚ କରି ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ସେ ରାଜ୍ୟ ଆଇନଜୀବୀ ପରିଷଦର କେନ୍ଦ୍ରୀୟ ନିର୍ବାଚନ କମିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଟିର ଅଧ୍ୟକ୍ଷ ଅରୂପାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ମାନସ କୁମାର ଚାନ୍ଦ, ଧନଞ୍ଜୟ ମୁଣ୍ଡ ଏବଂ ବିଭୁ ପ୍ରସାଦ ଦାସ ରହିଥିଲେ।

## ଧାକୁଲେଈ କପ୍: ଗୋଠପୁର ଚାମ୍ପିୟନ

ଫୁଲନଖରା,୨୪।୩(ସତ୍ୟରଞ୍ଜନ ଦାସମହାପାତ୍ର)

ସିଏମ୍‌ସି ୫୮ ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର କୁଆଖାଇ ନଦୀ ପଠାରେ ପ୍ରତାପ କ୍ଲବ ଆନୁକୂଲ୍ୟରେ ୫୮ତମ ବାର୍ଷିକ ଧାକୁଲେଈ କପ ଦିବାରାତ୍ର ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୩୨ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଗୋଠପୁର ଟିମ୍ ଭୁବନେଶ୍ୱର ଇଲେଭେନ ଦଳକୁ ୨-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଯଥାକ୍ରମେ ୫୦ ହଜାର ଓ ୩୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରମୋଦ ସ୍ୱାଇଁ, ପ୍ରମୋଦ ବେହେରା, ବାଦଲ ଜେନା, ପ୍ରଦୋଷ ମହାନ୍ତି, ପ୍ରସନ୍ନ ପରିଡ଼ା ଓ ନିହାର ରଞ୍ଜନ ପଣ୍ଡା ଅତିଥି ଭାବେ ମଞ୍ଚାସୀନ ଥିଲେ। କ୍ଲବ ସଭାପତି ନିରଞ୍ଜନ ରାଉତ, ସିବୁନ ସେନାପତି, ତ୍ରିନାଥ ବେହେରା, ସନାତନ ଦାସ, ସାଗର ରାଉତ ଓ ରାଜେଶ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଖେଳାଳିଙ୍କ ସହ ଉପସ୍ଥିତ ଅତିଥି ବୃନ୍ଦ।

## ପଚରାଉଚରା ବେଳେ ଅଭିଯୁକ୍ତ ଫେରାର

କଟକ ସଦର,୨୪।୩(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ଯଶପଡ଼ାର ଜଣେ ଅଭିଯୁକ୍ତ ମଙ୍ଗଳବାର ସନ୍ଧ୍ୟାରେ ଥାନାରୁ କୌଶଳକ୍ରମେ ଖସି ପଳାଇବା ଘଟଣା ଆଲୋଚନାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ ଅଭିଯୁକ୍ତ ଜଣକ ପଡୋଶୀ ଘର ଜଣେ ମହିଳାଙ୍କୁ ସୋମବାର ପରିସ୍ରା କରିବା ବାହାନାରେ ଯୌନାଙ୍ଗ ଦେଖାଇଥିଲେ। ପରେ ସମ୍ପୃକ୍ତା ମହିଳା ଜଣକ ଥାନାରେ ଏତଲା ଦେବା ପରେ ପୋଲିସ ପଚରାଉଚରା ପାଇଁ ୨ଜଣଙ୍କୁ ଥାନାକୁ ଆଣିଥିଲେ। ପୀଡ଼ିତା ଜଣକ ଥାନାକୁ ଆସି ଆପୋସ ସମାଧାନ କରିବା ପାଇଁ ଭଦ୍ରଲୋକ ଓ ପୋଲିସ ଆଗରେ ଅରାଜି ହୋଇଥିଲେ। ଏହି ସମୟରେ ଜଣେ ଅଭିଯୁକ୍ତ ପୋଲିସ ଓ ଭଦ୍ରଲୋକଙ୍କୁ ପରିସ୍ରା ଯିବା କହି କୌଶଳକ୍ରମେ ଫେରାର ହୋଇଥିଲେ। ସ୍ଥାନୀୟ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଭଦ୍ରଲୋକଙ୍କ ସହଯୋଗରେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

## ପୋଲିସର ବାସନ୍ତୀ ଦୁର୍ଗା ପ୍ରସ୍ତୁତି ବୈଠକ

କଟକ,୨୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ପୋଲିସ ପ୍ରଶାସନ ପକ୍ଷରୁ ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବ ସଫଳ ନିମନ୍ତେ କଟକ ଡିସିପିଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ମଙ୍ଗଳବାରଠାରୁ ମହାଷଷ୍ଠୀରୁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇ ୨୮ ଓ ୨୯ ଦୁଇଦିନ ଧରି ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କାର୍ଯ୍ୟକାରୀ ସଭାପତି ନୃସିଂହଚରଣ ଚୌଧୁରୀ, କୋଷାଧ୍ୟକ୍ଷ ନରେଶ କୁମାର ସାହୁ ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ଯୋଗଦେଇଥିଲେ।

## ଏସ୍‌ସିବିରେ ରୋଗୀ ସମ୍ପର୍କୀୟଙ୍କୁ ଟଙ୍କା ମାଗିବା, ଗାଳିଗୁଲଜ କରିବା ଅଭିଯୋଗ

କଟକ,୨୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦାଦାଗିରି ଜାରି ରହିଛି। ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ମାଗୁଛନ୍ତି କର୍ମଚାରୀ। ଏପରିକି ଟଙ୍କା ଦେବାକୁ ମନାକଲେ ଗାଳିଗୁଲଜ କରୁଛନ୍ତି। ଏ ନେଇ ଜଣେ ରୋଗୀଙ୍କ ସମ୍ପର୍କୀୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଏହା ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ସ୍ନାୟୁଶଲ୍ୟ ବିଭାଗରେ ବ୍ରେନ୍ ଟ୍ୟୁମର ଅପରେଶନ ହୋଇଥିବା ଜଣେ ରୋଗୀଙ୍କୁ ଓଟିରୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ତାଙ୍କ ପୁଅକୁ ଟଙ୍କା ମାଗିଥିଲେ। ଏସ୍‌ସିବିରେ ଟଙ୍କା କାହିଁକି ଦେବେ ସେନେଇ ସମ୍ପର୍କୀୟ ପ୍ରଶ୍ନ ପଚାରିବାରୁ କର୍ମଚାରୀ ଜଣକ ଗାଳିଗୁଲଜ କରିବା ସହ ଟଙ୍କା ଦେବା ପାଇଁ ବାଧ କରିଥିଲେ। ଫଳରେ ରୋଗୀ ସମ୍ପର୍କୀୟ ବାଧହୋଇ ଦୁଇଶହ ଟଙ୍କା ଦେଇଥିଲେ। ହେଲେ ସେତିକିରେ କର୍ମଚାରୀ ଜଣକ ରାଜି ନ ହୋଇ ପୁନର୍ବାର ଟଙ୍କା ମାଗି ଅପଦସ୍ଥ କରିଥିଲେ।

## ଏଲ୍‌ଆଇସି କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

କଟକ,୨୪।୩(କୁମାରଶ୍ରୀ)



ଭାରତୀୟ ଜୀବନ ବୀମା (ଏଲ୍‌ଆଇସି)ର ମଧୁପାଟଣା ଶାଖା କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କାର୍ଯ୍ୟାଳୟର ପ୍ରଥମ ମହଲାର ଦୁଇଟି ସେକ୍ସନ ସମ୍ପୂର୍ଣ୍ଣ ଜଳି ଯାଇଛି। ଘଟଣାରୁ ପ୍ରକାଶ, ଭୋର ପ୍ରାୟ ୫.୩୦ ସମୟରେ ଆଲାମ ବାଜିବା ସହ ପ୍ରଥମ ମହଲାରୁ ଧୂଆଁ ବାହାରୁଥିବା ଦେଖି ନିୟୋଜିତ ସୁରକ୍ଷା କର୍ମୀ କାର୍ଯ୍ୟାଳୟର ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ନିଆଁ ଲିଭାଇବା ନିମନ୍ତେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରରୁ ୨ଟି ଏବଂ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଦମକଳ ବାହିନୀ ନିଆଁ ଲିଭାଇବାରେ ନିୟୋଜିତ ହୋଇଥିଲେ। ପ୍ରଥମ ମହଲାର ଝରକା କାଚ ଭାଙ୍ଗି ନିଆଁକୁ ଆୟତ୍ତ କରାଯାଇଥିଲା। ଏଥି ପାଇଁ ଅଗ୍ନିଶମ ବାହିନୀକୁ ୧ ଘଣ୍ଟା ସମୟ ଲାଗିଥିଲା। ପ୍ରଥମ ମହଲାରେ କ୍ୟାଶ୍ ସେକ୍ସନ ଏବଂ ନ୍ୟୁ ବିଜ୍‌ନେସ ସେକ୍ସନ ଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡଜନିତ କ୍ଷୟକ୍ଷତି ଆକଳନ କରାଯାଇ ପାରିନାହିଁ। କୋଠାର ତଳ ମହଲାରେ ଟ୍ରେନିଂ ସେଣ୍ଟର ଏବଂ ଫାଇନାନ୍ସ ସେକ୍ସନ ରହିଛି।

## ଜନଗଣନା ପ୍ରଶିକ୍ଷଣ ଶିବିର

ଚୌଦ୍ୱାର,୨୪।୩(ଆଶୁତୋଷ ଦାସ)

ଜନଗଣନା ନିମନ୍ତେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ପୌରପାଳିକା ସଭାଗୃହରେ ଆରମ୍ଭ ହୋଇଯାଇଛି। ଜନଗଣନା ଦାୟିତ୍ୱରେ ଥିବା ଅଧିକାରୀ ତଥା ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗୃହ ତାଲିକାକରଣ ପରିଚାଳନା ଓ ଗୃହ ଜନଗଣନା ପାଇଁ ୯ଦିନ ଧରି ୩ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ତାଲିମ ଶିବିରରେ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଚୌଦ୍ୱାର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପ୍ରଦୀପ ବିହାରୀ ଓ ଅର୍ଥନୀତି ବିଭାଗ ଅଧ୍ୟାପକ ଦୀପକ କୁମାର ଦାସ ପ୍ରମୁଖ ଯୋଗଦେଇ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀ, ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଥାନାରେ ଏତଲା


ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଟକ,୨୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ନେଇ ମଙ୍ଗଳାବାଗ ଥାନାର ଦ୍ୱାରସ୍ଥ ହେଲା କଟକ ନଗର ବିଜେଡି। ମଙ୍ଗଳାବାଗ ପୁରୁଣା ଥାନା ନିକଟରୁ ମେୟର ସୁବାସ ସିଂ ଓ ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳାବାଗ ଥାନାରେ ପହଞ୍ଚି ମେଡିକାଲ ଅଧୀକ୍ଷକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏନେଇ ମେୟର ସୁବାସ କହିଛନ୍ତି, କେବଳ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରିଦେଲେ ଏହାର ସମାଧାନ ହୋଇଯିବନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ଓ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଗିରଫ କରାଯାଉ ଏବଂ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେନେଇ କାର୍ଯ୍ୟ କରିବାକୁ ଦାବି କରୁଛୁ ବୋଲି ମେୟର କହିଛନ୍ତି। ଏଥିରେ ବିଜେଡିର କେତେଜଣ କର୍ପୋରେଟରଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ଜନଗଣନା ପାଇଁ ବ୍ଲକସ୍ତରୀୟ ତାଲିମ ଶିବିର

କଟକ ସଦର,୨୪।୩(ସୁଶାନ୍ତ କୁମାର ଜେନା)

କଟକ ବ୍ଲକ ସମ୍ମିଳନୀ କକ୍ଷରେ ଜନଗଣନା ସମ୍ପର୍କୀୟ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସର୍ଭେ ପାଇଁ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ତାଲିମ ଗ୍ରହଣ କରିଛନ୍ତି। ମାଷ୍ଟର ଟ୍ରେନର ମନୀଷା ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ। ଘର ଘର ବୁଲି ସର୍ଭେ କରାଯିବ। ସେଥିପାଇଁ ଶିକ୍ଷକମାନେ ଆଉ ବିଦ୍ୟାଳୟକୁ ୨ ମାସ ପର୍ଯ୍ୟନ୍ତ ଯିବେ ନାହିଁ। ଏପଟେ ଏପ୍ରିଲ ୨ରୁ ନୂଆ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଯାଉଛି। ଶିକ୍ଷୟିତ୍ରୀ, ଶିକ୍ଷକ ସର୍ଭେ କାର୍ଯ୍ୟରେ ନିୟୋଜିତ ହେଉଥିବାରୁ ପାଠପଢା ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଜନଗଣନା ପରେ ଏସ୍‌ଆଇଆର୍ ଆରମ୍ଭ ହେବ। ଏଥିରେ ମଧ ଶିକ୍ଷୟିତ୍ରୀ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏହି କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରୁଥିବାରୁ ବ୍ଲକ ଓ ଜିଲା ଶିକ୍ଷାଧିକାରୀ କୌଣସି ମତାମତ ଦେବାପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।


ଜନଗଣନା ପାଇଁ ଶିକ୍ଷକମାନେ ଘର ଘର ବୁଲି ସର୍ଭେ କରୁଛନ୍ତି।

## ଆମ୍ବିସନ ଲିଜେଣ୍ଡ ଚାମ୍ପିୟନ

**ଗୋପବନ୍ଧୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୨୪।୩ (ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ପୌର ପରିଷଦ ଅଧୀନ ଓଟିଏମ୍ କଲୋନୀ ୧୧ ନମ୍ବର ୱାର୍ଡସ୍ଥିତ ଗୋପବନ୍ଧୁ ଖେଳ ପଡିଆରେ ୩ଦିନ ଧରି ଚାଲିଥିବା ଗୋପବନ୍ଧୁ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମ୍ୟାଚ୍‌ଗୁଡିକ ଫ୍ଲଡ ଲାଇଟରେ ହେଉଥିବା ବେଳେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଆମ୍ବିସନ ଲିଜେଣ୍ଡ ଓ ଡିଜେ ଟାଇଗର ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଡିଜେ ଟାଇଗର ଟସଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୫୩ ରନ ସଂଗ୍ରହ କରିଥିଲା। ଜବାବରେ ଆମ୍ବିସନ ଲିଜେଣ୍ଡ ମାତ୍ର ୩ ଉକେଟ ହରାଇ ୫୪ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ବିଜେନ୍ଦ୍ର ସ୍ୱାଇଁ ମ୍ୟାନ ଅଫ ଦି ସିରିଜ, ବିଦୁର ବେହେରା ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ଓ ସାର୍ଥକ ମହାନ୍ତି ଶ୍ରେଷ୍ଠ ବୋଲର ଭାବେ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ୟୁଏସଏସଏଲର ବରିଷ୍ଠ ଅଧିକାରୀ ଭାଗବତ ସାହୁ, କ୍ରୀଡ଼ାବିତ ରାକେଶ ପଣ୍ଡା, ଗଣମାଧ୍ୟମ ପ୍ରତିନିଧି ସ୍ୱାଧୀନ ଦାସ, କାଉନସିଲର ଆଶୁତୋଷ ଦାସ, ପୂର୍ବତନ କାଉନସିଲର ମନୋଜ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫୫ ହଜାର ସହ ଟ୍ରଫି ଓ ରନରଅପ୍ ଟିମକୁ ୪୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଭାଗ୍ୟ ପ୍ରସାଦ ବାରିକ, ଦେବାଶିଷ ରାଉତରାୟ, ୟୁ. ସତିଶ ରାଓ, ରୋହିତ ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ଅର୍ଜୁନ ପଣ୍ଡା, ସତ୍ୟ ନାୟକ, ଜଗନ୍ନାଥ ବେହେରା, ଆଶିଷ ରାଉତରାୟ, କ୍ଷୀରୋଦ ରାଉତରାୟ, ଅମିତ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଟିମ୍ ଖେଳାଳି ଓ ଉପସ୍ଥିତ ଅତିଥିବୃନ୍ଦ।

# ଗ୍ରାମାଞ୍ଚଳ ସଂସ୍କୃତିକୁ ଉଜ୍ଜୀବିତ ରଖେ ମହୋତ୍ସବ

ବୋଲଗଡ଼,୨୪।୩(ଦେବବ୍ରତ ହୋତା)




ହରିକେଶର ଗାଁ ମହୋତ୍ସବର ୨ୟ ସନ୍ଧ୍ୟାରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

**ଗାଁ ମହୋତ୍ସବ ହରିକେଶରର ୨ୟ ସନ୍ଧ୍ୟା**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହରିକେଶର ଗ୍ରାମରେ ସ୍ଥାନୀୟ ରାମଚଣ୍ଡୀ ଯୁବକ ସଂଘ ଦ୍ୱାରା ଆୟୋଜିତ ହରିକେଶର ଗାଁ ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପ୍ରାୟୋଜିତ କଳାକାର ଦଳଙ୍କ ସହ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଗୀତ ପରିବେଷଣ ମଧ୍ୟଭାଗରେ ଗାଁ ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ ପୌରୋହିତ୍ୟରେ ସାଧାରଣ ସଭା ହୋଇଥିଲା। ମୁଖ୍ୟ ଅତିଥି ପଟ୍ଟନାୟକଙ୍କ ସହ ମୁଖ୍ୟ ବକ୍ତାଭାବେ ଉପସ୍ଥିତ ଜିଲା ଭାଜପା ଉପସଭାପତି ବାସୁଦେବ ସାହୁ କହିଥିଲେ ଯେ, ଗ୍ରାମାଞ୍ଚଳର ମୂଳ ସଂସ୍କୃତିକୁ ଉଜ୍ଜୀବିତ ରଖିବା ସହ ପ୍ରଚାରପ୍ରସାର କରୁଛି ମହୋତ୍ସବ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ମନୋଜ ପ୍ରଧାନ, ଧିରେଶ ମହାପାତ୍ର, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବୋଲଗଡ଼ ସାଇ ସଂସଦ ଅନୁଷ୍ଠାନର ଛାତ୍ରୀମାନେ ଆବାହାନୀ ସଙ୍ଗୀତ ପରିବେଷଣ କରିବା ପରେ ସଭାପତି ରାଉତରାୟ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ସାଇ କଳାସଂସଦ, କଳ୍ପନା ସାହୁ ଡ୍ୟାନ୍ସ ଗ୍ରୁପ ଓ ଗୀତ ଆଞ୍ଜେଲ ମେଲୋଡି ଗ୍ରୁପ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ସ୍ଥାନୀୟ ରଜସୁନାଖଳାର ସିଙ୍ଗର ଖୁସି ଓ କୁମ୍ଭାରିର ନାମ ସଙ୍କୀର୍ତ୍ତନ ଦଳଙ୍କ ସମେତ ଗ୍ରାମ୍ୟ କଳାକାରଙ୍କ ନୃତ୍ୟସଙ୍ଗୀତ ମନ ମୋହିଥିଲା। ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଖବରଦାତା ଗଙ୍ଗାଧର ଦାସ, ସଞ୍ଜୀବ ସେଠୀ, ଦୀପକ ପାହାଡ଼ସିଂହ, ବିଶ୍ୱଜିତ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ନୃତ୍ୟସଙ୍ଗୀତ ଗୁରୁ ଅବିନାଶ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।




ହରିକେଶର ଗାଁ ମହୋତ୍ସବର ୨ୟ ସନ୍ଧ୍ୟାରେ ମଙ୍ଗଳବାର ପରିବେଷିତ ସମ୍ବଲପୁରୀ ନୃତ୍ୟ।

## ଧାନମଣ୍ଡି ଖୋଲିବାକୁ ଦାବି

କୃଷ୍ଣପ୍ରସାଦ,୨୪।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ଅଞ୍ଚଳରେ ଚଳିତ ବର୍ଷ ଚାଷୀମାନେ ଖରାଟିଆ ଧାନ (ରବି ଧାନ) ଫସଲ ଭଲ ହୋଇଛି। ଦିଗମ୍ବର ଜେନା, ହଳଧର ବିଶ୍ୱାଳ, ଜୟହରି ବିଶ୍ୱାଳ, ଭ୍ରମରବର ବିଶ୍ୱାଳଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଚାଷୀ ପ୍ରାୟ ୩୦ଏକର ଜମିରେ ଚାଷ କରିଛନ୍ତି। ଏବେ ଅମଳ କରିବା ସମୟ ଆସିଥିବା ବେଳେ ମଣ୍ଡିର ବ୍ୟବସ୍ଥା ନ ଥିବାରୁ ଧାନ ବିକ୍ରି ନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ଚାଷୀଙ୍କ ନିମନ୍ତେ ସରକାର ମଣ୍ଡି ଖୋଲି ସେମାନଙ୍କଠାରୁ ଫସଲ ସଂଗ୍ରହ କଲେ ଚାଷୀମାନେ ଚାଷ ପ୍ରତି ଗୁରୁତ୍ୱ ଦେବେ। ଆସନ୍ତା ବର୍ଷ ଖରାଟିଆ ଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ। ତେଣୁ ରାମଲେଙ୍କା ପଞ୍ଚାୟତରେ ଏକ ଧାନ ମଣ୍ଡି ଖୋଲିବା ପାଇଁ ଦାବି ହେଉଛି। ଏନେଇ ଚାଷୀମାନେ କୃଷି ବିଭାଗ ଏବଂ ବିଧାୟକଙ୍କ ନିକଟରେ ଧାନ ମଣ୍ଡି ଖୋଲିବା ପାଇଁ ଅନୁରୋଧ କରିଥିବା କୃଷକ ନେତା ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଫେରାର ଆକ୍ରମଣକାରୀ ଗିରଫ

**ବୋଲଗଡ଼,୨୪।୩(ଦେବବ୍ରତ ହୋତା):** ବୋଲଗଡ଼ ଥାନା ଅଧୀନ ଫାସୀଓଦା ପଞ୍ଚାୟତ ଟାଙ୍ଗୀସାହି ଅଞ୍ଚଳର କବିରାଜ ନାୟକ(୪୬)ଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରିଛି। ସେ ଓ ତାଙ୍କ ଭାଇ କୌଣସି କାରଣ ନେଇ ଗତ ମାସରେ ସେହି ଗ୍ରାମର ନିରଞ୍ଜନ ନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ମାମଲା (ନଂ.୬୩/୨୬) ରୁଜୁ ହୋଇ ତଦନ୍ତ ଚାଲୁଥିବା ବେଳେ ସେମାନେ ଫେରାର ହୋଇଯାଇଥିଲେ। ତେବେ ଏହି ମାମଲାର ତଦନ୍ତ ଅଧିକାରିଣୀ ଏଏସ୍‌ଆଇ ଯଶୋଦା ଦେଈ ଖବରପାଇ ସମ୍ପୃକ୍ତ ଅଭିଯୁକ୍ତ କବିରାଜଙ୍କୁ ତାଙ୍କ ଟାଙ୍ଗୀସାହି ଘରୁ ଗିରଫ କରିଥିଲେ।

## ଆଜିଠୁ ଆମ ଗାଁ ମହୋତ୍ସବ

ବେଗୁନିଆ,୨୪।୩(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମରେ ବୁଧବାରଠାରୁ ଆମ ଗାଁ ମହୋତ୍ସବ ୨୦୨୬ ଆରମ୍ଭ ହେବ। ପାଞ୍ଚଦିନ ଧରି ହେବାକୁ ଥିବା ଏହି ମହୋତ୍ସବ ପଡିଆ ଝଲସି ଉଠିଛି। ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅତ୍ୟାଧୁନିକ ଛାପରେ ବୁଡ଼ି ଯାଉଥିବା କଳା, ଉତ୍କଳୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ ଦୈନିକ ସନ୍ଧ୍ୟାରେ ମଞ୍ଚରେ ଦେଖିବାକୁ ମିଳିବ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ ଜିଲା ଓ ସ୍ଥାନୀୟ ଅଞ୍ଚଳର ଛୋଟବଡ କଳାକାରଙ୍କୁ ନେଇ ନୃତ୍ୟ ସଙ୍ଗୀତ ପରିବେଷଣ ହେବ। ପାଇକ ଆଖଡ଼ା, ଲୋକନୃତ୍ୟ, ଭଜନ ସମାରୋହ ଦର୍ଶକଙ୍କ ମନ ଜିଣିବ। ବିଶେଷକରି ସିନେ ତାରକାଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର ହୋଇଛି।

## ବିଜୟା ରଥଯାତ୍ରା ପାଇଁ ପ୍ରସ୍ତୁତି

ନିରାକାରପୁର,୨୪।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ଆସନ୍ତା ଗୁରୁବାର କପିଳେଶ୍ୱର ଦେବଙ୍କ ପାରମ୍ପରିକ ବିଜୟା ରଥଯାତ୍ରା। ଏହି ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପାଦନା ନିମନ୍ତେ ମଙ୍ଗଳବାର ନିରାକାରପୁର ଥାନାର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷ ଭଳି ଥାନା ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଥିଲେ। ଏହି ବୈଠକରେ ପରିଚାଳନା କମିଟିର ସଭାପତି କିଶୋର କୁମାର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର, ବାଲୁଙ୍କେଶ୍ୱର ଦାଶ, ଅଜୟ କୁମାର ମହାନ୍ତି, ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମାଙ୍କ ସମେତ ସମସ୍ତ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗାଁ ଦାଣ୍ଡରେ ମା'ମଙ୍ଗଳାଙ୍କୁ ପଣ୍ଡେଇ ପୂଜାର୍ଚ୍ଚନା



ବୋଲଗଡ଼,୨୪।୩
(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଞ୍ଚଳର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଚୈତ୍ର ମାସ ମଙ୍ଗଳବାରରେ ମା'ମଙ୍ଗଳାଙ୍କ ପୂଜାର୍ଚ୍ଚନା ହେଉଛି। ଏହି ପୂଜାରେ ମହିଳାମାନେ ସ୍ୱାମୀ ଏବଂ ପରିବାରର ମଙ୍ଗଳ ପାଇଁ ମା'ମଙ୍ଗଳାଙ୍କୁ ସନ୍ତୁଷ୍ଟ କରିବାକୁ ବ୍ରତ ପାଳନ କରି ପଣ୍ଡେଇ ପୂଜା ମାଧ୍ୟମରେ ମା'ଙ୍କ କୃପା ଲାଭ କରିଥାନ୍ତି। ସ୍ଥାନୀୟ ଗୋପବନ୍ଧୁ ବିହାର ଓ ସିଆଳିଆ ସାହିର ମହିଳାମାନେ ଏକତ୍ରିତ ହୋଇ ଏହି ପୂଜା ବହୁ ବର୍ଷ ଧରି କରିଆସୁଛନ୍ତି। ଚୈତ୍ର ମାସ ତୃତୀୟ ମଙ୍ଗଳବାରରେ ନିକଟ ରାମଚଣ୍ଡୀ ମନ୍ଦିର ସମ୍ମୁଖ ଗାଁଦାଣ୍ଡରେ ଗୋବରରେ ଲିପାପୋଛା ପରେ ପଣ୍ଡେଇ ପୂଜା ବିଧି ଅନୁଯାୟୀ ଦୁଇଟି ଛୋଟ ଗାତ ଖୋଳି ଗୋଟିକରେ ପଣା ଓ ଅନ୍ୟଟିରେ ପାଣି ବଢ଼ାଯାଇ ମା'ଙ୍କୁ ଝୁଣା, ଧୂପ, ଦୀପରେ ବନ୍ଦାପନା କରିଥିଲେ। ଏହି ଅବସରରେ ପଣ୍ଡେଇ ଚତୁଃପାର୍ଶ୍ୱରେ ଆମ୍ବଡାଳ, ଗୁଆ ରଖି ସିନ୍ଦୁର ଓ ମୁରୁଜ ପକାଇ ଲାଲମନ୍ଦାରରେ ସୁସଜ୍ଜିତ କରାଯାଇଥିଲା। ବ୍ରତ ରଖିଥିବା ମହିଳାମାନେ ପଣ୍ଡେଇ ନିକଟରେ ବିଭିନ୍ନ ପ୍ରକାର ଫଳ, କ୍ଷୀର, ଦହି ଛେନା, ନଡ଼ିଆ, କଦଳୀ ଭଳି ସାମଗ୍ରୀ ମିଶାଇ ପଣା ଭୋଗ ଲାଗି କରିଥିଲେ। ଏହି ଅବସରରେ ଓଷାବ୍ରତ କଥା ବହି ପଢ଼ାଯାଇ ହୁଳ ହୁଳି ଓ ଘଣ୍ଟ ଘଣ୍ଟି ବଜାଇ ମା'ଙ୍କ ପୂଜା ହୋଇଥିଲା। ମଧ୍ୟାହ୍ନରେ ପୂଜା ଶେଷ ହେବା ପରେ ବ୍ରତଧାରୀ ମହିଳାମାନେ ପଣ୍ଡେଇରେ ଲାଗି ହୋଇଥିବା ପଣାକୁ ପସାଦ ଭାବେ ସେବନ କରିଥିଲେ।

## ଗ୍ରୀଷ୍ମ ମୁକାବିଲା: ଏସ୍‌ଓପି କଡ଼ାକଡ଼ି ଅନୁପାଳନ କର

ଭୁବନେଶ୍ୱର,୨୪।୩(ବନ୍ଦନା ସେଠୀ)

ଆସନ୍ନ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଏବଂ ମାର୍ଗଦର୍ଶିକା (ଏସ୍‌ଓପି)ର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ପୌର ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ଏସ୍‌ଓପି ଅନୁଯାୟୀ କାର୍ଯ୍ୟ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତରେ ଯେପରି ଜଣଙ୍କର ବି ମୃତ୍ୟୁ ନ ହେବ, ସେଥିପାଇଁ ସମସ୍ତ ଅଧିକାରୀ ସବୁସ୍ତରରେ ସତର୍କ ଏବଂ ତତ୍ପର ରହିବା ଆବଶ୍ୟକ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଯେପରି ଜୀବନହାନି ନ ହୁଏ, ସେଥିପାଇଁ ଠିକ୍ ସମୟରେ ହସ୍ତକ୍ଷେପ, ଗୋଷ୍ଠୀ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଛନ୍ତି। ନିରବଚ୍ଛିନ୍ନ ଓ ସମାନ ଭାବେ ଜଳ ଯୋଗାଣ ବ୍ୟବସ୍ଥା, ବିଶେଷକରି ପ୍ରବଳ ଗ୍ରୀଷ୍ମ ସମୟରେ ଜଳ ଯୋଗାଣରେ ଯେପରି କୌଣସି ସମସ୍ୟା ନ ଉପୁଜେ, ସେଥିପାଇଁ ୱାଟ୍‌କୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ମହାନଗର ନିଗମର କମିଶନର, ପୌରପାଳିକା ଏବଂ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟସ୍ତରରେ ପାନୀୟ ଜଳକେନ୍ଦ୍ର (ଜଳଛତ୍ର), ବିଶ୍ରାମ ପାଇଁ ଛାଇ ସ୍ଥାନ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ଥଣ୍ଡା ପରିବେଶ ସୃଷ୍ଟି ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲାସ୍ତରୀୟ ସମନ୍ୱୟକୁ ଦୃଢ଼ କରିବା ପାଇଁ ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ କ୍ଷେତ୍ରସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ପୌର ସଂସ୍ଥାକୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ସହ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏସ୍‌ଓପିର ଅନୁପାଳନ ଓ କ୍ଷେତ୍ରସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକ ପ୍ରାରମ୍ଭରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଗ୍ରୀଷ୍ମପ୍ରବାହ ପାଇଁ ଧାର୍ଯ୍ୟ ଏସ୍‌ଓପି ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ଗୁଡ଼ିକ ଦ୍ୱାରା ନିଆଯିବାକୁ ଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ବିବରଣୀ ପ୍ରଦାନ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BBS-552, ତା.17.03.2026ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹44,32,998.78, EMD : ₹88,700/-

ବିଡ୍ ଆରମ୍ଭ ହେବା ତାରିଖ : ତା.25.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1261/Q/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-271

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ଆଧାରିତ AC କୋଚ୍‌ଗୁଡ଼ିକରେ ଏୟାର-କଣ୍ଡିସନ୍ଡ କୋଚ୍ ଇଲେକ୍ଟ୍ରିକାଲ ଆଟେଣ୍ଡାଣ୍ଟ (ACCEA) କାର୍ଯ୍ୟକଳାପର ବହିଃସ୍ରୋତ (Outsourcing)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 95,41,938.84, EMD : ₹ 1,90,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଦୁଇ (02) ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.08.04.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-1260/Q/25-26


No.4001/92/2526

GRIDCO
Empowering Odisha

# GRIDCO LIMITED

(A Govt. of Odisha Undertaking)
Regd. Office: Janpath, Bhubaneswar-751022, Odisha

## NOTIFICATION

**BULK SUPPLY PRICE EFFECTIVE FROM 1st APRIL, 2026**

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| TPCODL | - | 331.00 | paise per kWh |
| TPNODL | - | 344.00 | paise per kWh |
| TPWODL | - | 379.00 | paise per kWh |
| TPSODL | - | 190.00 | paise per kWh |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026

Sd./- Managing Director
GRIDCO Ltd.

OIPR-4001/4056/1/25-26/0003

# ODISHA JOINT ENTRANCE EXAMINATION - 2026 (OJEE - 2026)

No: OJEE / 116 DATE:24-03-2026

## NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE - 2026

**No.44001/23/2526** : This is for the information of all candidates, interested to apply for **Odisha Joint Entrance Examination (OJEE) – 2026**, that the **last date for registration and final submission of online application forms for OJEE – 2026, which was earlier notified as 22.03.2026, is extended till 29.03.2026 (11:59 PM).** *(Final Submission means submission of application form including payment)*

Candidates are advised to visit OJEE websites (www.ojee.nic.in / www.odishajee.com), read the '**Information Brochure**' and the '**Instructions to fill On-line Application Form**', which are available in the OJEE websites and submit their online Application Forms as soon as possible, without waiting till the last date.

Further, another three days, i.e., **30.03.2026 (11:00AM), 31.03.2026 and 01.04.2026 (till 11:59 PM)** will be provided to the candidates to correct*, if necessary, their application forms. For other details please visit OJEE website: https://ojee.nic.in

*Correction in the application form will be applicable to only successful submitted applications.

**It may be noted that there will be no further extension of the registration / application period beyond this date.**

Sd./- CHAIRMAN, OJEE
Odisha

OIPR-44001/44026/1/25-26/0001

## ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ
## ଭାରତ ସରକାର
### ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, **ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର (ପିଏମ୍‌ଆର୍‌ବିପି)** ନିମନ୍ତେ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)**ରେ ଆବେଦନ ଗ୍ରହଣ ପ୍ରକ୍ରିୟା **ତା୦୧।୦୪।୨୦୨୬**ରିଖଠାରୁ ଆରମ୍ଭ ହେବ । **ସାହସିକତା, କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରିବେଶ ତଥା କଳା ଓ ସଂସ୍କୃତି** କ୍ଷେତ୍ରରେ ରାଷ୍ଟ୍ରୀୟ ସ୍ତରରେ ସ୍ୱୀକୃତି ପାଇବା ପାଇଁ ଯୋଗ୍ୟ ପିଲାମାନଙ୍କୁ ଏହି ପୁରସ୍କାରଗୁଡ଼ିକ ଦିଆଯାଇଥାଏ ।

୫ ବର୍ଷରୁ ଅଧିକ ଓ ୧୮ ବର୍ଷରୁ କମ୍ ବୟସର (୩୧ ଜୁଲାଇ, ୨୦୨୬ ସୁଦ୍ଧା) ଯେକୌଣସି ପିଲା, ଯିଏ ଭାରତର ନାଗରିକ ହୋଇଥିବେ ଓ ଭାରତର ବାସିନ୍ଦା ହୋଇଥିବେ, ଏହି ପୁରସ୍କାର ପାଇଁ ଯୋଗ୍ୟ ।

ଯେକୌଣସି ନାଗରିକଙ୍କଠାରୁ ନାମାଙ୍କନ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **https://awards.gov.in** ମାଧ୍ୟମରେ ଗ୍ରହଣ କରାଯିବ । ପୁରସ୍କାର ପାଇଁ ଉଭୟ ଆତ୍ମ-ନାମାଙ୍କନ ଓ ସୁପାରିସଗୁଡ଼ିକୁ ବିଚାରକୁ ନିଆଯିବ । ଅନ୍‌ଲାଇନ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୩୧।୦୭।୨୦୨୬ରିଖ । ଅଧିକ ବିବରଣୀ ପାଇଁ ଦୟାକରି ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)** ପରିଦର୍ଶନ କରନ୍ତୁ ।

cbc 46101/11/0046/2526

GOVERNMENT OF ODISHA No. 25001/347/2526

# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR

At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com

No. Tender Online RCK-05/26 Letter No. 1770 Dt.17.03.26

## e-Procurement NOTICE

1. Name of the Work : Tender for the Road works under (MMSY-TRIP) in the Dist. of Kendrapara & Jajpur.
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-7 of the Annexure
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 05/26 | 02.04.2026 at 11.00 A.M. | 22.04.2026 to 05.00 P.M. | 22.04.2026 upto 02.00 P.M. | 23.04.2026 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in.

OIPR-25001/25129/1/25-26/0027 Sd./- Chief Construction Engineer, Rural Works Circle, Kendrapara-Jajpur

## କାର କାଚ ଭାଙ୍ଗି ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର,୨୪।୩(ତ୍ରିନାଥ ମହାନ୍ତି)

କାର୍ କାଚ ଭାଙ୍ଗି ୧୫ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟ୍ ଅଭିଯୋଗରେ ସତ୍ୟନଗର ଅଞ୍ଚଳର ସେକ୍ ଜାବୁରଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ଅଭିଯୋଗକାରୀ ସରୋଜ ବେହେରା ନିଜ ଗାଡ଼ିକୁ ଶ୍ରୀୟା ଛକ ନିକଟରେ ପାର୍କିଂ କରି ବାଲିଅନ୍ତାରେ ଥିବା ବନ୍ଧୁଙ୍କ ଘରକୁ ଯାଇଥିଲେ। ଅଭିଯୁକ୍ତ ଜାବୁର କାର୍ କାଚ ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ ହେବା ପରେ ସିସିଟିଭି ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗାଳି କଲେ ବୋଲି ରୋଷେୟାଙ୍କ ତଣ୍ଟି କାଟିଦେଲେ ହେଲ୍‌ପର

ଭୁବନେଶ୍ୱର,୨୪।୩(ତ୍ରିନାଥ ମହାନ୍ତି)

- ଗୁରୁତର ଅବସ୍ଥାରେ ଆହତଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି
- ଥାନାରେ ମାମଲା ପରେ ଅଭିଯୁକ୍ତ ଗିରଫ

ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ ବୋଲି ରୋଷେୟାଙ୍କ ତଣ୍ଟିକୁ ହେଲ୍‌ପର ଛୁରୀରେ କାଟି ଦେଇଛନ୍ତି। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ପଟିଆ ଷ୍ଟେଶନ ରୋଡ଼ରେ ଦେଖିବାକୁ ମିଳିଛି। ଆହତ ରୋଷେୟା ଆଶିଷ ମହାନ୍ତିଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ପ୍ରଶାନ୍ତ ପାରୁଆଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ କେ.ଲବ ରାଓଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ଆଶିଷ ଏବଂ ଶିଖରଚଣ୍ଡୀର କେ. ଲବରାଓ ଅଭିଯୋଗକାରୀ ପ୍ରଶାନ୍ତ ପାରୁଆଙ୍କ ଦୋକାନରେ ଗତ ପ୍ରାୟ ୪ବର୍ଷ ଧରି କାମ କରିଆସୁଥିଲେ। ସୋମବାର ରାତି ପ୍ରାୟ ୧ଟା ୩୦ମିନିଟରେ ହୋଟେଲରୁ ବଳିଥିବା ଖାଦ୍ୟ ଆଣି ପଟିଆ ଷ୍ଟେଶନ ରୋଡ଼ ନିକଟରେ ଉଭୟ ବସି ମଦ ପିଇଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ରୋଷେୟା ଆଶିଷ ଅଶ୍ଳୀଳ ଭାଷାରେ ଅଭିଯୁକ୍ତ କେ.ଲବ ରାଓଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ରାଗିଯାଇ ଅଭିଯୁକ୍ତ ଏକ ଛୁରିରେ ଆଶିଷଙ୍କ ବେକକୁ କାଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରବଳମାତ୍ରାରେ ରକ୍ତସ୍ରାବ ହୋଇଥିଲା। କେ. ଲବ ରାଓ ଫୋନ୍ କରି ଅଭିଯୋଗକାରୀ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିବା ଜଣାଇଥିଲେ। ଏହା ଶୁଣି ଅଭିଯୋଗକାରୀ ତୁରନ୍ତ ପଟିଆ କଲେଜ ରାସ୍ତା ନିକଟରେ ଥିବା ଘଟଣାସ୍ଥଳରେ ଯାଇ ପହଞ୍ଚି ଆଶିଷ ମହାନ୍ତିଙ୍କୁ ରକ୍ତାକ୍ତ ଅବସ୍ଥାରେ ଭୂମିରେ ପଡ଼ିଥିବାର ଦେଖିଥିଲେ। ଅଭିଯୋଗକାରୀଙ୍କୁ ଦେଖି କେ. ଲବ ରାଓ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୋଗକାରୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପରେ ଆହତ ଆଶିଷଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆର୍‌ଡିଇ ଅଫିସ୍‌ର ଅଡିଟର

### ଘର ଏବଂ ଅଫିସରୁ ଜବତ ହେଲାଣି ୨୮.୭୦ ଲକ୍ଷ ଟଙ୍କା

ଭୁବନେଶ୍ୱର,୨୪।୩(ତ୍ରିନାଥ ମହାନ୍ତି)


ଅମ୍ବିକା ପ୍ରସାଦ ରଥ

ଲାଞ୍ଚ ନେବା ସମୟରେ ଭିଜିଲାନ୍ସହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ(ଆର୍‌ଡିଇ)ଙ୍କ ଅଫିସ୍ ଅଡିଟର ଅମ୍ବିକା ପ୍ରସାଦ ରଥ। ତାଙ୍କ ପକେଟରୁ ୪ହଜାର ଲାଞ୍ଚ ଟଙ୍କା ଜବତ କରାଯିବା ପରେ ଘର ଏବଂ ଅଫିସରେ ଚଢ଼ାଉ କରାଯାଇଥିଲା। ବାବୁଙ୍କ ଘର ଏବଂ ଅଫିସ୍‌ରୁ ୨୮.୭୦ ଲକ୍ଷ ନଗଦ ଟଙ୍କା ଜବତ କରାଗଲାଣି। ମଧୁସୂଦନ ନଗର ଘରୁ ୨୭ ଲକ୍ଷ ୪୨ ହଜାର ୯ଶହ ଟଙ୍କା ଜବତ କରାଯାଇଥିବାବେଳେ ଅଫିସ୍ ଡ୍ର'ରୁ ୧ଲକ୍ଷ ୨୮ ହଜାର ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ଅଧିକାରୀ ଏହି ଟଙ୍କାର ହିସାବ ମାଗିଥିଲେ ମଧ୍ୟ ସେ ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି। ଭିଜିଲାନ୍ସ ଅଧିକାରୀ ତାଙ୍କ ନାମରେ ଏକ ଦୁର୍ନୀତି ମାମଲା ରୁଜୁ କରି ଉଠାଇ ନେଇଥିବା ଜଣାପଡ଼ିଛି।

ଖୋର୍ଦ୍ଧା କଲେଜର ଜଣେ କର୍ମଚାରୀ ସର୍ଭିସ ଭେରିଫିକେଶନ ପାଇଁ ଅମ୍ବିକା ପ୍ରସାଦଙ୍କ ନିକଟକୁ ଯାଇଥିଲେ। ସେ ତାଙ୍କୁ ୪ହଜାର ଟଙ୍କା ଲାଞ୍ଚ ନ ଦେଲେ କାମ ହେବନି ବୋଲି କହିଥିଲେ। ଏନେଇ କଲେଜ କର୍ମଚାରୀ ଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ମଙ୍ଗଳବାର ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ସେ ଅଫିସ ନିକଟରେ ୪ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଧରିଥିଲେ। ଏହାପରେ ତାଙ୍କୁ ଉଠାଇ ନେଇ ଘର ଏବଂ ଅଫିସରେ ଚଢ଼ାଉ କରାଯିବା ପରେ ମୋଟ ୨୮.୭୦ଲକ୍ଷ ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଲକର ଛାନ୍‌ଭିନ କରୁଛି।

## ଭାରତ ବିକାଶ ପରିଷଦର ଉତ୍ସବ

ଭୁବନେଶ୍ୱର,୨୪।୩ (ସୌମ୍ୟରଞ୍ଜନ ରାଉତ)

ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖାର ୨୨ତମ ଉତ୍ସବ ରବିବାର ନିଳାଦ୍ରୀବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏଣ୍ଟୋମୋଲୋଜି (କୀଟପତଙ୍ଗ) ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ମଧୁସୂଦନ ଦାସ ଯୋଗଦେଇ ସମାଜସେବା, ଦେଶଭକ୍ତି ଓ ଉନ୍ନତ ମାନବ ସମାଜ ଗଠନରେ ଭାରତ ବିକାଶ ପରିଷଦର ନିରନ୍ତର ସମର୍ପିତ ସେବାକୁ ପ୍ରଶଂସା କରିଥିଲେ। ସଂଗଠିତ ଭାବରେ କାମ ଜାରି ରଖିଲେ ଅସାଧ୍ୟ କାର୍ଯ୍ୟ ସାଧନାରେ କୌଣସି ବାଧା ରହିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଓ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଶାଖା ସଚିବ ଦଶରଥ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଧ୍ରୁବ ଚରଣ ରାଉତ ଶାଖାର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ମୂରଲୀଧର ଦାସ ଧନ୍ୟବାଦ ଦେଇଥିଲେ।

# ଥାନା ଭିତରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

**ଭୁବନେଶ୍ୱର,୨୪।୩(ତ୍ରିନାଥ ମହାନ୍ତି):** ଚନ୍ଦକା ଥାନା ଭିତରେ ପଶି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପୋଲିସ ଉପସ୍ଥିତିରେ ଦୁଇଗୋଷ୍ଠୀ ଗଣ୍ଡଗୋଳ ହୋଇଛି। ଏଭଳି ଘଟଣା ଚନ୍ଦକା ଥାନାରେ ଗତ ୨୧ ତାରିଖ ବିଳମ୍ବିତ ରାତିରେ ଘଟିଥିଲା। ମଙ୍ଗଳବାର ଏହାର ଭିଡିଓ ଭାଇରାଲ ହେବାପରେ ଘଟଣା ପଦାକୁ ଆସିଥିଲା। ପୋଲିସ ଗଣମାଧ୍ୟମକୁ ସିସିଟିଭି ଫୁଟେଜ ଦେବା ସହ ଥାନା ଭିତରେ ଛୁରି ମାଡ଼ ହୋଇ ନ ଥିବା ସଫେଇ ଦେଇଛି। ଏନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରି ଦୁଇ ଗୋଷ୍ଠୀରୁ ୧୩ ଜଣଙ୍କୁ ଗିରଫ କରିଥିବା ପୋଲିସ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି। କେସ୍ ନଂ-୧୫୩/୨୬ରେ ମାମଲାରେ ଦାରୁଠେଙ୍ଗର ସୁଶାନ୍ତ ପାଲ୍‌ଟାସିଂ, ପୀତବାସ ପାଲ୍‌ଟାସିଂ ଏବଂ ଗୀତାଞ୍ଜଳି ପାଲ୍‌ଟାସିଂଙ୍କୁ ଗିରଫ କରିଥିବାବେଳେ ଚନ୍ଦକା ଥାନା କେସ୍ ନଂ-୧୫୪/୨୬ ମାମଲାରେ ଗଣ୍ଡରପୁରର କାଳନ୍ଦୀ ଚରଣ ରାଉତ, ସ୍ମୃତିପ୍ରଜ୍ଞା ରାଉତ, ରୁଦ୍ରନାରାୟଣ ରାଉତ, ମୁକେଶ ପଢ଼ିହାରୀ, ସରୋଜ ପଢ଼ୀହାରୀ, ଆଶିଷ ପଢ଼ିହାରୀ, ଶ୍ୟାମସୁନ୍ଦର ସ୍ୱାଇଁ, ଦାମୋଦର ସ୍ୱାଇଁ, ସୌମ୍ୟରଞ୍ଜନ ପାଲଟାସିଂ ଏବଂ ରତ୍ନପ୍ରଜ୍ଞା ପଢ଼ିହାରୀଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁସାରେ, ପୀତବାସ ପାଲ୍‌ଟାସିଂଙ୍କ ୨ ସ୍ତ୍ରୀ ଅଛନ୍ତି। ସେମାନଙ୍କ ସୁଶାନ୍ତ ଏବଂ ସୌମ୍ୟରଞ୍ଜନ ଗୋଟିଏ ଲେଖାଏ ପୁଅ ଅଛନ୍ତି। ଗତ କିଛି ମାସ ହେବ ଉଭୟ ପୁଅଙ୍କ ମଧ୍ୟରେ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ବିବାଦ ଲାଗି ରହିଥିଲା। ନିକଟରେ ଦାରୁଠେଙ୍ଗରେ ପୀତବାସଙ୍କ ଏକ ଜମି ବିକ୍ରି ହୋଇଥିଲା। ଏହି ଜମି ବିକ୍ରି ଟଙ୍କା ନେବା ପାଇଁ ଝଗଡ଼ା ଉଗ୍ରରୂପ ନେଇଥିଲା। ଗତ ୨୧ ତାରିଖ ରାତିରେ ପୀତବାସଙ୍କ ଦୁଇ ପୁଅଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ହେବାରୁ ଗାଁରେ ସୌମ୍ୟରଞ୍ଜନଙ୍କୁ ଏକ ଛୁରିରେ ସୁଶାନ୍ତ ହାଣିଥିଲେ। ଫଳରେ ତାଙ୍କ ହାତ ଓ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା।

ଏନେଇ ଅଭିଯୋଗ କରିବାକୁ ସୌମ୍ୟରଞ୍ଜନ ଏବଂ ତାଙ୍କ ସ୍ତ୍ରୀ ଥାନାରେ ରାତି ୧୧ଟା ୧୯ରେ ପହଞ୍ଚିଥିଲେ। ଥାନାକୁ ପଶିବା ସମୟରେ ତାଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଥିବାରୁ ଥାନାରେ ରକ୍ତ ପଡ଼ିଥିଲା। ଏହି ସମୟରେ ଅନ୍ୟଗୋଷ୍ଠୀ ତୁରନ୍ତ ଥାନାରେ ପହଞ୍ଚିଥିଲେ। ସେମାନେ ଥାନା ଭିତରେ ପୋଲିସ ଉପସ୍ଥିତିରେ ପରସ୍ପରକୁ ଦେଖି ପୁଣି ଝଗଡ଼ା କରିବାକୁ ଲାଗିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଠେଲାପେଲା ଏବଂ ଟଣାଓଟରା ଦେଖି ପୋଲିସ କର୍ମଚାରୀମାନେ ହସ୍ତକ୍ଷେପ କରି ଉଭୟ ଗୋଷ୍ଠୀଙ୍କୁ ଅଲଗା କରିଥିଲେ। ୩୦ ସେକେଣ୍ଡ ମଧ୍ୟରେ ପୋଲିସ କର୍ମଚାରୀ ଝଗଡ଼ାକୁ ନିୟନ୍ତ୍ରଣ କରିଥିଲେ। ସୌମ୍ୟରଞ୍ଜନଙ୍କୁ ତୁରନ୍ତ ହସ୍ପିଟାଲ ନିଆଯିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ନେଇ ପୋଲିସ ସଫେଇ ଦେଇଥିଲା। ହେଲେ ଥାନା ଭିତରେ ଗଣ୍ଡଗୋଳ ହେବା ପୋଲିସ ପ୍ରତି ଭୟ ନ ଥିବା ସ୍ପଷ୍ଟ ଅନୁମେୟ ହେଉଛି, ଯେଉଁଥି ପାଇଁ ସହରରେ ଆଇନଶୃଙ୍ଖଳା ବିଗୁଡୁଥିବା ସାଧାରଣରେ ଅଭିଯୋଗ ହେଉଛି।




- ଥାନା ପରିସରରେ କୌଣସି ଛୁରାମାଡ଼ ହୋଇନାହିଁ: ପୋଲିସ
- ଉଭୟ ଗୋଷ୍ଠୀର ୧୩ ଜଣଙ୍କୁ ଗିରଫ କଲା ପୋଲିସ


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BBS-552, ତା.17.03.2026ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹44,32,998.78, EMD : ₹88,700/-

ବିଡ୍ ଆରମ୍ଭ ହେବା ତାରିଖ : ତା.25.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1261/Q/25-26

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-271

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ଆଧାରିତ AC କୋଚ୍‌ଗୁଡ଼ିକରେ ଏୟାର-କଣ୍ଡିସନ୍ଡ କୋଚ୍ ଇଲେକ୍ଟ୍ରିକାଲ ଆଟେଣ୍ଡାଣ୍ଟ (ACCEA) କାର୍ଯ୍ୟକଳାପର ବହିଃସ୍ରୋତ (Outsourcing)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 95,41,938.84, EMD : ₹ 1,90,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଦୁଇ (02) ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.08.04.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-1260/Q/25-26



No.4001/92/2526

GRIDCO
Empowering Odisha

# GRIDCO LIMITED

(A Govt. of Odisha Undertaking)
Regd. Office: Janpath, Bhubaneswar-751022, Odisha

## NOTIFICATION

### BULK SUPPLY PRICE EFFECTIVE FROM 1st APRIL, 2026

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| TPCODL | - | 331.00 | paise per kWh |
| TPNODL | - | 344.00 | paise per kWh |
| TPWODL | - | 379.00 | paise per kWh |
| TPSODL | - | 190.00 | paise per kWh |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026

Sd./- Managing Director
GRIDCO Ltd.

OIPR-4001/4056/1/25-26/0003


## ମୂଲ୍ୟଯୁକ୍ତ ମହୁ ଉତ୍ପାଦରେ ଆତ୍ମନିର୍ଭର ହେବେ ଚାଷୀ

### ପ୍ରଶିକ୍ଷଣ ଶିବିରରେ ମହୁଚାଷୀଙ୍କୁ ଆୟବୃଦ୍ଧିର ମନ୍ତ୍ର

**ତ୍ରିଶୂଳିଆ,୨୪।୩(ତୁଷାରକାନ୍ତ ବେହେରା):** ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ମହୁଚାଷରେ ମୂଲ୍ୟଯୁକ୍ତ ଉତ୍ପାଦ ବୃଦ୍ଧି ସମ୍ପର୍କରେ ମହୁଚାଷୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ମହୁ ଉତ୍ପାଦନଠାରୁ ଭିନ୍ନ ଉପାୟ ଅବଲମ୍ବନ କରି ମହୁ ଉତ୍ପାଦନ ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ ଥିଲା। ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜନ୍ମବର୍ଷ ଏବଂ ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେଶନର ୪୫ତମ ପ୍ରତିଷ୍ଠା ବର୍ଷ ଅବସରରେ ପ୍ରେରଣାର ପର୍ବ ବା ଫେଷ୍ଟିଭାଲ ଅଫ୍ ଇନ୍‌ସ୍ପିରେଶନ ଉପଲକ୍ଷେ ଏହି ଶିବିର ଆୟୋଜନ ହୋଇଥିଲା। ଶିବିରରେ କଟକ, ଖୋର୍ଦ୍ଧା, ଢେଙ୍କାନାଳ, ମୟୂରଭଞ୍ଜ, ଜଗତ୍‌ସିଂହପୁର ଏବଂ କେନ୍ଦୁଝର ଭଳି ଜିଲାରୁ ବହୁସଂଖ୍ୟାରେ ମହୁଚାଷୀ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ସହକାରୀ ପ୍ରାଧ୍ୟାପିକା ଡ. ସୀମା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମହୁ ଉତ୍ପାଦନ ଏବଂ ସେଥିରୁ ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷକରି ବିଶ୍ୱବିଦ୍ୟାଳୟ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ଦ୍ୱାରା ମହୁରୁ ପ୍ରସ୍ତୁତ ଲଡୁ, ଲିପ୍‌ବାମ, ସାବୁନ, ଚିକ୍କି, ଚକୋଲେଟ୍ସ ଓ ମଫିନ୍ସ ଭଳି ଦୈନନ୍ଦିନ ଜୀବନରେ ବ୍ୟବହୃତ ବସ୍ତୁ ପ୍ରଦର୍ଶନ କରାଯାଇଥିଲା ଏବଂ ଏହାକୁ କିଭଳି ମହୁଚାଷୀ ନିଜେ ଉତ୍ପାଦନ କରିପାରିବେ, ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃଷି ବିଭାଗ ଡିନ୍ ପ୍ରଫେସର ଡ. ଏସ୍. କୁମାରସ୍ୱାମୀ କହିଲେ, ଶିକ୍ଷାନୁଷ୍ଠାନ ଏବଂ କୃଷକଙ୍କ ମଧ୍ୟରେ ଉତ୍ତମ ସହଯୋଗରେ ମହୁଚାଷରେ ନୂତନତ୍ୱ ଅଣାଯାଇପାରିବ। ଏହାଦ୍ୱାରା ମହୁଚାଷୀଙ୍କ ରୋଜଗାର ବଢ଼ିବ। ଫୁଲର ପରାଗସଙ୍ଗମରେ ମହୁମାଛିଙ୍କ ଭୂମିକା, ଜୈବ ବିବିଧତା ସଂରକ୍ଷଣ ଏବଂ ସେମାନଙ୍କ ଖାଦ୍ୟ ସୁରକ୍ଷାକୁ ନେଇ ଶିବିରରେ ବିସ୍ତୃତ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ଡ. ତେଜ୍‌ପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଉପସ୍ଥିତ ଥିଲେ। କୃଷି ବିଭାଗ ପକ୍ଷରୁ ଡ. ଶୁଭ୍ରଜ୍ୟୋତି ପଣ୍ଡା ଶିବିର ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

## କୃଷି ମହାବିଦ୍ୟାଳୟର ସାଂସ୍କୃତିକ ଉତ୍ସବ 'ଝଙ୍କାର'

### ହ୍ୟୁମାନ ସାଗର, ଅଭିଜିତ ମଜୁମଦାରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧିନ କୃଷି ମହାବିଦ୍ୟାଳୟର ନାଟ୍ୟ ସଂସଦ 'ଚିରନ୍ତନୀ' ଦ୍ୱାରା ଆୟୋଜିତ ସାଂସ୍କୃତିକ ଉତ୍ସବ 'ଝଙ୍କାର' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏବଂ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କୁ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ର ପ୍ରଦୀପ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସ୍ୱର୍ଗତ ଦୁଇ ବ୍ୟକ୍ତିତ୍ୱଙ୍କ ସ୍ମୃତିଚାରଣ କରିଥଲେ। ମହାବିଦ୍ୟାଳୟ ଛାତ୍ର ସଂସଦର ଉପଦେଷ୍ଟା ଡ. ପ୍ରସନ୍ନ କୁମାର ସାମନ୍ତ ଓ ମହାବିଦ୍ୟାଳୟ ନାଟ୍ୟ ସଂସଦର ଉପଦେଷ୍ଟା ତଥା ସହକାରୀ ପ୍ରାଧ୍ୟାପକ ଡ. ଚକ୍ରଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରସଙ୍ଗୀତ, ନୃତ୍ୟ, ବାଦ୍ୟ ଯନ୍ତ୍ର ବାଦନ ଏବଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଫ୍ୟାଶନ ଶୋ' କରିଥିଲେ। ଏହି କାର୍ଯ୍ୟକ୍ରମକୁ ନାଟ୍ୟ ସଂସଦ ସଭାପତି ସମ୍ପିତ ଓଝା ଏବଂ ଉପସଭାପତି ସୌମ୍ୟ ପ୍ରିୟଦର୍ଶୀ ସାହୁ ପରିଚାଳନା କରିଥିବା ବେଳେଡ. ଚକ୍ରଧର ପାତ୍ର ଏଭଳି କାର୍ଯ୍ୟକ୍ରମ ପିଲାଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ କରିବାରେ ସହାୟକ ହେବ ବୋଲି କହିଥିଲେ।


# ODISHA JOINT ENTRANCE EXAMINATION - 2026 (OJEE - 2026)

No: OJEE / 116 DATE:24-03-2026

### NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE - 2026

**No.44001/23/2526** : This is for the information of all candidates, interested to apply for **Odisha Joint Entrance Examination (OJEE) – 2026**, that the **last date for registration and final submission of online application forms for OJEE – 2026, which was earlier notified as 22.03.2026, is extended till 29.03.2026 (11:59 PM).** *(Final Submission means submission of application form including payment)*

Candidates are advised to visit OJEE websites (www.ojee.nic.in / www.odishajee.com), read the **'Information Brochure'** and the **'Instructions to fill On-line Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

Further, another three days, i.e., **30.03.2026 (11:00AM), 31.03.2026 and 01.04.2026 (till 11:59 PM)** will be provided to the candidates to correct*, if necessary, their application forms. For other details please visit OJEE website: https://ojee.nic.in

*Correction in the application form will be applicable to only successful submitted applications.

**It may be noted that there will be no further extension of the registration / application period beyond this date.**

Sd./- CHAIRMAN, OJEE
Odisha

OIPR-44001/44026/1/25-26/0001



## ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ
## ଭାରତ ସରକାର
### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, **ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର (ପିଏମ୍‌ଆର୍‌ବିପି)** ନିମନ୍ତେ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)**ରେ ଆବେଦନ ଗ୍ରହଣ ପ୍ରକ୍ରିୟା **ତା୦୧।୦୪।୨୦୨୬ରିଖଠାରୁ** ଆରମ୍ଭ ହେବ । **ସାହସିକତା, କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରିବେଶ ତଥା କଳା ଓ ସଂସ୍କୃତି** କ୍ଷେତ୍ରରେ ରାଷ୍ଟ୍ରୀୟ ସ୍ତରରେ ସ୍ୱୀକୃତି ପାଇବା ପାଇଁ ଯୋଗ୍ୟ ପିଲାମାନଙ୍କୁ ଏହି ପୁରସ୍କାରଗୁଡ଼ିକ ଦିଆଯାଇଥାଏ ।

୫ ବର୍ଷରୁ ଅଧିକ ଓ ୧୮ ବର୍ଷରୁ କମ୍ ବୟସର (୩୧ ଜୁଲାଇ, ୨୦୨୬ ସୁଦ୍ଧା) ଯେକୌଣସି ପିଲା, ଯିଏ ଭାରତର ନାଗରିକ ହୋଇଥିବେ ଓ ଭାରତର ବାସିନ୍ଦା ହୋଇଥିବେ, ଏହି ପୁରସ୍କାର ପାଇଁ ଯୋଗ୍ୟ ।

ଯେକୌଣସି ନାଗରିକଙ୍କଠାରୁ ନାମାଙ୍କନ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **https://awards.gov.in** ମାଧ୍ୟମରେ ଗ୍ରହଣ କରାଯିବ । ପୁରସ୍କାର ପାଇଁ ଉଭୟ ଆତ୍ମ-ନାମାଙ୍କନ ଓ ସୁପାରିସଗୁଡ଼ିକୁ ବିଚାରକୁ ନିଆଯିବ । ଅନ୍‌ଲାଇନ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୩୧।୦୭।୨୦୨୬ରିଖ । ଅଧିକ ବିବରଣୀ ପାଇଁ ଦୟାକରି ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)** ପରିଦର୍ଶନ କରନ୍ତୁ ।

cbc 46101/11/0046/2526



GOVERNMENT OF ODISHA No. 25001/347/2526

# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR

At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com

No. Tender Online RCK-05/26 Letter No. 1770 Dt.17.03.26

## e-Procurement NOTICE

1. Name of the Work : Tender for the Road works under (MMSY-TRIP) in the Dist. of Kendrapara & Jajpur.
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-7 of the Annexure
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 05/26 | 02.04.2026 at 11.00 A.M. | 22.04.2026 to 05.00 P.M. | 22.04.2026 upto 02.00 P.M. | 23.04.2026 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in.
OIPR-25001/25129/1/25-26/0027 Sd./- Chief Construction Engineer, Rural Works Circle, Kendrapara-Jajpur

**ବିଶ୍ୱ ପାଣିପାଗ ଦିବସ ପାଳିତ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱ ପାଣିପାଗ ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅରିଜିତ୍ ମିଶ୍ର ଏଥିରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ କୁଞ୍ଜ ବିହାରୀ କଲେଜ ବାରଙ୍ଗର ଭୂଗୋଳ ବିଭାଗୀୟ ମୁଖ୍ୟ ଡ. ସୁରେନ୍ଦ୍ର ସାହୁ ଯୋଗଦେଇ ପାଣିପାଗ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଲକ୍ଷ୍ମୀପ୍ରିୟା ଦାଶ ବାତ୍ୟା ସମ୍ପର୍କରେ ଏକ ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅଦ୍ୱୈତ୍ୟ କୁମାର ନାୟକ, ଅନୀତା ରାଉତ, ନମିତା ଦଲେଇ, ବାବୁଲା ବିହାର ପ୍ରମୁଖ ଭାଗନେଥିଲେ। ଶେଷରେ ଜ୍ୟୋତିର୍ମୟୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମା'ବୁଢ଼ୀ ମଙ୍ଗଳାଙ୍କ କାତ୍ୟାୟନୀ ବେଶ



**ଟିଗିରିଆ,୨୪।୩(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାର ଆରାଧ ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜାର ମଙ୍ଗଳବାର ଷଷ୍ଠ ଦିବସରେ ଭକ୍ତମାନଙ୍କୁ କାତ୍ୟାୟନୀ ବେଶରେ ମା' ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ଶିମିଳିପୁର କ୍ଲଷ୍ଟରସ୍ତରୀୟ ବୈଠକ

**ବାଙ୍କୀ,୨୪।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ଡମପଡ଼ା ବ୍ଲକ ଶିମିଳିପୁର କ୍ଲଷ୍ଟର ପ୍ରାଥମିକବିଦ୍ୟାଳୟର ନବମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ତୋଟାସାହି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଲଷ୍ଟର ସାଧନ ସଂଯୋଜିକା ମୋନାଲିସା ପ୍ରିୟଦର୍ଶିନୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ଓ ବିଆରସିସି ପ୍ରଫୁଲ୍ଲ ବେହେରା ଯୋଗଦେଇ ଶିଶୁବାଟିକା ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଭାଷାଜ୍ଞାନ କିପରି ବୃଦ୍ଧି ପାଇବ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

# ମୂଲ୍ୟଯୁକ୍ତ ମହୁ ଉତ୍ପାଦରେ ଆତ୍ମନିର୍ଭର ହେବେ ଚାଷୀ

**ଶିବିରରେ ମହୁଚାଷୀଙ୍କୁ ଆୟବୃଦ୍ଧିର ମନ୍ତ୍ର**

**ତ୍ରିଶୂଳିଆ,୨୪।୩ (ତୁଷାରକାନ୍ତ ବେହେରା)**

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ମହୁଚାଷରେ ମୂଲ୍ୟଯୁକ୍ତ ଉତ୍ପାଦ ବୃଦ୍ଧି ସମ୍ପର୍କରେ ମହୁଚାଷୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ମହୁ ଉତ୍ପାଦନଠାରୁ ଭିନ୍ନ ଉପାୟ ଅବଲମ୍ବନ କରି ମହୁ ଉତ୍ପାଦନ ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ ଥିଲା। ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜନ୍ମବର୍ଷ ଏବଂ ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେଶନର ୪୫ତମ ପ୍ରତିଷ୍ଠା ବର୍ଷ ଅବସରରେ ପ୍ରେରଣାର ପର୍ବ ବା ଫେଷ୍ଟିଭାଲ ଅଫ୍ ଇନ୍ସିରେଶନ ଉପଲକ୍ଷେ ଏହି ଶିବିର ଆୟୋଜନ ହୋଇଥିଲା। ଶିବିରରେ କଟକ, ଖୋର୍ଦ୍ଧା, ଢେଙ୍କାନାଳ, ମୟୂରଭଞ୍ଜ, ଜଗତ୍‌ସିଂହପୁର ଏବଂ କେନ୍ଦୁଝର ଭଳି ଜିଲାରୁ ବହୁସଂଖ୍ୟାରେ ମହୁଚାଷୀ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ସହକାରୀ ପ୍ରାଧ୍ୟାପିକା ଡ. ସୀମା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମହୁ ଉତ୍ପାଦନ ଏବଂ ସେଥିରୁ ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

ବିଶେଷକରି ବିଶ୍ୱବିଦ୍ୟାଳୟ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ଦ୍ୱାରା ମହୁରୁ ପ୍ରସ୍ତୁତ ଲଡୁ, ଲିପ୍‌ବାମ, ସାବୁନ, ଚିକ୍କି, ଚକୋଲେଟ୍ସ ଓ ମଫିନ୍ସ ଭଳି ଦୈନନ୍ଦିନ ଜୀବନରେ ବ୍ୟବହୃତ ବସ୍ତୁ ପ୍ରଦର୍ଶନ କରାଯାଇଥିଲା ଏବଂ ଏହାକୁ କିଭଳି ମହୁଚାଷୀ ନିଜେ ଉତ୍ପାଦନ କରିପାରିବେ, ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃଷି ବିଭାଗ ଡିନ୍ ପ୍ରଫେସର ଡ. ଏସ୍. କୁମାରସ୍ୱାମୀ କାର୍ଯ୍ୟକ୍ରମର ପ୍ରଶଂସାକରି କହିଛନ୍ତି, ଶିକ୍ଷାନୁଷ୍ଠାନ ଏବଂ କୃଷକଙ୍କ ମଧ୍ୟରେ ଉତ୍ତମ ସହଯୋଗରେ ମହୁଚାଷରେ ନୂତନତ୍ୱ ଅଣାଯାଇପାରିବ, ଯାହାଦ୍ୱାରା ମହୁଚାଷୀଙ୍କ ରୋଜଗାର ବଢ଼ିବ। ଫୁଲର ପରାଗସଙ୍ଗମରେ ମହୁମାଛିଙ୍କ ଭୂମିକା, ଜୈବବିବିଧତା ସଂରକ୍ଷଣ ଏବଂ ସେମାନଙ୍କ ଖାଦ୍ୟ ସୁରକ୍ଷାକୁ ନେଇ ଶିବିରରେ ବିସ୍ତୃତ ଆଲୋଚନା ହୋଇଥିଲା। କୃଷି ବିଭାଗ ପକ୍ଷରୁ ଡ. ଶୁଭ୍ରଜ୍ୟୋତି ପଣ୍ଡା ମଧ୍ୟ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଶିବିର ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। କୁଳପତି ପ୍ରଫେସର ଡ. ତେଜ୍‌ପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ମଧ୍ୟ ଶିବିର ଆୟୋଜନର ଅପାର ସଫଳତା ନିମନ୍ତେ ଆୟୋଜକଙ୍କୁ ପ୍ରଶଂସା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷା ଅଧିକାରୀଙ୍କ ପରଲୋକ

**ଆଠଗଡ଼,୨୪।୩ (ସତ୍ୟ ପ୍ରସାଦ ରଥ)**

ଆଠଗଡ ବ୍ଲକ ଉଦୟପୁର ଦଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ବେଉରା (୯୦)ଙ୍କ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ



ପରଲୋକ ଘଟିଛି। ସ୍ୱର୍ଗତ ବେଉରା ତତ୍କାଳୀନ ଆଠଗଡ ଶିକ୍ଷା ଜିଲା ବିଭାଗର ପ୍ରଶାସନିକ ଅଧିକାରୀ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଶିକ୍ଷୟିତ୍ରୀ ଶିକ୍ଷକ ମହଲରେ ବେଶ ଆଦୃତି ଲାଭ କରିଥିଲେ। ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ପ୍ରଫୁଲ୍ଲଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ରୁକ୍ମିଣୀ, ୨ ପୁତ୍ର ସୁଶାନ୍ତ, ସୁବ୍ରତ, ବୋହୂ ନିବେଦିତା, ସୁଚରିତା, ଝିଅ ନିରୁପମା, କ୍ୱାଇଁ ତଥା ଆଠଗଡ ଉପଖଣ୍ଡ ଚିକିତ୍ସାଳୟର ଅବସରପ୍ରାପ୍ତ ଶଲ୍ୟ ଚିକିତ୍ସକ ଡା. ଭାଗୀରଥି ପରିଡା, ନାତି ଡା. ସିଦ୍ଧାର୍ଥ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ପ୍ରଫୁଲ୍ଲଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

## ସଡ଼କ ସୁରକ୍ଷା ଏକ ସାମାଜିକ ଦାୟିତ୍ୱ

**ସଡ଼କ ସୁରକ୍ଷା ସଚେତନତା ଶିବିର**




ଅତିଥିମାନେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରୁଛନ୍ତି।

**ମାହାଙ୍ଗା,୨୪।୩ (ଅଜୟ କୁମାର ମହାନ୍ତି)**

କୁଆଁପାଳ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ନିୟମ ପାଳନ କରିବା ସହ ଜୀବନର ସୁରକ୍ଷା ପ୍ରତି ସଚେତନ ରହିବାକୁ ପରାମର୍ଶ ଦିଆଯାଇଥିଲା। ସଭାରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଯୁଗଳ କିଶୋର ଦାଶ ଯୋଗଦେଇ ଦୈନନ୍ଦିନ ଜୀବନରେ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର କରିବା ଏବଂ ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ରବି ନାରାୟଣ ବାରିକ ଓ ଅନ୍ୟତମ ବକ୍ତାଭାବେ ଡ.ନିଖିଳେଶ ମହାନ୍ତି ଯୋଗଦେଇ ସଡକ ସୁରକ୍ଷା କେବଳ ଏକ ନିୟମ ନୁହେଁ ବରଂ ଏହା ଏକ ସାମାଜିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରୁଦ୍ର ନାରାୟଣ ଦାଶ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ଅନିମେଶ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସହରାଞ୍ଚଳ ୱାର୍ଡ କଲ୍ୟାଣ ସମିତି ସମନ୍ୱୟ ବୈଠକ

**ବାଙ୍କୀ , ୨୪।୩ ( ଶୁଭେନ୍ଦୁ ମହାପାତ୍ର )**




ବୈଠକରେ ଯୋଗଦେଇଥିବା ଅତିଥିମାନେ।

କଟକ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବାଙ୍କୀ ଏନ୍‌ଏସିର ୱାର୍ଡ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନଗରପାଳ ମାଣିକ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ସନ୍ତୋଷ କୁମାର ରଣା ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ବନବାସୀ ବେହେରା, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଡାକ୍ତର ସୁଶାନ୍ତ କୁମାର ସାହୁ, ସରକାରୀ କାର୍ଯ୍ୟକ୍ରମର ପ୍ରଶିକ୍ଷକ ଗୌରାଙ୍ଗ ଚରଣ ବେହେରା, କାଉନ୍‌ସିଲର ସନାତନ ବେହେରା, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ପ୍ରମୁଖ ଯୋଗଦେଇ ୱାର୍ଡସ୍ତରୀୟ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟ ଓ ଉପକାରିତ ବିଷୟରେ ମତବ୍ୟକ୍ତ କରିଥିଲେ। ରୋଗ ଗୁରୁତର ହେବାକୁ ନ ଦେଇ ୱାର୍ଡସ୍ତରୀୟ ୱାର୍ଡ କଲ୍ୟାଣ ସମିତି ମାଧ୍ୟମରେ ମିଳିତଭାବେ ଜନସାଧାରଣଙ୍କୁ ସଚେତନ କରାଇବା ଆମ୍ଭ ସମସ୍ତଙ୍କର ଦାୟିତ୍ୱ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ୱାର୍ଡ କାଉନସିଲରଙ୍କ ନେତୃତ୍ୱରେ ପ୍ରତି ୱାର୍ଡରେ ୱାର୍ଡ କଲ୍ୟାଣ ସମିତି ଗଠନ କରାଯିବ। ଏହି ୱାର୍ଡ କମିଟି ମାଧ୍ୟମରେ ୱାର୍ଡରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସହ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ କୁହାଯାଇଥିଲା। ଏଥିରେ ପରିଷଦର କାଉନ୍‌ସିଲର ବିକଳ ଗୋଛି, ପଠାଣି ବେହେରା, ରାଜେନ୍ଦ୍ର ମହାପାତ୍ର, ସଞ୍ଜୟ ପୃଷ୍ଟି, ଅଶାନ୍ତି ରାଉତ, ମନୋରମା ବେହେରାଙ୍କ ସହ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଏଏନ୍‌ଏମ୍, ଅଣ ସରକାରୀ ସଙ୍ଗଠନ ସଦସ୍ୟ ଭାବେ ବାଙ୍କୀ ଆଦିବାସୀ ହରିଜନ କଲ୍ୟାଣ ପରିଷଦର କେଶବ ଚନ୍ଦ୍ର ବେହେରା, ଏନ୍‌ଏସି. ଗୋଷ୍ଠୀ ସଂଗଠିକା ମଧୁସ୍ମିତା ଦାସ , ପରିମଳ ବିଶେଷଜ୍ଞ ସୁନିଲ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ମନୋରଞ୍ଜନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବିବରଣୀ ପ୍ରଦାନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଗଗନ ବିହାରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BBS-552, ତା.17.03.2026ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹ 44,32,998.78, **EMD :** ₹ 88,700/-

ବିଡ଼୍ ଆରମ୍ଭ ହେବା ତାରିଖ : ତା.25.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-1261/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-271

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ଆଧାରିତ AC କୋଚ୍‌ଗୁଡ଼ିକରେ ଏୟାର-କଣ୍ଡିସନଡ କୋଚ୍ ଇଲେକ୍ଟ୍ରିକାଲ ଆଟେଣ୍ଡାଣ୍ଟ (ACCEA) କାର୍ଯ୍ୟକଳାପର ବହିଃସ୍ରୋତ (Outsourcing)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 95,41,938.84, **EMD :** ₹ 1,90,800/-, **ଟେଣ୍ଡର ନଥିପତ୍ରର ମୂଲ୍ୟ :** ₹ 5,000/-, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଦୁଇ (02) ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.08.04.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନେ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-1260/Q/25-26

No.4001/92/2526

GRIDCO
Empowering Odisha

## GRIDCO LIMITED

**(A Govt. of Odisha Undertaking)**
**Regd. Office: Janpath, Bhubaneswar-751022, Odisha**

### NOTIFICATION

**BULK SUPPLY PRICE EFFECTIVE FROM 1st APRIL, 2026**

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| **TPCODL** | - | **331.00** | **paise per kWh** |
| **TPNODL** | - | **344.00** | **paise per kWh** |
| **TPWODL** | - | **379.00** | **paise per kWh** |
| **TPSODL** | - | **190.00** | **paise per kWh** |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026

**Sd./- Managing Director**
**GRIDCO Ltd.**

**OIPR-4001/4056/1/25-26/0003**

## ଗୀତାଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଟିଗିରିଆ,୨୪।୩(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଆରାଧ ଦେବତା ପ୍ରଭୁ ଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ୫ ଦିନ ଧରି ଚାଲିଥିବା ୩୦ତମ ବାର୍ଷିକ ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏସମ୍ପର୍କରେ ଆୟୋଜକ ରାମେଶ୍ୱର ସେବା ସଂଘ ସଭାପତି କେଶବ ଚନ୍ଦ୍ର ପାତ୍ର, ଉପସଭାପତି ଯୋଗିନାଥ ଅକ୍ଷିତ ସୂଚନା ଦେଇଛନ୍ତି। ଯଜ୍ଞର ଏହି ୫ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଙ୍କୁରା ରୋପଣ, କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ଯଜ୍ଞ, ଗୀତା ପାଠ ଇତ୍ୟାଦି ଅନୁଷ୍ଠିତ ହୋଇଯାଇଛି। ଏଥିସହ ପ୍ରତ୍ୟେହ ମନ୍ଦିର ପରିସରରେ ପ୍ରବଚନ ଓ ଭଜନ କୀର୍ତ୍ତନ ପରିବେଷଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ଯଜ୍ଞ ଶେଷରେ ରାମେଶ୍ୱର ସେବା ସଂଘ ସଦସ୍ୟଙ୍କ ତରଫରୁ ଗରିବ ଲୋକଙ୍କୁ ନୂତନ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଯଜ୍ଞରେ ନୂଆପାଟଣା ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପଣ୍ଡିତ ବାଉରୀ ବନ୍ଧୁ ଦାଶ ମୁଖ୍ୟ ଆଚାର୍ଯ୍ୟ, ପଣ୍ଡିତ ମନୋରଞ୍ଜନ ହୋତା ସହାୟକ ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ରାମେଶ୍ୱର ସେବା ସଂଘର ସଦସ୍ୟ ବିଭୂତି ବେହେରା, ଅଜୟ ମହାରଣା, ପ୍ରତାପ କୁମାର ସାହୁ, ସୁଦାମ ସାହୁ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ପଟ୍ଟଚିତ୍ର ମାଧ୍ୟମରେ ସ୍ୱରୋଜଗାର ସୃଷ୍ଟି ଆହ୍ୱାନ

**ବାଙ୍କୀ,୨୪।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ମା'ମଙ୍ଗଳା ପଟ୍ଟଚିତ୍ର କେନ୍ଦ୍ରରେ ପଟ୍ଟଚିତ୍ର ଶିକ୍ଷା ପ୍ରଦାନ କରାଯିବା ଫଳରେ ବହୁ ମହିଳା ସ୍ୱରୋଜଗାର ଓ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି କେନ୍ଦ୍ରର ପରିଚାଳକ ତରୁଲତା ସାହୁ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ଫଳରେ ୩୦ଜଣ ମହିଳା ପଟ୍ଟଚିତ୍ର ଉପରେ ଶିକ୍ଷା ଗ୍ରହଣ କରୁଛନ୍ତି। ବିଶେଷ କରି ବ୍ୟାଙ୍କରୁ ଋଣ ଆଣି ମିଶନଶକ୍ତି ଏବଂ ଓରମାସ ଜରିଆରେ ପଟ୍ଟଚିତ୍ରଗୁଡ଼ିକୁ ବିଭିନ୍ନ ସ୍ଥାନକୁ ପଠାଯାଉଛି। ନିକଟରେ ତରୁଲତା ସାହୁଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଉପରେ ଏକ ପଟ୍ଟଚିତ୍ର ପ୍ରସ୍ତୁତ କରାଯାଇ ଆମେରିକାର ୱାଶିଂଟନ ସହରକୁ ପଠାଯାଇଛି। କେନ୍ଦୁପଲ୍ଲୀ ଗ୍ରାମକୁ ଏକ ଉଦ୍ୟୋଗୀ ଗ୍ରାମରେ ପରିଣତ କରିବାକୁ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପରାମର୍ଶ ଦେଇଛନ୍ତି। ଏଥିସହ କେନ୍ଦୁପଲ୍ଲୀ ଓ ଆଖପାଖ ଗ୍ରାମର ବେକାର ଯୁବତୀଯୁବକମାନଙ୍କୁ ପଟ୍ଟଚିତ୍ର ମାଧ୍ୟମରେ କଳାର ବିକାଶ ସହ ସ୍ୱରୋଜଗାର ସୃଷ୍ଟି କରିବା ପାଇଁ ପ୍ରାଧ୍ୟାପକ ମହାପାତ୍ର ପ୍ରଶିକ୍ଷଣ ନେଉଥିବା ମହିଳାମାନଙ୍କୁ କହିଛନ୍ତି ।

## ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ସାଧାରଣ ସଭା

**ଟିଗିରିଆ,୨୪।୩(ଜାଫର ଖାଁ) :**ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ୨୦୨୬ ବାର୍ଷିକ ସାଧାରଣ ସଭା ମଙ୍ଗଳବାର ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଧ୍ରୁବଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ବିବରଣୀ ସହ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ୨୦୨୭ ପାଇଁ ସମିତିର ଖସଡ଼ା ପ୍ରସ୍ତୁତ କରିଥିଲେ। ବୈଠକରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନୂଆପାଟଣାର ଶାଖା ପରିଚାଳକ ରମେଶ ସାହୁ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦତ୍ତ, ମହେନ୍ଦ୍ର କୁମାର କୁଣ୍ଟୁ, ଭୋଗଡା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅରୁଣ ନାୟକ, ସମିତି ପରିଚାଳନା ପରିଷଦ ସଭ୍ୟ ସାହାଦତ ଖାଁ, ରବୀନ୍ଦ୍ର ଜେନାଙ୍କ ସହ ସମିତି ଅଧୀନରେ ଥିବା ୩ ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ।

## ODISHA JOINT ENTRANCE EXAMINATION - 2026 (OJEE - 2026)

**No: OJEE / 116** | **DATE:24-03-2026**

### NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE - 2026

**No.44001/23/2526** : This is for the information of all candidates, interested to apply for **Odisha Joint Entrance Examination (OJEE) – 2026**, that the **last date for registration and final submission of online application forms for OJEE – 2026, which was earlier notified as 22.03.2026, is extended till 29.03.2026 (11:59 PM)**. *(Final Submission means submission of application form including payment)*

Candidates are advised to visit OJEE websites (www.ojee.nic.in / www.odishajee.com), read the **'Information Brochure'** and the **'Instructions to fill On-line Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

Further, another three days, i.e., **30.03.2026 (11:00AM), 31.03.2026 and 01.04.2026 (till 11:59 PM)** will be provided to the candidates to correct*, if necessary, their application forms. For other details please visit OJEE website: https://ojee.nic.in

*Correction in the application form will be applicable to only successful submitted applications.

**It may be noted that there will be no further extension of the registration / application period beyond this date.**

**Sd./- CHAIRMAN, OJEE**
**Odisha**

OIPR-44001/44026/1/25-26/0001

## ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ
## ଭାରତ ସରକାର
### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, **ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର (ପିଏମ୍‌ଆର୍‌ବିପି)** ନିମନ୍ତେ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)**ରେ ଆବେଦନ ଗ୍ରହଣ ପ୍ରକ୍ରିୟା **ତା୦୧।୦୪।୨୦୨୬ରିଖଠାରୁ** ଆରମ୍ଭ ହେବ । **ସାହସିକତା, କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରିବେଶ ତଥା କଳା ଓ ସଂସ୍କୃତି** କ୍ଷେତ୍ରରେ ରାଷ୍ଟ୍ରୀୟ ସ୍ତରରେ ସ୍ୱୀକୃତି ପାଇବା ପାଇଁ ଯୋଗ୍ୟ ପିଲାମାନଙ୍କୁ ଏହି ପୁରସ୍କାରଗୁଡ଼ିକ ଦିଆଯାଇଥାଏ ।

୫ ବର୍ଷରୁ ଅଧିକ ଓ ୧୮ ବର୍ଷରୁ କମ୍ ବୟସର (୩୧ ଜୁଲାଇ, ୨୦୨୬ ସୁଦ୍ଧା) ଯେକୌଣସି ପିଲା, ଯିଏ ଭାରତର ନାଗରିକ ହୋଇଥିବେ ଓ ଭାରତର ବାସିନ୍ଦା ହୋଇଥିବେ, ଏହି ପୁରସ୍କାର ପାଇଁ ଯୋଗ୍ୟ ।

ଯେକୌଣସି ନାଗରିକଙ୍କଠାରୁ ନାମାଙ୍କନ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **https://awards.gov.in** ମାଧ୍ୟମରେ ଗ୍ରହଣ କରାଯିବ । ପୁରସ୍କାର ପାଇଁ ଉଭୟ ଆତ୍ମ-ନାମାଙ୍କନ ଓ ସୁପାରିସଗୁଡ଼ିକୁ ବିଚାରକୁ ନିଆଯିବ । ଅନ୍‌ଲାଇନ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୩୧।୦୭।୨୦୨୬ରିଖ । ଅଧିକ ବିବରଣୀ ପାଇଁ ଦୟାକରି ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)** ପରିଦର୍ଶନ କରନ୍ତୁ ।

cbc 46101/11/0046/2526

**GOVERNMENT OF ODISHA** | No. 25001/347/2526

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR

**At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com**

No. Tender Online RCK-05/26 | Letter No. 1770 | Dt.17.03.26

### e-Procurement NOTICE

1. Name of the Work : Tender for the Road works under (MMSY-TRIP) in the Dist. of Kendrapara & Jajpur.
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-7 of the Annexure
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 05/26 | 02.04.2026 at 11.00 A.M. | 22.04.2026 to 05.00 P.M. | 22.04.2026 upto 02.00 P.M. | 23.04.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in.**

**OIPR-25001/25129/1/25-26/0027** **Sd./- Chief Construction Engineer, Rural Works Circle, Kendrapara-Jajpur**

**ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା**

ଚାରିଛକ, (ଶିଶିର କୁମାର ସ୍ୱାଇଁ): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ବନ୍ଦେଶ୍ୱର ଗ୍ରାମର ବାବା ବନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମା' ପାର୍ବତୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇ ୪ଦିନ ଯାଏ ଚାଲିବ ବୋଲି ବାବା ବନ୍ଦେଶ୍ୱର ସେବାୟତ ସୂଚନା ଦେଇଛନ୍ତି। ସେଠାରେ ନାମଯଜ୍ଞ, ପ୍ରବଚନ, ଭଜନ ସମାରୋହ, ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରାତଃ ସମୟରେ କଳସ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି ।

# ସମୁଦ୍ର ପଥରେ ଶତ୍ରୁକୁ ରୋକିବ ସାଗର କବଚ

ଅସ୍ତରଙ୍ଗ/କାକଟପୁର,୨୪।୩
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)


ଅତିରିକ୍ତ ଏସ୍‌ପି ସଚିନ ପଟେଲ ସମରାଭ୍ୟାସ ଅନୁଧ୍ୟାନ କରୁଛନ୍ତି ।

ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ରୋକିବା ପାଇଁ ଅସ୍ତରଙ୍ଗ ଉପକୂଳରେ ମିଳିତ ସମରାଭ୍ୟାସ 'ସାଗର କବଚ' (ସି ଭିଜିଲ) କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଏହି ସମରାଭ୍ୟାସ ଦୁଇଦିନ ଚାଲିବ। ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ଼, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଲବା ଆଦି ଅଞ୍ଚଳରେ ନୌସେନା, ତଟରକ୍ଷୀ ବାହିନୀ, ମେରାଇନ ଏବଂ ଅସ୍ତରଙ୍ଗ ପୋଲିସ ପକ୍ଷରୁ ମିଳିତ ରଣକୌଶଳ ପ୍ରଦର୍ଶନ କରାଯାଇଛି। ମଙ୍ଗଳବାର ସକାଳ ୬ଟାରୁ ଆରମ୍ଭ ହୋଇଥିବା ସମରାଭ୍ୟାସକୁ ନୂଆଗଡ ଜେଟି ନିକଟରେ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କୁ ଅଚିହ୍ନା କିମ୍ବା ସନ୍ଦେହଜନକ ଲୋକଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ପରାମର୍ଶ ଦେଇଛନ୍ତି। ସୁରକ୍ଷା ବାହିନୀ ବ୍ଲୁ ଫୋର୍ସ ଓ ରେଡ ଫୋର୍ସ ୨ ଟିମ୍ ହୋଇ ସମରାଭ୍ୟାସ କରିଛନ୍ତି। ରେଡ୍ ଫୋର୍ସ ଗୁପ୍ତଶତ୍ରୁ ଭୂମିକା ଏବଂ ବ୍ଲୁ ଫୋର୍ସ ସୁରକ୍ଷା ବାହିନୀ ଭୂମିକା ତୁଲାଉଛନ୍ତି। ଏହି ସମରାଭ୍ୟାସ କାର୍ଯ୍ୟକ୍ରମରେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ମାଷ୍ଟର ପ୍ରକାଶ ଦାସ, ଅତିରିକ୍ତ ମାଷ୍ଟର ବିପ୍ରଚରଣ ସ୍ୱାଇଁ, ଏଏସ୍‌ଆଇ ଯୁଧିଷ୍ଠିର ସାହୁଙ୍କ ସହ ଅନେକ ଅଧିକାରୀଙ୍କ ସମେତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ଅଛନ୍ତି।

## ସୂର୍ଯ୍ୟମନ୍ଦିରରୁ ଧରାପଡ଼ିଲା ନକଲି ଆତଙ୍କବାଦୀ

କୋଣାର୍କ,୨୪।୩(ଜ୍ୟୋତିରାଜ ମହାନ୍ତି)

ସମରାଭ୍ୟାସ 'ସାଗରକବଚ'ର ପ୍ରଥମ ଦିନରେ ମଙ୍ଗଳବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରୁ ଆତଙ୍କବାଦୀ ଧରାପଡ଼ିଥିବା ନେଇ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଇଛି। ସୂର୍ଯ୍ୟମନ୍ଦିର ମୁଖ୍ୟ ଦ୍ୱାରରେ କୋଣାର୍କ ପୋଲିସ ପର୍ଯ୍ୟଟକଙ୍କ ବ୍ୟାଗ ଯାଞ୍ଚ କରୁଥିଲେ। ଏହି ସମୟରେ ସୂର୍ଯ୍ୟମନ୍ଦିରରେ ବୋମା ରଖି ଆତଙ୍କ ସୃଷ୍ଟି କରିବା ପୂର୍ବରୁ ନକଲି ଆତଙ୍କବାଦୀ ଧରାପଡ଼ିଛନ୍ତି। ୨ ଯୁବକଙ୍କ ହାବଭାବରୁ ସନ୍ଦେହ କରି ସଜାଗ ରହିଥିବା କୋଣାର୍କ ପୋଲିସ ଏହି ଦୁଇ ଜଣଙ୍କୁ କାବୁ କରିନେଇଥିଲା। ପରେ

**'ସାଗରକବଚ'ରେ ମକ୍‌ଡ୍ରିଲ୍**

ଜଣାପଡ଼ିଲା ଏମାନେ ଛଦ୍ମବେଶୀ ଆତଙ୍କବାଦୀ। ଉଭୟଙ୍କ ବ୍ୟାଗରୁ ପରିଚୟପତ୍ର ଓ ନକଲି ବୋମା ପ୍ୟାକେଟ ମିଳିଥିଲା। ଏମାନେ ଆକ୍ରମଣ ଯୋଜନା ସଫଳ କରିବା ପୂର୍ବରୁ ପୋଲିସ ହାତରେ ଧରାପଡ଼ିଥିଲେ। ସୂର୍ଯ୍ୟମନ୍ଦିର ପରିସରରେ ଭାରତୀୟ ତଟରକ୍ଷୀ ବାହିନୀ ଓ କୋଣାର୍କ ପୋଲିସ ପକ୍ଷରୁ ଆୟୋଜିତ ସାଗରକବଚ କାର୍ଯ୍ୟକ୍ରମରେ ଏଭଳି ମକ୍‌ଡ୍ରିଲ୍ ଦେଖିବାକୁ ମିଳିଥିଲା। ଛଦ୍ମବେଶୀ ଆତଙ୍କବାଦୀଙ୍କୁ ରେଡ୍ ଫୋର୍ସ ଓ ସେମାନଙ୍କୁ ପ୍ରତିହତ କରୁଥିବା ପୋଲିସକୁ 'ବ୍ଲୁଫୋର୍ସ' ନାମରେ ନାମିତ କରାଯାଉଛି।

## ଦୋକାନୀଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମଗିରି,୨୪।୩
(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗୋଖରା ଛକ ନିକଟସ୍ଥ ଏକ ଚିକେନ ଦୋକାନରୁ ଦୋକାନୀଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ଦେବେନ୍ଦ୍ର ହୋତା। ଗୋଖରା ଛକ ନିକଟରେ ତାଙ୍କର ଏକ ଚିକେନ ଦୋକାନ ରହିଛି। ଦୋକାନରେ ଦେବେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ବ୍ରହ୍ମଗିରି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ କବାଟ ଭାଙ୍ଗି ତାଙ୍କ ମୃତଦେହକୁ ଜବତ କରିଥିଲା। ଦେବେନ୍ଦ୍ରଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ପୋଲିସ ତଦନ୍ତ କରୁଛି।

## ମା' ମଙ୍ଗଳାଙ୍କ ୩ୟ ପାଳି ଯାତ୍ରା ସମ୍ପନ୍ନ

କାକଟପୁର/ଅସ୍ତରଙ୍ଗ, ୨୪।୩
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)



କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ତୃତୀୟ ପାଳି ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟାରୁ ମନ୍ଦିର ଦ୍ୱାରଫିଟା, ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ, ଚନ୍ଦନ ଲାଗି, ସୂର୍ଯ୍ୟପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ଭୋର ୫ଟା ୩୦ରେ ସାହାଣ ମେଲା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମା' ମଙ୍ଗଳାଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଥିଲା। ମଙ୍ଗଳବାର ବାସନ୍ତିକ ନବରାତ୍ରି ସପ୍ତମୀ ଥିବାରୁ ଅପରାହ୍ନ ୨ଟା ପରେ ସହର୍ଷ କୁମ୍ଭାଭିଷେକ ସ୍ନାନ, ନବକଳସ, ମୁଖ୍ୟ କଳସ, ସୂର୍ଯ୍ୟପୂଜା, ବଲ୍ଲଭ ଧୂପ, ମହାସ୍ନାନ ଏବଂ ବିଳମ୍ବିତ ରାତ୍ରରେ ମା'ଙ୍କ କାତ୍ୟାୟନୀ ବେଶ ସହ ମନ୍ଦିର ବେଢ଼ା ପରିସରରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୂଜା ଓ ଦର୍ଶନ ପାଇଁ ପୀଠରେ ଭକ୍ତଙ୍କ ଭିଡ଼ ଜମିଥିଲା। ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ ଏବଂ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ଓ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ ସହ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ବ୍ରତଧାରୀ ମହିଳାମାନେ ପରିବାରର ଶୁଭ ମନାସି ମଙ୍ଗଳା ମନ୍ଦିର ସମେତ ଗାଁ ଦାଣ୍ଡରେ ପଛେଇ କରି ଗୁଆ, ନଡ଼ିଆ, କଦଳୀ, ଖଇ ସହ ପଣା ଓ ହଳଦୀ ପାଣି ଦେଇ ପୂଜା କରିଥିଲେ। ଚୈତ୍ର ମାସର ପ୍ରଥମ ମଙ୍ଗଳବାରଠାରୁ ମା' ମଙ୍ଗଳାଙ୍କ ଏହି ପାଳି ଯାତ୍ରା ଆରମ୍ଭ ହୋଇଥିବାବେଳେ ବୈଶାଖ ମାସର ପ୍ରଥମ ମଙ୍ଗଳବାର ପଞ୍ଚମ ପାଳିରେ ପ୍ରସିଦ୍ଧ ଝାମୁଯାତ୍ରାରେ ସମାପନ ହେବ।

## ଜଙ୍ଗଲ ସୁରକ୍ଷା ସଚେତନତା, ଅଗ୍ନି ନିର୍ବାପନ ଶପଥପାଠ

କୋଣାର୍କ,୨୪।୩ (ଜ୍ୟୋତିରାଜ ମହାନ୍ତି)



କୋଣାର୍କ ବନ ବିଭାଗ ପକ୍ଷରୁ ଘୋଡ଼ାନାଚ ମାଧ୍ୟମରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଓ ଜଙ୍ଗଲ ଅଗ୍ନି ନିର୍ବାପନ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଥାନା ଅଧୀନ ସିମିଳି ପଞ୍ଚାୟତର ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଜାତୀୟ ସବୁଜ ବାହିନୀର ଛାତ୍ରୀଛାତ୍ର ଏବଂ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରୀଙ୍କୁ ନେଇ ଜଙ୍ଗଲ ଅଗ୍ନି ନିର୍ବାପକ ସମ୍ପର୍କରେ ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲୁଖଣ୍ଡ ଅଭୟାରଣ୍ୟ ସଂଲଗ୍ନ ରାଜସ୍ୱ ଗ୍ରାମଗୁଡ଼ିକରେ ଘୋଡ଼ାନାଚ ମାଧ୍ୟମରେ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ଓ ଜଙ୍ଗଲରେ ଲାଗୁଥିବା ଅଗ୍ନିକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ତଥା ଜାତୀୟ ସବୁଜ ବାହିନୀ ସଂଯୋଜକ ରାମକୃଷ୍ଣ ମହାନ୍ତି, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ ବନପାଳ କାର୍ତ୍ତିକେଶ୍ୱର ମୁଣ୍ଡା, ବନପାଳ ରାକେଶ କୁମାର ପତି, ବନରକ୍ଷୀ ଶ୍ରଦ୍ଧାଞ୍ଜଳି ପ୍ରଧାନ, ପ୍ରତୀକ୍ଷା ପରିଡ଼ା ଏବଂ ସୁରକ୍ଷା ସ୍କ୍ୱାଡ୍‌ର କର୍ମଚାରୀମାନେ ପରିଚାଳନା କରିଥିଲେ।

## ବଡ଼ବଜାରରୁ ଜବରଦଖଲ ଉଚ୍ଛେଦ

ନିମାପଡ଼ା, ୨୪।୩
(ବିଚିତ୍ରାନନ୍ଦସାହୁ)

**ଆଗକୁ ମାଡ଼ିବସିଥିଲେ ପ୍ରାୟ ୬୦ ଦୋକାନ**

ସୁନ୍ଦର ଓ ବିକଶିତ ନିମାପଡ଼ା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ମୁଖ୍ୟରାସ୍ତା ସମେତ ବିଭିନ୍ନ ଛକ ବଜାର ରାସ୍ତାରୁ ଜବରଦଖଲ ଉଚ୍ଛେଦ ଚାଲିଛି। ମଙ୍ଗଳବାର ନିମାପଡ଼ା ଏନ୍‌ଏସି ଓ ରାଜସ୍ୱ ପ୍ରଶାସନ ପକ୍ଷରୁ ଅମଳାପଡ଼ା ଗଳିବଜାରଠାରୁ ନିମାପଡ଼ା ବଡ଼ବଜାର ପର୍ଯ୍ୟନ୍ତ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଦୋକାନଠାରୁ ଆଗକୁ ବଢ଼ି ନିର୍ମାଣ କରାଯାଇଥିବା କାନ୍ଥ ଓ ପିଣ୍ଡି, ଆଗକୁ ମାଡ଼ି ଆଜବେଷ୍ଟସ୍ ପକାଇଥିବା, ହୋର୍ଡିଂ ଓ ସାଇନବୋର୍ଡ ଲଗାଇଥିବା, ଲୁହାଗ୍ରୀଲ ଶଟର, ତାରଜାଲି ଆଦିକୁ ଡ୍ରୋଜର ଲଗାଇ ଭାଙ୍ଗିଦିଆଯାଇଛି। ଏହି ସମୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ପରିମଳ ଅଧିକାରୀ ରାକେଶ କୁମାର ରାଉତ, ଅଣ୍ଡିଆ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର କୁମାର ସାହୁ, ପାଟପୁର ରାଜସ୍ୱ ନିରୀକ୍ଷକ ନିର୍ଝରିଣୀ ଭୋଇ, ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ମଧ୍ୟ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି।


ନିମାପଡ଼ା ବଡ଼ ବଜାରରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଦୋଳମେଳଣ ଜମିରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ବିରୋଧ

ନିମାପଡ଼ା,୨୪।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ମାଛପୁର ପଞ୍ଚାୟତର ବଡ଼ମାଛପୁର ମୌଜାରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ଉତ୍ତେଜନା ଦେଖାଦେଇଛି। କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଗ୍ରାମର ଦୋଳମେଳନ ପଡ଼ିଆରେ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ମସୁଧା କରି ରାତିଅଧରେ କାର୍ଯ୍ୟ କରୁଥିବାରୁ ଶତାଧିକ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ମଙ୍ଗଳବାର ବିଡିଓଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଏହି କମ୍ୟୁନିଟି ସେଣ୍ଟରକୁ ଅନ୍ୟତ୍ର ନିର୍ମାଣ କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଉକ୍ତ ନିର୍ମାଣ କାର୍ଯ୍ୟ ଓ ଜମି ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ଅଶୋକ ଭୋଇ, କୈଳାସ ବେହେରା, ଲିଙ୍ଗରାଜ ବେହେରା, ଅମୂଲ୍ୟ ପ୍ରଧାନ, ଆକାଶ ସ୍ୱାଇଁ, ଦାମୋଦର ବିଶ୍ୱାଳ, ଭାଗବତ ସାହୁ, ଜ୍ୟୋତିରଞ୍ଜନ ସାହୁପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜଗନ୍ନାଥ ଦର୍ଶନ ପାଇଁ ସାଇକେଲରେ ୪ଶହ କି.ମି. ଯାତ୍ରା

ଗୋପ,୨୪।୩
(ଭାରତୀ ଭୂଷଣ ଉପାଧ୍ୟାୟ)



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସୁନ୍ଦରଗଡ଼ ଜିଲା ରାଉରକେଲା ବଣେଇ ସାନଝି ଗାଁର ହାବିଲ ମୁଣ୍ଡା (୨୭) ଦୀର୍ଘ ୪ଶହ କିଲୋମିଟର ସାଇକେଲ ଯାତ୍ରା କରୁଛନ୍ତି। ଚଳିତ ମାସ ୭ତାରିଖରୁ ଗୋଟିଏ ସାଇକେଲ, ବ୍ୟାଗ୍ ଓ କିଛି ଜିନିଷ ଧରି ଘରୁ ବାହାରିଥିଲେ। ପାଖରେ ଥିଲା ୪ ଶହ ଟଙ୍କା। ପରିବାରର ମଙ୍ଗଳ ପାଇଁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ତାଙ୍କୁ ଆତ୍ମସନ୍ତୋଷ ମିଳିଛି ବୋଲି ସେ କହିଛନ୍ତି।

## ଡେଲାଙ୍ଗରେ ସିରିଜ୍ ଚୋରି, ସନ୍ଦେହରେ ୪ ଅଟକ

ଡେଲାଙ୍ଗ,୨୪।୩(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳର ହୁରୁହୁରା, ଥେଣ୍ଟେଣା ଓ ଡଁପୁର ଗ୍ରାମରୁ ସୋମବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ହୁରୁହୁରା ଗ୍ରାମର ଅକ୍ରୁର ପ୍ରଧାନଙ୍କ ପରିବାର ଲୋକେ ରାତିରେ ଘରେ ଶୋଇଥିବା ବେଳେ ବାଡ଼ିପଟେ ଥିବା ଅନ୍ୟ ଏକ ଘରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଓ ୫ହଜାର ଟଙ୍କା ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ଥେଣ୍ଟେଣା ଗ୍ରାମର ନିରଞ୍ଜନ ମହାପାତ୍ରଙ୍କ ଘରୁ ସୁନା ଅଳଙ୍କାର ସହ ନଗଦ ୨୦ହଜାର ଟଙ୍କା ଚୋରି ହୋଇଥିବା ବେଳେ ଡଁପୁର ଗ୍ରାମର ବାବାଜି ବରାଳଙ୍କ ଘରୁ ମଧ୍ୟ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁରୀରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛନ୍ତି। ପୋଲିସ ସନ୍ଦେହରେ ଥେଣ୍ଟେଣା ଗ୍ରାମର ୪ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ସାନ ଗୁଆଳିପଡ଼ା ଗ୍ରାମର ୨ଜଣଙ୍କ ଘରୁ ଚୋରି କରିବାକୁ ଉଦ୍ୟମ କରୁଥିବା ସମୟରେ ଶବ୍ଦଶୁଣି ପରିବାର ଲୋକେ ଉଠିଯିବାରୁ ଦୁର୍ବୃତ୍ତମାନେ ଦୌଡ଼ି ପଳାଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BBS-552, ତା.17.03.2026ରିଖ

କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ : ₹ 44,32,998.78, EMD : ₹ 88,700/-

ବିଡ୍ ଆରମ୍ଭ ହେବା ତାରିଖ : ତା.25.03.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1261/Q/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-271

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ଆଧାରିତ AC କୋଚ୍‌ଗୁଡ଼ିକରେ ଏୟାର-କଣ୍ଡିସନ୍ଡ କୋଚ୍ ଇଲେକ୍ଟ୍ରିକାଲ ଆଟେଣ୍ଡାଣ୍ଟ (ACCEA) କାର୍ଯ୍ୟକଳାପର ବହିଃସ୍ରୋତ (Outsourcing)।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 95,41,938.84, EMD : ₹ 1,90,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଦୁଇ (02) ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.04.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-1260/Q/25-26



No.4001/92/2526

**GRIDCO**
Empowering Odisha

# GRIDCO LIMITED

(A Govt. of Odisha Undertaking)
Regd. Office: Janpath, Bhubaneswar-751022, Odisha

**NOTIFICATION**

**BULK SUPPLY PRICE EFFECTIVE FROM 1st APRIL, 2026**

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| **TPCODL** | - | **331.00** | **paise per kWh** |
| **TPNODL** | - | **344.00** | **paise per kWh** |
| **TPWODL** | - | **379.00** | **paise per kWh** |
| **TPSODL** | - | **190.00** | **paise per kWh** |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026
OIPR-4001/4056/1/25-26/0003

**Sd./- Managing Director**
**GRIDCO Ltd.**



# ODISHA JOINT ENTRANCE EXAMINATION - 2026 (OJEE - 2026)

**No: OJEE / 116** **DATE:24-03-2026**

**NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE - 2026**

**No.44001/23/2526** : This is for the information of all candidates, interested to apply for **Odisha Joint Entrance Examination (OJEE) – 2026**, that the **last date for registration and final submission of online application forms for OJEE – 2026, which was earlier notified as 22.03.2026, is extended till 29.03.2026 (11:59 PM)**. *(Final Submission means submission of application form including payment)*

Candidates are advised to visit OJEE websites (www.ojee.nic.in / www.odishajee.com), read the **'Information Brochure'** and the **'Instructions to fill On-line Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

Further, another three days, i.e., **30.03.2026 (11:00AM), 31.03.2026 and 01.04.2026 (till 11:59 PM)** will be provided to the candidates to correct*, if necessary, their application forms. For other details please visit OJEE website: https://ojee.nic.in

*Correction in the application form will be applicable to only successful submitted applications.

**It may be noted that there will be no further extension of the registration / application period beyond this date.**

**Sd./- CHAIRMAN, OJEE**
**Odisha**

OIPR-44001/44026/1/25-26/0001



**ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ**
**ଭାରତ ସରକାର**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, **ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର (ପିଏମ୍‌ଆର୍‌ବିପି)** ନିମନ୍ତେ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)**ରେ ଆବେଦନ ଗ୍ରହଣ ପ୍ରକ୍ରିୟା **ତା୦୧।୦୪।୨୦୨୬ରିଖ**ଠାରୁ ଆରମ୍ଭ ହେବ । **ସାହସିକତା, କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରିବେଶ ତଥା କଳା ଓ ସଂସ୍କୃତି** କ୍ଷେତ୍ରରେ ରାଷ୍ଟ୍ରୀୟ ସ୍ତରରେ ସ୍ୱୀକୃତି ପାଇବା ପାଇଁ ଯୋଗ୍ୟ ପିଲାମାନଙ୍କୁ ଏହି ପୁରସ୍କାରଗୁଡ଼ିକ ଦିଆଯାଇଥାଏ ।

୫ ବର୍ଷରୁ ଅଧିକ ଓ ୧୮ ବର୍ଷରୁ କମ୍ ବୟସର (୩୧ ଜୁଲାଇ, ୨୦୨୬ ସୁଦ୍ଧା) ଯେକୌଣସି ପିଲା, ଯିଏ ଭାରତର ନାଗରିକ ହୋଇଥିବେ ଓ ଭାରତର ବାସିନ୍ଦା ହୋଇଥିବେ, ଏହି ପୁରସ୍କାର ପାଇଁ ଯୋଗ୍ୟ ।

ଯେକୌଣସି ନାଗରିକଙ୍କଠାରୁ ନାମାଙ୍କନ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **https://awards.gov.in** ମାଧ୍ୟମରେ ଗ୍ରହଣ କରାଯିବ । ପୁରସ୍କାର ପାଇଁ ଉଭୟ ଆତ୍ମ-ନାମାଙ୍କନ ଓ ସୁପାରିସଗୁଡ଼ିକୁ ବିଚାରକୁ ନିଆଯିବ । ଅନ୍‌ଲାଇନ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୩୧।୦୭।୨୦୨୬ରିଖ । ଅଧିକ ବିବରଣୀ ପାଇଁ ଦୟାକରି ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **(https://awards.gov.in)** ପରିଦର୍ଶନ କରନ୍ତୁ ।

cbc 46101/11/0046/2526



**GOVERNMENT OF ODISHA** No. 25001/347/2526

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA - JAJPUR**

At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com

No. Tender Online RCK-05/26 Letter No. 1770 Dt.17.03.26

**e-Procurement NOTICE**

1. Name of the Work : Tender for the Road works under (MMSY-TRIP) in the Dist. of Kendrapara & Jajpur.
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-7 of the Annexure
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 05/26 | 02.04.2026 at 11.00 A.M. | 22.04.2026 to 05.00 P.M. | 22.04.2026 upto 02.00 P.M. | 23.04.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in.**

OIPR-25001/25129/1/25-26/0027 Sd./- Chief Construction Engineer, Rural Works Circle, Kendrapara-Jajpur

**ବାନା ପରିବର୍ତ୍ତନ ଦେଖୁଥିବା ବେଳେ ୨ ପରିବାର ହାତାହାତି**

ପୁରୀ, (ଅଜିତ୍ କୁମାର ମହାନ୍ତି): ସିଂହଦ୍ୱାର ନିକଟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କେତେଜଣ ଭକ୍ତଙ୍କ ମଧ୍ୟରେ ହାତାହାତି ହୋଇଥିଲା, ଯାହା ବିଭିନ୍ନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି, ଶ୍ରୀମନ୍ଦିରରେ ପତିତପାବନ ବାନା ଲାଗି ହେବା ସମୟରେ ଏମାରମଠ ଚକଡ଼ା ନିକଟରେ କିଛି ଭକ୍ତ ବସି ବାନା ପରିବର୍ତ୍ତନ ଦର୍ଶନ କରୁଥିଲେ। ଠିକ୍ ଏହି ସମୟରେ ଦୁଇ ବଙ୍ଗୀୟ ଭକ୍ତଙ୍କ ପରିବାର ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ୨ ପରିବାର ମଧ୍ୟରେ ହାତାହାତି, ଟଣାଓଟରା ସ୍ଥିତି ସୃଷ୍ଟି ହୋଇଥିଲା।

# ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ଜନ ଭାଗୀଦାରି ଆବଶ୍ୟକ: ମୁଖ୍ୟମନ୍ତ୍ରୀ

## ‘ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦’ର ଶହେ ଦିନିଆ କ୍ୟାମ୍ପେନ ଶୁଭାରମ୍ଭ

ଭୁବନେଶ୍ୱର, ୨୪।୩ (ବନ୍ଦନା ସେଠୀ)



ଲୋକସେବା ଭବନରେ ଯକ୍ଷ୍ମା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ।

ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନ ଭାଗୀଦାରି ଆବଶ୍ୟକ। ଏହାଦ୍ୱାରା ଯକ୍ଷ୍ମାମୁକ୍ତ ଅଭିଯାନ ଶତ ପ୍ରତିଶତ ସଫଳତା ହାସଲ କରିବ ଏବଂ ଓଡ଼ିଶା ସମେତ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଥିଲା। ରାଜ୍ୟର ସମସ୍ତ ଲୋକପ୍ରତିନିଧିଙ୍କୁ ନିଜ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏହି ରୋଗ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏଥିସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଭିଲ ସୋସାଇଟି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହି ଅଭିଯାନରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଆୟୁଷ୍ମାନ ଭାରତ ଯୋଜନାରୁ ଓଡ଼ିଶାକୁ କାହିଁକି ବଞ୍ଚିତ କରାଯାଇଥିଲା, ଦେଶର ପ୍ରାୟ ୩୨ହଜାର ହସ୍ପିଟାଲରେ ଚିକିତ୍ସିତ ହେବାର ଅଧିକାରକୁ କାହିଁକି ଛଡ଼ାଇ ନିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସେ କହିଛନ୍ତି, ୨୦୨୬-୨୭ ବର୍ଷ ପାଇଁ ସ୍ୱାସ୍ଥ୍ୟ ବଜେଟ ୨୩ ହଜାର ୧୮୨ କୋଟି ଟଙ୍କା ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ବଜେଟ ଅଟକଳର ୭.୫ ପ୍ରତିଶତ ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦ (GSDP)ର ୨.୧%। ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ‘ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ’ ଏକ ପ୍ରମୁଖ କାର୍ଯ୍ୟକ୍ରମ ସାଜିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ନିରାମୟ, ନିଦାନ ଆଦି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ରୋଗ ନିରୂପଣ ସେବା ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯକ୍ଷ୍ମା ରୋଗ ବିରୋଧରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ବିଭାଗର ତ୍ୱରିତ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳ ଓ ଅପହଞ୍ଚ ଅଞ୍ଚଳରେ ଏହି ରୋଗ ବିରୋଧରେ ଅଭିଯାନକୁ ବିଶେଷ ରୂପେ ଧ୍ୟାନ ରଖାଯିବ ବୋଲି ସେ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଭୁବନେଶ୍ୱରର ସ୍ୱୀକୃତି ପ୍ରିୟଦର୍ଶିନୀ ବେହେରାଙ୍କୁ ଫୁଡ୍ ବାସ୍କେଟ ଦେଇ ‘ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦’ର ଶହେ ଦିନିଆ ରାଜ୍ୟସ୍ତରୀୟ କ୍ୟାମ୍ପେନର ଶୁଭାରମ୍ଭ କରିଥିଲେ। ଜାତୀୟସ୍ତରରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ‘ଯକ୍ଷ୍ମା ମୁକ୍ତ ଭାରତ: ଶହେ ଦିନିଆ ଅଭିଯାନ-୨.୦’ ର ଶୁଭାରମ୍ଭ କରିଥିବାବେଳେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏଥିରେ ଯୋଡି ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ. ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚିକୁନ



@ ସବିତା



@ ତ୍ରିଲୋଚନ



@ ନରେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ରଥ ନିର୍ମାଣ ପାଇଁ ପୁରୀରେ ପହଞ୍ଚିଲା ଦ୍ୱିତୀୟ ପର୍ଯ୍ୟାୟ ରଥକାଠ।

# ମହାପ୍ରଭୁଙ୍କ ପାଇଁ କସ୍ତୁରୀ ଅଭାବ

## ନେପାଳ ସରକାରଙ୍କୁ ଚିଠି ଲେଖିଲେ ଦଇତମହାପାତ୍ର ସେବକ

ପୁରୀ,୨୪।୩(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ କସ୍ତୁରୀ ଅଭାବ ପୂରଣ କରିବାକୁ ନେପାଳ ସରକାରଙ୍କୁ ଚିଠି ଲେଖିଛନ୍ତି ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନ କରୁଥିବା ବରିଷ୍ଠ ଦଇତମହାପାତ୍ର ସେବାୟତ ସଞ୍ଜୟ ଦଇତମହାପାତ୍ର। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ମାଧ୍ୟମରେ ନେପାଳ ସରକାରଙ୍କୁ ଶ୍ରୀମନ୍ଦିର ପାଇଁ କସ୍ତୁରୀ ଯୋଗାଇଦେବାକୁ ସେ ଚିଠି ମାଧ୍ୟମରେ ଦର୍ଶାଇଛନ୍ତି। ଦୀର୍ଘବର୍ଷ ହେବ ବନକଲାଗି ନୀତି ପାଇଁ କସ୍ତୁରୀ ଅଭାବ ହେଉଥିବା ନେଇ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇ କିଛି ସୁଫଳ ନ ମିଳିବାରୁ ସେ ଏପରି ପଦକ୍ଷେପ ନେଇଛନ୍ତି। ବନକଲାଗି ନୀତିରେ କସ୍ତୁରୀର ବେଶ୍ ଭୂମିକା ରହିଥିବା ବେଳେ ମହାପ୍ରଭୁଙ୍କ ଶ୍ରୀମୁଖକୁ ସୁରକ୍ଷିତ ରଖିବାରେ କସ୍ତୁରୀର ଆବଶ୍ୟକତା ରହିଛି। ଶ୍ରୀମନ୍ଦିରକୁ ନେପାଳରୁ କସ୍ତୁରୀ ଆସୁଥିବା ବେଳେ ଏବେ କିଛିବର୍ଷ ହେବ କସ୍ତୁରୀ ଯୋଗାଣ ବନ୍ଦ ରହିଛି। ଫଳରେ ବନକଲାଗି ନୀତିରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ପାଇଁ କସ୍ତୁରୀ ବ୍ୟବହାର କରାଯାଉନାହିଁ। ନେପାଳ ସହ ଶ୍ରୀମନ୍ଦିରର ସମ୍ପର୍କ ବେଶ୍ ନିବିଡ଼ ଓ ପୁରାତନ ହୋଇଥିବାରୁ କସ୍ତୁରୀ ଆବଶ୍ୟକତାକୁ ପୂରଣ ପାଇଁ ନେପାଳ ସରକାରଙ୍କୁ ଇମେଲ୍ ଯୋଗେ ଚିଠି ଲେଖି ଅନୁରୋଧ କରାଯାଇଛି।

# ମୁଣ୍ଡ ଉପରେ ପରୀକ୍ଷା, ସେବାଶ୍ରମରେ ଜଣ୍ଡିସ୍

ଆଠଗଡ଼/ବାଙ୍କୀ, ୨୪।୩
(ସତ୍ୟ ପ୍ରସାଦ ରଥ/ଶୁଭେନ୍ଦୁ ମହାପାତ୍ର)

■ ୧୫ ଦିନରେ ୪୦ରୁ ଊର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ
■ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥିତି ଅନୁଧ୍ୟାନ

କଟକ ଜିଲା ଆଠଗଡ଼ ନିକଟବର୍ତ୍ତୀ ଉତ୍ତର ବାଙ୍କୀ ବ୍ଲକ କଦଳୀବାଡ଼ିରେ ଜଣ୍ଡିସ୍ କାୟା ବିସ୍ତାର କରୁଛି। ଗତ ୧୫ ଦିନ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଶିଶୁ ଏଥିରେ ଆକ୍ରାନ୍ତ ହୋଇଥିବା ଚର୍ଚ୍ଚା ହେଉଛି। ଏ ସମସ୍ତ ଶିଶୁ କଦଳୀବାଡ଼ି ସେବାଶ୍ରମରେ ପଢୁଥିବାବେଳେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏହି ସେବାଶ୍ରମରେ ପିଲାମାନଙ୍କ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ଏଭଳି ସ୍ଥିତି ଏବେ ଚିନ୍ତାର କାରଣ ହୋଇଛି। ଆକ୍ରାନ୍ତ କେତେଜଣ ପିଲାଙ୍କୁ ପ୍ରଥମେ ଜ୍ୱର ହେବା ପରେ ଏହା ଜଣ୍ଡିସ୍‌ର ରୂପ ନେଇଥିବା କୁହାଯାଉଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଧିବଦ୍ଧ ଭାବେ ୩ ଜଣ ଜଣ୍ଡିସ୍‌ରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ପ୍ରଦୂଷିତ ଜଳ କିମ୍ବା ଫାଷ୍ଟଫୁଡ୍ ପାଇଁ ଏଭଳି ସଂକ୍ରମଣ ହୋଇଥାଇପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶଙ୍କା କରାଯାଉଛି। ଏହି ପରିପ୍ରେକ୍ଷୀରେ କଦଳୀବାଡ଼ି ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ରାୟ,ଏଏନ୍‌ଏମ୍ ଜୟମନ୍ତୀ ଲାକ୍ରା, ଆଶାକର୍ମୀ ଜୟନ୍ତୀ ରାଉତ ପ୍ରମୁଖ କଦଳୀବାଡ଼ିରେ ପହଞ୍ଚି ଅଭିଭାବକମାନଙ୍କ ସହ ମିଶି ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଆକ୍ରାନ୍ତ ପିଲାମାନଙ୍କ ସ୍ୱାସ୍ଥ୍ୟ ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ରାଉତରାୟଙ୍କୁ ପଚାରିବାରୁ ପିଲାମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ନଳକୂପ ଓ ଖୋଲାକୂଅ ପାଣିର ନମୁନା ସଂଗ୍ରହ କରାଯାଇ ରାଜ୍ୟ ଲାବରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଛି। ସ୍ୱଜଳ ଧାରା ମାଧ୍ୟମରେ ଗ୍ରାମରେ ବ୍ୟବହାର କରାଯାଉଥିବା ଗଭୀର ନଳକୂପ ଏବଂ ପାଣିଟାଙ୍କିର ଜଳନମୁନା ସଂଗ୍ରହ କରାଯିବା ସହ ଏହାକୁ ବିଶୋଧନ କରାଯାଇଛି। ବିଦ୍ୟାଳୟରେ ଆକ୍ୱାଗାର୍ଡ ରହିଥିବା ବେଳେ ତାହା ଏବେ ଠିକ୍ ଭାବେ କାମ କରୁଛି କି ନାହିଁ ତାହା ତଦନ୍ତସାପେକ୍ଷ ହୋଇପଡ଼ିଛି। ଜଣ୍ଡିସ୍ ସ୍ଥିତି ବିଗିଡ଼ିବା ପୂର୍ବରୁ ଛୋଟ ପିଲାମାନଙ୍କ ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟାବସ୍ଥା ସୁନିଶ୍ଚିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେଡିରୁ ୧୪ କର୍ପୋରେଟରଙ୍କ ସମୂହ ଇସ୍ତଫା ଧମକ

## ପ୍ରଭାତ, ସୌଭିକଙ୍କ କୁଶପୁତ୍ତଳିକା ଦାହକୁ ବିରୋଧ

କଟକ,୨୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ ପ୍ରସଙ୍ଗ ଏବେ କଟକ ବିଜେଡିର ସ୍ଥିତିକୁ ଦୋହଲାଇ ଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି କଟକ ବିଜେଡି ପକ୍ଷରୁ ବିଧାୟକ ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ କୁଶପୁତ୍ତଳିକା ଦାହ କରିବା ଘଟଣାକୁ ଚୌଦ୍ୱାର-କଟକ ବିଜେଡିର କର୍ପୋରେଟରମାନେ ତୀବ୍ର ବିରୋଧ କରିଛନ୍ତି। ଏଥିପାଇଁ ମଙ୍ଗଳବାର ପ୍ରଭାତଙ୍କ ବାସଭବନରେ କର୍ପୋରେଟରମାନେ ମେଳି କରି ବୈଠକ କରିଥିଲେ। ଏହି ସମୟରେ ଖୁବ୍‌ଶୀଘ୍ର ଦଳରୁ ସମୂହ ଇସ୍ତଫା ଦେବା ନେଇ ସୂଚନା ମିଳିଛି। ବୈଠକ ପରେ ୫୩ ନଂ. ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା କହିଛନ୍ତି, ପ୍ରଭାତ ଓ ସୌଭିକଙ୍କ ପ୍ରତି ଅନ୍ୟାୟ କରାଯାଇଛି। ଦଳରୁ ବହିଷ୍କାର ଓ ନିଲମ୍ବନ କରିବା ନିନ୍ଦନୀୟ। ଏହାକୁ ଆମେ ବରଦାସ୍ତ କରିବୁ ନାହିଁ। ଆଗାମୀ ଦିନରେ ଖୁଲମଖୁଲା ବିରୋଧ କରିବୁ। ଉଭୟ ନେତା ସ୍ୱାଭିମାନର ସହ କାମ କରିଛନ୍ତି। ଉଭୟଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବୁ ବୋଲି ସେ କହିଛନ୍ତି। ୱାର୍ଡ ନଂ. ୫୫ର କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା କହିଛନ୍ତି, ଆମେ ବିଜେଡିରେ ନୁହେଁ ବରଂ ପ୍ରଭାତ ଓ ସୌଭିକଙ୍କ ସହ ରହିଛୁ। ଘୋଡ଼ାବେପାର ପ୍ରସଙ୍ଗ ସମ୍ପୂର୍ଣ୍ଣ ଭାବେ ଏକ ପ୍ରହସନ। ଆମେ ସମୂହ ଇସ୍ତଫା ଦେବାକୁ ମଧ୍ୟ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି।

# ୨.୬୭ ଲକ୍ଷ ଏସ୍‌ଏଚ୍‌ଜିଙ୍କୁ ୨୦୮.୩୫ କୋଟି ଟଙ୍କାର ସୁଧ ରିହାତି




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ଏସ୍‌ଏଚ୍‌ଜିକୁ ଆର୍ଥିକ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)

## ସାଇବର ଠକେଇ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଲେ ପ୍ରଭାତୀ

ଲକ୍ଷ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସୁଧ ରିହାତି ସମେତ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତିମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏସ୍‌ଏଚ୍‌ଜି ମହିଳାଙ୍କୁ ସୁଧ ରିହାତି, ରିଭଲଭିଂ ଫଣ୍ଡ ଏବଂ ଗୋଷ୍ଠୀ ପୁଞ୍ଜି ବିନିଯୋଗ ପାଣ୍ଠି ପ୍ରଦାନ କରିଥିଲେ। ରାଜ୍ୟର ୨,୬୭,୧୩୧ଟି ଏସ୍‌ଏଚ୍‌ଜିଙ୍କୁ ସେମାନଙ୍କ ବ୍ୟାଙ୍କ ଋଣ ଉପରେ ୨୦୮.୩୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରାଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ସମୁଦାୟ ୩,୮୦,୭୬୩ ଏସ୍‌ଏଚ୍‌ଜିଙ୍କୁ ୭୨୪.୩୯ କୋଟି ଟଙ୍କାର ବ୍ୟାଙ୍କ ଋଣ ସୁଧ ଫେରସ୍ତ କରାଯାଇଥିବା ସୂଚନା ଦିଆଯାଇଛି। ସେହିଭଳି ତୃଣମୂଳସ୍ତରର ଅନୁଷ୍ଠାନଗୁଡ଼ିକୁ ମଜଭୁତ କରିବା ପାଇଁ ବିଭିନ୍ନ ବର୍ଗରେ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ୩,୫୧୦ଟି ଏସ୍‌ଏଚ୍‌ଜିଙ୍କୁ ୬.୪୩ କୋଟି ଟଙ୍କା ରିଭଲଭିଂ ଫଣ୍ଡ ଭାବେ ପ୍ରଦାନ କରାଯାଇଥିବା ବେଳେ ୧୮୦ଟି ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘକୁ କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ଭାବେ ୫୭.୦୫ କୋଟି ଟଙ୍କା ଦିଆଯାଇଛି। ଏଥିସହ ୧୦୧ଟି କ୍ଲଷ୍ଟରସ୍ତରୀୟ ମହାସଂଘକୁ ଭଲ୍‌ନରାବିଲିଟି ରିଡକ୍ସନ ଫଣ୍ଡ ଅଧୀନରେ ୧.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଲେ, ରାଜ୍ୟର ବିକାଶ ଯାତ୍ରାରେ ମହିଳାମାନେ ଆଗଧାଡ଼ିରେ ଅଛନ୍ତି। ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନରେ ସେମାନେ କର୍ଣ୍ଣଧାର ସାଜିଛନ୍ତି। ପ୍ରତ୍ୟେକ ମହିଳା ଯେପରି ନିଜ ପରିବାରର ସମସ୍ତ ଦାୟିତ୍ୱ ନେଉଛନ୍ତି, ସେହିପରି ସରକାରଙ୍କ ଯୋଜନା ମାଧ୍ୟମରେ ମିଳୁଥିବା ଆର୍ଥିକ ସମ୍ବଳର ସୁବିନିଯୋଗ ତଥା ବ୍ୟାପାର ଲାଭାର୍ଥର ପୁନଃ ବିନିଯୋଗ କରିବା ଆବଶ୍ୟକ। ସଶକ୍ତ ହେବା ପାଇଁ ନିଜକୁ ଆର୍ଥିକରୂପେ ସାକ୍ଷର କରିବା ସହିତ ସାଇବର ଠକେଇ ପ୍ରତି ସତର୍କ ରହିବାକୁ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ପରାମର୍ଶ ଦେଇଛନ୍ତି। ଆଭାସୀ ମାଧ୍ୟମରେ କୋରାପୁଟ, ବାଲେଶ୍ୱର, କଳାହାଣ୍ଡି, ଗଞ୍ଜାମ ଏବଂ କେନ୍ଦୁଝର ଭଳି ବିଭିନ୍ନ ଜିଲାର ଏସ୍‌ଏଚ୍‌ଜି ସଦସ୍ୟା ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ଶାସନ ସଚିବ ମାନସୀ ନିମ୍ଭାଲ, ଯୁଗ୍ମ ସଚିବ ମମତା ବି, ଅତିରିକ୍ତ ସଚିବ ଜ୍ୟୋତି ଶଙ୍କର ମହାପାତ୍ର ଏବଂ ୟୁକୋ ବ୍ୟାଙ୍କର ସାଧାରଣ ପରିଚାଳକ ଭଗବତ ସିଂ ଭକୁନୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଭଦ୍ରା ଚତୁର୍ଥ କିସ୍ତିରୁ ବଞ୍ଚିତ ମହିଳାଙ୍କ ତାଲିକା ପ୍ରସ୍ତୁତି ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)

ସୁଭଦ୍ରା ଚତୁର୍ଥ କିସ୍ତି ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ମହିଳାଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। କେଉଁ କାରଣରୁ ସେମାନେ ବାଦ୍ ପଡ଼ିଛନ୍ତି, ତାହାର ଯାଞ୍ଚ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ଯଦି ଯୋଗ୍ୟ ହିତାଧିକାରୀ ହୋଇଥିବେ, ତେବେ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ଏସ୍‌ସିବି ଅଧୀକ୍ଷକ ଭାବେ ଦାୟିତ୍ୱ ନେଲେ ଡା. ଜ୍ୟୋତିଷ ଚୌଧୁରୀ

## ରୋଗୀ ସେବା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ

କଟକ,୨୪।୩(ଶିଳ୍ପା ପ୍ରିୟଦର୍ଶିନୀ)



ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନୂତନ ଅଧୀକ୍ଷକ ଭାବେ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଡା. ଚୌଧୁରୀ ଏଫ୍‌ଏମ୍‌ଟି (ଫରେନ୍‌ସିକ୍ ମେଡିସିନ ଆଣ୍ଡ ଟେକ୍ସିକୋଲୋଜି) ବିଭାଗର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା ପରେ ଡା. ଚୌଧୁରୀ କହିଛନ୍ତି, ରୋଗୀ ସେବା ପ୍ରତି ଅଧିକରୁ ଅଧିକ ଗୁରୁତ୍ୱ ଦିଆଯିବ। ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ସର୍ବଦା ଲକ୍ଷ୍ୟ ରହି ଆସିଛି। ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ଠିକ୍ ଭାବେ ଅବଗତ ହୋଇ ଓ ସମନ୍ୱୟ ରକ୍ଷା ପୂର୍ବକ କରାଯିବ। ମେଡିକାଲରେ ଯେକୌଣସି ଅବହେଳା ବା ବ୍ୟବସ୍ଥାଗତ ତ୍ରୁଟି ରହିଛି, ସେଗୁଡ଼ିକୁ ଚିହ୍ନଟ କରି ସମୀକ୍ଷା କରାଯିବା ସହ ଭବିଷ୍ୟତରେ ସେହି ଭୁଲର ପୁନରାବୃତ୍ତି ନ ହେବ, ସେ ନେଇ ପ୍ରଶାସନିକ ଓ ପ୍ରାୟୋଗିକ ପଦକ୍ଷେପ ନିଆଯିବ। ଏସ୍‌ସିବି ମେଡିକାଲରେ ଏଭଳି ଘଟଣା ଏକ ଦୁର୍ଭାଗ୍ୟର ବିଷୟ। ଏଥିପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଦେବା, ସୁବ୍ୟବସ୍ଥିତ ପରିଚାଳନା ଏବଂ ସ୍ୱଚ୍ଛ ପ୍ରଶାସନ ଆମର ପ୍ରାଥମିକ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ମେଡିକାଲର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# 'ରାମ୍ ନାମ୍ ସତ୍ୟ ହେ'ରେ କମ୍ପିଲା ଗୃହ

## ମାର୍ଶାଲ-ମହିଳା ସଦସ୍ୟ ମୁହାଁମୁହିଁ

■ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିଲେ ମଙ୍ଗୁ ଖିଲ
■ ବିଧାନସଭାର ଅପବ୍ୟବହାର କରୁଛନ୍ତି ବିରୋଧୀ: ଭାଜପା


ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଧାନସଭାରେ ବିରୋଧୀ ସଦସ୍ୟଙ୍କ ହଇଗୋଳ।

ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)

କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ୯ ଦିନ ବିତିଥିଲେ ବି ମଙ୍ଗଳବାର ଗୃହରେ ତାତି କମିନାହିଁ। ଏହିପ୍ରସଙ୍ଗରେ ରାଜ୍ୟ ସରକାରଙ୍କ କାର୍ଯ୍ୟକାରିତାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସ୍ୱାସ୍ଥ୍ୟ ବିଭାଗର 'ରାମ୍ ନାମ୍ ସତ୍ୟ ହେ' ନାରା ଦେଇ ଗୃହ କମ୍ପାଇଥିବା ବେଳେ ଶାସକ ଦଳ ମଧ୍ୟ ବିଜେଡିକୁ ଟାର୍ଗେଟ୍ କରି ୫୧ରୁ ୨ରେ ପହଞ୍ଚିବ କହି ନାରା ଦେଇଥିଲା। ପ୍ରଥମାର୍ଦ୍ଧରେ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠି ହଙ୍ଗାମା କରିଥିବାବେଳେ ବିଜେଡି ମହିଳା ସଦସ୍ୟମାନେ ବାଚସ୍ପତିଙ୍କ ମାର୍ଶାଲଙ୍କ ସହ ଠେଲାପେଲା ହେବା ପର୍ଯ୍ୟନ୍ତ କଥା ଯାଇଛି। ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ମୁଲତବୀ ଆଲୋଚନା ମଧ୍ୟ ଠିକ୍‌ଭାବେ ହୋଇପାରିନାହିଁ। ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏସ୍‌ସିବି ଘଟଣାରେ ଗୃହର ମଧ୍ୟଭାଗକୁ ଚାଲିଆସି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସରକାରବିରୋଧୀ ବିଭିନ୍ନ ନାରା ଦେଇଥିଲେ। ହଇଗୋଳ ଭିତରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନକାଳ ଚଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ବିରୋଧୀଙ୍କ ହଇଗୋଳ ତୀବ୍ର ହେବାରୁ ବାଚସ୍ପତି ବାରମ୍ବାର ମୁଲତବୀ ଘୋଷଣା କରିଦେଇଥିଲେ।

ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପୋଷ୍ଟର, ବ୍ୟାନର ଓ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ମାଡ଼ିଆସିଥିଲେ। ବିଜେଡି ସଦସ୍ୟ ପ୍ରଶାନ୍ତ ବେହେରା, କଂଗ୍ରେସ ସଦସ୍ୟ ପବିତ୍ର ସାଉଁତା ବାଚସ୍ପତିଙ୍କ ପୋଡିୟମ ବାଡ଼େଇଥିବାବେଳେ ବିଜେଡି ସଦସ୍ୟା ମନୋରମା ମହାନ୍ତି ଓ ସୁଜାତା ସାହୁ ପ୍ରମୁଖ ପୋଡିୟମ ଉପରକୁ ଉଠିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ବାଚସ୍ପତିଙ୍କ ମାର୍ଶାଲଙ୍କ ସହ ବିରୋଧୀଙ୍କ ଠେଲାପେଲା ହୋଇଥିଲା। ପରେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରୁଥିବାବେଳେ ବିଜେଡି ସଦସ୍ୟମାନେ ତାଙ୍କୁ ସହାୟତା କରିଥିଲେ। ବିରୋଧୀମାନେ 'ରାମ୍ ନାମ୍ ସତ୍ୟ ହେ, ହରି ନାମ୍ ସତ୍ୟ ହେ' ମୋହନ ସରକାର ହାଏ ହାଏ, ଛି ଛି, ଡବଲ ଇଞ୍ଜିନ ଡବଲ ଧୋକା ଭଳି ସରକାର ବିରୋଧୀ ସ୍ଲୋଗାନ୍ ଦେଇ ଗୃହ କମ୍ପାଇଥିଲେ। ଏହାରି ଭିତରେ ବାଚସ୍ପତି ପ୍ରଶ୍ନକାଳରେ ଭାଜପା ସଦସ୍ୟ ବାବୁ ସିଂଙ୍କ ତାରକା ପ୍ରଶ୍ନର ଉତ୍ତର ଦେବାକୁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଡାକିଥିଲେ। ମନ୍ତ୍ରୀ କହିଥିଲେ, ଷ୍ଟୁଆର୍ଟ ସ୍କୁଲ୍‌ଠାରୁ ସିଆର୍‌ପି ଛକ ମଧ୍ୟରେ ଉଠାଦୋକାନୀ ଯେଉଁ ରାସ୍ତା ଅବରୋଧ କରୁଛନ୍ତି, ଏହାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଭାଜପା ସଦସ୍ୟ ସୁଧୀର ରଞ୍ଜନ ପାଇଯୋଶୀଙ୍କ ପ୍ରଶ୍ନର ଉତ୍ତର ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ ରଖୁଥିବାବେଳେ ବିରୋଧୀଙ୍କ ହଇଗୋଳ ତୀବ୍ର ହୋଇଥିଲା। ଗୃହକୁ 'ଅର୍ଡର'କୁ ଆଣିବା ପାଇଁ ବାଚସ୍ପତି ପାଢ଼ୀ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ମାତ୍ର ସେମାନେ ନ ଶୁଣିବାରୁ ୧୦ଟା ୪୬ରୁ ସାଢ଼େ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ବିରୋଧୀ ଦଳର ପ୍ରତିବାଦ କରିବାର ଅଧିକାର ରହିଛି। ହେଲେ ସେମାନଙ୍କ ପ୍ରତିବାଦ ଗୃହର ବିବରଣୀରେ ସ୍ଥାନ ପାଉନାହିଁ। ସେମାନେ ଆଲୋଚନାକୁ ଆସନ୍ତୁ, ଯାହା କହିବାର ଅଛି କୁହନ୍ତୁ। ଏହି ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପଏଣ୍ଟ ଅଫ୍ ଅର୍ଡର ବଳରେ କିଛି କହିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ବାଚସ୍ପତି ଗୃହ ସ୍ୱାଭାବିକ ସ୍ଥିତିରେ ନ ଥିବା ଦର୍ଶାଇ ମନା କରିଦେଇଥିଲେ।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ବିରୋଧୀ ବିଧାନସଭାର ଅପବ୍ୟବହାର କରୁଛନ୍ତି। ୬ ଦିନ ଧରି ଗୃହ ଚଳାଇ ଦେଉନାହାନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଜନାବଦ୍ଧ ଭାବେ ଗୃହକୁ ଅପବ୍ୟବହାର କରୁଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ କହିଥିଲେ, ନବୀନ ନିଜ ଆସନରେ ବସିଛନ୍ତି, ହେଲେ ତାଙ୍କ ବିଧାୟକମାନେ ହଇଗୋଳ କରୁଛନ୍ତି। ସମସ୍ତେ ଆଲୋଚନାକୁ ଆସନ୍ତୁ। ଗୃହରେ ସୁସ୍ଥ ବାତାବରଣ ଲାଗି ସମସ୍ତ ସଦସ୍ୟ ସହଯୋଗ କରିବାକୁ ସେ ବାଚସ୍ପତିଙ୍କ ଜରିଆରେ ଅନୁରୋଧ କରିଥିଲେ। ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ମାନସ ଦତ୍ତ, ଆଶ୍ରିତ ପଟ୍ଟନାୟକ, ବିଭୂତି ଭୂଷଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସେଠୀ, ସନ୍ତୋଷ ଖଟୁଆ ଏବଂ ବାବୁ ସିଂ ପ୍ରମୁଖ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଥିଲେ। ବିଜେଡି ବିନାଶ ଆଡ଼କୁ ଯାଉଛି, କଂଗ୍ରେସ ବିକ୍ରମ ସାଜିଛି। ବିଜେଡିର ରାମ୍‌ନାମ୍ ସତ୍ୟ ହେବ କହି ସମାଲୋଚନା କରିଥିଲେ।

# ଜଣେ ହେଲେ କେନ୍ଦ୍ରମନ୍ତ୍ରୀ ଏସ୍‌ସିବିକୁ ଆସିନାହାନ୍ତି: ନବୀନ

ଭୁବନେଶ୍ୱର,୨୪।୩(ରବିନାରାୟଣ ଜେନା)

ଏସ୍‌ସିବି ଅଗ୍ନିକାଣ୍ଡକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀମାନଙ୍କୁ ମଙ୍ଗଳବାର ଟାର୍ଗେଟ୍ କରିଛନ୍ତି। ଗୃହ ବାହାରେ ନବୀନ କହିଛନ୍ତି, ଏହା ଦୁଃଖର ବିଷୟ। ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ୯ ଦିନ ବିତିଲାଣି, ହେଲେ ଜଣେ ବି କେନ୍ଦ୍ରମନ୍ତ୍ରୀ ଏପର୍ଯ୍ୟନ୍ତ ଉକ୍ତ ହସ୍ପିଟାଲ ଅଞ୍ଚଳ ପରିଦର୍ଶନ କରିନାହାନ୍ତି। ଆମ ସରକାର ସମୟରେ ଏକ ଘରୋଇ ହସ୍ପିଟାଲରେ ନିଆଁ ଲାଗିଥିବାବେଳେ ଅନେକ କେନ୍ଦ୍ରମନ୍ତ୍ରୀ ଉକ୍ତ ହସ୍ପିଟାଲ ଯାଇଥିଲେ। ଏଥିରୁ ଆପଣ ଜାଣିପାରିବେ ଯେ, ମୃତ୍ୟୁବରଣ କରିଥିବା ରାଜ୍ୟବାସୀଙ୍କ ପାଇଁ ରାଜ୍ୟ ସରକାର କେତେ ଚିନ୍ତିତ।

ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ନବୀନ ବାରମ୍ବାର ଦାବି କରିଥିଲେ। ଯେପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଠୋସ୍ ପଦକ୍ଷେପ ନିଆ ନ ଯାଇଛି, ସେ ଯାଏ ବିଜେଡି ପ୍ରତିବାଦ ଜାରି ରଖିବ ବୋଲି ସେ କହିଥିଲେ। ଏହି ଅବସରରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ନବୀନ କହିଛନ୍ତି, କେରଳରେ ନିର୍ବାଚନ କମିଶନଙ୍କ ଚିଠିରେ ଭାଜପା ଲୋଗୋ ଥିବା ଖବର ଗଣମାଧ୍ୟମରୁ ଜାଣିଲି। ଯଦି ଏହା ସତ୍ୟ ହୋଇଥାଏ ତେବେ ଦୁର୍ଭାଗ୍ୟଜନକ।

## ଜବାବ ରଖିଲେ ସନ୍ତୋଷ



ନବୀନଙ୍କୁ କାଉଣ୍ଟର କରି ଭାଜପା ସଦସ୍ୟ ସନ୍ତୋଷ ଖଟୁଆ କହିଥିଲେ, ସରକାର ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଘଟଣାସ୍ଥଳକୁ ଯିବା ସହିତ ୪ ଜଣଙ୍କୁ ନିଲମ୍ବନ କରାଯାଇଛି। ଏହାସହିତ ଡିଏମ୍‌ଇଟି, ସୁପରିଣ୍ଟେଣ୍ଡେଣ୍ଟ ଏବଂ ଡିନ୍‌ଙ୍କ ସମେତ ୮ ଜଣଙ୍କୁ ବଦଳି କରାଯାଇଛି। ନ୍ୟାୟିକ ଏବଂ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅନୁସନ୍ଧାନ ଜାରି ରଖାଯାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ପୂର୍ବ ସରକାର ସମୟରେ ନବ ଦାସ ହତ୍ୟା ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ହେଲେ ସେ କ'ଣ ଦେଇଥିଲେ କି? ଏହା କେବଳ ବିରୋଧୀଙ୍କ ରାଜନୀତି ଛଡ଼ା ଆଉ କିଛି ନୁହେଁ ବୋଲି ଖଟୁଆ କହିଥିଲେ।

# ୨୮,୫୩୧ ଭୂମିହୀନଙ୍କୁ ମିଳିଛି ୪ ଡେସିମିଲ ଘରବାରି ପଟ୍ଟା: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୪।୩(ସୁନିତ୍ ମିଶ୍ର)

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ନୂତନ ଆବାସିକ ଏବଂ ଅଣଆବାସିକ କୋଠା ନିର୍ମାଣ, ରାଜସ୍ୱ କାର୍ଯ୍ୟାଳୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ସୁଦୃଢ଼ କରିବା, ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟର ସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ହାଇଟେକ୍ ସର୍ଭେକୁ ନିର୍ଭୁଲ୍ ଭାବେ ବ୍ୟାପକ କରିବା, ସମସ୍ତ ଜମିଜମା କାଗଜପତ୍ରକୁ ସୁରକ୍ଷିତ କରିବା, ରାଜସ୍ୱ କାର୍ଯ୍ୟାଳୟ ଲାଗି ଆବଶ୍ୟକ ଆସବାବପତ୍ର ଏବଂ ଆନୁଷଙ୍ଗିକ ଉପକରଣ କ୍ରୟକରିବା ଇତ୍ୟାଦି ବିଭିନ୍ନ ପ୍ରକଳ୍ପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ମୋଟ୍ ୮୨୯.୩୦ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରଖାଯାଇଛି। ସରକାର ଭୂମି ରେକର୍ଡର ୧୦୦% କମ୍ପ୍ୟୁଟରୀକରଣ ସହ ସମସ୍ତ ସବ୍‌ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ ସହିତ ସଂଯୋଗୀକରଣ କରିଛନ୍ତି। ସହରାଞ୍ଚଳରେ ଜମି ରେକର୍ଡଗୁଡ଼ିକୁ ଠିକ୍ ଏବଂ ଅତ୍ୟାଧୁନିକକରି ପ୍ରସ୍ତୁତ କରିବା ପାଇଁ ନୂତନ ଯୋଜନା 'ନକ୍ସା' ଆରମ୍ଭ କରିଛନ୍ତି। ଏହି ଯୋଜନା ବର୍ତ୍ତମାନ ଖୋର୍ଦ୍ଧା, ଜଟଣୀ, ବାରିପଦା ଏବଂ ଝାରସୁଗୁଡା ଭଳି ୪ଟି ମ୍ୟୁନିସିପାଲିଟିରେ କାର୍ଯ୍ୟକାରୀ ହେଉଛି। ଉନ୍ନତ ନାଗରିକ ସେବା ପ୍ରଦାନ ଲାଗି 'ଇ-ରେଜିଷ୍ଟ୍ରେଶନ ଓଡ଼ିଶା' ମୋବାଇଲ ଆପ୍ଲିକେସନ ଲୋକାର୍ପିତ ହୋଇଛି। ଏହି ଆପ୍ଲିକେସନ ମାଧ୍ୟମରେ ଏବେ ସୁଦ୍ଧା ୬୦,୮୭୧ଟି ରେଜିଷ୍ଟ୍ରେସନ ସେବା ଦାଖଲ କରାଯାଇଛି। ବସୁନ୍ଧରା ଯୋଜନାରେ ରାଜ୍ୟର ୨୮,୫୩୧ ଜମିହୀନଙ୍କୁ ୪ ଡେସିମିଲି ଲେଖା ଘରବାରି ପଟ୍ଟା ପ୍ରଦାନ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ପୂଜାରୀ କହିଛନ୍ତି, ଗ୍ରାମାଞ୍ଚଳରେ ସ୍ୱାମିତ୍ୱ ଯୋଜନାରେ ୩୫୯୬ ଜଣଙ୍କୁ ବୈଧ ଜମି ରେକର୍ଡ ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାର ଆଇନ ଅନୁସାରେ ୩୪୯୬୫ ଆଦିବାସୀ ପରିବାରକୁ ଜଙ୍ଗଲ ଅଧିକାରର ଜମି ପଟ୍ଟା ପ୍ରଦାନ କରାଯାଇଛି। ସରକାର ୯୬୪ଟି ନୂତନ ରାଜସ୍ୱ ଗ୍ରାମ ଘୋଷଣା କରିଛନ୍ତି। ପୁରୀଠାରେ ଏକ ଉନ୍ନତମାନର ସ୍ୱତନ୍ତ୍ର ପ୍ରଶିକ୍ଷଣ ଗୃହ, ଭୁବନେଶ୍ୱରଠାରେ ରାଜସ୍ୱ ଭବନ, ଆବଶ୍ୟକତା ଅନୁଯାୟୀ ନୂତନ ଜିଲାପାଳ, ତହସିଲ, ନିବନ୍ଧନ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବଜ୍ରପାତଜନିତ ମୃତ୍ୟୁକୁ ପ୍ରତିରୋଧ ଲାଗି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ୧୨ ଜିଲାରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ଏହାପରେ ଗୃହରେ ରାଜସ୍ୱ ବିଭାଗର ମୋଟ୍ ୨୨୭୧ କୋଟି ୩୩ ଲକ୍ଷ ୪୮ ହଜାର ଟଙ୍କାର ଖର୍ଚ୍ଚଦାବିକୁ ଗୃହରେ ପାରିତ କରାଯାଇଛି।

## ଶ୍ରମ କାର୍ଯ୍ୟାଳୟ ପାଇଁ ୫୦ ବ୍ଲକ୍‌ରେ ଜମି ଚିହ୍ନଟ ସରିଲାଣି: ମନ୍ତ୍ରୀ

ଭୁବନେଶ୍ୱର,୨୪।୩(ସୁନିତ୍ ମିଶ୍ର)

୨୦୨୬-୨୭ ଆର୍ଥିକ ବର୍ଷରେ କର୍ମଚାରୀମାନଙ୍କ କଲ୍ୟାଣ, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିଶେଷତଃ ଅସଙ୍ଗଠିତ ଏବଂ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଲକ୍ଷ୍ୟକରି ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ଲକସ୍ତରରେ ସହକାରୀ ଶ୍ରମ ଅଧିକାରୀ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ଖାଲି ପଦବୀ ପୂରଣ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୪୭ ଜଣ, ୨୦୨୫-୨୬ ବର୍ଷରେ ୧୦୦ ଜଣ ସହକାରୀ ଶ୍ରମ ଅଧିକାରୀଙ୍କୁ ବ୍ଲକସ୍ତରରେ ନିଯୁକ୍ତି ପ୍ରଦାନ କରାଯାଇଛି। ବିଭିନ୍ନ ବ୍ଲକ୍ ଶ୍ରମ କାର୍ଯ୍ୟାଳୟ ନିମନ୍ତେ ୫୦ଟି ବ୍ଲକ୍‌ରେ ଜମିଚିହ୍ନଟ କରାଯାଇଛି। ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ୫୫ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିବା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶୀ ରାମ ସିଂ ଖୁଣ୍ଟିଆ କହିଛନ୍ତି।

ଶ୍ରମ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି, ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ନିଯୁକ୍ତି ନିୟନ୍ତ୍ରଣ ଆଇନ, ୧୯୭୯ କାର୍ଯ୍ୟକାରୀ ହେବା ସହ ରାଜ୍ୟ କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଭୁବନେଶ୍ୱର ଅନ୍ଧାରୁଆଠାରେ ପ୍ରତିଷ୍ଠା ହେବାକୁ ଥିବା ଇଏସ୍‌ଆଇ ମେଡିକାଲ କଲେଜ ହସ୍ପିଟାଲକୁ ୨୨୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ଉନ୍ନତ କରାଯିବ। ଝାରସୁଗୁଡ଼ା, ବ୍ରହ୍ମପୁର, ବାଲେଶ୍ୱର, ପାରାଦୀପ ଏବଂ ଡୁବୁରିଠାରେ ୧୦୦ ଶଯ୍ୟା ବିଶିଷ୍ଟ ୫ଟି ନୂତନ ହସ୍ପିଟାଲକୁ ଅନୁମୋଦନ ମିଳିଛି। ଏହାପରେ ଗୃହରେ ଶ୍ରମ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

# ୨୭ ମାସରେ ୩୩୧ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୨୪।୩(ସୁଚିସ୍ମିତା ସାହୁ)

ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଓଡ଼ିଶା ଶ୍ରମିକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ୨୦୨୪ରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ୩୩୧ ପ୍ରବାସୀ (ଦାଦନ) ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସରକାରଙ୍କ ଉଦ୍ୟମକ୍ରମେ ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇ ନିଜ ଗ୍ରାମକୁ ଫେରାଇ ଅଣାଯାଇଛି। ମଙ୍ଗଳବାର ବିଧାନସଭାରେ ବିଧାୟକ ପ୍ରଦୀପ କୁମାର ଦିଶାରୀ, ତାରାପ୍ରସାଦ ବାହିନୀପତି ଓ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ତଥ୍ୟ ଅନୁସାରେ, ଏହି ସମୟ ଭିତରେ ପ୍ରବାସୀ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ପାଇବା ପରେ ବିଭାଗ ପକ୍ଷରୁ ୨,୪୫୧ ପ୍ରବାସୀ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଦାଦନ ଶ୍ରମିକ ସମସ୍ୟା ରୋକିବାକୁ ଉପମୁଖ୍ୟମନ୍ତ୍ରୀ ମନ୍ତ୍ରୀ କେ. ଭି. ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ଆନ୍ତଃ-ରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନ ୧୯୭୯ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ଦ୍ୱାରା ବାହାର ରାଜ୍ୟରେ ଓଡ଼ିଆ ଶ୍ରମିକଙ୍କୁ ନିୟୋଜିତ କରାଯାଉଛି। ୨୦୨୪ରେ ଶ୍ରମ ବିଭାଗ ପକ୍ଷରୁ ୧୦୩୭ଟି ଲାଇସେନ୍ସ ଦିଆଯାଇଥିବାବେଳେ ୭୦,୧୪୨ଜଣ ଶ୍ରମିକ ପ୍ରବାସ ଯାଇଥିଲେ। ସେହିପରି ୨୦୨୫ରେ ୧୪୬୫ଟି ଲାଇସେନ୍ସ ଦିଆଯାଇଥିବାବେଳେ ୯୨,୧୭୬ ଶ୍ରମିକ ପ୍ରବାସ ଯାଇଛନ୍ତି। ୨୦୨୬ ବର୍ତ୍ତମାନ ପର୍ଯ୍ୟନ୍ତ ୧୨୯ଜଣଙ୍କୁ ଲାଇସେନ୍ସ ଦିଆଯାଇଛି ଓ ୭,୨୬୩ ଜଣ ପ୍ରବାସୀ ଶ୍ରମିକ ବାହାର ରାଜ୍ୟକୁ ଯାଇଥିବା ତଥ୍ୟରୁ ଜଣାପଡ଼ିଛି। ତେବେ ୨୦୨୪ରେ ନିର୍ଯାତନା ଓ ଅନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିବା ୧୦୫୫ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨୦୨୫ରେ ୧୦୭୮ ଏବଂ ୨୦୨୬ର ବର୍ତ୍ତମାନଯାଏ ୩୫୦ ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ୨୦୨୫ରେ ୧୫୯ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୫୧ ଲକ୍ଷ ୮୯ ହଜାର ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଥିବା ସ୍ଥଳେ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୬୦ଟି ବର୍ଗର ୪,୪୦,୯୫୨ ଅଣସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବଢ଼ିବନି ବିଜୁଳି...

ସେହିପରି ଗ୍ରୀଡ୍‌କୋର ବିଦ୍ୟୁତ୍ ପାଇକାରି କ୍ରୟମୂଲ୍ୟ ଚଳିତ ବର୍ଷ ପାଇଁ ୟୁନିଟ୍ ପିଛା ୩୩୧.୧୦ ପଇସା ଥିବାବେଳେ ଆସନ୍ତା ବର୍ଷ ଲାଗି ସାମାନ୍ୟ ହ୍ରାସକରି ୩୩୦.୯୫ ପଇସା ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ସଚିବ କହିଛନ୍ତି, ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ସିଏଜି ଅଡିଟ୍ କରିବା ପାଇଁ ଆୟୋଗ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି।

ଓଇଆର୍‌ସିର ବିଦ୍ୟୁତ୍ ଟାରିଫ୍‌କୁ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ରାଜ୍ୟ ସମ୍ପାଦକ ରବି ବେହେରା ସ୍ୱାଗତ କରି କହିଛନ୍ତି, ବିଦ୍ୟୁତ୍ ଦର କେବଳ ସ୍ଥିର ରହିଲେ ହେବନାହିଁ। ଗତ ୭ ବର୍ଷ ମଧ୍ୟରେ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିବା ଅତିରିକ୍ତ ୭ ହଜାର ୧୪୫ କୋଟି ଟଙ୍କା ଫେରସ୍ତ ଉପରେ ଓଇଆର୍‌ସି ନୀରବ ରହିବା ଚିନ୍ତାଜନକ।

ସେହିପରି ବିଦ୍ୟୁତ୍ ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଏ ବର୍ଷକୁ ମିଶାଇ ଲଗାତର ୫ ବର୍ଷ ଧରି ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ନ ହେବା ପଛର ମୁଖ୍ୟ କାରଣ ହେଉଛି, ଆୟୋଗ ଯେଉଁ ହାରାହାରି ଟାରିଫ୍ ଧାର୍ଯ୍ୟ କରୁଛନ୍ତି ତା'ଠାରୁ ବିତରଣ କମ୍ପାନୀଗୁଡ଼ିକ ଅଧିକ ଅଦାୟ କରୁଛନ୍ତି। ୨୦୧୭-୧୮ରୁ ୨୦୨୪-୨୫ ମଧ୍ୟରେ ବିତରଣ କମ୍ପାନୀଗୁଡ଼ିକ ଆୟୋଗ ଧାର୍ଯ୍ୟ କରିଥିବା ଟାରିଫ୍‌ଠାରୁ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଥିଲେ ବି ଏପର୍ଯ୍ୟନ୍ତ ତାହା ଉପଭୋକ୍ତାଙ୍କୁ ଫେରସ୍ତ କାହିଁକି କରାଯାଇନାହିଁ ସେନେଇ ଓଇଆର୍‌ସି ସ୍ପଷ୍ଟ କରିବା ଆବଶ୍ୟକ।

ସୂଚନାଯୋଗ୍ୟ, ଏବେ ରାଜ୍ୟରେ ଖୁଚୁରା ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ପ୍ରଥମ ୫୦ ୟୁନିଟ୍ ପର୍ଯ୍ୟନ୍ତ ୨ଟଙ୍କା ୯୦ ପଇସା ରହିଛି। ୫୧ରୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ୪ଟଙ୍କା ୭୦ ପଇସା ଟାରିଫ୍ ଥିବାବେଳେ ୨୦୧ରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ୫ଟଙ୍କା ୭୦ ପଇସା ଏବଂ ୪୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ପିଛା ୬ଟଙ୍କା ୧୦ପଇସା ରହିଛି।

## ଓଁକାର, ସରୁନଙ୍କୁ...

ମହିଳା ୮୦୦ ମିଟରରେ ମଧ୍ୟ ସୁନ୍ଦରଗଡ଼ର ଲକ୍ଷ୍ମୀପ୍ରିୟା କିଶାନ ୨:୧୩.୨୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ୩୦୦୦ ମିଟର ରେସ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ଓଡ଼ିଶାର ସୁସ୍ମିତା ଟିଗା। ସୁନ୍ଦରଗଡ଼ର ସୁସ୍ମିତା ୧୦:୨୨.୩୦ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଶା ପ୍ରତିଦ୍ୱନ୍ଦ୍ୱୀ ସନ୍ତୋଷୀ ଗୌଡ଼ା (୧୪:୩୨.୫୦) ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି।

## ଶୁକ୍ରୁ ଛାଡ଼ିଲେ...

ଯୋଗାଯୋଗ କରି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପ୍ରଥମେ ଶୁକ୍ରୁଙ୍କ ବୟାନ ରେକର୍ଡ କରାଯାଇ ପରେ ଆତ୍ମସମର୍ପଣ ଫର୍ମରେ ଦସ୍ତଖତ କରାଯିବା ସହ ସରକାରଙ୍କ ସବୁ ସୁବିଧା ସେ ପାଇବେ ବୋଲି ଆଣ୍ଟି ନକ୍ସଲ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଏନେଇ ଡିଜିପି ୱାଇ.ବି. ଖୁରାନିଆ କହିଛନ୍ତି, ଷ୍ଟେଟ୍ କମିଟିରେ ମେମ୍ବର ଥିବା ଶୁକ୍ରୁ ଆତ୍ମସମର୍ପଣ କରିବା ପରେ କନ୍ଧମାଳ ଏବେ ଏକ ପ୍ରକାର ମାଓବାଦୀ ଶୂନ୍ୟ ହୋଇଯାଇଛି। କିଛିଦିନ ହେବ ଓଡ଼ିଶାରେ ଥିବା ମାଓବାଦୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିଲା। ତେଣୁ ୫ ମାଓବାଦୀ ମଙ୍ଗଳବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। କନ୍ଧମାଳରେ ଥିବା ଆଉ ୯ରୁ ୧୦ଜଣ ମାଓବାଦୀ ହିଂସାର ପଥ ଛାଡ଼ି ତୁରନ୍ତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଜି ଖୁରାନିଆ ଅପିଲ୍ କରିଛନ୍ତି। ଶୁକ୍ରୁ ଆତ୍ମସମର୍ପଣ କରିବା ପରେ ମାଓବାଦୀ ସଂଗଠନ ନିଶ୍ଚିତ ଦୁର୍ବଳ ହୋଇଛି। ଓଡ଼ିଶାରୁ ମାଓବାଦୀମୁକ୍ତ ଶେଷ ଅବସ୍ଥାରେ ପହଞ୍ଚିଲାଣି। ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତେ ଆତ୍ମସମର୍ପଣ କରିବେ ବୋଲି ନିଶ୍ଚିତ ଅଛୁ ବୋଲି ଡିଜିପି ଖୁରାନିଆ କହିଛନ୍ତି।

କିଛି ଦିନ ତଳେ ଆତ୍ମସମର୍ପଣ କରିଥିବା ସାଥୀ ମାଓବାଦୀ କମାଣ୍ଡର ଅନ୍ୱେଷଙ୍କ ଗଳାକାଟି ହତ୍ୟା ପରେ ପୋତିଦେଇଥିଲେ ଶୁକ୍ରୁ। ଶୁକ୍ରୁଙ୍କ ଘର ମାଲକାନଗିରିର କୁରୁବା ଗ୍ରାମରେ ହୋଇଥିବାବେଳେ ସେ କନ୍ଧମାଳରେ ସକ୍ରିୟ ରହିଥିଲେ। ଏଇତ୍ର କମ୍ପାନୀ ନାଁରେ ଏକ ନୂଆ ସଂଗଠନ ଚଳାଇଥିଲେ। ଶୁକ୍ରୁଙ୍କ ନାଁରେ ଥିବା ୫୫ ଲକ୍ଷ ଟଙ୍କାର ପୁରସ୍କାର ବାବଦ ଅର୍ଥ ତାଙ୍କୁ ଦିଆଯିବ। ଏଥିସହ ସରକାରଙ୍କ ପକ୍ଷରୁ ଘୋଷିତ ଅନ୍ୟ ସୁବିଧା ସବୁ ପାଇବେ। ବର୍ତ୍ତମାନ ମାଓବାଦୀଙ୍କ ସଂଖ୍ୟା ରାଜ୍ୟରେ ସିଙ୍ଗିଲ ଡିଜିଟକୁ ଖସିଥିବା ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଆଉ ଯେଉଁମାନେ ରହିଯାଇଛନ୍ତି ସେମାନଙ୍କୁ ଆତ୍ମସମର୍ପଣ ପାଇଁ ଏଡିଜି ପଣ୍ଡା ଆହ୍ୱାନ ଦେଇଛନ୍ତି। ଶୁକ୍ରୁ ନିଜ ଗାଁରେ ରାଜୁ ନାଁରେ ପରିଚିତ ଥିଲେ। ସେ ୧୯୯୫ ମସିହାରେ ମାଓବାଦୀ ସଂଗଠନରେ କାଳିମେଳା ଦଳରେ ଜଣେ ସାଧାରଣ ସଦସ୍ୟ ଭାବେ ଯୋଗ ଦେଇଥିଲେ। ଏହାପରେ ତାଙ୍କର ପ୍ରଦର୍ଶନ ଆଧାରରେ ତାଙ୍କୁ ଛତିଶଗଡ଼ ବଦଳି କରାଯାଇଥିଲା। ହେଲେ ଗତ କିଛିବର୍ଷ ଧରି ସେ କନ୍ଧମାଳ, ଗଞ୍ଜାମ ଅଞ୍ଚଳରେ ବେଶ୍ ସକ୍ରିୟ ହୋଇଉଠିଥିଲେ। ଏବେ ସେ ଓଡ଼ିଶା ଷ୍ଟେଟ କମିଟିରେ ସଦସ୍ୟ ଅଛନ୍ତି। ଶୁକ୍ରୁଙ୍କୁ ଧରିବାକୁ ସରକାର ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏସବୁ ଭିତରେ ଶୁକ୍ରୁଙ୍କ ସହ ୫ ଜଣ ମାଓବାଦୀ କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏବେ ଶୁକ୍ରୁ ଆତ୍ମସମର୍ପଣ କରିଥିବା ବେଳେ ଶୀଲା ସମେତ ୬ ଜଣ ନକ୍ସଲଙ୍କୁ ଧରିବା ପାଇଁ କନ୍ଧମାଳ-ଗଞ୍ଜାମ-ଗଜପତି ସୀମାନ୍ତରେ ସୁରକ୍ଷାକର୍ମୀମାନେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଛନ୍ତି।

## ୧ଅଙ୍କରେ ସୀମିତ ମାଓବାଦୀ

ଭୁବନେଶ୍ୱର,୨୪।୩(ତ୍ରିନାଥ ମହାନ୍ତି)

ରାଜ୍ୟରେ ସକ୍ରିୟ ମାଓବାଦୀଙ୍କ ତାଲିକା ୧ଅଙ୍କକୁ ଖସିଲାଣି। ଖୁବ୍ ଶୀଘ୍ର ଓଡ଼ିଶା ରାଜ୍ୟ ମାଓବାଦୀମୁକ୍ତ ହେବ ବୋଲି ମାଓବାଦୀ ନିରୋଧୀ ଏଡିଜି ସଞ୍ଜୀବ ପଣ୍ଡା ମଙ୍ଗଳବାର କହିଛନ୍ତି। ଦେଶକୁ ମାଓବାଦୀ ମୁକ୍ତ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଇଥିବା ଡେଡ୍‌ଲାଇନକୁ ଆଉ ମାତ୍ର ୧ ସପ୍ତାହ ଥିବାବେଳେ ଏହି ଲକ୍ଷ୍ୟ ପୂରଣ ପାଇଁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ଚେଷ୍ଟା କରୁଛନ୍ତି। ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ହେବ ବୋଲି ପଣ୍ଡା କହିଛନ୍ତି। ଟପ୍ ମାଓବାଦୀ କମାଣ୍ଡର ଶୁକ୍ରୁ ଏବଂ ତାଙ୍କ ୪ ସହଯୋଗୀ ମଙ୍ଗଳବାର କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ସକ୍ରିୟ ମାଓବାଦୀଙ୍କ ସଂଖ୍ୟା ଏବେ ୧ଅଙ୍କକୁ ଖସି ଆସିଛି। ଶୁକ୍ରୁଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ତେଣୁ ସରକାରଙ୍କ ନିୟମ ଅନୁସାରେ ଉକ୍ତ ପୁରସ୍କାର ରାଶି ଶୁକ୍ରୁଙ୍କୁ ପ୍ରଦାନ କରାଯିବା ସହ ଆତ୍ମ ସମର୍ପଣ ପୁନଃ ଥଇଥାନ ନୀତି ଅନୁସାରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏଡିଜି କହିଛନ୍ତି। ଏଥିସହିତ ଯେଉଁ ମାଓବାଦୀମାନେ ଆତ୍ମସମର୍ପଣ କରି ନାହାନ୍ତି, ସେମାନେ ତୁରନ୍ତ ଅସ୍ତ୍ର ପରିହାର କରି ସରକାରଙ୍କ ସୁବିଧା ସୁଯୋଗ ହାସଲକରନ୍ତୁ ବୋଲି ପଣ୍ଡା କହିଛନ୍ତି।

## ପାପାରାଓଙ୍କ ସହ...

ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଭିତରେ ଏକ ଏନ୍‌କାଉଣ୍ଟରରେ ସୁରକ୍ଷା ବାହିନୀଙ୍କ ଦ୍ୱାରା ଉର୍ମିଳା ନିହତ ହୋଇଥିଲେ। ଏପରିକି ସୁଧାକର ପୋଲିସ କ୍ୟାମ୍ପଠାରୁ ମାତ୍ର ୧ ରୁ ୨ କିଲୋମିଟର ଦୂରରେ ରହି ସୁରକ୍ଷା ବାହିନୀକୁ ଚ୍ୟାଲେଞ୍ଜ ଦେଉଥିଲେ। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜାପୁର ପୋଲିସ କହିଛି।

## ୩ ବର୍ଷରେ ୩୨୫...

ମାତ୍ର ୨୦୨୫-୨୬ରେ ଶିକାରୀଙ୍କ ଦ୍ୱାରା କୌଣସି ବାଘର ମୃତ୍ୟୁ ହୋଇନାହିଁ। ସେହିପରି ୨୦୨୩-୨୪ରେ ୨୧ କୁଟୁରାଙ୍କ ମୃତ୍ୟୁ ଶିକାରୀଙ୍କ ଦ୍ୱାରା ହୋଇଥିବା ବେଳେ ୨୦୨୪-୨୫ରେ ୧୧ ଏବଂ ୨୦୨୫-୨୬ରେ ୮ କୁଟୁରା ଶିକାରୀଙ୍କ ଯୋଗୁ ମରିଛନ୍ତି। ଏହାବାଦ୍ ଏହି ଅବଧି ମଧ୍ୟରେ ୪ ଗୟଳ, ଗୋଟିଏ ଚୌଶିଙ୍ଗା, ୬ ଶାଳିଆପତନି, ୨ ବେଳରା ମୂଷା, ଗୋଟିଏ ହେଟାବାଘ, ଗୋଟିଏ ବିଲୁଆ ଶିକାରୀଙ୍କ ଆକ୍ରମଣରେ ମରିଛନ୍ତି। ଏହାସହିତ ଗୋଟିଏ ଅହିରାଜ ସାପ, ୧୧ କଲରାପତରିଆ ବାଘ, ୮ ଗୋଧି, ୫ ଗୁରାଣ୍ଡି, ୨ ବଜ୍ରକାପ୍ତା, ୧ ମୟୂର, ୧୧ ଝିଙ୍କ, ଗୋଟିଏ ଠେକୁଆ, ୩୧ ମୃଗ, ୧୬୦ ବାରହା ଶିକାରୀ ମାରିଛନ୍ତି।

ମନ୍ତ୍ରୀ ପୁଣି କହିଛନ୍ତି, ସରକାରଙ୍କ ପକ୍ଷରୁ ଶିକାରୀଙ୍କୁ ମୁକାବିଲା କରିବା ଲାଗି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶିକାର ନିରୋଧକ ଶିବିର ସ୍ଥାପନ କରାଯିବା ସହିତ ଜଙ୍ଗଲରେ ପଟ୍ଟଁତରା, ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, ଉଚ୍ଚ ରିଜୋଲୁଶନ କ୍ୟାମେରା ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାର କରାଯାଉଛି। ଆବଶ୍ୟକ ଅନୁସାରେ ସୁରକ୍ଷା ଦଳ, ଗଜସାଥୀ ମୁତୟନ, ଶିକାର ଖବରଦାତାଙ୍କ ପାଇଁ ପ୍ରୋତ୍ସାହନ ଏବଂ ଯୁଗ୍ମ ଟାସ୍କଫୋର୍ସ ଭଳି କାର୍ଯ୍ୟକ୍ରମମାନ ଆପଣାଯାଉଛି। ଏହି ଅବଧି ମଧ୍ୟରେ ୮୯ ହଜାର ୮୦୫ ମାମଲା ରୁଜୁ ହୋଇଥିବାବେଳେ ୧୪୫୨ଟି ଗାଡ଼ି ଜବତ ହୋଇଛି। ଏହାବାଦ୍ ୮ ହଜାର କ୍ୟୁବିକ୍ ମିଟର କାଠ ମଧ୍ୟ ଜବତ ହୋଇଛି। ୨୦୨୩-୨୪ରେ ୩୬ ହଜାର ମାମଲା ରୁଜୁ କରାଯାଇ ୨୮୫ଟି ଗାଡ଼ି ଜବତ ହୋଇଥିବାବେଳେ ୨୪୧୩.୯୫ ଘନମିଟର କାଠ ଜବତ ହୋଇଛି। ୨୦୨୪-୨୫ରେ ୨୬ ହଜାର ୪୩୩ ମାମଲା ରୁଜୁ ପରେ ୫୭୯ଟି ଗାଡ଼ି ସହ ୨୮୯୭ ଘନମିଟର କାଠ ଜବତ ହୋଇଥିବାବେଳେ ୨୦୨୫-୨୬ରେ ୨୬ ହଜାର ୯୭୮ ମାମଲା ସହିତ ୫୮୮ ଗାଡ଼ି ଏବଂ ୩୨୯୨ ସିକ୍ୟୁଏମ୍ କାଠ ଜବତ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ବଢ଼ିପାରେ ମଦ...

ନେଇ ଆମଦାନୀ ବନ୍ଦ ରହିଥିବାରୁ କାଚ ବୋତଲ ଉତ୍ପାଦନ ହ୍ରାସ ପାଇଛି। ଚାହିଦା ତୁଳନାରେ ଯୋଗାଣ କମ୍ ରହିଥିବାରୁ ବୋତଲ ମୂଲ୍ୟ ପୂର୍ବ ତୁଳନାରେ ୨୦% ବୃଦ୍ଧି ପାଇଛି। ତେଣୁ ମଦ ମୂଲ୍ୟ ମଧ୍ୟ ୧୨ ରୁ ୧୫% ବୃଦ୍ଧି ହେବ ବୋଲି ବ୍ରିୟୁର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ମହାନିର୍ଦ୍ଦେଶକ ବିନୋଦ ଗିରି ରଏଟର୍ସକୁ ସୂଚନା ଦେଇ କହିଛନ୍ତି। ଉତ୍ପାଦନ ଏବଂ ପରିଚାଳନାଗତ ଖର୍ଚ୍ଚ ବୃଦ୍ଧି ଯୋଗୁ ମଦ ଏବଂ ବିୟର ମୂଲ୍ୟ ବୃଦ୍ଧି କରିବା ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ସେ କହିଛନ୍ତି। ସେହିପରି ସର୍ବାଧିକ ମଦ ବୋତଲ ଏବଂ କ୍ୟାନ୍ ଉତ୍ପାଦନ କରୁଥିବା ଉତ୍ତରପ୍ରଦେଶର ଫିରୋଜାବାଦସ୍ଥିତ ଫାଇନ୍ ଆର୍ଟ ଗ୍ଲାସ୍ ୱାର୍କସ୍‌ର ସିଇଓ ନୀତିନ୍ ଅଗ୍ରୱାଲ କହିଛନ୍ତି, ଗ୍ୟାସ୍ ଅଭାବରୁ ଏବେ ତାଙ୍କ କାରଖାନାର ଉତ୍ପାଦନ ୪୦% ହ୍ରାସ ପାଇଛି। ଉତ୍ପାଦନ ହ୍ରାସ ଯୋଗୁ ବୋତଲ ମୂଲ୍ୟ ୧୭ ରୁ ୧୮ % ବୃଦ୍ଧି କରାଯାଇଥିବା ସେ କହିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମକାଳ ଆସିଯାଇଥିବାରୁ ବଜାରରେ ବିୟରର ଚାହିଦା ଯଥେଷ୍ଟ ବଢ଼ିବ। ହେଲେ ବୋତଲ ମୂଲ୍ୟ ବୃଦ୍ଧି ପାଇଁ ଏବେ ଗ୍ରାହକଙ୍କୁ ଉଚ୍ଚ ମୂଲ୍ୟରେ ବିୟର କିଣିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ, ଭାରତ ବିଶ୍ୱର ଅନ୍ୟତମ ବୃହତ୍ ମଦ ବଜାର ଭାବେ ଏଠାରେ ଦିନକୁ ଦିନ ବ୍ୟବସାୟ ବଢ଼ି ଚାଲିଛି। ୨୦୨୪ ସୁଦ୍ଧା ଭାରତରେ ମୋଟ ମଦ ବ୍ୟବସାୟ ପରିମାଣ ୭.୮ ବିଲିୟନ ଡଲାର ହୋଇଥିଲା ; ଯାହାକି ୨୦୩୦ ସୁଦ୍ଧା ୨ ଗୁଣ ହେବ ବୋଲି ଆକଳନ କରାଯାଇଛି।

## ଧର୍ମ ବଦଳାଇଲେ...

ଦେବା ବନ୍ଦ କରିଦେଇଥାଏ। କାରଣ ସେ ଆଉ ଏସ୍‌ସି ବର୍ଗର ସଦସ୍ୟ ହୋଇ ରହି ନ ଥାନ୍ତି। ଏହି କଟକଣା ନିରଙ୍କୁଶ ଏବଂ ଏଥିରେ କୌଣସି ବ୍ୟତିକ୍ରମ ନାହିଁ। ଜଣେ ବ୍ୟକ୍ତି ଏକକାଳୀନ ଭିନ୍ନ ଧର୍ମ ଅବଲମ୍ବନ କରି ଏସ୍‌ସିମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ହାସଲ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଆକ୍ରମଣର ଶିକାର ହେବାବେଳେ ପାଦ୍ରୀ ଜଣକ ନିଜ ଘରେ ଗାଁ ଲୋକଙ୍କୁ ଧରି ରବିବାର ପ୍ରାର୍ଥନା ସଭା କରୁଥିଲେ। ତେଣୁ ବ୍ୟକ୍ତି ଜଣକ ଘଟଣା ଘଟିବାବେଳେ ଖ୍ରୀଷ୍ଟିଆନ୍ ହୋଇସାରିଥିଲେ ; ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରକାଶ ଯେ, ପାଦ୍ରୀ ଚିନ୍ଥାଦା ଆନନ୍ଦ ୨୦୨୧ରେ ଅକ୍କାଲା ରାମି ରେଡ୍ଡୀଙ୍କ ବିରୋଧରେ ଇଣ୍ଡିଆନ୍ ପେନାଲ କୋଡ୍ (ଆଇପିସି)ର ବିଭିନ୍ନ ଦଫା ଏବଂ ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନ ଅନୁସାରେ ଏତଲା ଦେଇଥିଲେ। ରେଡ୍ଡୀ ଓ ତାଙ୍କ ସହଯୋଗୀମାନେ ତାଙ୍କ ସହ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏପରି କି ଛୋଟ ଜାତିର କହି ହତ୍ୟା ଧମକ ମଧ୍ୟ ଦେଇଥିଲେ ବୋଲି ପାଦ୍ରୀ ଅଭିଯୋଗ କରିଥିଲେ।

## ହରିଶ ରାଣାଙ୍କ...

ଚାଲିଯାଇଥିଲେ। ୧୩ ବର୍ଷ ଧରି ପର୍ସିଷ୍ଟେଣ୍ଟ ଭେଜିଟେଟିଭ୍ ଷ୍ଟେଟ୍ (ଅଚେତନ ଜାଗ୍ରତ ଅବସ୍ଥା)ରେ ଚିକିତ୍ସିତ ହେଉଥିବା ହରିଶଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଆଗକୁ ମଧ୍ୟ କୌଣସି ସୁଧାରର ଆଶା ନ ଥିବା ହୃଦୟଙ୍ଗମ କରି ମାର୍ଚ୍ଚ ୧୧ରେ ସୁପ୍ରିମକୋର୍ଟ ତାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ। ହରିଶଙ୍କ ଜୀବନରକ୍ଷକ ଚିକିତ୍ସା ହଟାଇଦେବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଥିଲେ। ତଦନୁସାରେ ଏମ୍ସରେ ଚିକିତ୍ସାଧୀନ ହରିଶଙ୍କୁ ଡ. ବି.ଆର୍. ଆମ୍ବେଡକର ଇନ୍‌ଷ୍ଟିଚ୍ୟୁଟ୍ ରୋଟାରି କ୍ୟାନ୍ସର ହସ୍ପିଟାଲରୁ ଗାଜିଆବାଦ ବାସଭବନକୁ ଗତ ୧୪ ତାରିଖରେ ନିଆଯାଇଥିଲା। ଶେଷରେ ତାଙ୍କଠାରୁ ଅମ୍ଳଜାନ ଓ ଅନ୍ୟ ଜୀବନରକ୍ଷକ ଉପକରଣ କାଢ଼ି ଦିଆଯାଇଥିଲା ଏବଂ ହରିଶ ଆଖି ବୁଜି ଦେଇଥିଲେ। ତାଙ୍କ ବାପା ଅଶୋକ ରାଣା ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଦେଇ କହିଛନ୍ତି, ପାସିଭ୍ ୟୁଥେନେସିଆ ହରିଶଙ୍କୁ ଯନ୍ତ୍ରଣାରୁ ମୁକ୍ତ କରିବା ସହ ତାଙ୍କ ସମ୍ମାନକୁ ପୁନଃ ଅବସ୍ଥାପିତ କରିବ।

## ଇରାନ ଯୁଦ୍ଧ ପାଇଁ...

ଉକ୍ତ ବୈଠକରେ ହେଗ୍‌ସେଥ୍ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଇସ୍ରାଏଲ୍ କୌଣସି ପ୍ରକାରେ ଇରାନ ବିରୋଧରେ ଯୁଦ୍ଧ କରିବାକୁ ଚାହୁଁଥିଲାବେଳେ ଆମେରିକାକୁ ସେଥିରେ ସମ୍ପୃକ୍ତ ହେବା ଲାଗି ନିଶ୍ଚିତ କରିଥିଲା ବୋଲି ଅନ୍ୟ କେତେକ ମତ ଦେଇଛନ୍ତି। ଇରାନ ଆଣବିକ ଅସ୍ତ୍ର ମୁତୟନ କରିପାରେ ବୋଲି କେତେକ କହିଥିଲେ। ତେବେ ଯୁଦ୍ଧ କିପରି ଆରମ୍ଭ ହେଲା ସେ ନେଇ ଟ୍ରମ୍ପ୍ ନିଜଆଡୁ ଏକ ନାଟକୀୟ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ସେ ହେଗ୍‌ସେଥ୍‌ଙ୍କୁ ଓ ଅନ୍ୟ ଅଧିକାରୀମାନଙ୍କୁ ଡାକିଥିଲେ। ଆମ ପାଇଁ ମଧ୍ୟପ୍ରାଚ୍ୟରେ ସମସ୍ୟା ସୃଷ୍ଟି ହୋଇଛି। ଆମେ ଏହାକୁ ଅଟକାଇପାରିବା ଏବଂ ମଧ୍ୟପ୍ରାଚ୍ୟ ଦିଗରେ ଅଗ୍ରସର ହୋଇ ବଡ଼ ସମସ୍ୟାର ଅନ୍ତ ଘଟାଇବା କି ବୋଲି ଟ୍ରମ୍ପ୍ ମତାମତ ଚାହିଁଥିଲେ। ହେଗ୍‌ସେଥ୍‌ଙ୍କୁ ଦୋଷ ଦେବା ପୂର୍ବରୁ ଟ୍ରମ୍ପ୍ କହିଥିଲେ, ଇରାନର ଜବାବୀ ଆକ୍ରମଣ ଉପସାଗରୀୟ ଅଞ୍ଚଳ ଅତିକ୍ରମ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ସେମାନଙ୍କ ଆକ୍ରମଣ ଆଶାତୀତ, ଯାହା କେହି କେବେ ଚିନ୍ତା କରି ନ ଥିଲେ ବୋଲି ଟ୍ରମ୍ପ୍ କହିଥିଲେ। ସେ ଆହୁରି କହିଥିଲେ, ପ୍ରଶାସନର ବାର୍ତ୍ତା ପ୍ରେରଣରେ ଯଦି କେହି ସ୍ଥାୟୀ ଭାବେ ଥାଏ, ସେ ହେଉଛନ୍ତି ହେଗ୍‌ସେଥ୍। ପ୍ରତିରକ୍ଷା ସଚିବଙ୍କୁ ପେଣ୍ଟାଗନ୍‌ର କେନ୍ଦ୍ର ଭାବେ ନିଆଯାଇଥିଲା। ଇରାନର ମିଶାଇଲ୍ କାର୍ଯ୍ୟକ୍ରମ, ଡ୍ରୋନ୍ ଉତ୍ପାଦନ ଏବଂ ନୌସେନା କ୍ଷମତାକୁ ଧ୍ୱଂସ କରିଦେବା ଲାଗି ଲକ୍ଷ୍ୟ ରଖାଯାଇଥିଲା ବୋଲି ଟ୍ରମ୍ପ୍ କହିଛନ୍ତି।

ସୂଚନାଯୋଗ୍ୟ, ଷ୍ଟ୍ରେଟ ଅଫ୍ ହର୍ମୁଜକୁ ୪୮ ଘଣ୍ଟା ମଧ୍ୟରେ ମୁକ୍ତ ନ କଲେ ଆମେରିକା ଇରାନ୍‌ର ସମସ୍ତ ପାୱାର ପ୍ଲାଣ୍ଟ ଉପରେ ଆକ୍ରମଣ କରିବ ବୋଲି ଟ୍ରମ୍ପ୍ ଧମକ ଦେବା ପରେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଇରାନ୍ ପାଲଟା ଧମକ ଦେଇଥିଲା। ଏହାଛଡ଼ା ଉପସାଗରୀୟ ଦେଶଗୁଡ଼ିକର ତୈଳ ଓ ଗ୍ୟାସ୍ ପ୍ରକଳ୍ପ ଉପରେ ଜୋରଦାର୍ ଆକ୍ରମଣ କରାଯିବା ସହ ସେହିସବୁ ଦେଶର ୱାଟର୍ ଡିସାଲାଇନେଶନ ପ୍ଲାଣ୍ଟ ଉପରେ ଆକ୍ରମଣ କରି ପାନୀୟଜଳ ଯୋଗାଣ ବନ୍ଦ କରିଦେବାକୁ ତେହେରନ୍ ଚେତାବନୀ ଦେଇଥିଲା। ଏହାଛଡ଼ା ଉପସାଗରୀୟ ଦେଶଗୁଡ଼ିକରେ ମାଇନ୍ସ ଲଗାଇ ଆକ୍ରମଣ କରାଯିବ ବୋଲି ଇରାନ୍ କହିଥିଲା। ଯୁଦ୍ଧ ସ୍ଥିତି ଆହୁରି ଭୟଙ୍କର ରୂପ ନେବା ଆଶଙ୍କା ବଢ଼ିଥିଲାବେଳେ ମହଲତ ଶେଷ ହେବାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ୍ ସୋମବାର ଯୁଦ୍ଧବିରତି ଘୋଷଣା କରିଥିଲେ।

# ରାଜ୍ୟ ଅର୍ଥନୀତିରେ ମଧ୍ୟପ୍ରାଚ୍ୟ ବିବାଦ ପ୍ରଭାବ

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ



ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ବିବାଦ ଏବଂ ଏହାର ପ୍ରଭାବ ରାଜ୍ୟ ଅର୍ଥନୀତି ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ସମୀକ୍ଷା କରିଛନ୍ତି। ଏନେଇ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଭାରତ, ବିଶେଷକରି ଓଡ଼ିଶା ଉପରେ ଏହି ବିବାଦର ସାମଗ୍ରିକ ଅର୍ଥନୈତିକ ଏବଂ କ୍ଷେତ୍ରଭିତ୍ତିକ ପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମଧ୍ୟ ପ୍ରାଚ୍ୟ ଅଞ୍ଚଳରେ ଜାରି ରହିଥିବା ସଂଘର୍ଷ ଦୀର୍ଘସ୍ଥାୟୀ ହେଲେ ଅଶୋଧିତ ତୈଳ ଦର ବୃଦ୍ଧି, ଯୋଗାଣ ଶୃଙ୍ଖଳାର ବିଶୃଙ୍ଖଳା, ପରିବହନ ଓ ବୀମା ଖର୍ଚ୍ଚ ବୃଦ୍ଧି, ଏବଂ ମୁଦ୍ରା ମୂଲ୍ୟହ୍ରାସ ହେବାର ସମ୍ଭାବନା ରହିଛି, ଯାହା ପରିଣାମରେ ମୂଲ୍ୟସ୍ଫୀତି, କରେଣ୍ଟ ଏକାଉଣ୍ଟ ଡେଫିସିଟ ଓ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧି ଉପରେ ପର୍ଯ୍ୟାୟକ୍ରମେ ପ୍ରଭାବ ପକାଇପାରେ ବୋଲି ଆଶଙ୍କା କରାଯାଇଛି। ରାଜ୍ୟର ରପ୍ତାନିର ଏକ ବଡ଼ ଅଂଶ ପଶ୍ଚିମ ଏସିଆ ମାର୍କେଟ ସହିତ ସଂପୃକ୍ତ ଥିବାରୁ ରାଜ୍ୟର ସମୁଦ୍ର ଉତ୍ପାଦ ରପ୍ତାନି, କୃଷି ଉତ୍ପାଦ, ପ୍ରକ୍ରିୟାକୃତ ଖଣିଜ, ରାସାୟନିକ ଓ ସମ୍ପର୍କିତ ଶିଳ୍ପଉପରେ କିପରି ପ୍ରଭାବ ପକାଇବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିଳ୍ପକ୍ଷେତ୍ରରେ କଞ୍ଚା ମାଲର ଅଭାବ ଏବଂ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ହେବାର ସମ୍ଭାବନା ରହିଛି। ପଶ୍ଚିମ ଏସୀୟ ଦେଶଗୁଡ଼ିକରୁ ଚାହିଦା ହ୍ରାସ ପାଇବା ହେତୁ ମତ୍ସ୍ୟ ସମ୍ପଦ କ୍ଷେତ୍ର ମଧ୍ୟ ଚାପର ସମ୍ମୁଖୀନ ହେବାର ସଙ୍କେତ ଦେଖାଦେଇଛି। ଶକ୍ତି ଏବଂ ସାର ଖର୍ଚ୍ଚ ବୃଦ୍ଧି ପାଇବା ଫଳରେ ଏହାର ପ୍ରଭାବ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ପଡ଼ିବାର ସମ୍ଭାବନା ରହିଛି। ତେଣୁ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା, ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା, ରପ୍ତାନି ସୁବିଧା ଏବଂ ରପ୍ତାନିକାରୀଙ୍କ ପାଇଁ ସଂକଟ ହ୍ରାସ କରିବା ଦିଗରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା। ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଶୃଙ୍ଖଳରେ ସ୍ଥିରତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ସଂପୃକ୍ତ ବିଭାଗ ଏବଂ ପ୍ରବର୍ତ୍ତନକାରୀ ସଂସ୍ଥା ଗୁଡ଼ିକ ଏହି ପଦକ୍ଷେପଗୁଡ଼ିକୁ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଗର୍ଗ ବିଭିନ୍ନ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନଗୁଡ଼ିକୁ ତୀକ୍ଷ୍ଣ ନଜର ରଖିବା, ସଠିକ ସମୟରେ ନୀତିଗତ ପଦକ୍ଷେପ ଗ୍ରହଣ କରିବା ଏବଂ ସଂକଟ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଓ ଯୋଗାଣ ବ୍ୟବସ୍ଥା ସନ୍ଧାନ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏନଜି ବିତରଣ ବ୍ୟବସ୍ଥାର ଶୀଘ୍ର କାର୍ଯ୍ୟକାରିତା, ଭବିଷ୍ୟତର ଆବଶ୍ୟକତା ପୂରଣ ପାଇଁ ବନ୍ଦରଗୁଡ଼ିକରେ ଅଧିକ ଏଲଏନଜି ଟର୍ମିନାଲ ପ୍ରତିଷ୍ଠା ଏବଂ ଏଲପିଜି ଓ ଅନ୍ୟାନ୍ୟ ପେଟ୍ରୋଲିୟମ ପଦାର୍ଥ ଉପରେ ନିର୍ଭରଶୀଳତା କମାଇବା ପାଇଁ କୋଇଲା ଉତ୍ପାଦନ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗକୁ ଜିଲାଗୁଡ଼ିକରେ ୟୁରିଆ ଏବଂ ଏନପିକେ ସାରର ଉପଲବ୍ଧତା ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ କେନ୍ଦ୍ରଠାରୁ ଅଧିକ ସାର ବରାଦ ପାଇଁ ଅନୁରୋଧ କରିବା ସହ ଜୈବିକ ଏବଂ ବାୟୋ-ଫର୍ଟିଲାଇଜର ଭଳି ବିକଳ୍ପ ସନ୍ଧାନ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ରାଜ୍ୟର ସମସ୍ତ ଏଲପିଜି ଡିଲର ଷ୍ଟେଶନ ଏବଂ ପେଟ୍ରୋଲ ପମ୍ପଗୁଡ଼ିକରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଦ୍ୟୁତିକ ଯାନ ବ୍ୟବହାର ବୃଦ୍ଧି ତଥା ଚାର୍ଜିଂ ଭିତ୍ତିଭୂମି ସୁବିଧା ଉପଲବ୍ଧ କରାଇବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ, ଶିଳ୍ପ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଏମ୍‌ଏସ୍‌ଏମ୍‌ଇ ବିଭାଗ କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଜିନ୍ଦଲ ଷ୍ଟିଲ୍ ଅନୁଗୋଳ ପ୍ଲାଣ୍ଟର କ୍ଷମତା ବୃଦ୍ଧି

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ ଓଡ଼ିଶାର ଅନୁଗୋଳ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ କମ୍ପ୍ଲେକ୍ସରେ ୬ଏମ୍‌ଟିପିଏ ବିସ୍ତାର ସମ୍ପୂର୍ଣ୍ଣ କରିଛି। ତୃତୀୟ ବେସିକ୍ ଅକ୍ସିଜେନ ଫର୍ନେସ (ବିଓଏଫ୍-୩) କମିଶନିଂ କରିବା ସହ ପ୍ଲାଣ୍ଟର ମୋଟ କ୍ରୁଡ୍ ଷ୍ଟିଲ୍ କ୍ଷମତା ୧୨ ଏମ୍‌ଟିପିଏ ହୋଇଛି। ଏହା ଫଳରେ ଅନୁଗୋଳ ପ୍ଲାଣ୍ଟ ଭାରତର ସର୍ବବୃହତ୍ତମ ଏକକ ସ୍ଥାନର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ କମ୍ପ୍ଲେକ୍ସ ମଧ୍ୟରେ ସ୍ଥାନ ପାଇଛି। ଏହି ସମ୍ପ୍ରସାରଣ ସହ ବିଓଏଫ୍-୨ ଏବଂ ବିଓଏଫ୍-୩ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏଥିସହ କୋକ୍ ଓଭନ, ସିଆର୍‌ଏମ୍ କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ଉପରି ଓ ନିମ୍ନ ଧାରାର ସୁବିଧା ମଧ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହି ସମ୍ପ୍ରସାରଣ ପରେ ଜିନ୍ଦଲ ଷ୍ଟିଲ୍‌ର ସମଗ୍ର କ୍ରୁଡ୍ ଷ୍ଟିଲ୍ କ୍ଷମତା ୧୫.୬ ଏମ୍‌ଟିପିଏ ହୋଇଛି। ଏହି ନୂତନ କ୍ଷମତା ଅଧିକ ଉତ୍ପାଦନ ଓ କ୍ଷମତା ବ୍ୟବହାର ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

# ସମ୍ବଲପୁରରେ ଆଦିତ୍ୟ ଆଲୁମିନିୟମ ଲପଙ୍ଗା ସମ୍ମାନିତ



ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକ୍‌ର ଯକ୍ଷ୍ମାରୋଗୀଙ୍କୁ ନିରନ୍ତର ସହାୟତା ପ୍ରଦାନ କରିଥିବାରୁ ଆଦିତ୍ୟ ଆଲୁମିନିୟମ ଲପଙ୍ଗାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସମ୍ବଲପୁର ଦ୍ୱାରା ସମ୍ମାନିତ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି, ସମ୍ବଲପୁର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ପ୍ରଦୀପ କୁମାର ହୋତା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମଟି ଜିଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁରରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଆଦିତ୍ୟ ଆଲୁମିନିୟମ ଲପଙ୍ଗାର ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ ଏହି ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ରେଙ୍ଗାଲି ବ୍ଲକ୍‌ର ଯକ୍ଷ୍ମା ରୋଗୀଙ୍କ ପାଇଁ ନିରନ୍ତର ସମର୍ପଣ ଏବଂ ଜାତୀୟ ସ୍ତରରେ ଟିବିମୁକ୍ତ ଭାରତ ଗଠନରେ ଯୋଗଦାନ ପାଇଁ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା।

# ମହିଳା ପତଞ୍ଜଳି ଯୋଗ ସମିତିର ପ୍ରଥମ ବାର୍ଷିକୋତ୍ସବ



ନବରଙ୍ଗପୁର,୨୪।୩
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଦ୍ୱାରିକାନଗରସ୍ଥିତ ମହିଳା ପତଞ୍ଜଳି ଯୋଗ ସମିତିର ପ୍ରଥମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଛି। ନବରଙ୍ଗପୁର ଜିଲାର ଲାୟନ୍ସ କ୍ଲବ୍ ସଭାପତି ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପୌରାଧ୍ୟକ୍ଷ କୁନୁ ନାୟକ, ମହିଳା ପତଞ୍ଜଳି ଯୋଗ ସମିତିର ସହ ରାଜ୍ୟ ପ୍ରଭାରୀ ଜାନକୀ ପାଣିଗ୍ରାହୀ, ପତଞ୍ଜଳିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ରଞ୍ଜନ ପାଣିଗ୍ରାହୀ, ନବରଙ୍ଗପୁର ଜିଲା ପ୍ରଭାରୀ କୈଳାସ ପାଣିଗ୍ରାହୀ, ପଞ୍ଚାନନ ପଣ୍ଡା ଓ ମିନାକ୍ଷୀ ପାଢ଼ୀ ମଞ୍ଚାସୀନ ଥିଲେ। ଜାହ୍ନବୀ ପଣ୍ଡା ଯୋଗର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଯୋଗର ଉପାଦେୟତା ସମ୍ପର୍କରେ ମତ ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତି ସଭା ପରିଚାଳନା କରିଥିଲେ। ଭବାନୀ ଦାଶ ଯୋଗ କେନ୍ଦ୍ରର ମୌଳିକ ଆବଶ୍ୟକତା ନେଇ ଦାବି ଉପସ୍ଥାପନ କରିଥିଲେ। ଶ୍ରେଷ୍ଠ ଯୋଗ ସାଧିକାଭାବେ ସନ୍ତୋଷୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କେନ୍ଦ୍ରାପଡ଼ାରେ ଟିପିସିଓଡିଏଲ୍‌ର ନୂଆ ବୈଦ୍ୟୁତିକ ସବ୍‌ଷ୍ଟୋର

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)



ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କେନ୍ଦ୍ରାପଡ଼ାଠାରେ ଏକ ନୂତନ ବୈଦ୍ୟୁତିକ ସବ୍‌ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ନିଜର ସେବା ଯୋଗାଣ ଅଞ୍ଚଳରେ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇଦେବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସବ୍ ଷ୍ଟୋରକୁ ଟିପିସିଓଡିଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ ଉଦ୍‌ଘାଟନ କରିଥିଲେ। ପାରାଦୀପ ସର୍କଲର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହି କେନ୍ଦ୍ରାପଡ଼ା ବୈଦ୍ୟୁତିକ ସବ୍‌ଷ୍ଟୋରକୁ ପ୍ରତିଷ୍ଠା କରାଯାଇଛି। ବାତ୍ୟା, ଝଡ଼ ଏବଂ କାଳବୈଶାଖୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଜରୁରୀ ପରିସ୍ଥିତିରେ ବିଦ୍ୟୁତ୍ ସେବାକୁ ତୁରନ୍ତ ସ୍ୱାଭାବିକ କରିବାରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ। ଅତି କମ୍ ସମୟ ମଧ୍ୟରେ ୫୦ ରୁ ୬୦ଟି ଟ୍ରାନ୍ସଫର୍ମର ସ୍ଥାନାନ୍ତର କରିବା କିମ୍ବା ବଦଳାଇବା କ୍ଷମତା ଏହି ଷ୍ଟୋରର ରହିଛି, ଯାହାଦ୍ୱାରା ବିଦ୍ୟୁତ୍ କାଟ୍ ଅବଧି ହ୍ରାସ ପାଇବ ଏବଂ ଉପଭୋକ୍ତାଙ୍କ ସମସ୍ୟାର ଦ୍ରୁତ ସମାଧାନ କରାଯାଇପାରିବ ବୋଲି ଆଶା କରାଯାଉଛି। ଏହି ନୂତନ ପଦକ୍ଷେପ ଦ୍ୱାରା ବିଦ୍ୟୁତ୍ ସେବା ପରିଚାଳନା କ୍ଷେତ୍ରରେ ଅଧିକ ଦକ୍ଷତା ଆସିବ ଏବଂ ବୈଦ୍ୟୁତିକ ସରଞ୍ଜାମଗୁଡ଼ିକର ରକ୍ଷଣାବେକ୍ଷଣ ସହଜ ହେବ।

# ଭିମ୍ ଆପ୍‌ରେ ବାୟୋମେଟ୍ରିକ୍ ପ୍ରମାଣୀକରଣର ଶୁଭାରମ୍ଭ

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ସହାୟକ ସଂସ୍ଥା ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସ୍‌ଏଲ୍) ପକ୍ଷରୁ ଭିମ୍ ପେମେଣ୍ଟ ଆପ୍‌ରେ ୟୁପିଆଇ ପେମେଣ୍ଟ ପାଇଁ ବାୟୋମେଟ୍ରିକ ପ୍ରମାଣୀକରଣର ଶୁଭାରମ୍ଭ କରାଯାଇଛି। ଏହି ନୂଆ ସୁବିଧାରେ ଗ୍ରାହକମାନେ ସେମାନଙ୍କ ସ୍ମାର୍ଟଫୋନ୍‌ର ଫିଙ୍ଗରପ୍ରିଣ୍ଟ ଓ ଫେସିଆଲ ରେକଗ୍ନିସନକୁ ବ୍ୟବହାରକରି ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏହା ଦୈନନ୍ଦିନ ପେମେଣ୍ଟକୁ ଶୀଘ୍ର, ସରଳ ଓ ଅଧିକ ସୁରକ୍ଷିତ କରିପାରିଛି। ଏହି ସୁବିଧା ଏବେ ଆଇଓଏସ୍ ଓ ଆଣ୍ଡ୍ରଏଡ୍ ଡିଭାଇସ୍‌ରେ ଉପଲବ୍ଧ ହୋଇଛି। ଏହି ସୁବିଧାର ଶୁଭାରମ୍ଭ କରାଯାଇଥିବାରୁ ପ୍ରତିଥର ୟୁପିଆଇ ପେମେଣ୍ଟ ବେଳେ ପିନ୍ ଦାଖଲ କରିବାକୁ ପଡ଼ିବନାହିଁ। ଏନ୍‌ବିଏସ୍‌ଏଲ୍‌ର ଏମ୍‌ଡି ଓ ସିଇଓ ଲଳିତା ନଟରାଜ କହିଛନ୍ତି, ଭିମ୍ ପେମେଣ୍ଟସ ଆପ୍ ସର୍ବଦା ପ୍ରତିଟି ଭାରତୀୟଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସରଳ, ସୁରକ୍ଷିତ ଓ ସୁବିଧାରେ ପହଞ୍ଚାଇବା ଉପରେ ଧ୍ୟାନ ଦେଉଛି। ବାୟୋମେଟ୍ରିକ୍ ପ୍ରମାଣୀକରଣ ସହ ଆମେ ନିତିଦିନିଆ ପେମେଣ୍ଟକୁ ସୁବିଧାଜନକ କରିଥିବା ବେଳେ ତାହା ମଞ୍ଜୁର ହେଉଥିବା ପ୍ରକ୍ରିୟାରେ ବିଶ୍ୱାସକୁ ବଢ଼ାଇଛୁ।

# ଦିଶା କଲେଜର ୧୮ତମ ବାର୍ଷିକ ଉତ୍ସବ 'ତ୍ରିଫ୍ଟ'

ଭୁବନେଶ୍ୱର,୨୪।୩(ଅନୁରାଧା ମହାରଣା)

ବ୍ରହ୍ମପୁରସ୍ଥିତ ଦିଶା କଲେଜ ଅଫ୍ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି ଆଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସିଂର ୧୮ତମ ବାର୍ଷିକ ଉତ୍ସବ ତ୍ରିଫ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦଠାରେ ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ରବିନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନର୍ସିଂ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ଆଲୋକପାତକରି କହିଥିଲେ, ବର୍ତ୍ତମାନର ନର୍ସିଂ ଛାତ୍ରୀଛାତ୍ର ଆଗକୁ ସ୍ୱାସ୍ଥ୍ୟକର୍ମୀ ହେବା ସହ ସମାଜରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ପାର୍ଥସାରଥି ଚୌଧୁରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେୟାରମ୍ୟାନ ସୁଶାନ୍ତ ପାଲୋ, ସେକ୍ରେଟାରି ଦିନେଶ ମିଶ୍ର, ଟ୍ରଷ୍ଟି ଅରୁଣ ସାବତ, ସୁରେଶ ପାଣି, ଶେଖ୍ ଇଲିଆସ୍ ଏବଂ ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୌରଭ ରଞ୍ଜନ ମିଶ୍ରଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବି. ରାମାୟା, ଅର୍ପିତା ପାତ୍ର ଏବଂ ଟି. ଶକ୍ତି ଦୋରାଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଅଫ୍ ନର୍ସିଂ ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ




ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ 'ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ପ୍ରାଦୌଗିକ ପରିବର୍ତ୍ତନର ଭବିଷ୍ୟତ ଧାରଣା' ସମ୍ପର୍କିତ ଏକ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମାଳିନୀ ଅବସ୍ଥି ମୁଖ୍ୟ ଅତିଥି ରୂପେ ଏବଂ ଡ. ବିଦ୍ୟାବିନ୍ଦୁ ସିଂ ଓ ଡ. ଛବିଳ କୁମାର ମେହେର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀକୁ ସମ୍ବୋଧିତକରି ମାଳିନୀ କହିଥିଲେ, ଭାଷା ହେଉଛି ସଂସ୍କୃତିର ବାହକ ଏବଂ ଏହା ବିଭିନ୍ନ ସଂସ୍କୃତିକୁ ଏକତ୍ର କରିବାର କ୍ଷମତା ରଖିଥାଏ। ଇଣ୍ଡିଆନ୍ ବ୍ୟାଙ୍କ ରାଜଭାଷାର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ବିଜ୍ଞାପନ ଓ ବ୍ୟବସାୟ ପାଇଁ ରାଜଭାଷା ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ବିଦ୍ୟାବିନ୍ଦୁ କହିଥିଲେ। ସ୍ୱଭାଷା ସହ ଦେଶର ଅନ୍ୟ ଭାଷାଗୁଡ଼ିକର ମଧ୍ୟ ପ୍ରାଧାନ୍ୟ ରହିଥିବା ବ୍ରଜେଶ କୁମାର ସିଂ କହିଥିଲେ। ଭି.ଏନ୍. ମାୟା ଇଣ୍ଡିଆନ୍ ବ୍ୟାଙ୍କର ଲକ୍ଷ୍ୟ କେବଳ ଆର୍ଥିକ ସେବା ଦେବା ନୁହେଁ ବରଂ ଗ୍ରାହକଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା ବୋଲି ପ୍ରକାଶ କରିଥିଲେ। ଆଇଟି ସାଧନ ହିନ୍ଦୀକୁ ସହଜ ଓ ଦ୍ରୁତ କରିଛି ବୋଲି ସୁଧୀର କୁମାର ଗୁପ୍ତା କହିଥିଲେ। ସମ୍ମିଳନୀରେ ହିନ୍ଦୀ ପ୍ରବନ୍ଧ ପ୍ରତିଯୋଗିତାର ବିଜେତା ଓ ରାଜଭାଷାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ରାଜେଶ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନୂତନ ଶାଖା ଶୁଭାରମ୍ଭ

ବୋରିଗୁମ୍ମା,୨୪।୩ (ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନୂତନ ଶାଖା ଶୁଭାରମ୍ଭ ହୋଇଯାଇଛି। ଏହାକୁ ଡେପୁଟି ଜୋନାଲ ମ୍ୟାନେଜର ଓ ଭୁବନେଶ୍ୱର କ୍ଷେତ୍ରବାସୀ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏଥିରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ କୁମାର ବଇରୀ ଗଞ୍ଜନ, ବୋରିଗୁମ୍ମା ବଣିକ ସଂଘ ସଭାପତି ସୂର୍ଯ୍ୟନାରାୟଣ ଆଚାରୀ, ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ ଯୋଗଦେଇଥିଲେ। ଗ୍ରାହକଙ୍କୁ ଭଲ ସେବା ଯୋଗାଇବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମୂଳ ଲକ୍ଷ୍ୟ ବୋଲି ଅତିଥି କହିଥିଲେ। ବୋରିଗୁମ୍ମା ଏହି ଶାଖା ଓଡ଼ିଶାର ୩୬୧ତମ ଶାଖା। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଛୋଟ ବ୍ୟବସାୟୀଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ ଋଣ, ଚାଷୀ, ଛାତ୍ରୀଛାତ୍ରଙ୍କୁ ଋଣ ପ୍ରଦାନ କରେ ବୋଲି ଡେପୁଟି ଜୋନାଲ ମ୍ୟାନେଜର କହିଥିଲେ। ବୋରିଗୁମ୍ମା ଶାଖା ପରିଚାଳକ ଦେବେନ୍ଦ୍ର କୁମାର ନାୟକ, କର୍ମଚାରୀ ଦେବେନ୍ଦ୍ର ଦୀପ କାର୍ଯକ୍ରମ ପରିଚାଳନା କରିଥିଲେ।

# ଆର୍‌ସିଇଏମ୍‌ରେ ୩୩ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)

ମଞ୍ଚେଶ୍ୱରସ୍ଥିତ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍)ରେ ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଉପଲକ୍ଷେ ଅନୁଷ୍ଠାନରେ ୩ଦିନ ଧରି ରକ୍ତଦାନ ଶିବିର, ସ୍ନାତକ ଦିବସ ଓ ପୁରାତନ ଛାତ୍ର ସମ୍ମିଳନୀ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋଲାର ଏନର୍ଜି କର୍ପୋରେଶନ ଅଫ୍ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ରାକେଶ କୁମାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ଡିପାର୍ଟମେଣ୍ଟର ପୂର୍ବତନ ପ୍ରଫେସର ନିର୍ମଳ ଚନ୍ଦ୍ର କର ଯୋଗଦେଇ ସମୟାନୁବର୍ତ୍ତିତା ସହିତ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣା ଦେଇଥିଲେ। ପ୍ରଫେସର ଶକ୍ତି ରଂଜନ ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ ଡ. ତପନ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରଙ୍କୁ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ପୁରସ୍କାର ତଥା ଅନୁଷ୍ଠାନରେ ଅନୁଷ୍ଠିତ ହୋଇଥିବା ଟାଲେଣ୍ଟ ଫେଷ୍ଟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସର୍ବଶେଷରେ ଡିନ୍ ଡ. ମାନସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସେକ୍ରେଟାରି ସୁରେଶ କୁମାର ସାମଲ, ଡ. ଅମ୍ରିତା ରାଉତ, ଡ. ପ୍ରଜ୍ଞାପାରମିତା, ବିଭୁପ୍ରସାଦ ମିଶ୍ର, ସସ୍ମିତା ସାହୁ ଓ ଶିତିକାନ୍ତ ପରିଡ଼ା, ଲାଇବ୍ରେରିଆନ ରଶ୍ମି ବେହେରା ଓ ଅରୁଣ କୁମାର ସାମଲ, ଭୂପତି ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିର ଓ ସେମିନାରରେ ଲାୟନ୍ସ କ୍ଲବ୍‌ର ଡିଜି. ଡ. ଜି. ହେମନ୍ତ ଖୁଣ୍ଟିଆ ଯୋଗଦେଇଥିଲେ।

# 'ରିଫର୍ମ ଏକ୍ସପ୍ରେସ୍' ଅଧୀନରେ ୫ ସୁଧାର ଆଣିଲା ଭାରତୀୟ ରେଳ

ଭୁବନେଶ୍ୱର,୨୪।୩
(ଅନୁରାଧା ମହାରଣା)




- ମାଲ ପରିବହନ, ନିର୍ମାଣ ଓ ଯାତ୍ରୀ ସୁବିଧା ଉପରେ ଫୋକସ୍
- ଲବଣ ପରିବହନରେ ବଡ଼ ସୁଧାର
- ଅଟୋମୋବାଇଲ ପରିବହନରେ ନୂଆ ନୀତି

ଭାରତୀୟ ରେଳପଥ ପକ୍ଷରୁ 'ରିଫର୍ମ ଏକ୍ସପ୍ରେସ୍' ଅଧୀନରେ ୫ଟି ନୂତନ ସୁଧାର ଅନୁମୋଦନ କରାଯାଇଛି। ଏହା ସହିତ ଚଳିତ ବର୍ଷର ମୋଟ ସୁଧାର ସଂଖ୍ୟା ୯କୁ ପହଞ୍ଚିଛି। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଘୋଷଣା କରିଛନ୍ତି। ଏହି ୫ଟି ସୁଧାର ମଧ୍ୟରୁ ଦୁଇଟି ମାଲ ପରିବହନ, ଗୋଟିଏ ନିର୍ମାଣ କ୍ଷେତ୍ର ଏବଂ ଦୁଇଟି ଯାତ୍ରୀ ସୁବିଧା ସହ ଜଡ଼ିତ ଅଛି। ଲବଣ ପରିବହନ କ୍ଷେତ୍ରରେ ଏକ ବଡ଼ ସୁଧାର ଆଣି ରେଳବାଇ କ୍ଷୟ-ପ୍ରତିରୋଧୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ କଣ୍ଟେନର ପ୍ରସ୍ତୁତ କରିଛି। ଏହି କଣ୍ଟେନର ଉପର ପାର୍ଶ୍ୱରୁ ଲୋଡ଼ିଂ ଏବଂ ହାଇଡ୍ରୋଲିକ ସାଇଡ୍ ଡିସ୍‌ଚାର୍ଜ ବ୍ୟବସ୍ଥା ସହିତ ରହିଛି, ଯାହା ଲବଣ ଉତ୍ପାଦନ ସ୍ଥଳରୁ ସିଧା ଲୋଡ଼ିଂ କରିବାକୁ ସୁବିଧା ଦେବ ଏବଂ ଗନ୍ତବ୍ୟ ସ୍ଥାନରେ ଟ୍ରକ୍‌ରେ ସହଜରେ ଖାଲି କରିବାକୁ ସହଜ କରିବ। ଏହା ହ୍ୟାଣ୍ଡଲିଂ କ୍ଷତି କମାଇବ ଏବଂ ମଲ୍ଟିମୋଡାଲ ପରିବହନକୁ ପ୍ରୋତ୍ସାହିତ କରିବ। ଅଟୋମୋବାଇଲ ପରିବହନ କ୍ଷେତ୍ରରେ ଉଦ୍ୟୋଗପତିମାନଙ୍କୁ ବିଶେଷ ଡିଜାଇନ କରିବାକୁ ଅନୁମତି ଦିଆଯାଇଛି। ଉତ୍ପାଦନ କେନ୍ଦ୍ର ଓ ଗନ୍ତବ୍ୟ ସ୍ଥାନ ଅନୁଯାୟୀ ଉଚ୍ଚ କ୍ଷମତାସମ୍ପନ୍ନ ୱାଗନ ଡିଜାଇନ କରିପାରିବେ ଉଦ୍ୟୋଗୀମାନେ, ଯାହା ରେଳ ମାଧ୍ୟମରେ ଅଟୋମୋବାଇଲ ପରିବହନର ଅଂଶ ବଢ଼ାଇବ ବୋଲି ଆଶା କରାଯାଉଛି। ରେଳ ପ୍ରକଳ୍ପର ନିର୍ମାଣ ଗୁଣବତ୍ତା ଏବଂ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରିତା ପାଇଁ ୭ଟି ମୁଖ୍ୟ ପରିବର୍ତ୍ତନ ଅଣାଯାଇଛି। ଏଥିରେ ଠିକାଦାର ଯୋଗ୍ୟତା ମାନଦଣ୍ଡ କଠୋର କରାଯାଇଛି। ବିଡ୍ ସିକ୍ୟୁରିଟି ୨% ନିର୍ଦ୍ଧାରଣ କରାଯାଇଛି, ସବ୍-କଣ୍ଟ୍ରାକ୍ଟିଂ ସୀମା ୭୦%ରୁ କମାଇ ୪୦% କରାଯାଇଛି। ଅଯଥା କମ୍ ଦରରେ ବିଡ୍ ଦେବା ବିରୋଧରେ ଅତିରିକ୍ତ ପରଫର୍ମାନ୍ସ ଗ୍ୟାରେଣ୍ଟି ବ୍ୟବସ୍ଥା ଅଣାଯାଇଛି। ଯାତ୍ରୀ ସୁବିଧା କ୍ଷେତ୍ରରେ ଦୁଇଟି ବଡ଼ ସୁଧାର କରାଯାଇଛି। ଯାତ୍ରୀମାନେ ଏବେ ଯେକୌଣସି ଷ୍ଟେଶନର କାଉଣ୍ଟରରେ ଟିକେଟ କ୍ୟାନ୍‌ସଲ କରିପାରିବେ ଏବଂ ଇ-ଟିକେଟ ପାଇଁ ଟିକେଟ ଡିପୋଜିଟ ରସିଦ ଆବଶ୍ୟକତା ଉଠାଯାଇଛି। ରିଫଣ୍ଡ ସ୍ୱତଃ ପ୍ରକ୍ରିୟା ହେବ ଏବଂ ଟ୍ରେନ ଛାଡ଼ିବା ପୂର୍ବରୁ ୩୦ ମିନିଟ୍ ପର୍ଯ୍ୟନ୍ତ କ୍ଲାସ୍ ଅପ୍‌ଗ୍ରେଡ୍ କରିପାରିବେ। ଏହା ସହ ଟ୍ରେନ ଷ୍ଟେଶନରୁ ଛାଡ଼ିବା ପୂର୍ବରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଯାତ୍ରୀ ଡିଜିଟାଲ ଭାବେ ବୋର୍ଡିଂ ଷ୍ଟେଶନ ପରିବର୍ତ୍ତନ କରିପାରିବେ ଏବଂ ନିଜର କନଫର୍ମ ସିଟ ସୁରକ୍ଷିତ ରଖିପାରିବେ। ଏହି ସମସ୍ତ ସୁଧାର ରେଳ ପରିବହନ ଦକ୍ଷତା ବୃଦ୍ଧି ଓ ଯାତ୍ରୀ ସୁବିଧା ଉନ୍ନତିରେ ନୂଆ ଗତି ଆଣିବ ବୋଲି ମନ୍ତ୍ରୀ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠାରୁ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ

**ରାଇପୁର,୨୪।୩(ପି.ଟି.)**

ଛତିଶଗଡ଼ର ରାଇପୁର, ଜଗଦଲପୁର, ସରଗୁଜା ଆଦି ୩ ଭେନ୍ୟୁରେ ବୁଧବାରଠାରୁ ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ଆରମ୍ଭ ହେବ। ୯ ଇଭେଣ୍ଟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପାଖାପାଖି ୧୩୦୦ ଆଥଲେଟ୍ସ ଭାଗ ନେବେ। ପ୍ରତିଯୋଗିତାରେ ଭାଗ ନେଉଥିବା ୩୦ ରାଜ୍ୟ ମଧ୍ୟରେ ଓଡ଼ିଶାରୁ ସର୍ବାଧିକ ୧୨୫ ଆଥଲେଟ୍ସ ରହିଛନ୍ତି। ଛତିଶଗଡ଼ର ୧୨୧, ଝାଡ଼ଖଣ୍ଡର ୧୦୭ ଓ ଆସାମର ୧୦୬ ଆଥଲେଟ୍ ଭାଗ ନେବେ। ଆର୍ଚରୀ, ଆଥଲେଟିକ୍ସ, ଫୁଟବଲ, ହକି, ସ୍ୱିମିଂ, ୱେଟଲିଫ୍ଟିଂ ଓ ରେସଲିଂ ଆଦି ଇଭେଣ୍ଟରେ ପଦକ ପ୍ରଦାନ କରାଯିବ। ମାଲଖମ୍ବ ଓ କବାଡି ଭଳି ପାରମ୍ପରିକ କ୍ରୀଡ଼ାକୁ ପ୍ରଦର୍ଶନୀ କ୍ରୀଡ଼ା ଭାବେ ସାମିଲ କରାଯାଇଛି। ଏପ୍ରିଲ ୩ ତାରିଖରେ ଶେଷ ହେବାକୁ ଥିବା ଇଭେଣ୍ଟରେ କୋଚ୍ ଓ ଅଫିସିଆଲ୍ସଙ୍କୁ ମିଶାଇ ପ୍ରାୟ ୩୮୦୦ ଅଂଶଗ୍ରହଣ କରିବେ।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Wanted Software Engineer Bride for handsome Brahmin Boy 1997, 6'2", B.Tech, serving MNC Hyderabad "SUNASANSAR". 9937512659. D-3739

## GROOM WANTED

Wanted Service groom for beautiful Teli girl 1986, 5'5", Serving Manager reputed Hotel Bhubaneswar. 9078226280, "SUNASANSAR". 9937512659. D-3740


## REAL ESTATE SALE

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

Land (10000sqft. and 8500sqft.) for sale in Tamando area. Contact- 9861336970/ 9861304988. D-3728

ଜମି ବିକ୍ରି: ଭୁବନେଶ୍ୱରସ୍ଥିତ ଥାନା- ଚନ୍ଦକା, ମୌଜା- ଗିରିଙ୍ଗାପୁଟ ଅଞ୍ଚଳରେ ଥିବା ୩୯୦ ଡେସିମିଲ ଏବଂ ୧୯୦ ଡେସିମିଲ ସ୍ଥିତିବାନ୍ ଘରୋଇ ଜମି ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ୯୯୩୮୩୧୫୨୫୩ରେ ଯୋଗାଯୋଗ କରନ୍ତୁ। ଧ-୩୭୨୨




All types of physiotherapy and massage contact 9556924059 / 7656969134. D-3668

## AFFIDAVIT

ମୁଁ, ଶ୍ରୀମତୀ ନୟନା ସେଠୀ, ସ୍ୱାମୀ- ଭୋବନି ସେଠୀ, ସା/ପୋ.ଅ.- ଭାପୁର, ଥାନା- ଫତେଗଡ଼, ଜିଲ୍ଲା- ନୟାଗଡ଼ ଶପଥପାଠ ପୂର୍ବକ ଜଣାଉ ଅଛି କି, ମୋର ଝିଅର ନାମ ସଂଘମିତା ସେଠୀ ଜନ୍ମ ପଞ୍ଜୀକୃତ ଅନୁସାରେ ରେଜେଷ୍ଟ୍ରୀକରଣ ନଂ.- ୧୩୦/୨୦୧୧ ତା.୨୮.୦୨.୨୦୨୩ ଅଟେ। କିନ୍ତୁ ଆଧାର କାର୍ଡ ନଂ.- xxxx xxxx ୦୮୯୪ରେ ଡାକନାମ ମାନସୀ ସେଠୀ ଉଲ୍ଲିଖିତ ହୋଇଅଛି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଅଛୁ। ଏଣୁ ଆଧାରକାର୍ଡରେ ମାନସୀ ସେଠୀ ବଦଳରେ ସଂଶୋଧନ କରାଯାଇ ସ୍ୱାତୀ ସଂଘମିତ୍ରା ସେଠୀ ଉଲ୍ଲେଖ କରିବାକୁ ଅନୁରୋଧ। ଏହା ମୋର ଶପଥପାଠ ପୂର୍ବକ ମନ୍ତବ୍ୟ ଅଟେ। ଧ-୩୭୨୯

By virtue of an affidavit sworn before Notary Public, Kantabanji, dated 20.3.2026, I, Tamanna Nigar, D/o.- Md. Nasir, W/o.- Abdul Aman, Address: At- Ward No.14, Kantabanji, P.O./ P.S.- Kantabanji, Dist.- Bolangir, Odisha, PIN-767039 declare that I have changed my name from Tamana Nigar (Old name) to Tamanna Nigar (New name). Henceforth, I shall be known as Tamanna Nigar for all purposes. D-3730

By virtue of an affidavit sworn before Notary Public, Kantabanji dated 20.3.2026, I, Abdul Aman, S/o.- Abdul Jabar, Address: At- Ward No.14, Kantabanji, P.O./P.S.- Kantabanji, Dist.- Bolangir, Odisha, PIN-767039 declare that I have changed my name from Sekh Abdul Aman (Old name) to Abdul Aman (New name). Henceforth, I shall be known as Abdul Aman for all purposes. D-3731

By virtue of an affidavit sworn before Notary Public, dated 24th March 2026 I, Gajendra Kantabansh, Address: Village- Janata, P.O.- Karubai, Dist.- Rayagada, Odisha, 765017 declare that I have changed my daughter's name from Kesavari Kanabansha to Kishori Kantabansha. Henceforth, she shall be known as Kishori Kantabansha for all purposes.
Gajendra Kantabansh D-3734

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Boudh, No.- 251, Dtd.- 23.03.26, I, Arjun Khamari, R/o. Village- P.O.- Rambhikata, P.S./ Dist.- Boudh (Odisha), PIN- 762015 declare that I have changed the name of my son from Subham Khamari to Subhankar Khamari. Henceforth he shall be known as Subhankar Khamari for all purposes.
Arjun Khamari D-3733

I, SAMEENA BANO, W/o.- Mohammad Juned, R/o.- Khariar Road, Ward No.15, Patel Nagar, Post- Khariar Road, P.S.- Jonk, Dist.- Nuapada (Odisha), declare by this affidavit No.108, Dtd.- 10.02.2026 that now onwards I shall be known as SAMINA BANO for all future purposes. D-3732

By virtue of an affidavit before Executive Magistrate, Basudevpur Tahasil on dtd.- 19.03.2026 that I, Sthiti Prajna Behera aged about 21 years, D/o,- Shashikanta Behera, At/P.O.- Brahmangan, P.S.- Basudevpur, Dist.- Bhadrak which is mentioned in my Aadhaar card No.- xxxx xxxx 6548 and H.S.C. educational certificate. But my nick name Madhusmita Behera, C/o.- Shashikanta Behera has been mentioned in my LIC Policy certificate No. 586575993 D.O.C. 28.03.2007 under Cuttack Division, I declared that Sthiti Prajna Behera and Madhusmita Behera, D/o.- Shashikanta Behera is same and one person. D- 3738

By virtue of an affidavit before Executive Magistrate, Basudevpur Tahasil on dtd.- 02.12.2025 that I, Biswajit Malik, S/o.- Nilakantha Malik, At/P.O.- Chudamani, P.S.- Chudamani Marine, Dist.- Bhadrak which is mentioned in my Aadhaar Card code vide No.- xxxx xxxx 1528, but my nick name Chandan Kumar Malik, S/o.- Nilakantha Malik has been mentioned in my LIC policy bond vide policy No. 586250059. I declared that myself Biswajit Malik and Chandan Kumar Malik, S/o.- Nilakantha Malik is same and one person. D-3737

## LEGAL NOTICE

Letter No. 457, dtd.- 17.03.26

ଆଡିସନାଲ କମିଶନର, ଆଡିସନାଲ ରିଭିଜନାଲ କୋର୍ଟ ନଂ.୪,
ଶ୍ରୀ ପ୍ରଦୀପ କୁମାର ନାୟକଙ୍କ ଅଦାଲତ, ଭୁବନେଶ୍ୱର, ୪ର୍ଥ ମହଲା।
ମୁଖ୍ୟ ଦପ୍ତର କାର୍ଯ୍ୟାଳୟ ବିଲ୍‌ଡିଙ୍ଗ, ୟୁନିଟ୍-୫, ଭୁବନେଶ୍ୱର।
ଓ.ଏସ୍.ଏସ୍. କେସ୍ ନମ୍ବର- ୧୦୩୪/୨୦୧୭

ହେମନ୍ତ କୁମାର ସ୍ୱାଇଁ ........ବାଦୀ/ଦରଖାସ୍ତକାରୀ
ବନାମ
ମନୋଜ କୁମାର ଲେଙ୍କା ଓଗେରମାନେ ........ ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ
୧. ଶାନ୍ତିଲତା ପୁରୋହିତ, ପିତା: ଭୋଳି ପୁରୋହିତ, ସା- ବସନ୍ତପୁର ଶାସନ, ପୋ.ଅ.- ଇତିପୁର, ଜିଲ୍ଲା- ଖୋର୍ଦ୍ଧା .......ପ୍ରତିବାଦୀ- ୪ (ବି)

ନୋଟିସ

ସି.ପି.ସି. ଅର୍ଡର ନଂ.୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ହେମନ୍ତ କୁମାର ସ୍ୱାଇଁ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ରିଭିଜନ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.୪ (ବି)ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ପ୍ରତିବାଦୀଙ୍କର ଠିକଣା ନଥିବାରୁ ତଥା ଉକ୍ତ ନୋଟିସକୁ ଗ୍ରହଣ ନ କରିବାରୁ ତାହା ଜାରି ହୋଇ ନ ପାରି ଫେରସ୍ତ ଆସିଛି। ସେମାନଙ୍କୁ ତଥା ସେମାନଙ୍କର ସଠିକ ଠିକଣା ଆମ୍ଭେ ବହୁତ ଚେଷ୍ଟା କରି ପାଇପାରିଲୁ ନାହିଁ।

ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୪ (ବି)କୁ ସେମାନଙ୍କ ଅବଗତି ନିମନ୍ତେ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭଜନ କୋର୍ଟ ନଂ.୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ଥାନା ନଂ.-୧୫, ତହସିଲ- ଜଟଣୀ, ମୌଜା- ଶଙ୍କରପୁର ସ୍ଥିତିବାନ୍ ଖାତା ନଂ.-୨୯୪, ସାବକ ପ୍ଲଟ୍ ନଂ.-୨୯୪, ପୁରାତନ ଏରିଆ ଏ.୦.୦୪୬ଡି. (ଭାଗ), ଏ୦.୮୯୫ଡି. ହାଲ୍ ମୌଜା- ଶଙ୍କରପୁର, ହାଲ୍ ଖାତା ନଂ.-୧୪୮୧, ହାଲ୍ ପ୍ଲଟ୍ ନଂ.-୨୩୩୭ ଏ୦.୦୪୬ଡି. (ଭାଗ) ଏ୦.୩୩୫ଡି.

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୪ (ବି) କିମ୍ବା ତାଙ୍କର ଉତ୍ତରାଧିକାରୀ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଫଇସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ.୪,
ଭୁବନେଶରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୭୩୬

I.R. No.- 178, 12.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ ଡ. ଆଶୁତୋଷ ସାମଲ ଓ.ପ୍ର. ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ- ୭୭୦/୨୦୨୦

୧. ଅମ୍ବିକା ପ୍ରସନ୍ନ ମହାନ୍ତି, ପି: ୰ଗିରିଜା ପ୍ରସନ୍ନ ମହାନ୍ତି
୨. ଭବାନୀ ପ୍ରସନ୍ନ ମହାନ୍ତି, ପି- ସାରଦା ପ୍ରସନ୍ନ ମହାନ୍ତି ....ବାଦୀମାନେ
ବନାମ
ଉତ୍ତମ ପ୍ରହରାଜ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍- ୨୦ ମୁତାବକ

୧। ଉତ୍ତମ ପ୍ରହରାଜ, ସ୍ୱାମୀ- ବ୍ରହ୍ମାନନ୍ଦ ପ୍ରହରାଜ, ସା- ଭାକରସାହି, ପୋଷ୍ଟ- ବନମାଳିପୁର, ଥାନା- ବାଲିପାଟଣା, ଜିଲ୍ଲା- ପୁରୀ, ୨। ଅଇଁଠି ଜେନା, ସ୍ୱାମୀ- ମୁରଲିଧର ଜେନା, ୪। ବ୍ରହ୍ମାନନ୍ଦ ଜେନା, ପିତା- ମୁରଲିଧର ଜେନା, ୫। ବୃକୋଦର ଜେନା, ୬। ନରେନ୍ଦ୍ର ଜେନା,
ଉଭୟଙ୍କର ପିତା କୃଷ୍ଣ ଜେନା
୨ରୁ ୬ ପର୍ଯ୍ୟନ୍ତ ସମସ୍ତଙ୍କର ସା-ନୟାପଲ୍ଲୀ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୫।୦୩।୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଜୟଦେବ ବିହାର ୟୁନିଟ୍-୧୬, ତହସିଲ- ଭୁବନେଶ୍ୱର, ଥାନା- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା ସାବକ
ଖାତା ନଂ.- ୧୮୭, ପ୍ଲଟ୍ ନଂ.- ୮୦୫, କିସମ- ଘରବାରି ଦୁଇ, ରକବା- ଏ.୦.୦୪୮ଡି., ସ୍ୱତ୍ୱ- ସ୍ଥିତିବାନ୍
ହାଲ୍
ଖାତା ନଂ.- ୨, ପ୍ଲଟ୍ ନଂ.- ୨୯୬, କିସମ- ଘରବାରି ଦୁଇ, ରକବା- ଏ୦.୦୭୯ଡି. ସ୍ଥଧରୁ, ଏ.୦.୦୪୮ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୭୪୧


# ପ୍ରାକ୍ଟିସ୍ ପାଇଁ ନଂ.୧୧ ଜର୍ସି ପିନ୍ଧିବ ଆର୍‌ସିବି

## ଦଳାଚକଟା ପୀଡ଼ିତଙ୍କ ସ୍ମୃତିରେ

**ବେଙ୍ଗାଲୁରୁ,୨୪।୩(ପି.ଟି.)**

ଗତବର୍ଷ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ସମ୍ମାନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ଷ୍ଟାଡିୟମରେ ୧୧ ସିଟ୍‌କୁ ଫାଙ୍କା ଛଡ଼ାଯିବ। ଏଥିସହିତ ଦଳର ଖେଳାଳିମାନେ ଆଗାମୀ ଆଇପିଏଲ୍‌ରେ ଜର୍ସି ନଂ.୧୧ ପିନ୍ଧି ଅଭ୍ୟାସ କରିବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁନ୍ ୪ରେ ଆର୍‌ସିବିର ପ୍ରଥମ ଆଇପିଏଲ୍ ବିଜୟ ଉତ୍ସବ ବେଳେ ଷ୍ଟାଡିୟମ ବାହାରେ ଘଟିଥିବା ଦଳାଚକଟାରେ ପ୍ରଶଂସକମାନେ ପ୍ରାଣ ହରାଇଥିଲେ। ପୋଲିସ ଅନୁମତି ବିନା ବିଜୟ ଉତ୍ସବ ପାଳନ କରିବାରୁ ଫ୍ରାଞ୍ଚାଇଜ୍‌କୁ ପ୍ରବଳ ସମାଲୋଚନା କରାଯାଇଥିଲା।

'ମ୍ୟାଚ୍ ପୂର୍ବରୁ ପ୍ରାକ୍ଟିସ୍ ବେଳେ ସମସ୍ତ ଖେଳାଳି ଜର୍ସି ନଂ.୧୧ ପିନ୍ଧିବେ। ଏହା ଆମ ପ୍ରଶଂସକଙ୍କ ଲାଗି ହେବ ଏକ ଶ୍ରଦ୍ଧାଞ୍ଜଳି। ସେମାନେ ଚିରଦିନ ପାଇଁ ଆମ ଯାତ୍ରାର ଅଂଶ ହୋଇ ରହିବେ। ଏହାଛଡ଼ା ମ୍ୟାଚ୍ ଦିନ ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିବେ। ଏଥିସହିତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆମେ ୧୧ଟି ସ୍ଥାୟୀ ଖାଲି ସିଟ୍ ରଖିବାକୁ ଯୋଜନା କରୁଛୁ। ଏହା ସେହି ୧୧ ପ୍ରଶଂସକଙ୍କ ପାଇଁ, ଯେଉଁମାନେ କି ଆମ ସହ ସର୍ବଦା ରହିବେ' ବୋଲି ଆର୍‌ସିବି ସିଇଓ ରାଜେଶ ମେନନ୍ କହିଛନ୍ତି।

### ଭିଡ଼ ପରିଚାଳନା ଲାଗି ୭ କୋଟି ଖର୍ଚ୍ଚ ହୋଇଛି

ଗତବର୍ଷ ଘଟିଥିବା ଦଳାଚକଟା ପରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଭିତର ଓ ବାହାରେ ଭିଡ଼ ପରିଚାଳନାରେ ସୁଧାର ଆଣିବା ପାଇଁ ଆର୍‌ସିବି ପକ୍ଷରୁ ପ୍ରାୟ ୭ କୋଟି ଟଙ୍କା ନିବେଶ କରାଯାଇଛି। ଏ ନେଇ ଫ୍ରାଞ୍ଚାଇଜ୍ ସିଇଓ ରାଜେଶ ମେନନ୍ କହିଛନ୍ତି। 'ଭିଡ଼ ପରିଚାଳନା ଭିତ୍ତିଭୂମି ନିର୍ମାଣ ଲାଗି ପ୍ରାୟ ୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଅନେକ ବ୍ୟାଗେଜ୍ ସ୍କାନର୍ସ ଲଗାଯିବା ସହ କମାଣ୍ଡ ସେଣ୍ଟର୍ସ ନିର୍ମାଣ କରାଯାଇଛି। ଷ୍ଟାଡିୟମ ଭିତରେ ଓ ଚାରିଆଡ଼େ ଏଆଇ ସୁବିଧା ଥିବା ସିସିଟିଭି ଲଗାଯାଇଛି। ଏହି ବ୍ୟବସ୍ଥା ପ୍ରକୃତ ସମୟରେ ଆଲର୍ଟ ଜାରି କରିବା ସହ ସିସିଟିଭି ଫୁଟେଜ୍‌କୁ କମିଶନରଙ୍କ କାର୍ଯ୍ୟାଳୟରୁ ମଧ୍ୟ ତଦାରଖ କରାଯାଇପାରିବ। ଏ ସବୁକୁ ସମ୍ଭବ କରିବା ପାଇଁ ମୁଁ ସରକାରଙ୍କୁ ଧନ୍ୟବାଦ ଦେଉଛି। କୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ଏସ୍‌ଓପି ପାଳନ କରି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଷ୍ଟାଡିୟମର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ନିର୍ମାଣ କରାଯାଇଛି। ଟିକେଟ୍‌ଧାରୀ ପ୍ରଶଂସକମାନେ ମ୍ୟାଚ୍ ଦିନ ମେଟ୍ରୋ ବ୍ୟବହାର କରିପାରିବେ। ପାର୍କିଂ ଲାଗି ପୂର୍ବରୁ ବୁକିଂ କରିହେବ ଏବଂ ଷ୍ଟାଡିୟମର ଗେଟ୍ ମ୍ୟାଚ୍‌ର ୪ ଘଣ୍ଟା ପୂର୍ବରୁ ଖୋଲାଯିବ' ବୋଲି ଆର୍‌ସିବି ସିଇଓ କହିଛନ୍ତି।

# ଆର୍ଯ୍ୟନଙ୍କ ଶତକ: ସହିଦ ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)**

ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ୫ମ ଏଲଏଲସିସି କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସହିଦ ସ୍ପୋର୍ଟିଂ ୯ ଉଇକେଟରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପ୍ରଗତି ୩୫ ଓଭରରେ ୪ ଉଇକେଟ ହରାଇ ୨୦୬ ରନ କରିଥିଲା। ନମନ ଶତପଥୀ ସର୍ବାଧିକ ୮୪ ରନ କରିଥିଲେ। ଜବାବରେ ଆର୍ଯ୍ୟନ ମୋରେଙ୍କ ଶତକ ସହାୟତାରେ ସହିଦ ସ୍ପୋର୍ଟିଂ ୩୨.୨ ଓଭରରେ ୧ ଉଇକେଟ ହରାଇ ୨୧୦ ରନ ସଂଗ୍ରହ କରି ନେଇଥିଲା। ଆର୍ଯ୍ୟନ ୯୧ ବଲ୍‌ରେ ୧୧୬ ରନକରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୂରଜ ଧଳ ୬୧ ରନ କରିଥିଲେ। କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଓ ରଶ୍ମି ରଞ୍ଜନ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଓଜିପିର ବୃହତ୍ ବିଜୟ




ମୁକେଶ କୁମାରଙ୍କୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ପୁରସ୍କୃତ କରୁଛନ୍ତି।

## ଓସିଏ କ୍ଲବ ଲିଗ୍

**କଟକ,୨୪।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ କ୍ଲବ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଓଜିପି କ୍ଲବ ବୃହତ୍ ବ୍ୟବଧାନ ୨୮୮ରନରେ ଟାଉନ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଜିପି ୪ ଉଇକେଟ ବିନିମୟରେ ୪୩୦ରନ ସଂଗ୍ରହ କରିଥିଲା। ଦଳର ଦୁଇ ବ୍ୟାଟର ଶତକୀୟ ଇନିଂସ ଖେଳିଥିଲେ। ସର୍ବେଶ ଡି. ପାଟିଲ ୧୭୬, ପନକଲ ଶଶାଙ୍କ ୧୧୬ରନ କରିଥିବା ବେଳେ ଶ୍ରେୟାଂଶ ଭରଦ୍ୱାଜ ଦ୍ରୁତ ୭୩ରନ ସଂଗ୍ରହ କରିଥିଲେ। ଜବାବରେ ଟାଉନ କ୍ଲବ ୧୪୨ରନରେ ଅଲଆଉଟ ହୋଇଥିଲା। ଓଜିପିର ରାକେଶ ଦାସ ୨୨ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ସର୍ବେଶ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ବାରବାଟୀ ଷ୍ଟାଡିୟମରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୪ ଉଇକେଟରେ ବାରବାଟୀ କଲଚରାଲ ୟୁନିୟନକୁ ହରାଇଥିଲା। କଲଚରାଲ ୟୁନିୟନ ଜସମିତ ନୈନଙ୍କ ୧୧୪ରନ ସହାୟତାରେ ୮ ଉଇକେଟ ହରାଇ ୨୫୪ରନ କରିଥିଲା। ରାଇଜିଂ ଷ୍ଟୁଡେଣ୍ଟ୍ସ ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା ଓ କ୍ରୀଷ୍ଣା ପଲାଇ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ତେବେ ଆଦିତ୍ୟ ରାଉତଙ୍କ ୩୮ବଲରୁ ୧୧୮ରନର ଅପରାଜିତ ବିସ୍ଫୋରକ ଇନିଂସ ବଳରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୩୦ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଦିତ୍ୟ ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୧୦ ଉଇକେଟରେ ରୟାଲ କ୍ଲବକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ରୟାଲ କ୍ଲବ ୧୧୬ରନରେ ଅଲଆଉଟ ହୋଇଥିଲା। ତରଣୀ ସ' ୭ଟି ଉଇକେଟ ଅକ୍ତିଆର କରିଥିଲେ। ସ୍ୱସ୍ତିକ ସାମଲଙ୍କ ଅପରାଜିତ ୮୪ରନ ବଳରେ ଜୁଭେନାଇଲ ସହଜ ବିଜୟ ହାସଲ କରିଥିଲା। ତରଣୀ ପ୍ଲେୟାର ଅଫ ଦି ମ୍ୟାଚ୍ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ ମଙ୍ଗଳା କ୍ଲବ ୧୮୬ରନରେ ଜୟଦୁର୍ଗା କ୍ଲବକୁ ହରାଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଅତିଥିଭାବେ ଯୋଗଦେଇ ମୁକେଶ କୁମାରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅଲ୍‌ରାଉଣ୍ଡର ମୁକେଶ ୩୦ ରନ କରିବା ସହ ୪ ଉଇକେଟ ଅକ୍ତିଆର କରିଥିଲେ।

## ଜାଣି ରଖନ୍ତୁ

**ବ**ନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।



## ଫଳଚାରା ଲଗାଇବା ସମୟରେ...

**ଆମ୍ବ**, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x୧ ମି. , କଦଳୀ – ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. । ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବ ଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ। ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ । ବାତ୍ୟାରେ ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।



# ଚାରଣଭୂମିର ଉନ୍ନୟନ ଓ ପରିଚାଳନା



କେଶବ କୁମାର ମହାପାତ୍ର

**ଆ**ମ ଦେଶର ଜନସଂଖ୍ୟା ଓ ତୃଣଭୋଜୀ ଗୃହପାଳିତ ପଶୁ ସଂଖ୍ୟାର ଅନୁପାତ୨:୧। ଜନସଂଖ୍ୟା ବୃଦ୍ଧି ହେତୁ ବିଭିନ୍ନ କାର୍ଯ୍ୟ ପାଇଁ ଚାରଣଭୂମି ବ୍ୟବହୃତ ହୋଇଯିବାରୁ ତାହା କ୍ରମଶଃ ସଙ୍କୁଚିତ ହୋଇଯାଉଛି। ଯାହା କିଛି ଚାରଣଭୂମି ବାକି ଅଛି, ତାହାର ଉତ୍ପାଦିକା ଶକ୍ତି ମଧ୍ୟ କମିଯାଇ ଆଶାନୁରୂପ ଘାସ ସେଥିରୁ ଉତ୍ପାଦନ ହୋଇପାରୁ ନାହିଁ। ଗୋଟିଏ ବୟସ୍କ ଗାଈ କିମ୍ବା ବଳଦ ପାଇ ବର୍ଷକୁ ଯେତିକି ଘାସର ଆବଶ୍ୟକତା ହୋଇଥାଏ, ତାହା ଗୋଟିଏ ହେକ୍ଟର ଚାରଣଭୂମିରୁ ମିଳିଥାଏ। ବର୍ତ୍ତମାନ ଯାହା ଦେଖାଯାଉଛି, ଗୋଟିଏ ହେକ୍ଟର ଚାରଣଭୂମି ଉପରେ ପ୍ରାୟ ୪ରୁ୫ଟି ଗୋରୁ ନିର୍ଭର କରୁଛନ୍ତି। ଏବେ ଅବଶ୍ୟ ଘାସଚାଷ ହେଉଛି, ମାତ୍ର ତାହା କେବଳ ସଙ୍କର ଓ ଅଧିକ ଉତ୍ପାଦନକ୍ଷମ ଗାଈଙ୍କ ପାଇଁ ନିଅଣ୍ଟ। ତେଣୁ ଅଧିକାଂଶ ପଶୁପାଳକଙ୍କ ଏକମାତ୍ର ସମ୍ବଳ ଚାରଣଭୂମି। ବର୍ତ୍ତମାନ ପରିସ୍ଥିତିରେ ଏହି ଚାରଣଭୂମିର ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଉନ୍ନୟନ କରିବାକୁ ସମୟ ଆସିଯାଇଛି । କେବଳ ଚାରଣଭୂମିର ଉତ୍ପାଦିକା ଶକ୍ତି ବଢ଼େଇବା ନୁହେଁ, ଏହାର ଠିକ୍ ପରିଚାଳନା କଲେ ଏହି ସମସ୍ୟାର କିଛିଟା ସମାଧାନ କରିହେବ। ଚାରଣଭୂମିର ଉତ୍ପାଦିକା ଶକ୍ତି କମିବାର ବିଭିନ୍ନ କାରଣ ରହିଛି। ଅନିୟନ୍ତ୍ରିତ ଭାବରେ ଚାରଣ କରିବା ଦ୍ୱାରା ସାଧାରଣତଃ ଘାସ ବଢ଼ି ମଞ୍ଜି ପଡ଼ିବାର ସୁଯୋଗ ମିଳେନାହିଁ। ତେଣୁ ଚାରଣଭୂମିରେ ଉତ୍ପାଦିକା ଶକ୍ତି କମି କମି ଆସେ। ଅଖାଦ୍ୟ ଏବଂ ଅନାବନା ଗଛର ସଂଖ୍ୟା କ୍ରମେ ବୃଦ୍ଧି ପାଏ। ଜାଳେଣି ପାଇଁ ଗୋବର ଗୋଟେଇନେବା ଦ୍ୱାରା ପଡ଼ିଆରେ ଖତ ଟିକେ ପଡ଼ି ରହେ ନାହିଁ। ଏହାଦ୍ୱାରା ଗୋଚର ଜମିର ଉର୍ବରତା ହ୍ରାସ ପାଇଥାଏ।

ବିଭିନ୍ନ ଉପାୟରେ ଗୋଚର ଜମିର ମଧ୍ୟ ଉନ୍ନୟନ କରାଯାଇପାରେ। -ନିୟନ୍ତ୍ରିତ ଭାବରେ ଚାରଣ କରିବା ନିହାତି ଜରୁରୀ। ମାସରେ ୧୦ ଦିନ ଗୋରୁ ଚରିଲେ ଅବଶିଷ୍ଟ ୨୦ଦିନ ପଡ଼ିଆକୁ ବିଶ୍ରାମ ଦେବା ଦ୍ୱାରା ଘାସ ବଢ଼ିବାକୁ ସମୟ ପାଇଥାଏ।

➤ଅନାବନା ଓ ଅଖାଦ୍ୟ ଗଛକୁ ପଡ଼ିଆରୁ ସଫାକରିଦେବା ଆବଶ୍ୟକ।

➤ଗୋବର ଗୋଟାଇବା ବନ୍ଦକରିବା ଦ୍ୱାରା ପଡ଼ିଆକୁ କିଛି ଜୈବିକ ସାର ମିଳିଥାଏ ଓ ଉର୍ବରତା ବଢ଼ିଥାଏ।

-ଚାରଣଭୂମି ଉପଯୋଗୀ ଉନ୍ନତ ଘାସ ଯଥା ଦିନନାଥ, ଗିନି, ଅଞ୍ଜନ, ରୋଡସ, ଷ୍ଟାଇଲୋ, ସିରାଟ୍ରୋ, ସେଣ୍ଟ୍ରୋସିମା ଇତ୍ୟାଦି ଲଗାଇବା ଦ୍ୱାରା ଚାରଣଭୂମିର ଘାସ ଉତ୍ପାଦନ ବୃଦ୍ଧି ସହ ଉତ୍ତମ ଖାଦ୍ୟସାରଯୁକ୍ତ ଘାସ ଅମଳ ମିଳିଥାଏ।

➤ପ୍ରୋଟିନ୍ ସମୃଦ୍ଧ ଡାଲିଜାତୀୟ ଘାସ ଚାରଣଭୂମିରେ ରହିଲେ ବାୟୁମଣ୍ଡଳରୁ ନାଇଟ୍ରୋଜେନ୍ ସଂଗ୍ରହକରି ପଡ଼ିଆର ଉର୍ବରତା ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ। ଚାରଣଭୂମି ଉପଯୋଗୀ ବୃକ୍ଷ ଯଥା ସୁବାବୁଲ, ଅଗସ୍ତି, ଚାକୁଣ୍ଡା, ଡିମିରି, କଞ୍ଚନ ଇତ୍ୟାଦି ଧାଡ଼ିଧାଡ଼ି ଲଗାଇବା ଦ୍ୱାରା ଚାରଣଭୂମିର ଉତ୍ପାଦନ ମଧ୍ୟ ବଢ଼ାଯାଇପାରିବ। ଚାରଣଭୂମିର ଉତ୍ପାଦିକା ଶକ୍ତି ବଢ଼ାଇବାର ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ମଧ୍ୟରେ ସିଲ୍‌ଭିପାଶ୍ଚର, ହର୍ଟିପାଶ୍ଚର ଓ ଏଗ୍ରୋସିଲ୍‌ଭିପାଶ୍ଚରଇତ୍ୟାଦିପ୍ରଣାଳୀରହିଛି।

"ପ୍ରୋଟିନ୍ ସମୃଦ୍ଧ ଡାଲିଜାତୀୟ ଘାସ ଚାରଣଭୂମିରେ ରହିଲେ ବାୟୁମଣ୍ଡଳରୁ ନାଇଟ୍ରୋଜେନ୍ ସଂଗ୍ରହକରି ପଡ଼ିଆର ଉର୍ବରତା ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ। ଚାରଣଭୂମି ଉପଯୋଗୀ ବୃକ୍ଷ ଯଥା ସୁବାବୁଲ, ଅଗସ୍ତି, ଚାକୁଣ୍ଡା, ଡିମିରି, କଞ୍ଚନ ଇତ୍ୟାଦି ଧାଡ଼ିଧାଡ଼ି ଲଗାଇବା ଦ୍ୱାରା ଚାରଣଭୂମିର ଉତ୍ପାଦନ ମଧ୍ୟ ବଢ଼ାଯାଇପାରିବ। ଚାରଣଭୂମିର ଉତ୍ପାଦିକା ଶକ୍ତି ବଢ଼ାଇବାର ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ମଧ୍ୟରେ ସିଲ୍‌ଭିପାଶ୍ଚର, ହର୍ଟିପାଶ୍ଚର ଓ ଏଗ୍ରୋସିଲ୍‌ଭିପାଶ୍ଚର ଇତ୍ୟାଦି ପ୍ରଣାଳୀ ରହିଛି।"



### ସିଲଭିପାଶ୍ଚର

ଚାରଣଭୂମି ଉପଯୋଗୀ ଘାସ ସହ ଗୋଖାଦ୍ୟ ଉପଯୋଗୀ ବିଭିନ୍ନ ଗଛକୁ ମିଶ୍ରିତ ହେବାକୁ ସିଲ୍‌ଭିପାଶ୍ଚର କୁହାଯାଏ। ସେଥିପାଇଁ ପ୍ରଥମେ ଚାରଣଭୂମିର ଚାରିପଟେ ବାଡ଼ଦେଇ ଘେରିବାକୁ ପଡ଼େ। ଏକର ପ୍ରତି ୪୦୦ ହିସାବରେ ଚାରା ପ୍ରସ୍ତୁତକରି ଧାଡ଼ି ଧାଡ଼ି ଓ ଗଛ ୧୦/୧୦ ଫୁଟ ବ୍ୟବଧାନରେ ରୋପଣ କରାଯାଏ। ସେହି ବୃକ୍ଷଗୁଡ଼ିକ ଗୋଖାଦ୍ୟ ଉପଯୋଗୀ ବୃକ୍ଷ ଯଥା ସୁବାବୁଲ, ଅଗସ୍ତି, ଚାକୁଣ୍ଡା, ଡିମିରି, କଞ୍ଚନ, ସିରିଶ, ଶିଶୁ ଇତ୍ୟାଦି ହେବା ଦରକାର। ଖାଲି ପଡ଼ିଥିବା ଧାଡ଼ି ମଧ୍ୟରେ ଚାରଣ ଉପଯୋଗୀ ଘାସ ଯଥା ଗିନି, ଦିନନାଥ, ଅଞ୍ଜନ,ରୋଡ୍ସ ଓ ଡାଲିଜାତୀୟ ଷ୍ଟାଇଲୋ ମଞ୍ଜି ବୁଣାଯାଇପାରିବ। ଗଛ ବଡ଼ ହେଲେ ତାହାର ଡାଳ ଓ ପତ୍ର କାଟି ନେଇ ନିୟମିତ ଭାବରେ ଘାସ ସହ ଗୋଖାଦ୍ୟ ଭାବରେ ବ୍ୟବହାର ହୋଇପରିବ।

### ହର୍ଟିପାଶ୍ଚର

ଆମ ରାଜ୍ୟରେ ଅନେକ ସ୍ଥାନରେ ନଡ଼ିଆ, ଆମ୍ବ, ପଣସ, ଲିଚୁ, କାଜୁ, କଦଳୀ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି କରାଯାଉଛି। ସେସବୁ ଗଛ ମଧ୍ୟରେ ଅନେକ ଫାଙ୍କା ଜମିଥାଏ। ସେଥିରେ ଅନାବନା ଓ ଅଖାଦ୍ୟ ଉଦ୍ଭିଦ ଉଠିଯାଏ। ଅନେକ ସମୟରେ ଅନେକ ବିଷଧର ପ୍ରାଣୀ ମଧ୍ୟ ସେଠାରେ ଆଶ୍ରୟ ନେଇଥାନ୍ତି। ଗଛର ଛାୟା ଭିତରେ ପ୍ରତିକୂଳ ପରିସ୍ଥିତି ସହିପାରିବା ଘାସ ଲଗାଯାଇପାରିବ। ସେଥିପାଇଁ ଘାସ ଯଥା ପାରା, ଗିନି, ହ୍ୟୁମିଡିକୋଲା, ରୋଡ୍ସ, ଓସି ରାଟ୍ରୋ ଉପଯୋଗୀ ପ୍ରଜାତି ଅଛି ।

### ଏଗ୍ରୋସିଲ୍‌ଭିପାଶ୍ଚର

ଚାରଣଭୂମିରେ ଘାସ ସହ ଗୋଖାଦ୍ୟ ବୃକ୍ଷ ଏବଂ ଖାଦ୍ୟ ପାଇଁ ହେଉଥିବା ବିଭିନ୍ନ ପ୍ରକାର ଫସଲର ସମ୍ମିଶ୍ରଣକୁ ଏଗ୍ରୋସିଲ୍‌ଭିପାଶ୍ଚର କୁହାଯାଏ।

କେବଳ ଗୋଖାଦ୍ୟ ପାଇଁ ଯେ ଗୋଚର ଉନ୍ନୟନ କରାଯିବ ତାହା ନୁହେଁ, ପଡ଼ିଆରେ ସବୁବେଳେ ଘାସ ରହୁଥିବାରୁ ସେଠାକାର ଜଳସ୍ତର ବଢ଼ିବ, ମୃତ୍ତିକାକ୍ଷୟ ବନ୍ଦ ହେବ,ବୃକ୍ଷରୋପଣ ଦ୍ୱାରା ଜଙ୍ଗଲ ସୃଷ୍ଟି ହୋଇପାରିବ। ତେଣୁ ଏହାଦ୍ୱାରା ପାଞ୍ଚଟି 'ଜ' ଅର୍ଥାତ୍ ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନତାର ସୁରକ୍ଷା ହୋଇପରିବ ।

-ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା,
ବାଲେଶ୍ୱର, ମୋ :୯୪୩୭୧୧୭୪୦୬

## ନଳିତାର ଉନ୍ନତ କିସମ



**ନ**ଳିତା ମାର୍ଚ୍ଚ ଶେଷରୁ ଆରମ୍ଭକରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେଆର୍‌ଓ-୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାରକରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷକରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବରଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ୍ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ,୮କି.ଗ୍ରା. ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।

## ଆଖୁରେ ପିଲ ବାହାରୁଥିଲେ...

**ଆଖୁ** ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ର ଦ୍ୱାରା ନାଳୀଗୁଡ଼ିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।

# ଅଣଧାନ ଫସଲ ଚାଷ

**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣି ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା- ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



## ବିହନ ବୁଣିବା ପୂର୍ବରୁ..



**ଘ**ରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷକରନ୍ତୁ। ଖାଲଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତ ମାନର ବିହନ ବ୍ୟବହାରକରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।

## ହଳଦୀ ଚାଷ କରୁଥିଲେ...

**ରୋ**ମା, ସୁରମା, ରଙ୍ଗ, ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଅ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ ମିଟର ଓସାର, ୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ୍,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

# ପ୍ରାଣୀଙ୍କୁ ଫାଟୁଆ ରୋଗ ଓ ପ୍ରତିକାର

(ଶେଷ ଭାଗ)



**ରୋଗ କିପରି ସୃଷ୍ଟି ହୁଏ :** ଭୂତାଣୁମାନେ ପ୍ରାଣୀଙ୍କ ଶରୀରରେ ବିଭିନ୍ନ ବାଟ ମାଧ୍ୟମ ଦେଇ ପ୍ରବେଶ କଲାପରେ ଲସିକା ଗ୍ରନ୍ଥିରେ ବଂଶବୃଦ୍ଧି କରନ୍ତି। ତା'ପରେ ଭୂତାଣୁ ଲସିକା ଗ୍ରନ୍ଥିରୁ ଲସିକା ନଳୀ ଦେଇ ରକ୍ତରେ ମିଶି 'ଭାଇରେସିଆ' ଅବସ୍ଥା ସୃଷ୍ଟି କରେ । ଫଳରେ ଶରୀରର ଉତ୍ତାପ ବୃଦ୍ଧି ପାଏ । ରକ୍ତରୁ ଏହି ଭୂତାଣୁ ଶରୀରର ବିଭିନ୍ନ ଜୀବକୋଷରେ ପହଞ୍ଚି ବଂଶବୃଦ୍ଧି କରିବା ସଙ୍ଗେ ସଙ୍ଗେ ପାଟି ଭିତର, ପହ୍ନା ବା ଚିରର ଉପରିଭାଗ କିମ୍ବା ଖୁରାର ଲୋମବିହୀନ ମଝି ଅଂଶରେ ଲାଲ କ୍ଷୁଦ୍ର ଫୋଟକା ଧୀରେ ଧୀରେ ବଡ଼ ହୋଇ ୨/୩ ଦିନ ମଧ୍ୟରେ ଫାଟିଯାଇ ପାଣି ବାହାରେ ଏବଂ ପରେ ଘା' ସୃଷ୍ଟି ହୁଏ । ପାଟିରେ ଘା' ବା କ୍ଷତ ସୃଷ୍ଟିହେବା ପୂର୍ବରୁ ଲାଳଗ୍ରନ୍ଥିରେ ଭୂତାଣୁର ବଂଶ ବୃଦ୍ଧି ଘଟିଥାଏ । ଜିଭର ସଂକ୍ରମିତ ଉପର ସ୍ତର, ପାଟିର ଫୋଟକାରେ ଥିବା ପାଣି, ଲାଳ କିମ୍ବା ଖୁରାର ବକଳାରେ ପ୍ରତି ୧ ମିଲିମିଟରରେ ଲକ୍ଷାଧିକ ଭୂତାଣୁ ଦେଖିବାକୁ ମିଳେ । (ଟିସିଆଇଡି – ୫୦ = ୧୦୯/ମି.ଲି.)

**ଲକ୍ଷଣ :** ରୋଗର ସଂକ୍ରମଣ ସମୟ ହେଉଛି ୨-୫ଦିନ । ରୋଗର ଦକ୍ଷତା ନେଇ ବେଳେବେଳେ ଏହି ସମୟ ୨/୩ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଏହି ରୋଗ ଆରମ୍ଭ ହେବାର ପ୍ରଥମ ଲକ୍ଷଣ ହେଉଛି ଶାରୀରିକ ଉତ୍ତାପ ବୃଦ୍ଧି ହେବା। ଏହି ରୋଗ ଆରମ୍ଭ ହେଲେ ପ୍ରାଣୀଙ୍କ ଶରୀରର ତାପମାତ୍ରା ୧୦୪-୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି ପାଇଥାଏ । ଗୋରୁମାନେ ଦୁର୍ବଳ ଦେଖାଯାଆନ୍ତି । ମୁହଁର ଥୋମଣି ଶୁଖିଲା ଦେଖାଯାଏ। ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ହଠାତ୍ ଗାଈଙ୍କର କ୍ଷୀର ଦେବା ବନ୍ଦ ହୋଇଯାଏ। ଖୁରା, ପାଟି, ପହ୍ନା ବା ଚିରରେ ବିଭିନ୍ନ ଆକୃତିର ଫୋଟକା ବାହାରିଥାଏ । ପାଟିର ବିଭିନ୍ନ ଅଂଶ ଯଥା – ଜିଭର ଉପରିଭାଗ, ଗାଲର ଭିତର ପଟ, ମାଢ଼ି ଓ ଓଠର ଭିତର ଅଂଶ ଏବଂ ଖୁରାର ମଝି ଅଂଶ ବିଶେଷଭାବେ ସଂକ୍ରମିତ ହୋଇ ଘା' ସୃଷ୍ଟି ହୁଏ । ୨ ବା ୩ ଦିନ ମଧ୍ୟରେ ଫୋଟକାଗୁଡ଼ିକ ଫାଟିଯାଇ ଘା'ରେ ପରିଣତ ହୁଏ । ପାଟିରୁ ଅତିମାତ୍ରାରେ ଲାଳ ବୋହିବା ଦେଖାଯାଏ । ଖୁରା ଫୁଲିଯାଇ ଗରମ ଲାଗେ ଓ ଯନ୍ତ୍ରଣାଦାୟକ ହୁଏ । ଗାଈଗୋରୁ ଛୋଟାନ୍ତି । ରୋଗର ଉତ୍କଟ ଅବସ୍ଥାରେ ୪ଦିନ ଏବଂ ମଧ୍ୟମ ଅବସ୍ଥାରେ ୭-୧୦ ଦିନ ପର୍ଯ୍ୟନ୍ତ ଲକ୍ଷଣ ପ୍ରକାଶ ପାଇଥାଏ । କିନ୍ତୁ ଉପଯୁକ୍ତ ଯତ୍ନର ଅଭାବ ଏବଂ ରୋଗର ଶିଥିଳ ଅବସ୍ଥାରେ ଫାଟୁଆ ରୋଗରୁ ଆରୋଗ୍ୟ ଲାଭକରିବା ପାଇଁ ମାସ ମାସ ଧରି ସମୟ ଲାଗେ ଓ ଘା'ରେ ପୋକ ସୃଷ୍ଟିହୁଏ।। ଗୋଡ଼ରେ ଘା' ଶୁଖିବାକୁ ବହୁଦିନ ଲାଗିଲେ, ତାହା କ୍ୟାନ୍‌ସର ଆଡ଼କୁ ଗତିକରେ । ଏହି ରୋଗରୁ ଭଲ ହେବା ପରେ ବଳଦମାନଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଏ ଏବଂ ଗାଈମାନଙ୍କର ଦୁଗ୍ଧ ଦେବା କ୍ଷମତା କ୍ରମାଗତ ଭାବରେ କମିଯାଏ । ପ୍ରାଣୀମାନେ ରୁଗ୍ଣ, ଦୁର୍ବଳ ପରି ଦିଶନ୍ତି । ଗୋରୁଙ୍କ ପୂର୍ବାବସ୍ଥା ଫେରିପାଇବାକୁ ହେଲେ ଅତିକମ୍‌ରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗେ ।

-ଡା. ବୀରକିଶୋର ପରିଡ଼ା
ମୋ : ୯୪୩୭୬୦୭୩୧୨

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୫/୨୦୨୬ | Bhubaneswar, Wednesday, March 25/ 2026







# ଭାରତୀୟ କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ

## ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)

ଭାରତ ଏବଂ ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ିହୋଇଛି ଏକ ନୂଆ ଅଧ୍ୟାୟ। ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ଏକ ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡ଼ାକ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଓଡ଼ିଶାକୁ ଦେଶର 'କ୍ରୀଡ଼ା ରାଜଧାନୀ' ଭାବେ ପୁଣିଥରେ ପ୍ରମାଣିତ କରିଛନ୍ତି ରାଜ୍ୟ ସରକାର। କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂରଜ। ସେ କହିଛନ୍ତି, ''ଏହି ଇନ୍‌ଡୋର ହଲ୍‌କୁ ନେଇ ଉଠୁଥିବା ସମସ୍ତ ପ୍ରଶ୍ନର ଅନ୍ତ ଘଟିଛି ଏବଂ ଏହି ଇଭେଣ୍ଟ ୨୦୨୮ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ମାର୍ଗ ପ୍ରଶସ୍ତ କରିଛି।'' ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାକୁ ଦେଶର କ୍ରୀଡ଼ା ରାଜଧାନୀ ଭାବେ ସେ ଗୌରବର ସହ ଉପସ୍ଥାପିତ କରିଛନ୍ତି। ଆଥ୍‌ଲେଟିକ୍ସ ଫେଡେରେଶନଅଫ୍‌ଇଣ୍ଡିଆ(ଏଫ୍‌ଏଆଇ) ସଭାପତି ବାହାଦୁର ସିଂ ସାଗୋ, ୱାର୍ଲ୍ଡ ଆଥ୍‌ଲେଟିକ୍ସ ଉପସଭାପତି ଆଡିଲ ସୁମାରିୱାଲା, ରାଜ୍ୟ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ନେଲସନ ଲାକ୍ରା, ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡାଙ୍କ ସମେତ ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘର ବୈଷୟିକ ଅଧିକାରୀ ଏବଂ କୋଷାଧ୍ୟକ୍ଷ ଷ୍ଟାନ୍‌ଲି ଜୋନ୍ସ, ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସଭାପତି ଡ. ଜି.ଏସ୍. ପଟ୍ଟନାୟକ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ୍ ପାଲ୍ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସାଗୋ କହିଛନ୍ତି, ଭାରତର କ୍ରୀଡ଼ା ଇତିହାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, କାରଣ ସମଗ୍ର ଦେଶରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଭାବେ ଏଭଳି ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିଛି।'' ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାର ମୋଟ୍ ୩୬ଟି ଇଭେଣ୍ଟରେ ୨୭୮ ଆଥ୍‌ଲେଟ୍ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୯୭ ମହିଳା ରହିଛନ୍ତି। ଓଡ଼ିଶାରୁ ମୋଟ୍ ୩୩ ଆଥ୍‌ଲେଟ୍ ଭାଗ ନେଇଛନ୍ତି। ଏହା ମଧ୍ୟରେ ୧୩ ମହିଳା ଓ ୨୦ ପୁରୁଷ ଆଥ୍‌ଲେଟ୍ ସାମିଲ। ଦୁଇ ଦିନବିଶିଷ୍ଟ ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।



ପ୍ରତିଯୋଗିତା ଉଦ୍‌ଘାଟନୀ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥଲେଟିକ୍ସର ମହିଳା ହର୍ଡଲ୍ସ ଅବସରରେ ପ୍ରତିଯୋଗୀମାନେ। (ଫଟୋ: ବିକାଶ ନାୟକ)

# ପୋଲଭଲ୍ଟରେ ଜାତୀୟ ରେକର୍ଡ



ଜାତୀୟ ରେକର୍ଡ ହାସଲ ପରେ ତାମିଲନାଡୁର ବରନିକା ଇଲାନଗୋଆନ।

ଭୁବନେଶ୍ୱର, ୨୪।୩ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ପୋଲ୍‌ଭଲ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ତାମିଲନାଡୁର ବରନିକା ଇଲାନଗୋଭାନ। ସେ ୪.୨୨ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୩ ଥର ଜାତୀୟ ଆଉଟଡୋର ଚାମ୍ପିୟନ ବରନିକାଙ୍କପାଇଁ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ। ସେ ୪.୨୫ ମିଟର କ୍ଲିୟର କରି ରେକର୍ଡରେ ଉନ୍ନତି ଆଣିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ। ତେବେ ତାଙ୍କର ଏହି ପ୍ରଦର୍ଶନ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ପୂର୍ବରୁ ୨୦୨୨ରେ ରୋଜି ମୀନା ପଲରାଜ ୪.୨୧ ମିଟର ସହ ରେକର୍ଡର ଅଧିକାରିଣୀ ଥିଲେ। ବରନିକାଙ୍କ ପଛରେ ରହି କେରଳର ବ୍ଲେସି କୁଞ୍ଜୁମୋନ (୩.୯୫) ରୌପ୍ୟ ଓ ମାରିୟା ଜୈସନ (୩.୮୦) ବ୍ରୋଞ୍ଜ୍ ପଦକ ଜିତିଥିଲେ। ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଅଧିକାରୀମାନେ ଡୋପଟେଷ୍ଟ ପାଇଁ ବରନିକାଙ୍କ ସାମ୍ପୂଲ ସଂଗ୍ରହ କରିଥିବା ଜଣାଯାଇଛି। କୌଣସି ଆଥଲେଟ୍ ଜାତୀୟ ରେକର୍ଡ କଲେ ଏହା ଆବଶ୍ୟକ ହୋଇଥାଏ। ବରନିକା ୨୦୧୬ରୁ ମିଲବେର ବେରଟ୍ରାଣ୍ଡ ରସେଲଙ୍କଠାରୁ କୋଚିଂ ନେଇ ଆସୁଛନ୍ତି। ସେ ସମ୍ପ୍ରତି ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଫାଉଣ୍ଡେଶନ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି।

# ୧୬,୬୬୦ କୋଟିରେ ବିକ୍ରି ହେଲା ଆର୍‌ସିବି

**ନୂଆଦିଲ୍ଲୀ, ୨୪।୩:** ଆଦିତ୍ୟ ବିର୍ଲା ଗ୍ରୁପ୍, ଆମେରିକାର କ୍ରୀଡ଼ା ନିବେଶକ ଡେଭିଡ୍ ବ୍ଲିଜରଙ୍କ ବୋଲ୍ଟ ଭେଞ୍ଚର, ଆମେରିକାର ବେସରକାରୀ ଇକ୍ୱିଟି ଫାର୍ମ ବ୍ଲାକଷ୍ଟୋନ ଓ ଭାରତର ବୃହତ ଗଣମାଧ୍ୟମ କମ୍ପାନୀ ଟାଇମ୍ସ ଅଫ୍ ଇଣ୍ଡିଆକୁ ନେଇ ଗଠିତ ଏକ କନସୋର୍ଟିୟମ ଆଇପିଏଲ୍ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ୧.୭୮ ବିଲିଅନ ବା ପ୍ରାୟ ୧୬,୬୬୦ କୋଟି ଟଙ୍କାରେ ଅଧିଗ୍ରହଣ କରିଛି। ବିର୍ଲା ନେତୃତ୍ୱାଧୀନ କନସୋର୍ଟିୟମ ଆର୍‌ସିବିର ଉଭୟ ପୁରୁଷ ଓ ମହିଳା ଦଳର ମାଲିକାନା ହାସଲ କରିଛି। ବିକ୍ରି ବେଳେ ହୋଇଥିବା ଚୁକ୍ତି ମୁତାବକ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଡାଇରେକ୍ଟର ଆର୍ଯ୍ୟମାନ ବିକ୍ରମ ବିର୍ଲା ଆର୍‌ସିବିର ଚେୟାରମ୍ୟାନ ଓ ଟାଇମ୍ସ ଅଫ୍ ଇଣ୍ଡିଆର ସତ୍ୟନ ଗଜୱାନି ତାଙ୍କ ଡେପୁଟି ଦାୟିତ୍ୱ ତୁଲାଇବେ। ତେବେ ବିସିସିଆଇ, ଆଇପିଏଲ ଗଭର୍ଣ୍ଣିଂ କାଉନସିଲ, କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆର ଅନୁମୋଦନ ମିଳିବା ପରେ ଫ୍ରାଞ୍ଚାଇଜର ମାଲିକାନାରେ ପରିବର୍ତ୍ତନ ହେବ। ମାଲିକାନା ହାତେଇବା ପାଇଁ ମନିପାଲ ହସ୍ପିଟାଲ୍ସର ଡ. ରଞ୍ଜନ ପାଇଙ୍କ ସହ ଆମେରିକାର ଇକ୍ୱିଟି ଫାର୍ମ କେକେଆର ଓ ସିଙ୍ଗାପୋର ଇଭେଷ୍ଟମେଣ୍ଟ ମେଜର ଟେମାସେକ ମିଳିତ ଭାବେ ବିଡ୍ କରିଥିଲେ। ସେହିଭଳି ସ୍ୱିଡେନର ଇକ୍ୱିଟି ଫାର୍ମ ଇକ୍ୱିଟି ଓ ୱିପ୍ରୋ ପ୍ରତିଷ୍ଠାତା ଅଜିମ ପ୍ରେମଜିଙ୍କ ସମର୍ଥିତ ପ୍ରେମଜି ଇନଭେଷ୍ଟ ପକ୍ଷରୁ ମଧ୍ୟ ବିଡ୍ ଦାଖଲ କରାଯାଇଥିଲା।



ସ୍ୱର୍ଣ୍ଣ ପଦକ ସହ ଓଡ଼ିଶାର ଓଁକାର ପ୍ରସାଦ ନନ୍ଦ।

# ପ୍ରଥମ ଦିବସର ଫଳାଫଳ

**ପୁରୁଷ ୩୦୦୦ ମିଟର ରେସ୍**
ସ୍ୱର୍ଣ୍ଣ: ଶିବାଜୀ ପର୍ଶୁରାମ (ରିଲାଏନ୍ସ), ରୌପ୍ୟ: ବିନୋଦ ସିଂ (ମଧ୍ୟ ପ୍ରଦେଶ), ବ୍ରୋଞ୍ଜ: ରାହୁଲ କୁମାର ବର୍ମା (ଛତିଶଗଡ଼)।

**୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ**
ସ୍ୱର୍ଣ୍ଣ: ଓଁକାର ପ୍ରସାଦ ନନ୍ଦ (ଓଡ଼ିଶା), ରୌପ୍ୟ: ସାଇ କିରନ (ଏନସିଓଇ ପଟିଆଲା), ବ୍ରୋଞ୍ଜ: ହର୍ଷିତ ଗେହଲଟ (ଜେଏସ୍‌ଡବ୍ଲ୍ୟୁ)।

**ମହିଳା ୩୦୦୦ ମିଟର ରେସ୍**
ସ୍ୱର୍ଣ୍ଣ: ପ୍ରିୟଙ୍କା ସି.(କର୍ନାଟକ), ରୌପ୍ୟ: କାଜଲ ରଙ୍ଗନାଥ (ଗୁଜରାଟ), ବ୍ରୋଞ୍ଜ: ସୁସ୍ମିତା ଟିଗା (ଓଡ଼ିଶା)।

**୨୦ ବର୍ଷରୁ କମ୍ ମହିଳା ଶଟ୍‌ପୁଟ୍**
ସ୍ୱର୍ଣ୍ଣ: ଡୋନା ମାରିଆ ଡୋନି (କେରଳ), ରୌପ୍ୟ: କୁସ୍‌ବୁ (ହରିୟାଣା), ବ୍ରୋଞ୍ଜ (ଅକ୍ଷୟା ଜି.ଆର. (ତାମିଲନାଡୁ)।

**ମହିଳା ଶଟ୍‌ପୁଟ**
ସ୍ୱର୍ଣ୍ଣ: ରେଖା (ଏନସିଓଇ ପଟିଆଲା), ରୌପ୍ୟ: ମୟୂରୀ ଅରାଡେ (କର୍ନାଟକ)।

**ପୁରୁଷ ଶଟ୍‌ପୁଟ**
ସ୍ୱର୍ଣ୍ଣ: ରବି କୁମାର (ବିଏସଏଫ୍), ରୌପ୍ୟ: ଆଦିଶ ଘିଲଦିୟାଲ (ଉତ୍ତରାଖଣ୍ଡ), ବ୍ରୋଞ୍ଜ: ବାଲାଜୀ (ତାମିଲନାଡୁ)।

**ପୁରୁଷ ଲଙ୍ଗଜମ୍ପ**
ସ୍ୱର୍ଣ୍ଣ: ସରୁନ ପାୟାସିଂ (ଓଡ଼ିଶା), ରୌପ୍ୟ: ପ୍ରବୀନ ଚିତ୍ରାଭେଲ (ଜେଏସଡବ୍ଲ୍ୟୁ), ବ୍ରୋଞ୍ଜ: ଡେଭିଡ ପି. (ରେଲୱେ ସ୍ପୋର୍ଟ୍ସ)।

**ମହିଳା ପୋଲଭଲ୍ଟ**
ସ୍ୱର୍ଣ୍ଣ: ବରନିକା ଇଲାନଗୋଭାନ (ତାମିଲନାଡୁ), ରୌପ୍ୟ: ବ୍ଲେସି କୁଞ୍ଜୁମୋନ (କେରଳ), ବ୍ରୋଞ୍ଜ: ମାରିୟା ଜୈସନ (କେରଳ)।

**ମହିଳା ଲଙ୍ଗଜମ୍ପ**
ସ୍ୱର୍ଣ୍ଣ: ଅନାମିକା କେ.ଏ. (ଜେଏସଡବ୍ଲ୍ୟୁ), ରୌପ୍ୟ: ମନୀଷା ମେରେଲ (ଓଡ଼ିଶା), ବ୍ରୋଞ୍ଜ: ଶେରିନ ଏ. (ଜେଏସଡବ୍ଲ୍ୟୁ)।

**୨୦ ବର୍ଷରୁ କମ୍ ପୁରୁଷ ୮୦୦ ମିଟର**
ସ୍ୱର୍ଣ୍ଣ: ଚିରାଗ ଚୌଧାରୀ (ମଧ୍ୟ ପ୍ରଦେଶ), ରୌପ୍ୟ: ରାଜଦୀପ ପାଲ (ପଶ୍ଚିମବଙ୍ଗ)।

**ମହିଳା ୮୦୦ ମିଟର ରେସ୍**
ସ୍ୱର୍ଣ୍ଣ: ପ୍ରୀତି ଯାଦବ (ମଧ୍ୟ ପ୍ରଦେଶ), ରୌପ୍ୟ: ଲକ୍ଷ୍ମୀପ୍ରୀୟା ସୋରେନ (ଓଡ଼ିଶା)।

**୨୦ ବର୍ଷରୁ କମ୍ ପୁରୁଷ ଲଙ୍ଗଜମ୍ପ**
ସ୍ୱର୍ଣ୍ଣ: ହରିଓଁ ଯାଦବ (ମଧ୍ୟ ପ୍ରଦେଶ), ରୌପ୍ୟ: ଦୀପକ ମୁଣ୍ଡା (ଝାଡ଼ଖଣ୍ଡ), ବ୍ରୋଞ୍ଜ: ଅସ୍ମିତା ଯାଦବ (ଉତ୍ତର ପ୍ରଦେଶ)।

**ପୁରୁଷ ୮୦୦ ମିଟର ରେସ୍**
ସ୍ୱର୍ଣ୍ଣ: ମହମ୍ମଦ ଅଫଜଲ (ଏୟାର ଫୋର୍ସ), ରୌପ୍ୟ: କଲ୍ୟାଣ ଜେ.ଆର. (କର୍ନାଟକ), ବ୍ରୋଞ୍ଜ: ସାୟନ କର୍ମକାର (ପଶ୍ଚିମବଙ୍ଗ)।

**୨୦ ବର୍ଷରୁ କମ୍ ମହିଳା ଲଙ୍ଗଜମ୍ପ**
ସ୍ୱର୍ଣ୍ଣ: ରୋମା ଟାଣ୍ଡେଲ (ମହାରାଷ୍ଟ୍ର)।

**ପୁରୁଷ ୬୦ ମିଟର ହର୍ଡଲ୍ସ**
ସ୍ୱର୍ଣ୍ଣ: କ୍ରିଶିକ ଏମ୍.(କର୍ନାଟକ), ରୌପ୍ୟ: ରଥିଶ ପଣ୍ଡିତୁରାଇ (ରିଲାଏନ୍ସ), ରୌପ୍ୟ: ମହମ୍ମଦ ଲାଜନ (ଜେଏସଡବ୍ଲ୍ୟୁ)।

**ମହିଳା ୬୦ ମିଟର ହର୍ଡଲ୍ସ**
ସ୍ୱର୍ଣ୍ଣ: ଅଞ୍ଜଳି ସି. (କେରଳ), ରୌପ୍ୟ: ସବିତା ଟପ୍ପୋ (ଓଡ଼ିଶା), ବ୍ରୋଞ୍ଜ: ପ୍ରାଞ୍ଜଳି ଦିଲୀପ ପାଟିଲ (ଜେଏସ୍‌ଡବ୍ଲ୍ୟୁ)।

# କାଲ୍ ସୋମାନି ରାଜସ୍ଥାନ ରୟାଲ୍ସର ନୂଆ ମାଲିକ

ନୂଆଦିଲ୍ଲୀ, ୨୪।୩(ପି.ଟି.)

ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସକୁ କାଲ୍ ସୋମାନିଙ୍କ ନେତୃତ୍ୱାଧୀନ କନ୍‌ସୋର୍ଟିୟମ ୧.୬୩ ବିଲିଅନ ଆମେରିକୀୟ ଡଲାର ବା ୧୫,୨୯୦ କୋଟି ଟଙ୍କାରେ ଅଧିଗ୍ରହଣ କରିବାକୁ ଯାଉଛି। ସୋମାନିଙ୍କ ନେତୃତ୍ୱାଧୀନ କନ୍‌ସୋର୍ଟିୟମରେ ୱାଲମାର୍ଟ ଫାମିଲି ଓ ହାମ୍ପ ଫାମିଲି (ଫର୍ଡ)ର ରବ୍ ୱାଲଟନ ରହିଛନ୍ତି। ସୋମାନି ଆମେରିକାର ଆରିଜୋନାଭିତ୍ତିକ ଜଣେ ଟେକ୍ ଉଦ୍ୟୋଗୀ, ଯିଏକି ଇଣ୍ଟ୍ରାଏଜ୍, ଟୁୟୋ.ଏଆଇ ଓ ଆକାଡେମିଆନ୍‌ର ପ୍ରତିଷ୍ଠାତା। ରାଜସ୍ଥାନ ଫ୍ରାଞ୍ଚାଇଜ୍‌ର ଅଧିଗ୍ରହଣ ଲାଗି ଟାଇମ୍ସ ଇଣ୍ଟରନେଟ ନେତୃତ୍ୱାଧୀନ କନ୍‌ସୋର୍ଟିୟମ, ଆଦିତ୍ୟ ବିର୍ଲା ଗ୍ରୁପ୍ ଓ ଆର୍ସେଲର ମିତ୍ତଲ ସିଇଓ ଆଦିତ୍ୟ ମିତ୍ତଲ ରହିଥିଲେ। ବର୍ତ୍ତମାନ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ୍‌ର ବିକ୍ରି ଲାଗି ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ କେବଳ ବିସିସିଆଇର ଅନୁମୋଦନ ବାକି ରହିଛି। ତେବେ ଆଗାମୀ ଆଇପିଏଲ୍ ପରେ ମାଲିକାନା ସ୍ଥାନାନ୍ତର ହେବ। କାଲ୍ ପୂର୍ବରୁ ରାଜସ୍ଥାନ ଫ୍ରାଞ୍ଚାଇଜ୍‌ର ନିବେଶକ ଥିଲେ। ସେ ଚଳିତ ବର୍ଷର ଆଇପିଏଲ ଶେଷ ହେବା ପରେ ୟୁକେଭିତ୍ତିକ ଇମର୍ଜିଂ ମିଡିଆ ମନୋଜ ବାଦଲେଙ୍କଠାରୁ ଦାୟିତ୍ୱଭାର ସମ୍ଭାଳିବେ।

# ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ୍ ଆରମ୍ଭ



ଖେଳାଳି ଓ ଅଫିସିଆଲଙ୍କ ଗହଣରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

ଭୁବନେଶ୍ୱର, ୨୪।୩ (ଅନାଦି କର)

ୟୁନିଟ୍-୧ସ୍ଥିତ ଜିଆଇଏଚ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ମଙ୍ଗଳବାର ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏସନ୍ ୩୧-୫ରେ କିସ୍‌କୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କିଟ୍ ଇଣ୍ଟରନ୍ୟାଶନାଲ ୩୩-୨୬ ବ୍ୟବଧାନରେ କେଟି ଗ୍ଲୋବାଲ ସ୍କୁଲକୁ ହରାଇ ଥିଲା। ତୃତୀୟ ମ୍ୟାଚ୍‌ରେ କେଡିବିଏ ୫୧-୨୫ ବ୍ୟବଧାନରେ ଆୟୋଜକ ପୁରୀକୁ ପରାସ୍ତ କରିଥିଲା। ଏହି ଟୁର୍ନାମେଣ୍ଟରେ ପ୍ରାୟ ୨୫୦ ଖେଳାଳି ୨୧ଟି ଦଳରୁ ଅଂଶଗ୍ରହଣ କରିଛନ୍ତି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ